DHARITRI

ରାୟଗଡ଼ା, ଗୁରୁବାର, ଜୁଲାଇ ୧୬/୨୦୨୦ (୧୬ ପୃଷ୍ଠା) | Rayagada, Thursday, July 16/2020 | ★

୧୦ମ ଭାଗ ୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



**ଭାରୋତ୍ତୋଳକ ପ୍ରଦୀପ ସାମୟିକ ବାସନ୍ଦ**

ଡୋପ୍ ଟେଷ୍ଟରେ ବିଫଳ ହୋଇ ସାମୟିକ ଭାବେ ବାସନ୍ଦ ହୋଇଛନ୍ତି ଭାରୋତ୍ତୋଳକ ପ୍ରଦୀପ ସିଂ। **୧୬**

**୧୪** **‘ସ୍ୱପ୍ନ ପୂରଣ ହେଲେ ଖୁସି ଲାଗେ’**

ବଲିଉଡ୍ ସିଙ୍ଗର ଧ୍ୱନୀ ଭାନୁଶାଲୀଙ୍କ ‘ବାସ୍ତେ’ ସଙ୍ଗକୁ ୟୁଟ୍ୟୁବ୍‌ରେ ୮୮କୋଟିରୁ ଅଧିକ ଲୋକ ଦେଖିସାରିଲେଣି। ସ୍ୱପ୍ନ ପୂରଣ ହୋଇଗଲେ ଅତ୍ୟନ୍ତ ଖୁସି ଲାଗେ ବୋଲି ସେ କହିଛନ୍ତି।



# ଡିଜେଲ ଲିଟର ପିଛା ୧୩ ପଇସା ବୃଦ୍ଧି

**ନୂଆଦିଲ୍ଲୀ,୧୫।୭**

କରୋନା ସମୟରେ ତେଲ ଦର ବୃଦ୍ଧି ଗ୍ରାହକଙ୍କୁ ଅତିଷ୍ଠ କରିଛି। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକର ସୂଚନା ଅନୁସାରେ ବୁଧବାର ଡିଜେଲ ଲିଟର ପିଛା ୧୩ ପଇସା ବୃଦ୍ଧି ଘଟିଛି। ଫଳରେ ଭୁବନେଶ୍ୱରରେ ଡିଜେଲ ଲିଟର ପିଛା ଦର ୭୯.୨୮ ଟଙ୍କାରେ ପହଞ୍ଚିଛି। ପେଟ୍ରୋଲ ଲିଟର ପିଛା ଗ୍ରାହକଙ୍କୁ ୮୧.୦୧ ଟଙ୍କା ଦେବାକୁ ପଡୁଛି। ଏହି ସମୟରେ ପେଟ୍ରୋଲ ପୂର୍ବ ପରି ସ୍ଥିର ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୮୦.୪୩ ଟଙ୍କା ଓ ଡିଜେଲ ଲିଟର ପିଛା ୮୧.୧୮ ଟଙ୍କା ଛୁଇଁଛି। କୋଲକାତାରେ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

## ପ୍ରକୃତ ପ୍ରାଣୀ କଲ୍ୟାଣ

**ଆଜିର ମନ୍ତବ୍ୟ**

“ ଭାରତ-ୟୁରୋପୀୟ ସଂଘ ସହଯୋଗିତା ଅର୍ଥନୈତିକ ପୁନର୍ଗଠନ ଓ ମାନବ-କୈନ୍ଦ୍ରିକ ଜଗତୀକରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବ।

**–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

# ଓଡ଼ିଶାରେ ପାସ୍ ହାର ୯୧.୫୦%



ସିବିଏସ୍‌ଇ ଦଶମ ପରୀକ୍ଷାଫଳ ପ୍ରକାଶ ପରେ ଭୁବନେଶ୍ୱର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରମାନେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଖୁସି ବ୍ୟକ୍ତ କରୁଛନ୍ତି।

**ସିବିଏସ୍‌ଇ ଦଶମ ପରୀକ୍ଷାଫଳ**

- ସର୍ବଭାରତୀୟ ସ୍ତରରେ ପାସ୍ ହାର ୯୧.୪୬%
- ଚଳିତ ବର୍ଷ ପାସ୍ ହାରରେ ୦.୩୬% ବୃଦ୍ଧି
- ଓଡ଼ିଶାରେ ଛାତ୍ର, ଦେଶରେ ଛାତ୍ରୀ ଆଗରେ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଏନେଇ ମାନବ ସମ୍ବଳ ମନ୍ତ୍ରୀ ରମେଶ ପୋଖରିଆଲ ଟୁଇଟ୍ କରି ସୂଚନା ଦେଇଛନ୍ତି। ଚଳିତବର୍ଷ ସର୍ବଭାରତୀୟ ସ୍ତରରେ ପାସ୍ ହାର ୯୧.୪୬% ରହିଛି। ଗତବର୍ଷ ପାସ୍ ହାର ୯୧.୧୦% ଥିଲାବେଳେ ଏବର୍ଷ ୦.୩୬% ବୃଦ୍ଧି ପାଇଛି। ତ୍ରିଭେନ୍ଦ୍ରମ ରିଜିଅନରେ ସର୍ବାଧିକ ୯୯.୨୮% ଛାତ୍ରୀଛାତ୍ର ପାସ୍ କରିଥିବାବେଳେ ଗୌହାଟି ରିଜିଅନରେ ସର୍ବନିମ୍ନ ୭୯.୧୨% ପାସ୍ କରିଛନ୍ତି। ତେବେ ଭୁବନେଶ୍ୱର ରିଜିଅନରେ ପାସ୍ ହାର ୯୩.୨୦% ଥିବାବେଳେ ଓଡ଼ିଶାରେ ୯୧.୫୦% ରହିଛି। ଭୁବନେଶ୍ୱର ରିଜିଅନ୍‌ରେ ଓଡ଼ିଶା, ଛତିଶଗଡ଼ ଓ ପଶ୍ଚିମବଙ୍ଗ ରହିଛି। ପାସ୍ ହାରରେ ଓଡ଼ିଶା ଦ୍ୱିତୀୟରେ ରହିଛି। ଓଡ଼ିଶାରେ ମୋଟ ୪୫୪ ସ୍କୁଲର ୩୭,୫୨୩ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୪,୩୩୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଝିଅଙ୍କୁ ପଛରେ ପକାଇଛନ୍ତି ପୁଅ। ଝିଅଙ୍କ ପାସ୍ ହାର ୯୧.୨୯% ☞ପୃଷ୍ଠା–୪

# ବେକାରି ସମସ୍ୟା ଅସମ୍ଭାଳ

**ଭୁବନେଶ୍ୱର,୧୫।୭(ବ୍ୟୁରୋ)**

**କରୋନା ପ୍ରଭାବ**

- ରାଜ୍ୟରେ ୧୨ ଲକ୍ଷ ପଞ୍ଜୀକୃତ ଯୁବତୀଯୁବକ ବେରୋଜଗାର
- ରାଜ୍ୟର ବେକାରି ହାର ୨୩.୮%

କରୋନା ମହାମାରୀ ସଂକ୍ରମଣ କେବଳ ସ୍ୱାସ୍ଥ୍ୟ ନୁହେଁ, ଜୀବିକା ଉପରେ ମଧ୍ୟ ପ୍ରଚଣ୍ଡ ପ୍ରହାର ଦେଇଛି। ଜୀବନ ଓ ଜୀବିକାକୁ ଏହା ବିପର୍ଯ୍ୟସ୍ତ କରିପକାଇଛି। ସରକାରୀ ଓ ଘରୋଇ କ୍ଷେତ୍ରର ନିଯୁକ୍ତି ସୁଯୋଗ ଛଡ଼ାଇନେଉଛି। କରୋନା ସଙ୍କଟ ପାଇଁ ରାଜ୍ୟ ସରକାର ଆସନ୍ତା ଦୁଇବର୍ଷ ଲାଗି ଖର୍ଚ୍ଚକାଟ୍ କରିବା ସହିତ କୌଣସି ନୂତନ ନିଯୁକ୍ତି , ଠିକା ନିଯୁକ୍ତି ନ କରିବା ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ସରକାରୀ ନିଯୁକ୍ତି ଏକ ପ୍ରକାର ବନ୍ଦ ହେବା ନିଶ୍ଚିତ ହୋଇଛି। ଅନ୍ୟପକ୍ଷରେ ଶିଳ୍ପ, ଖଣି, କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଆଦି ପ୍ରଭାବିତ ହେଉଥିବାରୁ ଆଗାମୀ ଦିନରେ ରାଜ୍ୟରେ ବେରୋଜଗାର ସମସ୍ୟା ଆହୁରି ଉଗ୍ର ରୂପ ଧାରଣ କରିବା ନେଇ ଆଶଙ୍କା ପ୍ରକାଶ ପାଇଛି।

ଶ୍ରମ ଓ କର୍ମଚାରୀ ବୀମା ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୨୦ ଫେବୃୟାରୀ ସୁଦ୍ଧା ରାଜ୍ୟରେ ୧୨,୧୫, ୮୦୩ ଜଣ ବେକାର ଯୁବତୀଯୁବକ ଚାକିରି ପାଇବା ପାଇଁ ବିଭିନ୍ନ ଶ୍ରମ ଓ ନିୟୋଜନ କାର୍ଯ୍ୟାଳୟରେ ପଞ୍ଜୀକୃତ କରିଛନ୍ତି। ସେମାନଙ୍କ ମଧ୍ୟରୁ ୮୫,୭୭୯ ଜଣ ଦକ୍ଷତା ବିକାଶ ପାଇଁ ନାମ ପଞ୍ଜୀକରଣ କରିଥିବାବେଳେ ୮୫,୪୩୩ ଜଣଙ୍କୁ ଆତ୍ମନିର୍ଭଶୀଳ ହେବା ପାଇଁ ତାଲିମ ଦିଆଯାଇଛି। ୧୪,୧୫୭ ଜଣଙ୍କୁ ନିଯୁକ୍ତି ମିଳିପାରିଛି। କରୋନା ମହାମାରୀ ଯୋଗୁ ଗତ ୪ ମାସ ହେବ ନାମ ପଞ୍ଜୀକରଣ କରାଯାଇ ପାରିନାହିଁ। ଏଥିସହିତ ଅନ୍ୟ ରାଜ୍ୟରେ କାର୍ଯ୍ୟ କରୁଥିବା କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କ ମଧ୍ୟରୁ ରାଜ୍ୟକୁ ପ୍ରାୟ ୯ ଲକ୍ଷ ଫେରିଛନ୍ତି। ଏହାକୁ ମିଶାଇଲେ ବେକାର ସଂଖ୍ୟା ପ୍ରାୟ ୨୦ ଲକ୍ଷ ଟପିଯିବ। ନିକଟରେ ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମି(ସିଏମ୍ଆଇଇ) ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ ୨୦୨୦ ଏପ୍ରିଲ ସୁଦ୍ଧା ଓଡ଼ିଶାରେ ବେକାର ହାର ୨୩.୮ ପ୍ରତିଶତରେ ପହଞ୍ଚିଛି, ଯାହାକି ଜାତୀୟ ହାରଠାରୁ ଅଧିକ। ସର୍ବଭାରତୀୟ ସ୍ତରରେ ବେକାରି ହାର ୨୩.୫ ପ୍ରତିଶତ ରହିଛି। ଖଣି, ଶିଳ୍ପ, ଅଣସଂଗଠିତ କ୍ଷେତ୍ରଗୁଡ଼ିକରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସମ୍ଭାବନା ରହିଥାଏ। ମହାମାରୀ ଯୋଗୁ ଦୟନୀୟ ଅବସ୍ଥା ଦେଇ ଗତି କରୁଥିବା ଏହି କ୍ଷେତ୍ର ନିଯୁକ୍ତି ବଦଳରେ ଛଟେଇ କରିଚାଲିଛନ୍ତି। ରୋଗ ସଂକ୍ରମଣ ବଢ଼ିଚାଲିଥିବାରୁ ଆସନ୍ତା ୨ ବର୍ଷ ମଧ୍ୟରେ ରାଜ୍ୟରେ ଆହୁରି ପ୍ରାୟ ୧୦ ଲକ୍ଷ ଲୋକ କାମଧନ୍ଦା ହରାଇବେ ବୋଲି ଜଣାପଡିଛି। ଅନ୍ୟପକ୍ଷରେ କରୋନା ସଙ୍କଟ ଯୋଗୁ ଆର୍ଥିକ ଅନଟନ ଦେଇ ଗତି କରୁଥିବା ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ(ଏମ୍ଏସ୍ଏମ୍ଇ)ଉଦ୍ୟୋଗଗୁଡ଼ିକ ଭୁଶୁଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ସରକାରୀ ଅସହଯୋଗ, ଶ୍ରମିକ ଓ କଞ୍ଚାମାଲ ଅଭାବ ଏବଂ ବଜାର ସୁବିଧା ନ ମିଳିବା ଯୋଗୁ ରାଜ୍ୟର ଦୁଇ ତୃତୀୟାଂଶ କର୍ମନିଯୁକ୍ତି ଯୋଗାଉଥିବା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକରୁ ଅଧିକାଂଶ ବନ୍ଦ ହେବା ଅବସ୍ଥାକୁ ଆସିଗଲାଣି। ତୁରନ୍ତ ଏହି କ୍ଷେତ୍ରଗୁଡ଼ିକ ସହାୟତା ନ ପାଇଲେ ଆସନ୍ତା ବର୍ଷେ ଦୁଇବର୍ଷ ମଧ୍ୟରେ ଅଧାରୁ ଅଧିକ ଉଦ୍ୟୋଗ ବୁଡିଯିବା ଆଶଙ୍କା ଦେଖାଦେଇଛି। ସରକାରୀ ତଥ୍ୟ ଅନୁଯାୟୀ ରାଜ୍ୟରେ ୧୨ଟି କ୍ଷେତ୍ରରେ ୩,୯୧,୭୦୧ ଉଦ୍ୟୋଗ କାର୍ଯ୍ୟକ୍ଷମ ରହିଛି। ସେଥିରେ ୧୯,୧୪୧.୮୩ କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଥିବା ବେଳେ ୧୫,୨୯,୪୬୩ ଜଣ ☞ପୃଷ୍ଠା–୪








କିଛିଦିନ ହେଲା ଟିଭି ଇଣ୍ଡଷ୍ଟ୍ରି କରୋନା କବଳିତ ହୋଇଛି। ପ୍ରାୟ ୩୪ ଅଭିନେତା ଅଭିନେତ୍ରୀ କରୋନା ସଂକ୍ରମିତ ହୋଇ ଚିକିତ୍ସାଧୀନ ଥିବାବେଳେ ଛୋଟ ପରଦାର ଲୋକପ୍ରିୟ ଅଭିନେତ୍ରୀ ଶ୍ରେନୁ ପାରିଖ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏ ନେଇ ସେ ବୁଧବାର ଟ୍ୱିଟରରେ ସୂଚନା ଦେଇଛନ୍ତି। ସ୍ୱାବ୍ ପରୀକ୍ଷା ପରେ ତାଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ଏବେ ସେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।



ଆସାମର କାମରୂପ ଜିଲାସ୍ଥିତ ଚନ୍ଦ୍ରପୁର ଗ୍ରାମ ବନ୍ୟାରେ ଜଳମଗ୍ନ ହୋଇଯାଇଛି। ପ୍ରଭାବିତ ଲୋକେ ଏକ ଡଙ୍ଗା ଉପରେ ଆଶ୍ରୟ ନେଇଛନ୍ତି।

## ୩୦୦ କୋଟିର ଯୁଦ୍ଧାସ୍ତ୍ର କିଣିବ ସେନା

**ନୂଆଦିଲ୍ଲୀ,୧୫ା୭:** ଚାଇନା ସହ ସୀମା ବିବାଦ ଲାଗି ରହିଥିବାବେଳେ ଭାରତ ସେନାକୁ ସଶକ୍ତ କରିବା ଓ ଅତ୍ୟାଧୁନିକ ଶସ୍ତ୍ର ଯୋଗାଇ ଦେବା ଲାଗି ଯୁଦ୍ଧକାଳୀନ ଭିତ୍ତିରେ ପ୍ରୟାସ ଚଳାଇଛି। ବୁଧବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ବସିଥିବା ଡିଏସି (ଡିଫେନ୍ସ ଆକ୍ୱିଜିଶନ କାଉନ୍ସିଲ) ବୈଠକରେ ୩୦୦ କୋଟିଟଙ୍କାର ଅସ୍ତ୍ରଶସ୍ତ୍ର କିଣିବା ଲାଗି ସେନାକୁ ଅନୁମତି ଦିଆଯାଇଛି। ରୁଷିଆଠାରୁ ୨୧ ମିଗ୍-୨୯ ବିମାନ, ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍(ହାଲ୍)ଠାରୁ ୧୨ ନୂଆ ସୁଖୋଇ-୩୦ ଲଢୁଆ ବିମାନ ଓ ଅନ୍ୟାନ୍ୟ ଅତ୍ୟାଧୁନିକ ଅସ୍ତ୍ର କିଣିବା ଲାଗି ପ୍ରସ୍ତାବ ରହିଛି। ୬ ମାସରେ ଏସବୁ ଚୂଡ଼ାନ୍ତ କରି ବର୍ଷକ ମଧ୍ୟରେ ଆଣିବା ଲାଗି ସରକାର ନିର୍ଦ୍ଦେଶ ଦେଇଛନ୍ତି।

## ଦେଖିବାକୁ ଯେମିତି, ମାର୍କ ବି ସେମିତି

ନଏଡା,୧୫ା୭



ନଏଡାର ଯାଆଁଳା ଭଉଣୀମାନସୀ ଓ ମାନ୍ୟା

ନିକଟରେ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ହେଲେ ନଏଡାର ଦୁଇ ଯାଆଁଳା ଭଉଣୀ (ଛାତ୍ରୀ) ଦେଖିବାକୁ ଯେମିତି ଏକାଭଳି ମାର୍କ ବି ସେମିତି ସମାନ ରଖି ଚର୍ଚ୍ଚାକୁ ଆସିଛନ୍ତି। ଏହି ଦୁଇଜଣ ହେଉଛନ୍ତି ମାନସୀ ଓ ମାନ୍ୟା। ରାଜଧାନୀ ଦିଲ୍ଲୀ ନିକଟ ନଏଡାରେ ସେମାନେ ରୁହନ୍ତି। ଉଭୟ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୯୫.୮% ମାର୍କ ରଖିଛନ୍ତି। ଗ୍ରେଟର ନଏଡାର ଆଷ୍ଟର ପବ୍ଲିକ ସ୍କୁଲରେ ସେ ପାଠ ପଢୁଥିଲେ। ଉଭୟ ଇଂଲିଶ୍, କମ୍ପ୍ୟୁଟର ସାଇନ୍ସରେ ୯୮, ଫିଜିକ୍ସ, କେମେଷ୍ଟ୍ରି ଓ ଫିଜିକାଲ ଏଜୁକେଶନରେ ୯୫ ମାର୍କ ରଖିଛନ୍ତି। କେବଳ ନାମ ଅଲଗା ହୋଇଥିବାବେଳେ ସେମାନଙ୍କୁ ଦେଖିଲେ ଏକାପରି ଲାଗନ୍ତି। ପରୀକ୍ଷାରେ ଭଲକରିବୁ ବୋଲି ଆଶା ଥିଲା, ହେଲେ ଦୁଇ ଭଉଣୀଙ୍କ ସମାନ ମାର୍କ ରହିବ ବୋଲି କେବେ ବି ଭାବି ନ ଥିଲୁ ବୋଲି କହିଛନ୍ତି ସେମାନେ। ପରୀକ୍ଷା ପରେ ମାର୍କ ଆନାଲିସିସ୍ କରିବାରୁ ମାନ୍ୟା ଅଧିକ ନମ୍ବର ରଖିବ ବୋଲି ଅନୁମାନ କରାଯାଇଥିଲା। ହେଲେ ଦୁହିଁଙ୍କର ସମାନ ମାର୍କ ମୋତେ ଖୁସି ଆଣିଦେଇଛି ବୋଲି ମାନସୀ କହିଛନ୍ତି। ଆଗରୁ ଏଭଳି ସମାନ ମାର୍କ କେବେ ଆମେ ପାଇ ନ ଥିଲୁ ବୋଲି ସେ ପ୍ରକାଶ କରିଛନ୍ତି। ଦୁଇ ଭଉଣୀ ଏବେ ଇଞ୍ଜିନିୟରିଂ ପଢ଼ିବାକୁ ମନସ୍ଥ କରିଛନ୍ତି।

# ହଂକଂକୁ ସ୍ୱତନ୍ତ୍ର ସୁବିଧା ବାତିଲ

ୱାଶିଂଟନ,୧୫ା୭(ପି.ଟି.)

### ହଂକଂ ସ୍ୱାୟତ୍ତତା ଆଇନରେ ସ୍ୱାକ୍ଷର କଲେ ଟ୍ରମ୍ପ୍



ହଂକଂରେ ଚାଇନା ନୂଆ ଆଇନ ଲାଗୁ କରିବା ପରେ ଏବେ ଆମେରିକା ଏହି ସହରର ସ୍ୱତନ୍ତ୍ର ମାନ୍ୟତାକୁ ଶେଷ କରିଦେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଙ୍ଗଳବାର ହଂକଂ ସ୍ୱାୟତ୍ତତା ଆଇନରେ ସ୍ୱାକ୍ଷର କରିଛନ୍ତି। ଏହାସହ ହଂକଂକୁ ଆମେରିକାଠାରୁ ଅଗ୍ରାଧିକାର ଭିତ୍ତିରେ ମିଳୁଥିବା ସୁବିଧାଗୁଡ଼ିକୁ ଶେଷ କରିବା ପାଇଁ ଏକ ଏକ୍‌ଜିକ୍ୟୁଟିଭ୍ ଅର୍ଡର ଉପରେ ମଧ୍ୟ ସେ ମୋହର ମାରିଛନ୍ତି। ଫଳରେ ସାରା ବିଶ୍ୱର ବ୍ୟାଙ୍କଗୁଡ଼ିକ ବ୍ୟବସାୟ ପାଇଁ ଚାଇନା ଓ ଆମେରିକା ମଧ୍ୟରୁ କୌଣସି ଗୋଟିଏ ଦେଶକୁ ବାଛିବାକୁ ବାଧ୍ୟହୋଇଯିବେ। ହଂକଂ ପୋଲିସ ଓ ଚାଇନା ଅଧିକାରୀମାନଙ୍କ ଏବଂ ସେମାନଙ୍କ ସହ ଜଡ଼ିତ ବ୍ୟାଙ୍କଗୁଡ଼ିକ ଉପରେ ସ୍ୱାୟତ୍ତତା ପ୍ରତି ବିପଦ ଥିବା ଦର୍ଶାଇ କଟକଣା ଲାଗୁ କରାଯାଇପାରିବ।

ହ୍ୱାଇଟ୍ ହାଉସ୍‌ରେ ଏକ ପ୍ରେସ୍ କନ୍‌ଫରେନ୍ସକୁ ସମ୍ବୋଧିତ କରି ରାଷ୍ଟ୍ରପତି ଟ୍ରମ୍ପ୍ ହଂକଂବାସୀଙ୍କ ବିରୋଧରେ ଚାଇନାର ଦମନମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ବେଜିଂକୁ ଦାୟୀ କରିଛନ୍ତି। ଟ୍ରମ୍ପ୍ କହିଛନ୍ତି, ସେ ଏକ ଆଇନ ଓ କାର୍ଯ୍ୟନିର୍ବାହୀ ଆଦେଶରେ ସ୍ୱାକ୍ଷର କରିଛନ୍ତି। ହଂକଂ ଅଟୋନମି ଆକ୍ଟ ସର୍ବସମ୍ମତି କ୍ରମେ କଂଗ୍ରେସ ଦ୍ୱାରା ଗୃହୀତ ହୋଇଛି। ଏହି ଆଇନ ତାଙ୍କ ପ୍ରଶାସନ ପାଇଁ ଏକ ନୂଆ ଅସ୍ତ୍ର ସଦୃଶ। ଏହାଦ୍ୱାରା ହଂକଂର ସ୍ୱାଧୀନତାକୁ ଶେଷ କରିଦେବାରେ ସମ୍ପୃକ୍ତ ଥିବା ସଂସ୍ଥା ଓ ବ୍ୟକ୍ତିମାନଙ୍କୁ ଉତ୍ତରଦାୟୀ କରାଯାଇପାରିବ। ହଂକଂରେ ଯାହା ଘଟିଛି ଆମେ ସମସ୍ତେ ଦେଖିଛୁ। ତାହା ଆଦୌ ଭଲ ନୁହେଁ। ହଂକଂବାସୀଙ୍କ ସ୍ୱାଧୀନତା ଓ ଅଧିକାରଗୁଡ଼ିକୁ ଛଡ଼ାଇ ନିଆଯାଇଛି। ଏଥିଯୋଗୁ ହଂକଂ ମୁକ୍ତ ବଜାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିପାରିବ ନାହିଁ। ବହୁସଂଖ୍ୟକ ଲୋକ ହଂକଂ ଛାଡ଼ି ଚାଲିଯିବେ ବୋଲି ଆଶଙ୍କା ସୃଷ୍ଟି ହେଲାଣି। ଏଣିକି ହଂକଂ ସହିତ ଚାଇନା ଭଳି ବ୍ୟବହାର କରାଯିବ। ଏହାକୁ କୌଣସି ବିଶେଷାଧିକାର ମିଳିବ ନାହିଁ କି ହଂକଂକୁ କୌଣସି ସମ୍ବେଦନଶୀଳ ଜ୍ଞାନକୌଶଳ ରପ୍ତାନି କରାଯିବ ନାହିଁ। ଚାଇନା ଉପରେ ଲଗାଯାଇଥିବା କଟକଣା ଯୋଗୁ ଆମେରିକାର ଲାଭ ହୋଇଛି। ଚାଇନାରେ ୬୭ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ଏତେ ଖରାପ ଆର୍ଥିକ ସ୍ଥିତି ସୃଷ୍ଟି ହୋଇଛି। ଏହି ଅବସରରେ ଟ୍ରମ୍ପ୍ ଚାଇନା ବିରୋଧରେ ନିଜକୁ ସବୁଠୁ କଠୋର ରାଷ୍ଟ୍ରପତି ଭାବେ ଅଭିହିତ କରିଛନ୍ତି।

ପ୍ରକାଶ ଯେ, ୧୯୯୭ରେ ଆମେରିକା ଓ ହଂକଂ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଏହି ଚୁକ୍ତି ଅନୁସାରେ ଆମେରିକା ସେବେଠାରୁ ହଂକଂକୁ ସ୍ୱତନ୍ତ୍ର ବାଣିଜ୍ୟ ପାଇଁ ମାନ୍ୟତା ପ୍ରଦାନ କରିଆସୁଥିଲା। ଇତିମଧ୍ୟରେ ଚାଇନା ହଂକଂ ସୁରକ୍ଷା ଆଇନକୁ ମଞ୍ଜୁରୀ ଦେବା ପରେ ବେଜିଂ ବିରୋଧରେ ଆନ୍ଦୋଳନ ତେଜିବାରେ ଲାଗିଛି। ଉକ୍ତ ବିବାଦୀୟ ଆଇନ ବିରୋଧରେ ଗଣତନ୍ତ୍ର ସପକ୍ଷବାଦୀ ଦଳଗୁଡ଼ିକ ପକ୍ଷରୁ କରାଯାଇଥିବା ମତଦାନ ବେଳେ ୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଭୋଟ ଦେଇଥିଲେ। ଚାଇନା ଏହି ମତଦାନକୁ ବେଆଇନ ଘୋଷଣା କରିଛି।

### ଜବାବୀ କାର୍ଯ୍ୟାନୁଷ୍ଠାନ ନେବ ଚାଇନା

ବେଜିଂ,୧୫ା୭



ହୁଆ ଚୁନିଙ୍ଗ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ପଦକ୍ଷେପ ପରେ ବୁଧବାର ଚାଇନା ଜବାବୀ କାର୍ଯ୍ୟାନୁଷ୍ଠାନ ପାଇଁ ଧମକ ଦେଇଛି। ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ହୁଆ ଚୁନିଙ୍ଗ୍ କହିଛନ୍ତି, ଆମେରିକା ଏହାକୁ କାର୍ଯ୍ୟକାରୀ କରିବା ଅନୁଚିତ। ନିଜ ଭୁଲ୍‌କୁ ସୁଧାରିବା ସହ ତଥାକଥିତ ହଂକଂ ଅଟୋନମି ଆକ୍ଟକୁ ପ୍ରତ୍ୟାହାର କରିବା ପାଇଁ ଆମେରିକା ପକ୍ଷଙ୍କୁ ଆମେ ଅନୁରୋଧ କରୁଛୁ। ଏହାସହ ଆମେରିକା ହଂକଂ ବ୍ୟାପାର ଓ ଚାଇନାର ଆଭ୍ୟନ୍ତରୀଣ ବ୍ୟାପାରଗୁଡ଼ିକରେ ହସ୍ତକ୍ଷେପ କରିବା ବନ୍ଦ କରୁ। ଆମେରିକାର ଏହି କାର୍ଯ୍ୟ ହଂକଂ ସ୍ୱତନ୍ତ୍ର ପ୍ରଶାସନିକ କ୍ଷେତ୍ର (ଏଚ୍‌କେଏସ୍‌ଏଆର୍)ରେ ଜାତୀୟ ନିରାପତ୍ତାର ସୁରକ୍ଷା କ୍ଷେତ୍ରରେ ଚାଇନାର ଆଇନକୁ ବଦନାମ କରିବା ପାଇଁ ଉଦ୍ଦିଷ୍ଟ। ଆମେରିକା ଏପରି ଭୁଲ୍ ବାଟରେ ଚାଲିବା ବନ୍ଦ ନ କଲେ ଚାଇନା ନିଶ୍ଚିତ ଭାବେ ଜବାବୀ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଚୁନିଙ୍ଗ୍ ଚେତାବନୀ ଦେଇଛନ୍ତି।

## ସୀମା ପରିଚାଳନା ଲାଗି ପ୍ରୋଟୋକଲକୁ ମାନ

ନୂଆଦିଲ୍ଲୀ,୧୫ା୭

### ଚାଇନାକୁ ଭାରତର ପରାମର୍ଶ

ଭାରତ-ଚାଇନା ସୀମା ସୁରକ୍ଷା ଓ ପରିଚାଳନା ଲାଗି ୧୫ ଘଣ୍ଟା ଧରି ସେନା ଅଧିକାରୀସ୍ତରୀୟ ଆଲୋଚନା ହୋଇଛି। ମିଳିତ ସହମତି ପ୍ରୋଟୋକଲଗୁଡ଼ିକୁ ମାନିବା ଲାଗି ଭାରତ ପକ୍ଷରୁ ଚାଇନାକୁ ପରାମର୍ଶ ଦିଆଯାଇଛି। ଏଲ୍‌ଏସିରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ଫେରାଇ ଆଣିବାରେ ଏହା ସହାୟକ ହୋଇପାରିବ। ଦୁଇଦେଶର ବରିଷ୍ଠ କମାଣ୍ଡର ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୁଧବାର ରାତି ପ୍ରାୟ ୨ଟା ବେଳେ ଆଲୋଚନା ଶେଷ ହୋଇଥିଲା। ସୀମାରେ ଶାନ୍ତିରକ୍ଷା ଚାଇନା ଉପରେ ନିର୍ଭର କରେ ବୋଲି ଭାରତୀୟ ସେନାଧିକାରୀଙ୍କ ପକ୍ଷରୁ କୁହାଯାଇଛି। ଚୁଶୁଲଠାରେ ଚତୁର୍ଥ ପର୍ଯ୍ୟାୟ ଲ୍ୟୁଟ୍‌ନାଣ୍ଟ ଜେନେରାଲସ୍ତରୀୟ ଆଲୋଚନା ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇଥିଲା। ଲେହ କମାଣ୍ଡର ତଥା ଲ୍ୟୁଟ୍‌ନାଣ୍ଟ ଜେନେରାଲ ହରିନ୍ଦର ସିଂଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିବାବେଳେ ଚାଇନା ପକ୍ଷରୁ ଦକ୍ଷିଣ ଜିନଜିଆଙ୍ଗ ସେନା ଅଧିକାରୀ ତଥା କମାଣ୍ଡର ମେଜର ଜେନେରାଲ ଲିଉ ଲିନ୍ ଯୋଗ ଦେଇଥିଲେ। ଆଲୋଚନା ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା ବୋଲି ସେନାମୁଖ୍ୟ ଏମ୍. ଏମ୍. ନରୱଣେ ସୂଚନା ଦେଇଛନ୍ତି।




ନେପାଳର ଭାରତ ବିରୋଧୀ ଆଭିମୁଖ୍ୟ ବିରୋଧରେ ନୂଆଦିଲ୍ଲୀସ୍ଥିତ ନେପାଳ ଦୂତାବାସ ଆଗରେ ୟୁନାଇଟେଡ୍ ହିନ୍ଦୁ ଫ୍ରଣ୍ଟ ସଦସ୍ୟଙ୍କ ବିକ୍ଷୋଭ।

## କରୋନା ପରବର୍ତ୍ତୀ ସ୍ଥିତି ବିଶ୍ୱ ଅର୍ଥନୀତି ଲାଗି ଚ୍ୟାଲେଞ୍ଜ



### ଭାରତ-ଇୟୁ ସମିଟ୍‌ରେ ମୋଦିଙ୍କ ଉଦ୍‌ବୋଧନ

**ନୂଆଦିଲ୍ଲୀ,୧୫ା୭:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଭାରତ- ୟୁରୋପ ସଂଘ(ଇୟୁ) ସମିଟ୍‌କୁ ଭିଡିଓ କନ୍‌ଫରେନ୍ସରେ ଉଦ୍‌ବୋଧନ ଦେଇ ଅର୍ଥନୀତି ସୁଧାର ଉପରେ ଗୁରୁତ୍ୱାରୋପ କରିଛନ୍ତି। ମହାମାରୀ କରୋନା ପରେ ବିଶ୍ୱ ଅର୍ଥନୀତି ବହୁ ଜଟିଳତାର ସମ୍ମୁଖୀନ ହେବ। ଏଥିଲାଗି ସମସ୍ତ ଗଣତାନ୍ତ୍ରିକ ଦେଶ ଏକାଠି ହୋଇ ଏହାର ମୁକାବିଲା କରିବାକୁ ସେ ଆହ୍ୱାନ ଦେଇଛନ୍ତି। ମୋଦି କହିଛନ୍ତି, ବାଣିଜ୍ୟ, ପୁଞ୍ଜିନିବେଶ, ପ୍ରତିରକ୍ଷା ଭଳି ଅନେକ କ୍ଷେତ୍ର ଉପରେ ସହଯୋଗର ଆବଶ୍ୟକତା ରହିଛି। ଭାରତ-ଇୟୁ ପ୍ରକୃତ ବନ୍ଧୁଭାବେ କାର୍ଯ୍ୟ କରିଆସିଛନ୍ତି। ଶାନ୍ତିରକ୍ଷା, ବିଶ୍ୱରେ ସ୍ଥିରତା କ୍ଷେତ୍ରରେ ଆମେ ସବୁବେଳେ ଆଗରେ। ଗଣତନ୍ତ୍ର, ବହୁଳବାଦ, ସମାବେଶିତ, ସ୍ୱାଧୀନ ଓ ସ୍ୱଚ୍ଛତା କ୍ଷେତ୍ରରେ ଭାରତ ଓ ୟୁରୋପ ସଂଘ ସବୁବେଳେ ଏକ। ମହାମାରୀ କରୋନା ସମୟରେ ଭାରତ ୧୫୦ ଦେଶକୁ ଔଷଧ ପଠାଇଛି। ବିଶ୍ୱକୁ ସହଯୋଗ କରିବା ଲାଗି ଭାରତୀୟ ଫାର୍ମା କମ୍ପାନୀଗୁଡ଼ିକ ପ୍ରସ୍ତୁତ ଅଛନ୍ତି। ଆର୍ଥିକ ପୁନରୁଦ୍ଧାର ଲାଗି ଭାରତ ଓ ୟୁରୋପ ସଂଘ ମଧ୍ୟରେ ସହଯୋଗର ବିଶେଷ ଆବଶ୍ୟକତା ରହିଥିବା ମୋଦି କହିଛନ୍ତି। ଏଥିସହ ଜଳବାୟୁ ପରିବର୍ତ୍ତନ, ଅକ୍ଷୟ ଶକ୍ତି ଭଳି ଦୀର୍ଘକାଳୀନ ପଦକ୍ଷେପ ଲାଗି ବିଶ୍ୱ ବହୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ଯାଉଛି। ଏଥିଲାଗି ବିପୁଳ ପୁଞ୍ଜିନିବେଶ ଓ କାରିଗରି କୌଶଳର ଆବଶ୍ୟକତା ରହିଛି। ସହଭାଗିତା ଭିତ୍ତିରେ ଏସବୁ ସମସ୍ୟାର ସମାଧାନ କରାଯାଇପାରିବ ବୋଲି ମୋଦି ସମିଟ୍‌ରେ ପ୍ରକାଶ କରିଛନ୍ତି।

# ପାଇଲଟଙ୍କୁ କଂଗ୍ରେସ ଡରାଇଲା, ଡାକିଲା

ଜୟପୁର/ନୂଆଦିଲ୍ଲୀ,୧୫ା୭



ସଚିନ ପାଇଲଟ

- ଫେରିଆସିବାକୁ ଆହ୍ୱାନ ଦେଲେ ସୁର୍ଜେୱାଲା
- ରାଜସ୍ଥାନରେ ଜିଲା, ବ୍ଲକ୍ କମିଟି ଭଙ୍ଗ କଲା କଂଗ୍ରେସ

ରାଜସ୍ଥାନର ଉପମୁଖ୍ୟମନ୍ତ୍ରୀ ଓ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ପଦ ହରାଇଥିବା ସଚିନ ପାଇଲଟ ଭାଜପାରେ ମିଶିବେ ବୋଲି ଯାହା କଳ୍ପନାଜଳ୍ପନା ପ୍ରକାଶ ପାଉଥିଲା ସେଥିରେ ସେ ନିଜେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ସେ ଭାଜପାରେ ଯୋଗଦେବେ ନାହିଁ ବୋଲି ବୁଧବାର ସ୍ପଷ୍ଟ କରିଛନ୍ତି। ଏଭଳି ସମୟରେ ପାଇଲଟଙ୍କ ସମେତ ତାଙ୍କୁ ସମର୍ଥନ କରୁଥିବା ଅନ୍ୟ ୧୮ ବିଦ୍ରୋହୀ ବିଧାୟକଙ୍କ ସଦସ୍ୟତା ରଦ୍ଦ ପାଇଁ ବାଚସ୍ପତି ନୋଟିସ ଜାରି କରିଛନ୍ତି। ସେପଟେ ପାଇଲଟଙ୍କ ପାଇଁ ଦଳର ଦ୍ୱାର ବନ୍ଦ ହୋଇନାହିଁ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଅନୁରୂପ ଭାବେ କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ସଚିନଙ୍କୁ ଘରବାହୁଡ଼ା ପାଇଁ ଆହ୍ୱାନ ଦେଇଛନ୍ତି।

ରାଜସ୍ଥାନରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ବିରୋଧରେ କ୍ଷମତା ପାଇଁ ଯୁଦ୍ଧଂ ଦେହି ଡାକରା ଦେଇଥିବା ସଚିନ ପାଇଲଟଙ୍କୁ ମଙ୍ଗଳବାର କଂଗ୍ରେସ ବାହାର ରାସ୍ତା ଦେଖାଇଥିଲା। ସେ ଭାଜପାରେ ଯୋଗଦେବେ ବୋଲି ଆଲୋଚନା ଚାଲିଥିବାବେଳେ ପାଇଲଟ ବୁଧବାର ଏନେଇ ମୁହଁ ଖୋଲିଛନ୍ତି। ପାଇଲଟ କହିଛନ୍ତି, ରାଜ୍ୟରେ ଭାଜପାକୁ ହରାଇ କଂଗ୍ରେସକୁ କ୍ଷମତାସୀନ କରାଇବା ଲାଗି ସେ ବହୁତ ପରିଶ୍ରମ କରିଛନ୍ତି। ଭାଜପାରେ ସାମିଲ ହେବେ ନାହିଁ। ତାଙ୍କ ଛବିକୁ ମଳିନ କରିବା ପାଇଁ ଏପରି ଗୁଜବ ସୃଷ୍ଟି କରାଯାଉଛି ବୋଲି ପାଇଲଟ ଅଭିଯୋଗ ଆଣିଛନ୍ତି।

ପାଇଲଟଙ୍କ ଏହି ମନ୍ତବ୍ୟ ପରେ କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, ଯଦି ଅସନ୍ତୁଷ୍ଟ ନେତା ସଚିନ ପାଇଲଟ ଭାଜପାରେ ସାମିଲ ହେଉନାହାନ୍ତି, ତେବେ ସେ ହରିୟାଣାରେ ଭାଜପାର ଆତିଥ୍ୟ ଗ୍ରହଣ କରିବା ତୁରନ୍ତ ବନ୍ଦ କରନ୍ତୁ ଓ ନିଜ ଘରକୁ ଫେରିଆସନ୍ତୁ। ଏହାସହ ସେ ହରିୟାଣା ପୋଲିସର ସୁରକ୍ଷା ବଳୟରେ ଦୁଇଟି ବିଳାସପୂର୍ଣ୍ଣ ହୋଟେଲରେ ରହୁଥିବା କଂଗ୍ରେସ ବିଧାୟକମାନଙ୍କୁ ମୁକ୍ତ କରିଦେବା ଉଚିତ। ସେହିପରି କଂଗ୍ରେସ ସାଧାରଣ ସମ୍ପାଦକ (ରାଜସ୍ଥାନ ପ୍ରଭାରୀ) ଅବନାଶ ପାଣ୍ଡେ ଟୁଇଟ୍ କରିଛନ୍ତି, ଦଳର ଦ୍ୱାର ପାଇଲଟଙ୍କ ପାଇଁ ବନ୍ଦ ହୋଇନାହିଁ। ଭଗବାନ ତାଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ସେ ନିଜ ଭୁଲ୍‌କୁ ବୁଝି ଭାଜପାର ମାୟାଜାଲରୁ ମୁକ୍ତ ହୁଅନ୍ତୁ ବୋଲି ପ୍ରାର୍ଥନା। ସେହିପରି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମ୍. ବୀରାପ୍ପା ମୋଇଲି କହିଛନ୍ତି, ସଚିନ ପାଇଲଟ ଓ ଜ୍ୟୋତିରାଦିତ୍ୟ ସିନ୍ଧିଆ ବିଦ୍ରୋହୀ ନ ସାଜି ଧୈର୍ଯ୍ୟର ସହିତ ଅପେକ୍ଷା କରିବା ଉଚିତ ଥିଲା। ଭାଜପା ସେମାନଙ୍କୁ କେବେହେଲେ ମୁଖ୍ୟମନ୍ତ୍ରୀ କରିବ ନାହିଁ। ତେଣୁ ଉଭୟଙ୍କ ପଦକ୍ଷେପ ଆତ୍ମହତ୍ୟା ସଦୃଶ ବୋଲି ମୋଇଲି ସମାଲୋଚନା କରିଛନ୍ତି।

ଇତିମଧ୍ୟରେ ରାଜସ୍ଥାନ କଂଗ୍ରେସର ଜିଲା ଓ ବ୍ଲକ୍ କମିଟିଗୁଡ଼ିକୁ ଦଳ ପକ୍ଷରୁ ଭଙ୍ଗ କରାଯାଇଛି। ଏଆଇସିସିର ନିଷ୍ପତ୍ତି କ୍ରମେ ଖୁବ୍‌ଶୀଘ୍ର ସମସ୍ତ କମିଟିର ପୁନର୍ଗଠନ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଦଳୀୟ ସଙ୍ଗଠନ ଦାୟିତ୍ୱରେ ଥିବା ପାଇଲଟଙ୍କ ଅନୁଗତମାନଙ୍କୁ ହଟାଇ ତୃଣମୂଳ ସ୍ତରରେ ନୂଆ ନେତା ଓ କର୍ମୀଙ୍କୁ ସୁଯୋଗ ଦେବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଥିବା ସାଧାରଣ ସମ୍ପାଦକ ଅବିନାଶ ପାଣ୍ଡେ ଟୁଇଟ୍ କରିଛନ୍ତି।

### ପାଇଲଟ ଘୋଡ଼ାବେପାରରେ ସମ୍ପୃକ୍ତ

ଜୟପୁର,୧୫ା୭(ପି.ଟି.)



**ଇଂଲିଶ କହିବା, ସୁନ୍ଦର ଦେଖାଯିବା ସବୁକିଛି ନୁହେଁ: ଗେହଲଟ**

ବିଦ୍ରୋହୀ କଂଗ୍ରେସ ନେତା ସଚିନ ପାଇଲଟଙ୍କ ବିରୋଧରେ ବୁଧବାର ଘୋଡ଼ାବେପାର ଅଭିଯୋଗ ଆଣିଛନ୍ତି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ। ରାଜ୍ୟରେ କ୍ଷମତାସୀନ ସରକାରର ପତନ ଘଟାଇବା ପାଇଁ ପାଇଲଟ ଏପରି କରୁଥିବା ଗେହଲଟ କହିଛନ୍ତି। ମୁଖ୍ୟମନ୍ତ୍ରୀ ଗେହଲଟ କହିଛନ୍ତି ଯେ ପୂର୍ବତନ ପିସିସି ସଭାପତି ନିଜେ ଏଥିରେ ସାମିଲ ଅଛନ୍ତି। ଟଙ୍କା ଲୋଭ ଦେଖାଇ ଘୋଡ଼ାବେପାର କରିବା ନେଇ ପ୍ରମାଣ ଆମ ପାଖରେ ଅଛି। ପାଇଲଟ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟ କଂଗ୍ରେସ ମୁଖ୍ୟ ଥିଲେ। ସେ ଚାହିଁଥିଲେ ଭଲ ପ୍ରଦର୍ଶନ କରିପାରିଥାନ୍ତେ। ଭଲ ଇଂଲିଶ କହିବା, ବାଇଟ୍ ଦେବା ବା ସୁନ୍ଦର ଦେଖାଯିବା ସବୁକିଛି ନୁହେଁ।

### ୧୯ ବିଦ୍ରୋହୀ ବିଧାୟକଙ୍କ ମୁଣ୍ଡରେ ଖଣ୍ଡା

ଜୟପୁର/ନୂଆଦିଲ୍ଲୀ,୧୫ା୭

**ସଚିନଙ୍କ ସମେତ ସମସ୍ତ ଅନୁଗତଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ନୋଟିସ ଜାରି କଲେ ବାଚସ୍ପତି**

ରାଜସ୍ଥାନ ବିଧାନସଭାରୁ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଓ ଅନ୍ୟ ୧୮ ବିଦ୍ରୋହୀ ବିଧାୟକମାନଙ୍କୁ କଂଗ୍ରେସ ଅଯୋଗ୍ୟ ଘୋଷଣା ଦାବି କରିବା ପରେ ବାଚସ୍ପତି ସେମାନଙ୍କୁ ନୋଟିସ ଜାରି କରିଛନ୍ତି। ମଙ୍ଗଳବାର ଜାରି କରାଯାଇଥିବା ନୋଟିସର ଜବାବ ଶୁକ୍ରବାର ସୁଦ୍ଧା ଦାଖଲ କରିବା ପାଇଁ ଏଥିରେ ନିର୍ଦ୍ଦେଶ ରହିଛି।

ବିଦ୍ରୋହୀ ବିଧାୟକମାନେ ଦଳୀୟ ହୁଇପ୍‌କୁ ଅମାନ୍ୟ କରି ସୋମବାର ଓ ମଙ୍ଗଳବାର ଅନୁଷ୍ଠିତ କଂଗ୍ରେସ ବିଧାୟକ ଦଳ ବୈଠକରେ ଯୋଗଦେଇ ନ ଥିଲେ। ଫଳରେ ରାଜସ୍ଥାନ ବିଧାନସଭାର କଂଗ୍ରେସ ମୁଖ୍ୟ ସଚେତକ ମହେଶ ଜୋଷୀ ମଙ୍ଗଳବାର ବାଚସ୍ପତିଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ପତ୍ର ଲେଖିଥିଲେ। ସମ୍ବିଧାନର ଦଶମ ପରିଚ୍ଛେଦ ଅନୁସାରେ ସେମାନଙ୍କ ବିଧାୟକ ପଦ ରଦ୍ଦ କରାଯାଉ ବୋଲି ସେ ଦାବି କରିଥିଲେ। ଏନେଇ ବୁଧବାର ବିଧାନସଭା ବାଚସ୍ପତି ସି.ପି. ଜୋଷୀ କହିଛନ୍ତି, ପାଇଲଟଙ୍କ ସମେତ ସମସ୍ତ ୧୯ ବିଦ୍ରୋହୀ ବିଧାୟକଙ୍କୁ ନୋଟିସ କରାଯାଇଛି। ନୋଟିସ ପଠାଯାଇଥିବା ବିଧାୟକମାନେ ହେଲେ ପାଇଲଟଙ୍କ ସମେତ ବହିଷ୍କୃତ ମନ୍ତ୍ରୀ ବୀରେନ୍ଦ୍ର ସିଂ ଓ ରମେଶ ମୀନା। ସେହିପରି ଗେହଲଟ ସରକାରଙ୍କୁ ମିଡିଆ ଆଗରେ ଚ୍ୟାଲେଞ୍ଜ ଦେଇଥିବା ଦୀପେନ୍ଦର ସିଂ ଶେଖାୱତ୍, ଭୱଁର ଲାଲ ଶର୍ମା ଓ ହରିଶଚନ୍ଦ୍ର ମୀନାଙ୍କୁ ନୋଟିସ କରାଯାଇଛି। ମୁଖ୍ୟ ସଚେତକଙ୍କ ଅଭିଯୋଗ ହେଲା ଏହି ବିଧାୟକମାନେ କଂଗ୍ରେସ ବିରୋଧରେ ଷଡ଼ଯନ୍ତ୍ର କରିଛନ୍ତି, ଯାହାକି ରାଜ୍ୟରେ ସରକାର ଚଳାଇବାର ବିରୋଧୀ। ସେମାନେ ଜାଣିଶୁଣି କଂଗ୍ରେସ ବିଧାୟକ ଦଳ ବୈଠକରେ ଅନୁପସ୍ଥିତ ରହିଥିଲେ।

## ସ୍କୁଲରେ ନାମଲେଖା ଅବଧି ବଢ଼ିଲା

**ଭୁବନେଶ୍ୱର(ବ୍ୟୁରୋ):** କରୋନା ପାଇଁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ରାଜ୍ୟ ସରକାର ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ ରଖିଛନ୍ତି। ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ସ୍କୁଲରେ ନାମଲେଖା ଅବଧିକୁ ବୃଦ୍ଧି କରିଛନ୍ତି ବୋଲି ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସୂଚନା ଦେଇଛି। ପୂର୍ବରୁ ଜୁନ୍ ୮ରୁ ନାମଲେଖା ଆରମ୍ଭ କରି ଜୁଲାଇ ୧୫ ଭିତରେ ସାରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସବୁ ଜିଲା ଶିକ୍ଷା ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀ ଓ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ବର୍ତ୍ତମାନର ସ୍ଥିତିକୁ ଦେଖି କୌଣସି ଛାତ୍ରୀଛାତ୍ର ନାମଲେଖାରୁ ଯେପରି ବାଦ୍ ନ ପଡ଼ନ୍ତି ସେଥିଲାଗି ବିଭାଗ ପକ୍ଷରୁ ନାମଲେଖା ଅବଧିକୁ ଅଗଷ୍ଟ ୧୪ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।




# ଜିଓରେ ୩୩,୭୩୭ କୋଟି ନିବେଶ କରିବ ଗୁଗଲ



- ରିଲାଏନ୍ସ ଆଣିବ ସୁଲଭ ସ୍ମାର୍ଟଫୋନ
- ମେଡ୍ ଇନ୍ ଇଣ୍ଡିଆ ୫ଜି ଟେକ୍ନୋଲୋଜି ଉପରେ ଫୋକସ

**ମୁମ୍ବାଇ,୧୫।୭:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଡିଜିଟାଲ ପ୍ଲାଟ୍ଫର୍ମ ଜିଓରେ ଟେକ୍ନୋଲୋଜି କମ୍ପାନୀ ଗୁଗଲ ଏଲ୍ଏଲ୍ସି (ଗୁଗଲ) ପ୍ରାୟ ୩୩,୭୩୭ କୋଟି ଟଙ୍କାର ପୁଞ୍ଜି ନିବେଶ କରିବ। ଜିଓ ପ୍ଲାଟ୍ଫର୍ମସ୍ର ମୋଟ ଇକ୍ୱିଟି ମୂଲ୍ୟ ୪.୩୬ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଗୁଗଲ୍ର ଏହି ନିବେଶ ପୂର୍ଣ୍ଣ ବିଘଟିତ ହୋଇ ୭.୭୩% ଇକ୍ୱିଟି ଅଂଶଧନରେ ରୂପାନ୍ତରିତ ହେବ ବୋଲି ଜଣାପଡ଼ିଛି। ଏହି ନିବେଶ ଫଳରେ ବର୍ତ୍ତମାନ ସୁଦ୍ଧା ଜିଓ ପ୍ଲାଟ୍ଫର୍ମସ୍ ୧,୫୨,୦୫୬ କୋଟି ଟଙ୍କାର ପୁଞ୍ଜି ହାସଲ କରିଛି।

ଦେଶର କୋଣ ଅନୁକୋଣରେ ଡିଜିଟାଲୀକରଣର ଲାଭ ପହଞ୍ଚାଇବା ଲାଗି ଏହି ଦୁଇ କମ୍ପାନୀ ମିଳିତ ହୋଇ କାମ କରିବେ। ୩୮୮ ନିୟୁତରୁ ଊର୍ଦ୍ଧ୍ୱ ଗ୍ରାହକଙ୍କୁ ଗୁଣବତ୍ତା ତଥା ସୁଲଭ ମୂଲ୍ୟରେ ଡିଜିଟାଲ ସେବା ଯୋଗାଇବା ଉପରେ କମ୍ପାନୀ ଗୁରୁତ୍ୱ ଦେଉଛି। ୧୩୦ କୋଟି ଲୋକ ଏବଂ ବ୍ୟବସାୟ ପାଇଁ ଏକ ଡିଜିଟାଲ ଇଣ୍ଡିଆ ସହ ଭାରତକୁ ବିଶ୍ୱରେ ଏକ ଅଗ୍ରଣୀ ଡିଜିଟାଲ ସମାଜରେ ରୂପାନ୍ତରିତ କରିବା ଲକ୍ଷ୍ୟରେ କମ୍ପାନୀ ଅଗ୍ରସର ହେଉଛି। ସହାୟକ ହେଉଥିବା ସୂଚନା ହାସଲ କରିବା ପାଇଁ ନିୟୁତାଧିକ ଭାରତୀୟଙ୍କୁ ଗୁଗଲ୍ ସଶକ୍ତ କରିଛି ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ଏହି ପରିପ୍ରେକ୍ଷୀରେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଗୁଗଲ୍ ସିଇଓ ସୁନ୍ଦର ପିଚାଇ କହିଛନ୍ତି ଯେ, ଭାରତର ଡିଜିଟାଲ ପରିବର୍ତ୍ତନ ଏବଂ ପୁନର୍ବିନ୍ୟାସ ପାଇଁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଜିଓ ପ୍ଲାଟ୍ଫର୍ମ ଏହି ନିବେଶର ଶ୍ରେୟ ହାସଲ କରିବାରେ ହକ୍ଦାର।

ରିଲାଏନ୍ସକୁ ୨୦୨୩ ସୁଦ୍ଧା କାର୍ବନମୁକ୍ତ କମ୍ପାନୀ, ଗୁଗଲ ସହ ମିଳିତ ହୋଇ ସୁଲଭ ସ୍ମାର୍ଟଫୋନ ମାନୁଫାକଚରିଂ, ମେଡ୍ ଇନ୍ ଇଣ୍ଡିଆ ୫ଜି ସଲ୍ୟୁଶନ ଯୋଗାଣ ଭଳି ପ୍ରମୁଖ ଘୋଷଣା ମୁକେଶ କରିଛନ୍ତି। ଶତ ପ୍ରତିଶତ ଘରୋଇ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ଶୀଘ୍ର ୫ଜି ବିଶ୍ୱସ୍ତରୀୟ ୫ଜି ସେବା ଯୋଗାଣ ନେଇ କମ୍ପାନୀ ଲକ୍ଷ୍ୟ ରଖିଛି।

# ‘କରୋନା ସହ ଆସିଛି ସୂଚନା ମହାମାରୀ’

**ଭୁବନେଶ୍ୱର,୧୫।୭(ବ୍ୟୁରୋ)**

ଆମେ ସମସ୍ତେ ଏକ ବୈଶ୍ୱିକ ସଙ୍କଟ ମଧ୍ୟଦେଇ ଗତି କରୁଛୁ। ବର୍ତ୍ତମାନ କରୋନା ମହାମାରୀ ସହ ତାଳଦେଇ ସୂଚନା ମହାମାରୀ (ଇନ୍ଫୋଡେମିକ) ମଧ୍ୟ ଦେଖାଦେଇଛି। ଗଣମାଧ୍ୟମ କେତେକ କ୍ଷେତ୍ରରେ ଅନିୟନ୍ତ୍ରିତ ହୋଇପଡ଼ିଛି, ଯାହା ଏହାର ଛବିକୁ ପ୍ରଭାବିତ କରିବା ସହିତ ବିଶ୍ୱସନୀୟତା ହରାଇବା ଭଳି ଦୃଶ୍ୟମାନ ହେଉଛି। ଏଭଳି ସମୟରେ ଗଣମାଧ୍ୟମ ଦାୟିତ୍ୱସମ୍ପନ୍ନ ହୋଇ ଖବର ପ୍ରସାରଣ କରିବା ଆବଶ୍ୟକ। ଅସମ୍ପୂର୍ଣ୍ଣ ତଥ୍ୟ ଉପରେ ଅତ୍ୟଧିକ ଖବର ପ୍ରସାରଣ ଦ୍ୱାରା ଜନସାଧାରଣଙ୍କ ଉପରେ ମାନସିକ ଚାପ ସୃଷ୍ଟି ହେବା ଆଶଙ୍କା ରହିଛି। ଗଣମାଧ୍ୟମରେ କେବଳ କୋଭିଡ୍-୧୯ ମହାମାରୀ ସମ୍ପର୍କରେ ଖବର ପ୍ରସାରଣ କରା ନ ଯାଇ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଖବର ଉପରେ ମଧ୍ୟ ଜୋର୍ ଦିଆଯିବା ଆବଶ୍ୟକ ବୋଲି ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି।

ଭୁବନେଶ୍ୱର ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ‘କୋଭିଡ୍-୧୯ ପରିଚାଳନାରେ ଗଣମାଧ୍ୟମ’ର ଭୂମିକାକୁ ନେଇ ଆୟୋଜିତ ୱେବିନାରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସତପଥୀ କହିଲେ, କରୋନା ସମ୍ପର୍କିତ ଖବର ନିଶ୍ଚିତ ଭାବେ ପ୍ରକାଶ ପାଉ। ମାତ୍ର ଏସବୁ ଖବର ଉପରେ ଅତ୍ୟଧିକ ଗୁରୁତ୍ୱ ଦିଆଯିବା ଉଚିତ ନୁହେଁ ବୋଲି ସେ କହିଥିଲେ।

ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ଶୈଳେଶ କୁମାର ମାଳବ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ୱେବିନାରରେ ଓଡ଼ିଶା ଗଣମାଧ୍ୟମର ବରିଷ୍ଠ ସାମ୍ବାଦିକମାନେ ଅଂଶଗ୍ରହଣ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର କହିଲେ, କରୋନା ମହାମାରୀ ସମୟରେ ଗଣମାଧ୍ୟମ ଏକ ପ୍ରଶଂସନୀୟ ଭୂମିକା ନିର୍ବାହ କରୁଛି। ବର୍ତ୍ତମାନର ଆହ୍ୱାନପୂର୍ଣ୍ଣ ସମୟରେ ସରକାରୀ ବ୍ୟବସ୍ଥା ଚାପଗ୍ରସ୍ତ ରହିଛି। ଗଣମାଧ୍ୟମ ସୂଚନା ପ୍ରସାରଣ ମାଧ୍ୟମରେ ବ୍ୟବସ୍ଥାକୁ ସହଯୋଗ ଯୋଗାଇ ଦେଉଛି। ତେବେ ଗଣମାଧ୍ୟମ ନକାରାତ୍ମକ ନୁହେଁ, ବରଂ ସକାରାତ୍ମକ ଖବର ପ୍ରସାରଣ କଲେ ଖୁବଶୀଘ୍ର ମହାମାରୀର ସଙ୍କଟ ଦୂର ହେବ। ସରକାର ଓ ପ୍ରଶାସନ ଗଣମାଧ୍ୟମ ସହ ରହିଛି ବୋଲି ସେ କହିଥିଲେ। ଆଲୋଚକ ଭାବେ ଯୋଗଦେଇ ‘ସମ୍ବାଦ’ର ଫିଚର ସମ୍ପାଦକ ଗୌରହରି ଦାସ କହିଲେ, ଗଣମାଧ୍ୟମ ବିଶେଷକରି ଖବରକାଗଜ ସଂସ୍ଥାଗୁଡ଼ିକ ଏବେ ଗୁରୁତର ସଙ୍କଟ ଦେଇ ଗତି କରୁଛି। ତିଷ୍ଠି ରହିବା ଲାଗି ସଂଘର୍ଷ କରୁଛନ୍ତି। ଏଭଳି ସମୟରେ କେବଳ ନକାରାତ୍ମକ ଖବର ପ୍ରସାରଣ ନ କରି ସକାରାତ୍ମକ ସୂଚନା ଲୋକଙ୍କ ନିକଟରେ ପହଞ୍ଚାଇବା ଉଚିତ ବୋଲି ସେ କହିଥିଲେ। କରୋନାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସୂଚନା ପ୍ରସାରଣ ନିରପେକ୍ଷ ଏବଂ ବିଶ୍ୱସନୀୟ ହେବା ଜରୁରୀ ବୋଲି ବରିଷ୍ଠ ସାମ୍ବାଦିକ ତଥା ‘ଓଡ଼ିଶା ବାଇଟ୍ସ’ ଏବଂ ‘ଓଡ଼ିଶା ସମ୍ବାଦ’ର ଗ୍ରୁପ୍ ସମ୍ପାଦକ ସନ୍ଦୀପ ମିଶ୍ର ଏବଂ ନନ୍ଦିଘୋଷ ଟିଭିର ସମ୍ପାଦକ ଶିଶିର ଭଞ୍ଜ ମିଶ୍ର କହିଥିଲେ।



ୱେବିନାରରେ ଭାଗ ନେଇଥିବା ମୁଖ୍ୟବକ୍ତା ଓ ଅନ୍ୟମାନେ।

- ଗଣମାଧ୍ୟମ ଅନ୍ୟ ପ୍ରମୁଖ ଖବର ଉପରେ ଗୁରୁତ୍ୱ ଦେଉ
- ସକାରାତ୍ମକ ଖବର ମହାମାରୀ ସଙ୍କଟ ଦୂର କରିବ
- ଛାପା ଗଣମାଧ୍ୟମର ଏକ ସ୍ୱତନ୍ତ୍ର ବିଶ୍ୱସନୀୟତା ରହିଛି

ଶେଷରେ ପ୍ରଶ୍ନୋତ୍ତର ଅଧିବେଶନରେ ଛାପା ଗଣମାଧ୍ୟମର ଭବିଷ୍ୟତ ସଂକ୍ରାନ୍ତରେ ସତପଥୀ କହିଥିଲେ, ଛାପା ଗଣମାଧ୍ୟମର ଏକ ସ୍ୱତନ୍ତ୍ର ବିଶ୍ୱସନୀୟତା ରହିଛି। କିଛି ଲୋକ ଡିଜିଟାଲ ଗଣମାଧ୍ୟମ ମୁହାଁ ହୋଇଥିଲେ ବି ଭାରତ ଭଳି ଦେଶରେ ସବୁ ଲୋକଙ୍କ ପାଖରେ ଇଣ୍ଟରନେଟ ସଂଯୋଗ, କମ୍ପ୍ୟୁଟର, ସ୍ମାର୍ଟଫୋନ ଭଳି ସମ୍ବଳ ନ ଥିବାରୁ ଛାପା ଗଣମାଧ୍ୟମର ଗୁରୁତ୍ୱ ଅତି କମ୍‌ରେ ଆହୁରି ଦୁଇ ଦଶନ୍ଧି ପର୍ଯ୍ୟନ୍ତ ରହିବ ବୋଲି ସତପଥୀ କହିଥିଲେ। ଭୁବନେଶ୍ୱର ପିଆଇବିର ଗଣଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ଅତିଥି ପରିଚୟ ଦେବାସହ ୱେବିନାରକୁ ପରିଚାଳନା କରିଥିଲେ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ରାଜ୍ୟର ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ଛାତ୍ରୀଛାତ୍ର, ଗବେଷକ ଓ ବୁଦ୍ଧିଜୀବୀ ଏଥିରେ ଅଂଶଗ୍ରହଣ କରିଥିଲେ।

# ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନ ମୂଲ୍ୟବାନ୍: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର(ବ୍ୟୁରୋ)/ କଟକ ଅଫିସ,୧୫।୭**

ଗୁରୁତର କରୋନା ସଂକ୍ରମିତଙ୍କ ଚିକିତ୍ସା ପାଇଁ କଟକ ଏସ୍ସିବି ମେଡିକାଲ କଲେଜରେ ପ୍ରସ୍ତୁତ କୋଭିଡ୍ ପ୍ଲାଜ୍ମା ବ୍ୟାଙ୍କକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଜରିଆରେ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ପ୍ଲାଜ୍ମା ଥେରାପି ବ୍ୟବସ୍ଥା ଆରମ୍ଭ କରିଥିବା ଦେଶର ଅଳ୍ପ କେତେକ ରାଜ୍ୟ କ୍ଲବରେ ଓଡ଼ିଶା ସାମିଲ ହୋଇଛି। ଦିଲ୍ଲୀ ଓ ମହାରାଷ୍ଟ୍ର ପରେ ପ୍ଲାଜ୍ମା ଥେରାପି କାର୍ଯ୍ୟକାରୀ କରିବାରେ ଓଡ଼ିଶା ହେଉଛି ଦେଶର ତୃତୀୟ ରାଜ୍ୟ। ପ୍ଲାଜ୍ମା ବ୍ୟାଙ୍କକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଓ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ମୁଁ ଓ ମୋ ସରକାର ପାଇଁ ପ୍ରତ୍ୟେକ ବ୍ୟକ୍ତିର ଜୀବନ ହେଉଛି ସବୁଠାରୁ ମୂଲ୍ୟବାନ। ଲୋକମାନଙ୍କ ଜୀବନ ବଞ୍ଚାଇବା ପାଇଁ ରାଜ୍ୟ ସରକାର ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଓଡ଼ିଶାର ଜନସାଧାରଣଙ୍କ ପାଇଁ ପ୍ଲାଜ୍ମା ଥେରାପି ବିନା ମୂଲ୍ୟରେ ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଓଡ଼ିଶାର କୌଣସି ବ୍ୟକ୍ତିଙ୍କୁ ଅତ୍ୟାଧୁନିକ ଚିକିତ୍ସା ସୁବିଧାରୁ ବଞ୍ଚିତ ହେବାକୁ ଦିଆଯିବ ନାହିଁ। ଏହା ହେଉଛି ରାଜ୍ୟ ସରକାରଙ୍କର ପ୍ରତିବଦ୍ଧତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟର ଡାକ୍ତରମାନଙ୍କ ଦକ୍ଷତା ଓ ନିଷ୍ଠାକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ କୋଭିଡ୍ ସମୟରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଯେଉଁ କଠିନ ପରିଶ୍ରମ କରି ଲୋକମାନଙ୍କୁ ଶ୍ରେଷ୍ଠ ସେବା ଯୋଗାଇ ଦେଉଛନ୍ତି ତାହାର ତୁଳନା ନାହିଁ। ଆମେ ସେମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ମନୋବଳ ବୃଦ୍ଧି କରିବା ପାଇଁ କାର୍ଯ୍ୟ କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ଲାଜ୍ମା ବ୍ୟାଙ୍କ ଉଦ୍‌ଘାଟନ ହେବା ପରେ ୪ଜଣ ସ୍ୱେଚ୍ଛାକୃତ ଭାବେ ପ୍ଲାଜ୍ମା ଦାନ କରିଛନ୍ତି। ସେମାନେ ହେଲେ ପଙ୍କଜ କୁମାର ବେହେରା, ଚିଦ୍ ଭୂଷଣ ପଣ୍ଡା, ମନୋଜ କୁମାର ବରାଳ ଏବଂ ଅବିନାଶ ରାଉତ। ଏଥିସହ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ସମେତ ଆଉ ୧୨ ଜଣ କୋଭିଡ୍ ରୋଗରୁ ମୁକ୍ତ ବ୍ୟକ୍ତି ଏହି ମିଶନରେ ଯୋଗଦାନ କରି ସେମାନଙ୍କ ପ୍ଲାଜ୍ମା ଦାନ କରିବାକୁ ଆଗେଇ ଆସିଛନ୍ତି। ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। କୋଭିଡ୍ ରୋଗରୁ ମୁକ୍ତ ହୋଇଥିବା ବ୍ୟକ୍ତିମାନେ ପ୍ଲାଜ୍ମା ଦାନ କରିବାକୁ ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ଏହାଦ୍ୱାରା ଗୁରୁତର ରୋଗୀମାନଙ୍କ ଚିକିତ୍ସା କ୍ଷେତ୍ରରେ ଅଗ୍ରଗତି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି ଯେ, ଗୁରୁତର ରୋଗୀମାନଙ୍କ ସଫଳ ଚିକିତ୍ସା କ୍ଷେତ୍ରରେ ଏହି ଥେରାପି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପ୍ରାରମ୍ଭିକ ଭାବେ ପ୍ଲାଜ୍ମାଥେରାପି ଭୁବନେଶ୍ୱରର ସମ୍, କିମ୍ସ ଓ କଟକର ଅଶ୍ୱିନୀ କୋଭିଡ ହସ୍ପିଟାଲରେ ଆରମ୍ଭ କରାଯିବ। ଏହିସବୁ ହସ୍ପିଟାଲ ପାଇଁ ଏସ୍ସିବି ନୋଡାଲ ସେଣ୍ଟର ଭାବେ କାମ କରିବ ବୋଲି ମନ୍ତ୍ରୀ ଦାସ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଏସ୍ସିବି ମେଡିକାଲ କଲେଜ ଅଧ୍ୟକ୍ଷ ଡା. ଅନ୍ନଦା ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ, ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା, ଉନ୍ନୟନ କମିଶନର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର, ଶ୍ରମ ଓ କର୍ମଚାରୀ ବୀମା ବିଭାଗ ସଚିବ, ଆଇଟି ସଚିବ ଯୋଗ ଦେଇଥିବାବେଳେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଏବଂ ହସ୍ପିଟାଲର ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗରେ ଆୟୋଜିତ ଉତ୍ସବରେ ଡିଏମ୍ଇଟି ସିବିକେ ମହାନ୍ତି, ପ୍ରିନ୍ସିପାଲ ଦଣ୍ଡେଶ୍ୱର ହୋତା, ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗର ମୁଖ୍ୟ ପଙ୍କଜ ପରିଡ଼ା, ପ୍ଲାଜ୍ମାଥେରାପି ନୋଡାଲ ଅଫିସର ସ୍ମିତା ମହାପାତ୍ର, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍ସି କମିଶନର ଅନନ୍ୟା ଦାସ, ରାଜ୍ୟ ସରକାରଙ୍କ କୋଭିଡ ବୈଷୟିକ ମୁଖପାତ୍ର ଡା. ଜୟନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ଲାଜ୍ମା ବ୍ୟାଙ୍କ ଉଦ୍‌ଘାଟିତ



କଟକ ଏସ୍ସିବିରେ ପ୍ରସ୍ତୁତ ପ୍ଲାଜ୍ମା ବ୍ୟାଙ୍କକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍ଫରେନ୍ସ ଜରିଆରେ ଉଦ୍‌ଘାଟନ କରୁଛନ୍ତି।

- ମାଗଣାରେ ଉପଲବ୍ଧ ହେବ ପ୍ଲାଜ୍ମା ଥେରାପି
- କୋଭିଡ୍ ମୁକ୍ତ ବ୍ୟକ୍ତି ପ୍ଲାଜ୍ମା ଦାନ କରିବାକୁ ଆହ୍ୱାନ
- ପ୍ଲାଜ୍ମା ଥେରାପି କାର୍ଯ୍ୟକାରୀ କରିବାରେ ଓଡ଼ିଶା ତୃତୀୟ ରାଜ୍ୟ
- ପ୍ରଥମ ଦିନରେ ୪ଜଣ ପ୍ଲାଜମା ଦାନ କଲେ

### ପ୍ଲାଜ୍ମା ଥେରାପି କ’ଣ

୧୦୦ବର୍ଷ ପୂର୍ବେ ଜୀବାଣୁ ଓ ଭୂତାଣୁଜନିତ ସଂକ୍ରମିତ ରୋଗୀ ସୁସ୍ଥ ହେବାପରେ ସେମାନଙ୍କଠାରୁ ରକ୍ତ ସଂଗ୍ରହ କରାଯାଇ ସେଥିରୁ ପ୍ଲାଜ୍ମାକୁ ଅଲଗା କରି ବିଭିନ୍ନ ପ୍ରକାର ସଂକ୍ରମଣ ରୋଗର ଚିକିତ୍ସାରେ ବ୍ୟବହାର କରାଯାଉଥିଲା। ସେବେଠାରୁ ଏହି ପଦ୍ଧତିର ସଫଳତା ପ୍ରତିପାଦିତ ହୋଇସାରିଛି। ମହାମାରୀ କରୋନା ସଂକ୍ରମଣ ରୋକିବାରେ ଏହା ବିଶେଷଭାବେ ସହାୟକ ହୋଇପାରିବ ବୋଲି ଚିକିତ୍ସା ବିଷାରଦମାନେ ବିଶ୍ୱାସ କରନ୍ତି।

କୋଭିଡ୍-୧୯ ପାଇଁ ସତର୍କତା
ଘରେ ରୁହନ୍ତୁ। ଜୀବନ ବଞ୍ଚାନ୍ତୁ। | କରୋନାଭାଇରସ୍‌କୁ ରୋକିବାରେ ସାହାଯ୍ୟ କରନ୍ତୁ

ଠିକ୍ ତଥ୍ୟ ଜାଣି ତଥା ଉପଯୁକ୍ତ ପ୍ରାକ୍-ସତର୍କତା ଅବଲମ୍ବନ କରି ନିଜକୁ ଓ ନିଜ ଆଖପାଖର ଅନ୍ୟମାନଙ୍କୁ ସୁରକ୍ଷିତ ରଖନ୍ତୁ । ଆପଣଙ୍କ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ଉପଦେଶଗୁଡ଼ିକୁ ଅନୁସରଣ କରନ୍ତୁ ।

କୋଭିଡ୍-୧୯ ବ୍ୟାପିବାକୁ ପ୍ରତିରୋଧ କରିବା ପାଇଁ:
- ବାରମ୍ବାର ନିଜ ହାତ ଧୁଅନ୍ତୁ । ସାବୁନ ଓ ପାଣି ଅଥବା ଏକ ଆଲକହଲ୍‌ଭିତ୍ତିକ ହ୍ୟାଣ୍ଡ ରବ୍ ବ୍ୟବହାର କରନ୍ତୁ ।
- କାଶୁଥିବା କିମ୍ବା ଛିଙ୍କୁଥିବା ଲୋକମାନଙ୍କଠାରୁ ସୁରକ୍ଷିତ ଦୂରତା ବଜାୟ ରଖନ୍ତୁ।
- ଶାରୀରିକ ଦୂରତା ବଜାୟ ରଖିବା ସମ୍ଭବ ହୋଇ ନ ଥିଲେ ମାସ୍କ ପିନ୍ଧନ୍ତୁ।
- ନିଜ ଆଖି, ନାକ ଓ ପାଟିକୁ ଛୁଅନ୍ତୁ ନାହିଁ ।
- କାଶିବା କିମ୍ବା ଛିଙ୍କିବା ସମୟରେ ପାଟି ଓ ନାକକୁ କହୁଣିର ଭିତର ପାର୍ଶ୍ୱ କିମ୍ବା ଟିସ୍ୟୁ ପେପରରେ ଘୋଡ଼ାଇ ରଖନ୍ତୁ ।
- ଅସୁସ୍ଥ ଅନୁଭବ କରୁଥିଲେ ଘରେ ରୁହନ୍ତୁ ।
- ଯଦି ଆପଣଙ୍କଠାରେ ଜ୍ୱର, କାଶ ଓ ଶ୍ୱାସକ୍ରିୟାରେ ସମସ୍ୟା ଭଳି ଲକ୍ଷଣ ଦେଖାଦିଏ, ତେବେ ଚିକିତ୍ସାଗତ ସହାୟତା ଲୋଡ଼ନ୍ତୁ ।

ଜଣେ ଶୁଭଚିନ୍ତକ



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..........................


ଓ୍ବିକାସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚନ୍ଦ୍ର ବାଙ୍କ ଦିନେ ଦିନେ**
**କୟାଁ ବାଙ୍କ ସବୁ ଦିନେ।**

ଚନ୍ଦ୍ରର ଆକୃତି ସବୁଦିନେ ସମାନ ନ ଥାଏ। ପୂର୍ଣ୍ଣମୀଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ଏହାର କ୍ଷୟ ବୃଦ୍ଧି ଘଟିଥାଏ। ପରନ୍ତୁ କୟାଁ ବା ତେନ୍ତୁଳି କୋଳିର ଆକାର ସବୁଦିନ ସେଇ ବଙ୍କା ହିଁ ରହିଥାଏ। ପରୋକ୍ଷରେ କିଛି ବ୍ୟକ୍ତିଙ୍କୁ ଯେତେ କହିଲେ ବା ବୁଝାଇଲେ ମଧ୍ୟ ତାଙ୍କ ସ୍ୱଭାବ ବା ଗୁଣରେ କୌଣସି ପରିବର୍ତ୍ତନ ଘଟୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଇଯାଇଛି।

**ଟିଟିକି ଚିତା**
**ଲିମ୍ବ ବୋଲି ଖାଇବୁ ପିତା।**

ପିତା ସ୍ୱାସ୍ଥ୍ୟ ପ୍ରତି ବେଶ୍ ହିତକାରକ । ପାଟିକୁ ପିତା ଲାଗୁଥିଲେ ମଧ୍ୟ ଏହା ଶରୀର ପାଇଁ ବେଶ୍ ଲାଭଦାୟକ ହୋଇଥାଏ। ସୁସ୍ଥ ନୀରୋଗ ଶରୀର ପାଇଁ ଲିମ୍ବ ପିତା ଖାଇବା ନେଇ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶାରେ ପାସ୍ ହାର ...

ଥିବାବେଳେ ପୁଅଙ୍କ ପାସ୍ ହାର ୯୧.୬୫% ରହିଛି। ମୋଟ ୧୬,୧୨୮ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ ଓ ୧୪,୭୨୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ୨୧,୩୯୫ଜଣ ଛାତ୍ର ପରୀକ୍ଷା ଦେଇଥିବାବେଳେ ୧୯,୬୦୯ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

ଦେଶର ୨୦,୩୮୭ ସ୍କୁଲର ୧୮,୮୫,୮୮୫ ଛାତ୍ରୀଛାତ୍ର ସିବିଏସ୍ଇ ପରୀକ୍ଷା ଦେବା ପାଇଁ ପଞ୍ଜୀକୃତ କରିଥିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ ୧୮,୭୩,୦୧୫ଜଣ ପରୀକ୍ଷା ଦେଇଥିଲେ ଓ ୧୭,୧୩,୧୨୧ଜଣ ପାସ୍ କରିଛନ୍ତି। ତେବେ ସର୍ବଭାରତୀୟ ସ୍ତରରେ ଛାତ୍ରଙ୍କଠାରୁଠାରୁ ଛାତ୍ରୀଙ୍କ ପାସ୍ ହାର ୩.୧୭% ଅଧିକ ରହିଛି। ଝିଅଙ୍କ ପାସ୍ ହାର ୯୩.୩୧% ଥିବାବେଳେ ଛାତ୍ରଙ୍କ ପାସ୍ ହାର ୯୦.୧୪% ରହିଛି। ଏଥର କେନ୍ଦ୍ରୀୟ ବିଦ୍ୟାଳୟର ପାସ୍ ହାର ସର୍ବାଧିକ ୯୯.୨୩% ରହିଛି।

ସୂଚନାଯୋଗ୍ୟ, ଚଳିତବର୍ଷ ଫେବୃୟାରୀ ୧୫ରୁ ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ସିବିଏସ୍ଇ ଦଶମ ପରୀକ୍ଷା ହୋଇଥିଲା। କରୋନା ପାଇଁ ସାରା ଦେଶରେ ଲକ୍‌ଡାଉନ୍ କଟକଣା ଲାଗୁ ହେବା ପରେ ୬ଟି ବିଷୟରେ ପରୀକ୍ଷା ହୋଇପାରି ନ ଥିଲା। ଏହାକୁ ପରେ ବାତିଲ୍ କରାଯାଇଥିଲା। ତେବେ ଆଭରେଜ୍ ମାର୍କିଂ ଦ୍ୱାରା ପରୀକ୍ଷାଫଳ ପ୍ରକାଶ ପାଇଛି। ସୋମବାର ଫଳ ପ୍ରକାଶନ ପରେ କେନ୍ଦ୍ର ମନ୍ତ୍ରୀ ରମେଶ ପୋଖରିଆଲ ଓ ସିବିଏସ୍ଇ ଚେୟାରମ୍ୟାନ୍ ମନୋଜ ଆହୁଜା ଶୁଭେଚ୍ଛା ଜଣାଇଛନ୍ତି। ଛାତ୍ରୀଛାତ୍ରମାନେ cbseresults.nic.in ୱେବ୍‌ସାଇଟ୍‌ରେ ନିଜର ପରୀକ୍ଷାଫଳ ଦେଖିପାରିବେ ବୋଲି କୁହାଯାଇଛି।

### ଡିଜେଲ ଲିଟର ପିଛା ...

ପେଟ୍ରୋଲ ୮୨.୧୦ ଟଙ୍କା ଓ ଡିଜେଲ ୭୬.୩୩ ଟଙ୍କା ରହିଥିବା ବେଳେ ମୁମ୍ବାଇରେ ପେଟ୍ରୋଲ ୮୭.୧୯ ଟଙ୍କା ଓ ଡିଜେଲ ୭୯.୪୦ ଟଙ୍କା ଏବଂ ଚେନ୍ନାଇରେ ପେଟ୍ରୋଲ ୮୩.୬୩ ଟଙ୍କା ଓ ଡିଜେଲ ୭୮.୨୨ ଟଙ୍କା ରହିଛି। ଅନ୍ତର୍ଜାତୀୟ ତୈଳ ବଜାରରେ ଅଶୋଧିତ ତେଲ ଦର ବୃଦ୍ଧି ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ଉଚ୍ଚହାରର ଟିକସ ଯୋଗୁ ତେଲ ଦର ବୃଦ୍ଧି ହେଉଥିବା ତୈଳ ବିପଣନ କମ୍ପାନୀ ଗୁଡିକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ୨ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ହେବ ପେଟ୍ରୋଲ ଦର ସ୍ଥିର ରହିଛି। ଅପରପକ୍ଷରେ ଡିଜେଲ ଦରରେ କ୍ରମାଗତ ଭାବରେ ବୃଦ୍ଧି ପାଇ ରେର୍କଡସ୍ତର ଛୁଇଁଛି। ବିଗତ ଦିନରେ ପେଟ୍ରୋଲ ଦର ଡିଜେଲଠାରୁ ଅଧିକ ରହୁଥିଲା। ବିଶେଷ କରି ଡିଜେଲ ବାଣିଜ୍ୟିକ ବା ମାଲ ପରିବହନ କ୍ଷେତ୍ରରେ ବ୍ୟବହାର ହେଉଥିବାରୁ ଡିଜେଲ ଦର ଅପେକ୍ଷାକୃତ କମ୍ ରହିଥାଏ। ମାତ୍ର ଗତ କିଛି ଦିନ ମଧ୍ୟରେ ଡିଜେଲ ଦରରେ ମାତ୍ରାଧିକ ବୃଦ୍ଧିକୁ ନେଇ ବାଣିଜ୍ୟିକ ସଂସ୍ଥା ଓ ଯାନ ମାଲିକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

### ବେକାରି ସମସ୍ୟା...

ନିଯୁକ୍ତି ପାଇଛନ୍ତି । ରାଜ୍ୟ ଶ୍ରମ କମିଶନର ଏନ. ତିରୁମାଳା ନାୟକ କହିଛନ୍ତି ଯେ, ରାଜ୍ୟରେ ନିଯୁକ୍ତି ସୁଯୋଗ ବଢ଼ାଇବା ଯୋଜନା କରାଯାଇଛି। କେତେକ ସଂସ୍ଥା ସହ ଏ ନେଇ ଏମ୍ଓୟୁ କରାଯାଇଛି। ପ୍ରାୟ ୫୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମରେ ବୈଷୟିକ ଶିକ୍ଷା ଏବଂ ଅନ୍ୟାନ୍ୟ ସାଧାରଣ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀଛାତ୍ରମାନଙ୍କୁ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ଦିଆଯିବ। କୁଶଳୀ ଶ୍ରମିକମାନଙ୍କୁ ଯୋଗ୍ୟତା ଅନୁଯାୟୀ ବିଭିନ୍ନ ଶିଳ୍ପାନୁଷ୍ଠାନରେ ନିଯୁକ୍ତି ଦେବାକୁ ସରକାରୀ ଆଇଆଇଟିଗୁଡ଼ିକୁ କୁହାଯାଇଛି। ଏଥିସହିତ ପ୍ରବାସୀ ଶ୍ରମିକମାନଙ୍କ ଲାଗି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ମଧ୍ୟ ଅଧିକ ଶ୍ରମଦିବସ ସୃଷ୍ଟି କରାଯାଉଛି।



ବନ୍ୟା ଯୋଗୁ ଆସାମର କାଜିରଙ୍ଗା ଜାତୀୟ ଉଦ୍ୟାନ ଜଳମଗ୍ନ ହୋଇଯାଇଥିବା ବେଳେ ବୁରାପାହାର ରେଞ୍ଜର ଉଚ୍ଚ ସ୍ଥାନରେ ଆଶ୍ରୟ ନେଇଛନ୍ତି ହାତୀପଲ।

# ଫ୍ଲିପ୍‌କାର୍ଟ ସହ ହାତ ମିଳାଇଲା ଓଡ଼ିଶା

## ଇ-କମର୍ସରେ ଓଡ଼ିଶାର ହସ୍ତତନ୍ତ, ହସ୍ତଶିଳ୍ପ

**ଭୁବନେଶ୍ୱର,୧୫।୭(ବ୍ୟୁରୋ)**

ଓଡ଼ିଶାର ହସ୍ତଶିଳ୍ପ ଓ ହସ୍ତତନ୍ତର ବିକ୍ରିବଟା ଏବଂ ପ୍ରଚାର ପ୍ରସାର ଲାଗି ଦେଶର ଲୋକପ୍ରିୟ ଇ-କମର୍ସ ପ୍ଲାଟ୍‌ଫର୍ମ 'ଫ୍ଲିପ୍‌କାର୍ଟ' ସହ ରାଜ୍ୟ ସରକାର ଏକ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଫ୍ଲିପ୍‌କାର୍ଟ ସମର୍ଥ କାର୍ଯ୍ୟକ୍ରମ ଅଧୀନରେ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଡେଭ୍‌ଲପ୍‌ମେଣ୍ଟ ଅଫ୍ ଆର୍ଟସ୍ ଆଣ୍ଡ କ୍ରାଫ୍ଟସ୍(ଏସ୍ଆଇଡିଏସି) ସହ ଏହି ସହଭାଗିତା କରାଯାଇଛି। ଏହାଦ୍ୱାରା ଓଡ଼ିଶାର କାରିଗର, ବୁଣାକାର ଓ ଶିଳ୍ପୀମାନଙ୍କୁ ନିଜର ହଲ୍‌ମାର୍କ ଉତ୍ପାଦକୁ ଦେଶର ଲକ୍ଷ ଲକ୍ଷ ଗ୍ରାହକଙ୍କ ନିକଟରେ ପ୍ରଦର୍ଶିତ କରାଯାଇପାରିବ। ଉଭୟ ଏସ୍ଆଇଡିଏସି ଏବଂ ଫ୍ଲିପ୍‌କାର୍ଟ ସମାଜର ଅଣସଂରକ୍ଷିତ ବର୍ଗର ଲୋକମାନଙ୍କ ପାଇଁ ବାଣିଜ୍ୟ ସୁଯୋଗ ଓ ବ୍ୟବସାୟ ବୃଦ୍ଧି ପାଇଁ ନୂତନ ମାର୍ଗ ସୃଷ୍ଟି କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିବେ। ଏହାଦ୍ୱାରା 'ମେକ୍ ଇନ୍ ଇଣ୍ଡିଆ' ପ୍ରୟାସକୁ ଅଧିକ ପ୍ରୋତ୍ସାହନ ମିଳିପାରିବ।

ଅନ୍ୟପକ୍ଷରେ ଏହି ଚୁକ୍ତିନାମାର ଏକ ଅଂଶ ଭାବେ 'ବୟନିକା', 'ଉତ୍କଳିକା' ଓ 'ସମ୍ବଲପୁରୀ ବସ୍ତ୍ରାଳୟ' ଭଳି ପ୍ରତିଷ୍ଠିତ ଓଡ଼ିଆ ବ୍ରାଣ୍ଡ ସହ ଫ୍ଲିପ୍‌କାର୍ଟ ମିଳିତ ଭାବେ କାର୍ଯ୍ୟ କରିବ। ଏହି ଚୁକ୍ତିନାମା ସମ୍ପର୍କରେ ସୂଚନା ଦେଇ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ବିଭାଗର ଅତିରିକ୍ତ ସଚିବ କୈଳାସ ଚନ୍ଦ୍ର ସାହୁ କହିଛନ୍ତି, ଫ୍ଲିପକାର୍ଟ ସହ ସହବନ୍ଧିତା ଦ୍ୱାରା ଓଡ଼ିଶାର ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ ହେବ। ଓଡ଼ିଶାର ଅପହଞ୍ଚ ଅଞ୍ଚଳରେ ରହୁଥିବା ହସ୍ତତନ୍ତ ଏବଂ ହସ୍ତଶିଳ୍ପ କାରିଗରମାନେ ଫ୍ଲିପକାର୍ଟ ସହାୟତାରେ ସମଗ୍ର ଭାରତବର୍ଷରେ ସେମାନଙ୍କ ଉତ୍ପାଦ ବିକ୍ରି କରିବାର ସୁଯୋଗ ପାଇବେ। ଏହି ସହଭାଗିତା କାରିଗରଙ୍କୁ ସେମାନଙ୍କ ଆଞ୍ଚଳିକ କଳା ଏବଂ ହଲମାର୍କ ଉତ୍ପାଦକୁ ପ୍ରଦର୍ଶନ କରିବାବେଳେ ବ୍ରାଣ୍ଡିଂ, ଡିଜିଟାଲ ମାର୍କେଟିଂ ଏବଂ ଆର୍ଥିକ ପରିଚାଳନା ବିଷୟରେ ଜ୍ଞାନ ପ୍ରଦାନ କରିବ ବୋଲି ସେ କହିଛନ୍ତି। ଏ ନେଇ ଫ୍ଲିପ୍‌କାର୍ଟ ଗ୍ରୁପ୍‌ର ଚିଫ୍ କର୍ପୋରେଟ୍ ଆଫାୟାର୍ସ ଅଫିସର ରଜ୍‌ନିସ କୁମାର କହିଛନ୍ତି, ଆମେ ଓଡ଼ିଶାର କଳା, ଐତିହ୍ୟକୁ ଆମ ପ୍ଲାଟ୍‌ଫର୍ମକୁ ଆଣିବା ସହ କାରିଗର ଓ ବୁଣାକାରଙ୍କୁ ସର୍ବଭାରତୀୟସ୍ତରରେ ନିଜ ବ୍ୟବସାୟ ବିସ୍ତାର କରିବାର ସୁଯୋଗ ଦେବୁ। ଓଡ଼ିଶା ସରକାରଙ୍କ ସହିତ ହାତ ମିଳାଇବା ଆମର ସୌଭାଗ୍ୟ। ଏହି ଚୁକ୍ତି ରାଜ୍ୟରେ ହଜାର ହଜାର ହସ୍ତତନ୍ତ କାରିଗର, ବୁଣାକାର ଓ ଶିଳ୍ପୀମାନଙ୍କ ପାଇଁ ଫ୍ଲିପ୍‌କାର୍ଟ ସମର୍ଥର ଲାଭ ଆଣିଦେବ। ଫ୍ଲିପ୍‌କାର୍ଟ ସମର୍ଥ ଏବେ ଦେଶବ୍ୟାପୀ ୫ ଲକ୍ଷରୁ ଅଧିକ କାରିଗର, ବୁଣାକାର ଓ କ୍ଷୁଦ୍ର ଶିଳ୍ପଗୁଡ଼ିକର ଜୀବିକାକୁ ସମର୍ଥନ କରୁଛି।

## କୁଏତ୍‌ରୁ ଫେରିଲେଣି ୫୬୦ ଓଡ଼ିଆ

ଭୁବନେଶ୍ୱର,୧୫।୭(ବ୍ୟୁରୋ)- କରୋନା ଲକ୍‌ଡାଉନ ଯୋଗୁ କୁଏତ୍‌ରେ ଫସି ରହିଥିବା ୫୬୦ ପ୍ରବାସୀ ଓଡ଼ିଆ ବର୍ତ୍ତମାନ ସୁଦ୍ଧା ଓଡ଼ିଶା ଫେରିଛନ୍ତି। ଗୁରୁବାର ଆଉ ଏକ ବିମାନରେ ଶତାଧିକ ଓଡ଼ିଆ ଓଡ଼ିଶା ଫେରିବା ନେଇ ସୂଚନା ମିଳିଛି। 'ବନ୍ଦେ ଭାରତ ମିଶନ'ରେ ଏହି ପ୍ରବାସୀମାନେ ଗୁରୁବାର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ ବୋଲି ସୂଚନା ମିଳିଛି। ଏ ନେଇ କୁଏତ୍ ଓଡ଼ିଶା ଆସୋସିଏଶନ୍ ସଭାପତି ଗିରିଜାଶଙ୍କର ପାଢ଼ୀ କହିଛନ୍ତି, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସହାୟତାରେ ବର୍ତ୍ତମାନ ସୁଦ୍ଧା ୫୬୦ ପ୍ରବାସୀ ଓଡ଼ିଆ ଫେରିଛନ୍ତି। ଏହି ଆସୋସିଏଶନ୍ ସହଯୋଗରେ ୨୫୦ଜଣ ନିଜ ଘରକୁ ଫେରିଛନ୍ତି। ଆଗକୁ ରାଜ୍ୟ ସରକାର, କେନ୍ଦ୍ର ସରକାର ଓ ଭାରତୀୟ ଦୂତାବାସ ସହାୟତାରେ ଏହି କାର୍ଯ୍ୟ ଜାରିରହିବ। ଗତ ୧୩ ତାରିଖ ଦିନ ଏକ ବିମାନ ଯୋଗେ ୧୬୫ଜଣ ପ୍ରବାସୀ ଓଡ଼ିଶା ଫେରିଥିଲେ। ସେମାନଙ୍କ ପରିବହନ ଲାଗି ଆସୋସିଏଶନ୍ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। କିଛିଜଣଙ୍କର ଟିକେଟ୍ ପାଇଁ ଅର୍ଥାଭାବ ଥିବାବେଳେ ତାଙ୍କୁ ସହାୟତା କରାଯାଇଥିଲା। ସମସ୍ତେ ଭଲରେ ପହଞ୍ଚି କୃତଜ୍ଞତା ଜ୍ଞାପନ କରିଛନ୍ତି ବୋଲି ସେ କହିଛନ୍ତି। ଏହି ସେବାମୂଳକ କାର୍ଯ୍ୟ ପାଇଁ ସେ ସମସ୍ତ ଉପଦେଷ୍ଟା, କାର୍ଯ୍ୟକାରୀ ମଣ୍ଡଳୀ ଏବଂ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପୂର୍ବଶତ୍ରୁତାରୁ ଗୋଡ଼ାଇ ହାଣିଲେ, ୭ ଗିରଫ

**କୃଷ୍ଣପ୍ରସାଦ,୧୫।୭(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ କହ୍ନେଇପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ବୁଧବାର ଜଣେ ବ୍ୟକ୍ତିଙ୍କୁ ୨୨ଜଣ ଲୋକ ଗୋଡ଼ାଇ ହାଣିଛନ୍ତି। ଏ ନେଇ ଗୁରୁତରଙ୍କ ପୁଅ ଗୁଡୁ ଦାସ ଅଭିଯୋଗକ୍ରମେ କୃଷ୍ଣପ୍ରସାଦ ପୋଲିସ ଏକ ମାମଲା (ନଂ.୧୦୯/୨୦)ରୁଜୁକରି ୭ଜଣଙ୍କୁ ଗିରଫ କରିଛି। ଅନ୍ୟପଟେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗ୍ରାମର କେତେଜଣ ଲୋକ ଥାନା ଆଗରେ ଧାରଣା ଦେଇଥିଲେ। ପ୍ରକାଶ ଯେ, କହ୍ନେଇପୁର ଗ୍ରାମର ପ୍ରଦୀପ ଦାସ(୪୫) ବୁଧବାର ଭୋର ପ୍ରାୟ ୫ଟାରେ କୌଣସି କାର୍ଯ୍ୟରେ ବାହାରକୁ ଯିବା ବେଳେ ଉକ୍ତ ଗ୍ରାମର କେତେଜଣ ବ୍ୟକ୍ତି ତାଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଗୋଡ଼ାଇ ହାଣିଥିଲେ। ଖବରପାଇ ପୋଲିସ ଓ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ପ୍ରଦୀପଙ୍କୁ କୃଷ୍ଣପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଗ୍ରାମରେ ଉତ୍ତେଜନା ଲାଗିରହିଥିବାରୁ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ କରାଯାଇଛି।

## 'ପିସିସି ସଭାପତି ବଦଳିବେନି'

ଭୁବନେଶ୍ୱର, ୧୫।୭(ବ୍ୟୁରୋ): ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ତାଙ୍କ ପଦବୀରୁ ହଟିପାରନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିବାପରେ କଂଗ୍ରେସ ଭିତରେ ଭିନ୍ନ ଆଲୋଚନା ହେଉଛି। ବର୍ତ୍ତମାନ ଏ ପ୍ରକାର ଚର୍ଚ୍ଚାକୁ ବନ୍ଦ କରାଇବା ଲାଗି ନିରଞ୍ଜନ ପଟ୍ଟନାୟକ ଜୋର୍‌ଦାର ପ୍ରୟାସ ଚଳାଇଥିବା ଶୁଣିବାକୁ ମିଳୁଛି। କେତେଜଣ ନେତାଙ୍କ କହିବା ହେଲା, ଦଳରେ ବର୍ତ୍ତମାନ ପିସିସି ପରିବର୍ତ୍ତନ ହେବ ବୋଲି ଯେଉଁମାନେ କହୁଛନ୍ତି ସେମାନଙ୍କୁ ମୁହଁ ବନ୍ଦ କରିବା ଲାଗି ଅନୁରୋଧ ପ୍ରକ୍ରିୟା ଆରମ୍ଭ ହୋଇଛି। ଅନ୍ୟପଟେ ମଙ୍ଗଳବାର ରାଜ୍ୟ ସଭାର ପୂର୍ବତନ ସଦସ୍ୟ ରଞ୍ଜୀବ ବିଶ୍ୱାଳ କହିଛନ୍ତି, ବାରମ୍ବାର ଓଡ଼ିଶାରେ ପିସିସି ପରିବର୍ତ୍ତନ ନେଇ ଗଣମାଧ୍ୟମରେ ଯେଉଁ ଚର୍ଚ୍ଚା କରାଯାଉଛି ତାହା ଭିତ୍ତିହୀନ। କିଛିଦିନ ତଳେ ଗୁଜରାଟ କଂଗ୍ରେସର ନୂତନ କାର୍ଯ୍ୟକାରୀ ସଭାପତି ନିଯୁକ୍ତ ହୋଇଛନ୍ତି। ଓଡ଼ିଶାରେ ସେପରି କିଛି ପରିବର୍ତ୍ତନ ନେଇ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ପକ୍ଷରୁ ସୂଚନା ନାହିଁ। ପିସିସି ସଭାପତି ଦୌଡ଼ରେ ସେ ନାହାନ୍ତି, ଏହା କାଳ୍ପନିକ କଥା। ଆଲୋଚନା ହେଉଥିବା ବ୍ୟକ୍ତିଙ୍କ ମଧ୍ୟରୁ କେହି ସଭାପତି ପାଇଁ ଲବି କରୁନାହାନ୍ତି କି ଦିଲ୍ଲୀରେ ଡେରା ପକାଉନାହାନ୍ତି। ନିରଞ୍ଜନ ଆଗକୁ ଏହି ପଦରେ ରହିବେ ବୋଲି ସେ କହିଛନ୍ତି।

# ବର୍ଷେ ଯାଏ ଆଇନଜୀବୀଙ୍କୁ ମିଳୁ ମାସିକ ୨୫ ହଜାର

## ସହାୟତା ପାଇଁ ହାଇକୋର୍ଟରେ ମାମଲା

**କଟକ ଅଫିସ,୧୫।୭**

କରୋନା ଯୋଗୁ ଗତ ମାର୍ଚ୍ଚ ୨୨ତାରିଖ ପରଠୁ କୋର୍ଟଗୁଡ଼ିକର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଫଳରେ ଆଇନ୍‌ଜୀବୀମାନେ ରୋଜଗାର ହରାଇଛନ୍ତି। ଏଣୁ ଆସନ୍ତା ଏକ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ଆଇନ୍‌ଜୀବୀଙ୍କୁ ମାସିକ ୨୫ ହଜାର ଟଙ୍କା ଲେଖାଏ ସହାୟତା ରାଶି ସରକାର ଦିଅନ୍ତୁ ବୋଲି ଆବେଦନ କରାଯାଇ ହାଇକୋର୍ଟରେ ବୁଧବାର ଏକ ମାମଲା ରୁଜୁ ହୋଇଛି। ରାଜ୍ୟ ସରକାରଙ୍କୁ ଏ ନେଇ ନିର୍ଦ୍ଦେଶ ଦେବା ପାଇଁ ଆବେଦନରେ ପ୍ରାର୍ଥନା କରାଯାଇଛି। କ୍ରିମିନାଲ କୋର୍ଟସ ବାର୍ ଆସୋସିଏସନ୍ ପୂର୍ବତନ ସଭାପତି ଆଇନଜୀବୀ ଅକ୍ଷୟ କୁମାର ପତିଙ୍କ ପକ୍ଷରୁ ଏହି ମାମଲା ରୁଜୁ ହୋଇଛି। ଆବେଦନକାରୀ ଉଲ୍ଲେଖ କରିଛନ୍ତି ଯେ, ନିମ୍ନ ଅଦାଲତଠାରୁ ଆରମ୍ଭ କରି ହାଇକୋର୍ଟ ଏବଂ ବିଭିନ୍ନ ଟ୍ରିବ୍ୟୁନାଲ୍‌ରେ ରାଜ୍ୟବ୍ୟାପୀ ପ୍ରାୟ ୫୦ ହଜାର ଆଇନଜୀବୀ କାର୍ଯ୍ୟ କରୁଛନ୍ତି। କୋର୍ଟ କାର୍ଯ୍ୟ ସ୍ୱାଭାବିକ ଥିବାବେଳେ ମାମଲା ପରିଚାଳନାରୁ ଯାହା ଆୟ କରୁଥିଲେ, ସେଥିରେ ପରିବାର ଚଳାଉଥିଲେ। ତେବେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲକ୍‌ଡାଉନ୍ ଏବଂ ଶଟ୍‌ଡାଉନ୍ ଜାରି ପରେ କୋର୍ଟ କାର୍ଯ୍ୟ ଠପ୍ ହୋଇପଡ଼ିଛି। କେବଳ ଜରୁରୀ ମାମଲାର ଶୁଣାଣି କରାଯାଉଛି। ସ୍ୱଳ୍ପ ସଂଖ୍ୟକ ଆଇନଜୀବୀ ମାମଲା ପରିଚାଳନା କରୁଥିବାବେଳେ ଅଧିକାଂଶ କାମ ନ ପାଇ ବସି ରହିଛନ୍ତି। ଅପରପକ୍ଷେ କୋର୍ଟ ଫି, ଷ୍ଟାମ୍ପ ଫି ଆଦି ଜରିଆରେ ସରକାର ରାଜସ୍ୱ ପାଉଛନ୍ତି। ପ୍ରତିବଦଳରେ ଆଇନଜୀବୀଙ୍କୁ ସହାୟତା ପ୍ରଦାନ ଦିଗରେ କୌଣସି ପଦକ୍ଷେପ ନେଇନାହାନ୍ତି। ଏଣୁ ଆସନ୍ତା ଏକବର୍ଷ କିମ୍ବା କରୋନା ପ୍ରଭାବ ଲାଗି ରହିବା ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ଆଇନଜୀବୀଙ୍କୁ ମାସିକ ୨୫ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଉ। ଏ ନେଇ ସର୍ବଭାରତୀୟ ସ୍ତରରେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା ପାଇଁ ନିବେଦନ କରାଯାଇଛି। ମାମଲାରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଧନ ସ୍ଥାନରେ ଶୁକ୍ର ଓ ଚନ୍ଦ୍ରଙ୍କ ସ୍ଥିତିରୁ ଅର୍ଥ ପାଇବେ ଏବଂ ବନ୍ଧୁଗହଣରେ ସୁସ୍ୱାଦୁଭୋଜ ମିଳିବ। କିନ୍ତୁ ଭାଇ, ବନ୍ଧୁ, କୁଟୁମ୍ବ,ପଡ଼ୋଶୀ,ସହକର୍ମୀ,ପରିବାର ଓ କର୍ମକ୍ଷେତ୍ର ପ୍ରତି ଅନୁକୂଳ ଫଳ ମିଳିବ ନାହିଁ। ପ୍ରାଥମିକ ସ୍ତରରେ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ବୃଷ**
ଉଚ୍ଚାଂଶରେ ଚନ୍ଦ୍ରଙ୍କ ଯୋଗୁ ଉଚ୍ଚସ୍ତରର ବନ୍ଧୁଙ୍କ ଦେଖା ମିଳିବ, କିଛି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବେ। କିଛି ଲୋକ ମଧ୍ୟ ଈର୍ଷା,ଅସୂୟାର ବଶବର୍ତ୍ତୀ ହୋଇ ପରୋକ୍ଷ ସମାଲୋଚନାରୁ ମଧ୍ୟ କ୍ଷାନ୍ତ ହେବେ ନାହିଁ। ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଦେହରେ ବସା ବାନ୍ଧି ରହିଥିବା ପୁରୁଣା ରୋଗ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି ।

**ମିଥୁନ**
ରାଶିରେ ପାପଗ୍ରହ ଓ ଦ୍ୱାଦଶସ୍ଥ ଶୁକ୍ରଙ୍କ ଯୋଗୁ ମନରାଇଜକୁ ବହୁତ କଥା ପଶି ଆସିବ କିନ୍ତୁ କିଛିବି କରିପାରିବେ ନାହିଁ। ଆବଶ୍ୟକ ସମୟରେ ବାହାର ଜାଗାରେ ନିଜର ନିକଟତମ ବ୍ୟକ୍ତିଙ୍କ ସାହାଯ୍ୟ ପାଇବେ ନାହିଁ। ଶତ୍ରୁତା କରୁଥିବା ବ୍ୟକ୍ତି ଦୂରେଇ ରହିବେ ଓ ବନ୍ଧୁତା ରହିଥିବା ବ୍ୟକ୍ତି ପ୍ରତ୍ୟେକ କାମ କରାଇନେବେ।

**କର୍କଟ**
ବ୍ୟୟଭାବସ୍ଥ ଗ୍ରହ ପ୍ରଭାବରୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ପାଇବା ସାଙ୍ଗକୁ ମାନସିକ ସନ୍ତୁଳନ ମଧ୍ୟ ହରାଇବେ। କୌଣସି ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ କଷ୍ଟ ତୀବ୍ରତର ହେବ। ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ପୁଷ୍ୟା ନକ୍ଷତ୍ରର କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ।

**ସିଂହ**
ଆପଣଙ୍କ ଚିନ୍ତାଧାରା ଭଲ ହେଲେ ମଧ୍ୟ ପାରିପାର୍ଶ୍ୱିକ ପରିସ୍ଥିତି ଓଲଟା ରହିବା ହେତୁ ଯାହା ଭାବୁଥିବେ ତାହା କରିପାରିବେ ନାହିଁ। ବୃହସ୍ପତି ପାପଗ୍ରହ କେତୁ ଯୁକ୍ତ କାରଣରୁ ଯାହାକୁ କିଛି କହିବେ ସେହି ବ୍ୟକ୍ତି ବାହାନା ଦେଖାଇ ଯିବା ପାଇଁ ବାଟ ଖୋଜିବ। ବିଭିନ୍ନ ସମସ୍ୟା ରହିବ ଅବଶ୍ୟ ଦିନ ଗୋଟାଏ ପରେ ସବୁ କିଛି ବଦଳିଯିବ।

**କନ୍ୟା**
ମାନସିକ ସ୍ତରରେ ଅସ୍ଥିରତା ଅନୁଭବ କଲେ ମଧ୍ୟ କାମଗୁଡ଼ିକ ସାମାନ୍ୟ ବ୍ୟତିକ୍ରମ ଭିତରେ ହିଁ ସମ୍ପନ୍ନ ହେବ। ହସ୍ତା ନକ୍ଷତ୍ର ଦୃଢ଼ ପଦକ୍ଷେପ ନେଇ ସ୍ଥଗିତ କାମକୁ ସମ୍ପନ୍ନ କରିବାରେ ସମର୍ଥ ହେବେ। ଅଫିସରେ କୌଣସି ଖୋଜୁଥିବା ଅତ୍ୟାବଶ୍ୟକ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ତୁଳା**
ଉଚ୍ଚସ୍ଥ କର୍ମାଧିପ ଅଷ୍ଟମସ୍ଥ ହେତୁ ସାମାନ୍ୟ ବ୍ୟତିକ୍ରମ ଦେଖାଦେଲେ ମଧ୍ୟ ଆଜି ଆପଣଙ୍କର କୌଣସି ପ୍ରକାର ଅସୁବିଧା ହେବ ନାହିଁ। ଦୀର୍ଘ ଦିନରୁ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଆପଣାଛାଏଁ ସମାଧାନ ହୋଇଯିବ। ସୁବିଧା,ସୁଯୋଗ ବିଭିନ୍ନ ଦିଗରୁ ଆସି ଜୁଟିବ, ଆବଶ୍ୟକତା ମଧ୍ୟ ପୂରଣ ହୋଇପାରିବ ।

**ବିଛା**
ଅପୂରଣୀୟ ଆଶାଜନିତ ମନ ଠିକ୍ ନ ରହିବା କାରଣରୁ କୌଣସି କଥାକୁ ଠିକ୍ ଭାବେ ଶୁଣିବେ ନାହିଁ କିମ୍ବା ବୁଝିବେ ନାହିଁ। କର୍ମକ୍ଷେତ୍ରରେ ବିଚାରଧାରା ଭିନ୍ନ ହେବା କାରଣରୁ କାର୍ଯ୍ୟପଦ୍ଧତି ମଧ୍ୟ ବିଶୃଙ୍ଖଳିତ ରହିବ। ଆକସ୍ମିକ ଭାବରେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ,କିନ୍ତୁ ବିଶେଷ କିଛି ଅସୁବିଧା ହେବନାହିଁ ।

**ଧନୁ**
ସ୍ୱଗୃହୀ ଗୁରୁ ଯୋଗୁ ସ୍ୱାସ୍ଥ୍ୟ ଭଲ ରହିବା ସାଙ୍ଗକୁ ନୂତନ ଯୋଜନାକୁ ସାକାର କରିବାକୁ ଚେଷ୍ଟା କରିବେ। ସପ୍ତମସ୍ଥ ଗ୍ରହ ପ୍ରଭାବରୁ ପ୍ରବଳ ବିରୁଦ୍ଧାତ୍ମକ ପରିବେଶରେ ମଧ୍ୟ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ମକର**
ଆଜି କୌଣସି ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହି ପାରିବେ ନାହିଁ। ଅସାବଧାନତାବଶତଃ କୌଣସି ଜିନିଷ ହଜିଯିବ କିନ୍ତୁ ଅଳ୍ପ ସମୟ ପରେ ମଧ୍ୟ ପାଇଯିବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ କିନ୍ତୁ ମନର ରାଗ ଭିତରେ ଭିତରେ କୁହୁଳି ଉଠିବ । ବନ୍ଧୁଙ୍କ ରାଗରୁଷା,ସ୍ତ୍ରୀଙ୍କ ମୁହଁଫୁଲାକୁ ନେଇ ବ୍ୟସ୍ତ ରହିପାରନ୍ତି।

**କୁମ୍ଭ**
କର୍ମକ୍ଷେତ୍ରରେ ଅସାବଧାନତା ଓ ଅନ୍ୟମନସ୍କତା ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଶତଭିଷା ନକ୍ଷତ୍ର ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ଓ ସହଯୋଗ ପାଇ କାର୍ଯ୍ୟ ହାସଲ କରିବେ। ଜମିଜମା,କଳକାରଖାନା,ହୋଟେଲ ଶିଳ୍ପ, ମନୋରଞ୍ଜନ, ଯାତ୍ରା ଓ ଭ୍ରମଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ।

**ମୀନ**
ପାରିବାରିକ ଓ ଲୋକ ସମର୍ଥନ ଆପଣଙ୍କ ପଛରେ ରହିଥିବା କାରଣରୁ ଯାହାକି ଆପଣଙ୍କୁ ସମସ୍ୟା ମୁକ୍ତ କରାଇବାରେ ସହାୟକ ହେବେ। ଏକାଦଶସ୍ଥ ଶନି ହେତୁ ଆକସ୍ମିକ ଭାବରେ ଜଣେ ନୀଚଜାତିର ବ୍ୟକ୍ତିଙ୍କ ଅବଦାନ ଭୁଲିପାରିବେ ନାହିଁ। ନିଜର ଆତ୍ମୀୟ ତଥା ସମଶ୍ରେଣୀୟ ବ୍ୟକ୍ତିମାନଙ୍କ ଈର୍ଷାର ପାତ୍ର ହେବାକୁ ପଡ଼ିପାରେ।

ଆଜି ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି,ଶ୍ରାବଣ କୃଷ୍ଣପକ୍ଷର ସର୍ବସମ୍ମତ କାମିକା ଏକାଦଶୀ, ଗୁରୁବାର,ଶ୍ରୀମନ୍ଦିରରେ ଚକ୍ରବୁଲା ଏକାଦଶୀ,ଆୟୁଧଭ୍ରମଣୀ, ଚାତୁର୍ମାସ୍ୟା ଗୁରୁବାର ବ୍ରତ,ଜୁଲାଇ ୧୬ ତାରିଖ,ବିଶ୍ୱ ସର୍ପଦିବସ,ରାଶି ନକ୍ଷତ୍ର-କୃତ୍ତିକା/ବୃଷ,ବିଛା ରାଶିର ଘାତଚନ୍ଦ୍ର,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ ଦିବା ଘ.୦୫।୨୧ ଗତେ ୦୭।୦୫ ମଧ୍ୟେ, ଘ.୧୦।୩୫ ଗତେ ଘ.୦୧।୧୧ ମଧ୍ୟେ ମାହେନ୍ଦ୍ର ବେଳା। ରାତ୍ର ଘ.୦୨।୨୬ ଗତେ ଘ.୦୩।୦୯ ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୧।୩୧ ଗତେ ଘ.୦୩।୦୯ ମଧ୍ୟେ ରାହୁକାଳ।


## classifieds

Everyday
0674-2580101, 2549302




Ayurvedic full body massage ladies and gents, Contact: 9861064981. D-69523

Newly open full body massage SPA in Bhubaneswar. Contact: 7205058838. D-69703

Herbal full body massage by smart / expert therapist. Contact: 8338067247. D-69702

Relaxing body massage by trained Ladies/ Gents therapist, 7008773793. D-60884

Newly open full body massage by Ladies/ Gents therapist, 8018656899. D-60883

Get refreshment body massage by expert therapist contact for. 9556978408. D-69705

Rejuvenate and Ayurvedic full body massage by smart therapist. 9114402304. D-69706

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### AFFIDAVIT

By virtue of an affidavit sworn before the Notary, Sonepur I, RFN (GD) Phakira Mohan Sahu (15th Assam Rifles service No. G/154277F) have changed my wife's name from Sanjukta Sahu to Sanjukta Patra and DOB- 18.10.1981 to 10.06.1979. My father Bairagi Charan Sahu's DOB- 17.11.1941 to 27.11.1945 and my mother Kamalini Sahu's DOB- 15.08.1947 to 07.08.1950. D-69803

## କରୋନାରୁ ସୁସ୍ଥ ହେଲେ ନୀଳଗିରି ବିଧାୟକ

ସଜନାଗଡ,(ଡି.ଏନ୍.ଏ.): ବାଲେଶ୍ୱର ଜିଲା ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ କରୋନାରୁ ସୁସ୍ଥ ହୋଇ ବୁଧବାର ଘରକୁ ଫେରିଛନ୍ତି। ସଂକ୍ରମିତ ହେବାପରେ ଗତ ୬ ତାରିଖରେ ବାଲେଶ୍ୱର କୋଭିଡ୍ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ତାଙ୍କ ସୁସ୍ଥ ହେବା ଖବର ନୀଳଗିରିବାସୀଙ୍କୁ ଆଶ୍ୱସ୍ତ କରିଛି। ତେବେ କୋଭିଡ୍-୧୯ର କଟକଣା ମାନି ନୀଳଗିରିବାସୀଙ୍କ ପାଇଁ କାମକରି ଚାଲିବି ବୋଲି ଘରକୁ ଫେରିବା ପରେ ସେ କହିଛନ୍ତି।

## ସଂକ୍ଷେପରେ

### ବଦଳିଲେ ୬ ଜିଲାର ଆଡ୍‌ମିନିଷ୍ଟ୍ରେଟିଭ୍ ଜଜ୍

**କଟକ ଅଫିସ,୧୫।୭:** ବିଚାର ବିଭାଗରେ କ୍ଷମତାର ବିକେନ୍ଦ୍ରୀକରଣ ଦିଗରେ ପଦକ୍ଷେପ ସ୍ୱରୂପ ହାଇକୋର୍ଟ ବିଚାରପତିମାନଙ୍କୁ ବିଭିନ୍ନ ଜିଲାର ଦାୟିତ୍ୱ ଦିଆଯାଇଛି। ଗତ ମେ' ୧୧ ତାରିଖରେ ବିଚାରପତିମାନଙ୍କୁ ଜିଲା ଦାୟିତ୍ୱ ପ୍ରଦାନ କରାଯାଇଥିଲା। ତେବେ ଏଥିରେ କିଛି ପରିବର୍ତ୍ତନ କରାଯାଇଛି। ୬ଟି ଜିଲା ଦାୟିତ୍ୱରେ ଥିବା ୩ଜଣ ବିଚାରପତିଙ୍କୁ ବଦଳାଯାଇଛି। ଜଷ୍ଟିସ୍ ଏସ୍.କେ. ମିଶ୍ରଙ୍କୁ ଖୋର୍ଦ୍ଧା ଏବଂ ସୋନପୁର ଜିଲା ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କୁ ପୁରୀ ଓ ଢେଙ୍କାନାଳ ଏବଂ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ଦେବଗଡ଼ ଓ ବୌଦ୍ଧ ଜିଲାର ଦାୟିତ୍ୱ ଦିଆଯାଇଛି। ଏହି ବିଚାରପତିମାନେ ସମ୍ପୃକ୍ତ ଜିଲାଗୁଡ଼ିକରେ ବିଭିନ୍ନ ମାମଲା ତଦନ୍ତର ଅଗ୍ରଗତି, ଶୁଣାଣିରେ ସମସ୍ୟା, ତଦନ୍ତରେ ବିଳମ୍ବ ସହ ଅନ୍ୟାନ୍ୟ ବିଷୟର ନିୟମିତ ସମୀକ୍ଷା କରିବେ।

### କରୋନାରେ ମୁଖ୍ୟ କିରାଣିଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୧୫।୭-ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) କାର୍ଯ୍ୟାଳୟର ମୁଖ୍ୟ କିରାଣିଙ୍କ ମୃତ୍ୟୁ ଘଟିଛି। ସେ କରୋନାରେ ଆକ୍ରାନ୍ତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ବୁଧବାର ସକାଳେ ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରଠୋର ସୂଚନା ଦେଇଛନ୍ତି। ବିଏମ୍‌ସି କାର୍ଯ୍ୟାଳୟର ଆଉ କେତେଜଣ କର୍ମଚାରୀ ମଧ କରୋନା ପଜିଟିଭ ଚିହ୍ନଟ ହୋଇଥିବା କମିଶନର କହିଛନ୍ତି।

**ବିଏମ୍‌ସି କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ, କୋଭିଡ୍ ପରିଚାଳନା ଛଡ଼ା ସବୁ ବିଭାଗ ବନ୍ଦ**

ସଂକ୍ରମଣ ପ୍ରତିହତ କରିବା ନିମନ୍ତେ ବୁଧବାରଠାରୁ ୧୪ ଦିନ ପର୍ଯ୍ୟନ୍ତ କେବଳ ସ୍ୱାସ୍ଥ୍ୟ ଓ କୋଭିଡ୍ ପରିଚାଳନା ବିଭାଗ ବ୍ୟତୀତ କାର୍ଯ୍ୟାଳୟର ଅନ୍ୟ ସମସ୍ତ ବିଭାଗକୁ ବନ୍ଦ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

### ଔଷଧ ବାଣ୍ଟିବା ବେଳେ ଆଶାକର୍ମୀଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ,୧୫।୭:** ଖୋର୍ଦ୍ଧା ବ୍ଲକ ଓରବରସିଂ ପଞ୍ଚାୟତର ଢିହଖଲା ଗ୍ରାମରେ ବୁଧବାର ଔଷଧ ବାଣ୍ଟୁଥିବା ବେଳେ ଜଣେ ଆଶାକର୍ମୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦୁର୍ଗାପୁର ଗ୍ରାମର ପୂର୍ଣ୍ଣମାସୀ ବଲିଆରସିଂ। ପ୍ରକାଶ ଯେ, ଏହି ପଞ୍ଚାୟତର ଦୁର୍ଗାପୁର, ବିରିମୂଳ ଓ ଢିହଖଲା ଗ୍ରାମରେ ସରକାରୀ ଔଷଧ ବିତରଣ ଲାଗି ପୂର୍ଣ୍ଣମାସୀ ଦାୟିତ୍ୱରେ ଥିଲେ। ଏହାସହ କୋଭିଡ୍ ନିୟନ୍ତ୍ରଣ ଲାଗି ଗ୍ରାମରେ ବୁଲି ଲୋକମାନଙ୍କୁ ସଚେତନ କରୁଥିଲେ। ବୁଧବାର ପୂର୍ବାହ୍ନରେ ସେ ଢିହଖଲା ଗ୍ରାମରେ ଔଷଧ ବାଣ୍ଟୁଥିବା ବେଳେ ହଠାତ୍ ତଳେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ଣ୍ଣମାସୀଙ୍କ ସ୍ୱାମୀ ବେଣୁଧରଙ୍କ ଅଭିଯୋଗକ୍ରମେ ଆର୍ଦ୍ଦଶ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୂର୍ଣ୍ଣମାସୀଙ୍କ କୋଭିଡ୍ ଟେଷ୍ଟ କରାଯିବ ବୋଲି ଜିଲା ଚିକିତ୍ସାଳୟର ଅଧୀକ୍ଷକ ଡା. ରଘୁନାଥ ନାୟକ କହିଛନ୍ତି।

### କ୍ଲିନିକ୍ ସିଲ୍, ଡାକ୍ତର ଗିରଫ

**ଶେରଗଡ଼,୧୫।୭(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଶେରଗଡ଼ ରମୁଣି ସାହିରେ କୋଭିଡ୍ କଟକଣା ନ ମାନି କ୍ଲିନିକ୍ ଖୋଲିବା ଜଣେ ଡାକ୍ତରଙ୍କୁ ମହଙ୍ଗା ପଡିଛି। ସମ୍ପୃକ୍ତ କ୍ଲିନିକ୍‌କୁ ସିଲ୍ କରାଯାଇଥିବା ବେଳେ ଡାକ୍ତରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଗିରଫ ଡାକ୍ତର ହେଲେ ସୁନୀଲ କୁମାର ସାହୁ। ଶେରଗଡ଼ ରମୁଣି ସାହିରେ ଥିବା ପଞ୍ଚାନନ କ୍ଲିନକକୁ ଆସିଥିବା ରୋଗୀମାନେ କୋଭିଡ୍ କଟକଣା ନ ମାନି ଭିଡ ଜମାଇଥିଲେ। ସେଠାରେ ଅଧିକାଂଶ ମାସ୍କ ପିନ୍ଧି ନ ଥିଲେ। କ୍ଲିନିକ୍‌ରେ ଗହଳି ଜମିଥିବା ଖବରପାଇ ଶେରଗଡ ତହସିଲଦାର ଡ. ଦୟାସିନ୍ଧୁ ପରିଡା, ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ସେଠାରେ ପହଞ୍ଚିଥିଲେ। କୋଭିଡ୍ ନିୟମ ଉଲ୍ଲଂଘନ ହେଉଥିବା ଦେଖି କ୍ଲିନକକୁ ସିଲ୍ କରିବା ସହ ଡାକ୍ତରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଶେରଗଡ ଥାନାରେ ନଂ.୭୨/୨୦ରେ ଏକ ମାମଲା ରୁଜୁ ହୋଇଛି।

# ନିଯୁକ୍ତି ପାଇବେ ୭ହଜାର ସ୍ୱାସ୍ଥ୍ୟକର୍ମୀ

ଭୁବନେଶ୍ୱର, ୧୫।୭(ବ୍ୟୁରୋ)

**କରୋନା ମୁକାବିଲା**
- ପଞ୍ଚାୟତ କୋଭିଡ୍ କେୟାର ହୋମ୍‌ରେ ନିୟୋଜିତ ହେବେ
- ଏଏନ୍ଏମ୍ ନ ମିଳିଲେ ଷ୍ଟାଫନର୍ସ କିମ୍ବା ଫାର୍ମାସିଷ୍ଟଙ୍କୁ ନିଯୁକ୍ତି ଦିଆଯିବ

କରୋନା ମୁକାବିଲା ପାଇଁ ପ୍ରତି ପଞ୍ଚାୟତର କୋଭିଡ୍ କେୟାର ହୋମ୍‌ରେ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ହେବେ। ରାଜ୍ୟ ସରକାର ୬୭୯୮ ଗ୍ରାମ ପଞ୍ଚାୟତରେ ୭ହଜାର ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ଦେବେ। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢୁଥିବାରୁ ରାଜ୍ୟ ସରକାର ପ୍ରତି ପଞ୍ଚାୟତରେ କୋଭିଡ୍ କେୟାର ହୋମ୍ ବା କୋଭିଡ୍ ଗୃହ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ତେବେ ଏହାର ସୁପରିଚାଳନା ପାଇଁ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କର ଆବଶ୍ୟକତା ପଡୁଛି। ତେଣୁ କୋଭିଡ୍ କେୟାର ହୋମ୍‌ଗୁଡ଼ିକରେ ୭ହଜାର ତାଲିମପ୍ରାପ୍ତ କର୍ମଚାରୀଙ୍କୁ ସାମୟିକ ଭାବେ ନିଯୁକ୍ତି ଦେବାକୁ ସ୍ଥିର ହୋଇଛି। କର୍ମନିଯୁକ୍ତି ପାଇ ନ ଥିବା ପଞ୍ଜୀକୃତ ଏଏନ୍ଏମ୍‌ମାନଙ୍କୁ କୋଭିଡ୍ ହୋମ୍‌ର ପରିଚାଳନା ପାଇଁ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯିବ। ଏମାନଙ୍କୁ ଦୈନିକ ୮୫୦ ଟଙ୍କା ପାରିଶ୍ରମିକ ମିଳିବ ଏବଂ ପ୍ରତି ପଞ୍ଚାୟତରେ ଅତି କମ୍‌ରେ ଜଣେ ଏଏନ୍ଏମ୍‌ଙ୍କୁ କୋଭିଡ୍ କେୟାର ହୋମ୍ ଦାୟିତ୍ୱରେ ରଖାଯିବ। ଯଦି ଏହି ବର୍ଗରେ କୌଣସି ଲୋକ ନ ମିଳିଲେ ତେବେ ପଞ୍ଜୀକୃତ ହୋଇଥିବା ଷ୍ଟାଫ୍‌ନର୍ସ କିମ୍ବା ଫାର୍ମାସିଷ୍ଟଙ୍କୁ ଏଏନ୍ଏମ୍‌ଙ୍କ ସ୍ଥାନରେ ନିଯୁକ୍ତି ଦିଆଯିବ। ସେମାନଙ୍କୁ ଦୈନିକ ୧୦୦୦ ଟଙ୍କା ପାରିଶ୍ରମିକ ମିଳିବ। ଏହି ନିଯୁକ୍ତି ସମ୍ପୂର୍ଣ୍ଣ ଭାବେ ସାମୟିକ ଏବଂ କୋଭିଡ୍ କେୟାର ହୋମ୍ ପରିଚାଳନା ଲାଗି ୩ମାସ ପାଇଁ ଉଦ୍ଦିଷ୍ଟ ବୋଲି ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ମାନେ ସେମାନଙ୍କ ଅଞ୍ଚଳରେ ଥିବା କୋଭିଡ୍ କେୟାର ହୋମ୍ ସଂଖ୍ୟାକୁ ଦେଖି ବିଜ୍ଞାପନ ଦେବା ସହିତ ସ୍ୱଚ୍ଛ ଉପାୟରେ ସାକ୍ଷାତ୍‌କାର ନେଇ ଏହି ନିଯୁକ୍ତି ପ୍ରଦାନ କରିବେ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ଥଣ୍ଡା, ଜ୍ୱର ଓ କାଶ ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ସିଧାସଳଖ ହସ୍ପିଟାଲ ନିଆ ନ ଯାଇ ପ୍ରଥମେ କୋଭିଡ୍ କେୟାର ହୋମ୍‌ରେ ରଖାଯିବ। ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିବା ପରେ ସେମାନଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯିବ। କୋଭିଡ୍ ପରିଚାଳନା କମିଟିରେ ୱାର୍ଡସ୍ତରୀୟ ଲୋକ ପ୍ରତିନିଧିଙ୍କ ସମେତ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଏଏନ୍ଏମ୍ ଓ ଏସ୍ଏଚ୍‌ଜିର ମାଆମାନେ ସଦସ୍ୟ ରହିବେ। ଏହି କମିଟିକୁ ମହାମାରୀ ରୋଗ ନିୟନ୍ତ୍ରଣ ଆଇନ ଅନୁଯାୟୀ ସ୍ୱତନ୍ତ୍ର କ୍ଷମତା ଦିଆଯିବ। ବର୍ତ୍ତମାନର ଗାଁ କଲ୍ୟାଣ ସମିତି ଏହି କୋଭିଡ୍ ପରିଚାଳନା କମିଟିର ଦାୟିତ୍ୱ ନିର୍ବାହ କରିବେ। ପ୍ରତି କମିଟିକୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାର କ୍ଷମତା ଦିଆଯିବ। କୋଭିଡ୍ କେୟାର ହୋମ୍ ଓ ଟିଏମ୍‌ସିର ଦାୟିତ୍ୱ ପୂର୍ବଭଳି ସରପଞ୍ଚଙ୍କ ଉପରେ ନ୍ୟସ୍ତ ରହିବ। ଏଥିପାଇଁ ତାଙ୍କୁ ଆର୍ଥିକ ଓ ପ୍ରଶାସନିକ କ୍ଷମତା ମିଳିବ।


ଭୁବନେଶ୍ୱର ରେଲଷ୍ଟେଶନ ନିକଟରେ ବୁଧବାର ଯାତ୍ରୀମାନେ ସାମାଜିକ ଦୂରତ୍ୱ ପାଳନ କିମ୍ବା ମାସ୍କ ପରିଧାନ ନ କରି ଏକତ୍ରିତ ହୋଇ ଟ୍ରେନ୍‌କୁ ଅପେକ୍ଷା କରିଛନ୍ତି।

## ଗଞ୍ଜାମର ୯ ସହର ପୁଣି ଶଟ୍‌ଡାଉନ


ଛତ୍ରପୁର ପ୍ରବେଶ ପଥକୁ ସିଲ୍ କରାଯାଇଛି।

ଛତ୍ରପୁର,୧୫।୭(ଡି.ଏନ୍.ଏ.)

**୬ ଦିନ କେବଳ ମେଡିକାଲ, ଫାୟାର, ପରିମଳ କାର୍ଯ୍ୟକୁ ଅନୁମତି**

ଗଞ୍ଜାମ ଜିଲା ଛତ୍ରପୁର ସବ୍‌ଡିଭିଜନ ଅଧୀନ ସମସ୍ତ ୯ଟି ସହରକୁ ପୁଣି ଶଟ୍‌ଡାଉନ ଘୋଷଣା କରାଯାଇଛି। ଗୁରୁବାରଠାରୁ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଛତ୍ରପୁର, ରମ୍ଭା, ଖଲ୍ଲିକୋଟ, ପୋଲସରା, କୋଦଳା, କବିସୂର୍ଯ୍ୟନଗର ଓ ପୁରୁଷୋତ୍ତମପୁର ଏନ୍ଏସି ଶଟ୍‌ଡାଉନ ରହିବ। ହିଞ୍ଜିଳି ମ୍ୟୁନିସିପାଲିଟି ଓ ଗଞ୍ଜାମ ଏନ୍ଏସି ଗତ ମଙ୍ଗଳବାରଠାରୁ ଶଟ୍‌ଡାଉନ ଘୋଷଣା ହୋଇସାରିଛି। ଛତ୍ରପୁର ଉପଖଣ୍ଡର ଏସବୁ ସହରରେ କରୋନା ସଂକ୍ରମଣ ଚେନ୍ ଭାଙ୍ଗିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ବିପର୍ଯ୍ୟୟ ପରିଚାଳନା ଆକ୍ଟ ୨୦୦୫ ଓ ମହାମାରୀ ଆକ୍ଟ ୧୮୯୭ ଆଧାରରେ ନିଜ କ୍ଷମତା ପ୍ରୟୋଗ କରି ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ଉପଖଣ୍ଡ ଅଧୀନ ସମସ୍ତ ସହରକୁ ଶଟ୍‌ଡାଉନ କରିଛନ୍ତି। ୬ ଦିନିଆ ଏହି ଶଟ୍‌ଡାଉନ୍ ଅବଧିରେ କେବଳ ମେଡିକାଲ, ଫାୟାର, ଟେଲିକମ୍, ସାନିଟାଇଜେଶନ କାର୍ଯ୍ୟ ପାଇଁ ଅନୁମତି ମିଳିବ ବୋଲି ସେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜରୁରୀ ସ୍ୱାସ୍ଥ୍ୟଜନିତ କାର୍ଯ୍ୟ ପାଇଁ ଯିବାକୁ ହେଲେ ସ୍ଥାନୀୟ ତହସିଲଦାର ଓ ଥାନା ଅଧିକାରୀଙ୍କଠାରୁ ଅନୁମତି ନେବାକୁ ହେବ। ଶଟ୍‌ଡାଉନ୍‌ରେ ପ୍ରତି ଘରକୁ ଘର ଯାଇ ସ୍କ୍ରିନିଂ କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ଏନଏସି ନିର୍ବାହୀ ଅଧିକାରୀମାନଙ୍କୁ କୁହାଯାଇଛି। ଜନସାଧାରଣ ଘରେ ରହି ସହଯୋଗ କରନ୍ତୁ ବୋଲି ଡାକବାଜି ଯନ୍ତ୍ର ଜରିଆରେ ଏନଏସି ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

ସୂଚନାଯୋଗ୍ୟ, କରୋନା ସଂକ୍ରମଣ ଚେନ୍ ଭାଙ୍ଗିବା ପାଇଁ ଜିଲାର ସମସ୍ତ ସହରାଞ୍ଚଳ ଓ ୫ ବ୍ଲକ ହେଡକ୍ୱାର୍ଟର୍ସ ଗତ ୯ରୁ ୧୩ ତାରିଖ ପର୍ଯ୍ୟନ୍ତ ଶଟ୍‌ଡାଉନ ରହିଥିଲା। ମଙ୍ଗଳବାରଠାରୁ ୧୬ ତାରିଖ ପର୍ଯ୍ୟନ୍ତ କୋହଳ କରାଯାଇଥିଲା। ଜନସାଧାରଣ ବିଭିନ୍ନ ନିୟମ ପାଳନ କରୁଛନ୍ତି କି ନାହିଁ ମନିଟରିଂ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ହେଲେ ଛତ୍ରପୁର ଉପଖଣ୍ଡର ସହରାଞ୍ଚଳରେ ପଜିଟିଭ ସଂଖ୍ୟା ବଢ଼ିବା ଓ ଅନ୍ୟାନ୍ୟ କାରଣରୁ ଉପଜିଲାପାଳ ପୁଣି ଶଟ୍‌ଡାଉନ ନିଷ୍ପତ୍ତି ନେଇଛନ୍ତି।

## ଯୋଡ଼ି ହେଲା ମହିଳାଙ୍କ ୪ କଟା ଆଙ୍ଗୁଠି

କଟକ ଅଫିସ,୧୫।୭

ଯୋଡ଼ି ହେଲା ମହିଳାଙ୍କ ୪ କଟା ଆଙ୍ଗୁଠି। ଏଭଳି ବିରଳ ଅସ୍ତ୍ରୋପଚାର ଏସ୍‌ସିବିର ପ୍ଲାଷ୍ଟିକ ସର୍ଜରୀ ବିଭାଗ ଡାକ୍ତରମାନେ କରିଛନ୍ତି। ଫଳରେ ଅସ୍ତ୍ରୋପଚାରର ୧୧ ଦିନ ପରେ ସମ୍ପୃକ୍ତା ମହିଳାଙ୍କ ୪ କଟା ଆଙ୍ଗୁଠି କିଛି ଅଂଶରେ ପୁନଃ କାର୍ଯ୍ୟକ୍ଷମ ହେବାକୁ ସକ୍ଷମ ହେଲାଣି। ଏସ୍‌ସିବି ପ୍ଲାଷ୍ଟିକ ସର୍ଜରୀ ବିଭାଗର ପ୍ରଫେସର ଡା. ବିଭୁତି ଭୂଷଣ ନାୟକଙ୍କ ନେତୃତ୍ୱରେ ଡା. ରଶ୍ମିରଞ୍ଜନ ମହାନ୍ତି ଏବଂ ଡା. ପ୍ରଶାନ୍ତ କୁମାର ବଳ ପ୍ରାୟ ୧୧ ଘଣ୍ଟାର ଅସ୍ତ୍ରୋପଚାର କରି କଟା ଆଙ୍ଗୁଠିଗୁଡ଼ିକର ସଫଳ ପ୍ରତିରୋପଣ କରିଥିଲେ।

ସୂଚନା ଅନୁଯାୟୀ, ପିପିଲି ଅଞ୍ଚଳର ୪୮ବର୍ଷୀୟା ସୁଷମା ବଳଙ୍କର ଗତ ୪ ତାରିଖ ମଧ୍ୟାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ବାମହାତର କାଣି ଆଙ୍ଗୁଠି ବ୍ୟତୀତ ଅନ୍ୟ ସମସ୍ତ ଆଙ୍ଗୁଠି ସମ୍ପୂର୍ଣ୍ଣ ଭାବେ କଟିଯାଇଥିଲା। କଟା ଆଙ୍ଗୁଠିଗୁଡ଼ିକ ସହ ତାଙ୍କ ପରିବାର ଲୋକେ ଭୁବନେଶ୍ୱରର ଅନେକ ଘରୋଇ ହସ୍ପିଟାଲକୁ ଯାଇ ଯୋଗାଯୋଗ କରିଥିଲେ। କିନ୍ତୁ କୌଣସି ହସ୍ପିଟାଲ ଏଭଳି ଜଟିଳ ରୋଗୀଙ୍କ ଚିକିତ୍ସା କରିବାକୁ ରାଜି ନ ହେବାରୁ ଶେଷରେ ତାଙ୍କୁ ଅପରାହ୍ନ ୨.୩୦ରେ କଟକସ୍ଥ ଏସ୍‌ସିବି ମେଡିକାଲକୁ ଆଣିଥିଲେ। ଏଠାକାର ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ସେ ଏବେ ସୁସ୍ଥ ଅଛନ୍ତି। କଟିଯାଇଥିବା ଆଙ୍ଗୁଠିଗୁଡ଼ିକ ସାମାନ୍ୟ ଭଲ ହେବା ଆରମ୍ଭ କଲାଣି।


ସୁଷମା ବଳ

## ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧାଙ୍କୁ ହତ୍ୟା

କଳିଙ୍ଗନଗର, ୧୫।୭ (ଡି.ଏନ୍.ଏ.)

**କଟାମୁଣ୍ଡ ସହ ଯୁବକ ଅଟକ**

ଯାଜପୁର ଜିଲା ଯାଜପୁରରୋଡ ଥାନା ଦାନଗଦି ଫାଣ୍ଡି ଅଧୀନ ଛତରା ଗ୍ରାମରେ ବୁଧବାର ସନ୍ଧ୍ୟାରେ ଏକ ଲୋମହର୍ଷଣକାରୀ ଘଟଣା ଘଟିଛି। ଗୁଣିଗାରେଡ଼ି ସନ୍ଦେହରେ ଛତରା ଗ୍ରାମର ଯୁବକ କାର୍ତ୍ତିକ କେରେଇ(୨୪) ଏକ ଟାଙ୍ଗିଆରେ ସେହି ଗ୍ରାମର ଜଣେ ବୃଦ୍ଧା ନନ୍ଦିନୀ ପୂର୍ତ୍ତି (୬୦)ଙ୍କ ମୁଣ୍ଡ କାଟି ହତ୍ୟା କରିଛନ୍ତି। ଏହାପରେ କଟାମୁଣ୍ଡ ଧରି ରାସ୍ତାରେ ବୁଲୁଥିବା ସମୟରେ ଡୁବୁରୀ ନିକଟରୁ ଦାନଗଦି ଫାଣ୍ଡି ପୋଲିସ ତାଙ୍କୁ କାବୁ କରିଛି। ଏହି ଘଟଣା ଜିଲା ସାରା ଚହଳ ପକାଇଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ ଏ ନେଇ କୌଣସି ମାମଲା ରୁଜୁ ହୋଇନାହିଁ।

ପ୍ରକାଶ ଯେ, ନନ୍ଦିନୀ ଝଡ଼ାଫୁଙ୍କା ଜାଣିଥିବା ବେଳେ ଗୁଣିଗାରେଡ଼ି ଶିଖିଥିବା ଲୋକେ ସନ୍ଦେହ କରୁଥିଲେ। ସପ୍ତାହେ ତଳେ କାର୍ତ୍ତିକଙ୍କ ଏକ ଗାଈ ନନ୍ଦିନୀଙ୍କ ବାଡିରେ ପଶି ଯାଇଥିଲା। ଏ ନେଇ କାର୍ତ୍ତିକ ଓ ନନ୍ଦିନୀଙ୍କ ପରିବାର ଲୋକଙ୍କ ମଧ୍ୟରେ ବଚସା ହୋଇଥିଲା। କିଛିଦିନ ପରେ କାର୍ତ୍ତିକଙ୍କ ଦାଦାପୁଅ ସନାତନଙ୍କୁ ଜ୍ୱର ହୋଇଥିଲା। ଜ୍ୱର ଠିକ୍ କରିବାକୁ ପରିବାର ଲୋକେ ତାଙ୍କୁ ନନ୍ଦିନୀଙ୍କ ପାଖକୁ ନେଇଥିଲେ। ଏହି ସମୟରେ ସନାତନ ଆଉ ବଞ୍ଚିବେ ନାହିଁ ବୋଲି ନନ୍ଦିନୀ କହିଥିଲେ। ଏହାପରେ ପରିବାର ଲୋକେ ସନାତନଙ୍କୁ ଦାନଗଦି ଓ ଯାଜପୁର ସଦର ଡାକ୍ତରଖାନାକୁ ନେଇଯାଇଥିଲେ। ବୁଧବାର ଅପରାହ୍ନ ୪ଟା ସମୟରେ ସନାତନଙ୍କୁ ଘରକୁ ଫେରାଇ ଆଣୁଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। କାର୍ତ୍ତିକ ଏଥିରେ ପ୍ରତିଶୋଧପରାୟଣ ହୋଇ ନନ୍ଦିନୀଙ୍କୁ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଜଣାପଡ଼ିଛି। ଏ ନେଇ ଫାଣ୍ଡି ଅଧିକାରୀ ଗୋବର୍ଦ୍ଧନ ନାୟକ କହିଛନ୍ତି, ଅଭିଯୁକ୍ତ କାର୍ତ୍ତିକଙ୍କୁ ଅଟକ ରଖି ଅଧିକ ପଚରାଉଚୁରା ଚାଲିଛି।

## ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ଦାବିରେ ପଦଯାତ୍ରା କରୁଥିବା ସତ୍ୟବ୍ରତଙ୍କୁ ଆକ୍ରମଣ

**ଜୟପୁର ୧୫।୭(ନି.ପ୍ର.):** ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ଦାବିରେ ପଦଯାତ୍ରାରେ ବାହାରିଥିବା ସତ୍ୟବ୍ରତ ଦାସଙ୍କୁ ବୁଧବାର କୁନ୍ଦୁରାରୁ କୋଟପାଡ ଯାଉଥିବା ସମୟରେ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରିଛନ୍ତି। କେତେଜଣ ମୁଖାଧାରୀ ଦୁର୍ବୃତ୍ତ ହଠାତ୍ ତାଙ୍କୁ ଖଣ୍ଡା, କାତି ଓ ବନ୍ଧୁକରେ ଆକ୍ରମଣ କରିଥିବା ଜଣାପଡିଛି। ତାଙ୍କ ହାତଗୋଡ ବାନ୍ଧି ଅନ୍ୟ ସ୍ଥାନକୁ ଅପହରଣ କରିନେଇ ତାଙ୍କଠାରୁ ମୋବାଇଲ ଫୋନ ଓ ଟଙ୍କା ଲୁଟି ନେଇଥିଲେ। ପରେ ସେହି ରାସ୍ତାରେ ଆସୁଥିବା ଜଣେ ମେଡିକାଲ ରିପ୍ରେଜେଣ୍ଟେଟିଭଙ୍କୁ ତାଙ୍କ ପ୍ରତି ହୋଇଥିବା ଆକ୍ରମଣ ନେଇ ଜଣାଇଥିଲେ। ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକର ସିନ୍ଦଲା ବାସିନ୍ଦା ସତ୍ୟବ୍ରତ ୧୦।୭।୧୯ରୁ ଯାଜପୁର ଜିଲା ବଡ଼ଚଣାରୁ ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ଦାବିରେ ରାଷ୍ଟ୍ରପତିଙ୍କୁ ଭେଟି ଦାବିପତ୍ର ଦେବା ଲକ୍ଷ୍ୟରେ ଏହି ପଦଯାତ୍ରା ଆରମ୍ଭ କରିଛନ୍ତି। ଇତିମଧ୍ୟରେ ସେ ୨୦ ଜିଲାର ୨୧୩ଟି ବ୍ଲକରେ ପହଞ୍ଚି ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି।

## ଭିଜିଲାନ୍ସ ଜାଲରେ ୱେସ୍କୋ କନିଷ୍ଠ ଯନ୍ତ୍ରୀ

**ନୂଆପଡା ଅଫିସ,୧୫।୭:** ଜଣେ ଚାଷୀଙ୍କ ଉଠା ଜଳସେଚନ ପଏଣ୍ଟକୁ ନୂତନ ବିଦ୍ୟୁତ୍ ସଂଯୋଗ ଦେବା ସକାଶେ ୧୦ହଜାର ଟଙ୍କା ଲାଞ୍ଚ ନେଲାବେଳେ ନୂଆପଡା ସଦର ୱେସ୍କୋ କନିଷ୍ଠ ଯନ୍ତ୍ରୀ କିଶୋର ସାହୁ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସ୍ଥାନୀୟ ଝିଲିମିଲା ଗାଁର ଲାଲୁ ସାହୁଙ୍କ ଉଠା ଜଳସେଚନ ପଏଣ୍ଟକୁ ସଂଯୋଗ ଦେବା ପାଇଁ ସେ ଟଙ୍କା ଦାବି କରିଥିଲେ। ଏହାକୁ ନେଇ ଲାଲୁ ଭିଜିଲାନ୍ସ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ବୁଧବାର ଅପରାହ୍ନ ୧ଟା ବେଳେ ଲାଲୁ ଯନ୍ତ୍ରୀ ସାହୁଙ୍କ ଅଫିସକୁ ଯାଇ ତାଙ୍କୁ ୧୦ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ଡିଏସ୍‌ପି ସତ୍ୟବାନ ମହାନନ୍ଦଙ୍କ ନେତୃତ୍ୱରେ ସେଠାରେ ଭିଜିଲାନ୍ସ ଟିମ ତାଙ୍କୁ କାବୁ କରି ନେଇଥିଲେ।

## ୧୦ ଜୁଆଡ଼ି ଗିରଫ, ହୋଟେଲ୍ ସିଲ୍

ବଡ଼ବିଲ,୧୫।୭(ସ୍ୱ.ପ୍ର.)


ସିଲ୍ ହୋଇଥିବା ହୋଟେଲ୍

କେନ୍ଦୁଝର ଜିଲା ବଡ଼ବିଲ ମ୍ରିନାଲ କଲୋନୀସ୍ଥିତ ହୋଟେଲ ନୀଳକଣ୍ଠରେ ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ଚଢ଼ାଉ କରି ହୋଟେଲ ମାଲିକଙ୍କ ସମେତ ୧୦ ଜୁଆଡ଼ିଙ୍କୁ ଗିରଫ କରିଛି। ବେଆଇନ ଜୁଆଖେଳ ଓ କୋଭିଡ୍-୧୯ ନିୟମ ଉଲ୍ଲଂଘନ ଅଭିଯୋଗରେ ଉକ୍ତ ହୋଟେଲକୁ ସିଲ୍ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ହୋଟେଲ ମାଲିକ ମିରୁଦ୍ଦିନ ଶେଖର, ସୁନୀଲ ମହାନ୍ତ, ଆକାଶରାଜ କର୍ମକାର, ବିଜୟ ସ୍ୱାଇଁ, ମଙ୍ଗଳ ସାହୁ, ସଞ୍ଜୟ ଚୌଧୁରୀ, ଚକ୍ର ଗୋପ, କରଣ ସ୍ୱର୍ଣ୍ଣକାର, କିଶୋର ବାହାଦୁର ଏବଂ ଏମଡି ସିକନ୍ଦର। ସେମାନଙ୍କଠାରୁ ନଗଦ ୪୮ହଜାର ୯ଶହ ଟଙ୍କା, ୮ ମୋବାଇଲ୍ ଫୋନ୍ ଓ ୮ ସେଟ ତାସ ଜବତ ହୋଇଛି।

ସୂଚନା ଅନୁଯାୟୀ, କରୋନାର ଗୋଷ୍ଠୀ ସଂକ୍ରମଣ ବୃଦ୍ଧିକୁ ଆଖି ଆଗରେ ରଖି ବଡ଼ବିଲ୍ ପୋରାଞ୍ଚଳକୁ ସମ୍ପୂର୍ଣ୍ଣ ଶଟ୍‌ଡାଉନ ଘୋଷଣା କରାଯାଇଛି। ମାତ୍ର ପ୍ରଶାସନର କଟକଣା ନିୟମକୁ ଉଲ୍ଲଂଘନ କରିବା ସହ ବଡ଼ବିଲ ମ୍ରିନାଲ କଲୋନୀସ୍ଥିତ ହୋଟେଲ ନୀଳକଣ୍ଠରେ ଜୁଆଖେଳ ଚାଲିଥିଲା। ପୋଲିସ ସେଠାରେ ଚଢ଼ାଉ କରି ୧୦ ଜୁଆଡ଼ିଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କର କରୋନା ପରୀକ୍ଷା ନିମନ୍ତେ ସ୍ୱାବ୍‌ସଂଗ୍ରହ କରାଯାଇ ସେମାନଙ୍କୁ ସରକାରୀ ସଙ୍ଗରୋଧ କେନ୍ଦ୍ରକୁ ପଠାଇ ଦିଆଯାଇଥିବା ପୋଲିସ ସୂଚନା ଦେଇଛି।

# ଦିନକରେ ସର୍ବାଧିକ ୬୧୨ ସୁସ୍ଥ

**ଆଉ ୬୧୮ ଆକ୍ରାନ୍ତ, ୩ ମୃତ**

ଭୁବନେଶ୍ୱର, ୧୫।୭(ବ୍ୟୁରୋ)

- ଗଞ୍ଜାମ ଜିଲାରୁ ସବୁଠୁ ଅଧିକ ୨୭୦ ସୁସ୍ଥ
- ଖୋର୍ଦ୍ଧା ଜିଲାରେ ପ୍ରଥମଥର ୧୦୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ
- ୭୭ରେ ପହଞ୍ଚିଲା ମୃତ୍ୟୁ ସଂଖ୍ୟା

ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ବଢ଼ି ଚାଲିଛି। ଶେଷ ଘଣ୍ଟାରେ ୬୧୮ ନୂଆ ପଜିଟିଭ୍ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪ହଜାର ଟପିଛି। ଏପଟେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ଭୟର ବାତାବରଣ ସୃଷ୍ଟି କରିଥିବାବେଳେ ପ୍ରତିଦିନ ଆରୋଗ୍ୟଙ୍କ ସଂଖ୍ୟାରେ ବୃଦ୍ଧି ଘଟୁଥିବାରୁ ଆଶ୍ୱସ୍ତି ମିଳୁଛି। ବୁଧବାର ସର୍ବାଧିକ ୬୧୨ଜଣ କରୋନା ରୋଗୀ ଆରୋଗ୍ୟ ଲାଭ କରିଛନ୍ତି। ଏମାନଙ୍କ ମଧ୍ୟରୁ ଗଞ୍ଜାମ ଜିଲାରୁ ସର୍ବାଧିକ ୨୭୦ଜଣ ଥିବାବେଳେ ସୁନ୍ଦରଗଡ଼ରୁ ୮୪, କେନ୍ଦୁଝରରୁ ୪୮, ଗଜପତିରୁ ୩୫, ବାଲେଶ୍ୱରରୁ ୩୧, ଖୋର୍ଦ୍ଧାରୁ ୨୮, ନୟାଗଡ଼ରୁ ୨୫, ଯାଜପୁରରୁ ୨୦, ମୟୂରଭଞ୍ଜରୁ ୧୫, କଟକ, କୋରାପୁଟ ଓ ଜଗତ୍‌ସିଂହପୁରରୁ ୧୦ଜଣ ଲେଖାଏ, ବରଗଡ଼ ଓ ପୁରୀରୁ ୬ଜଣ ଲେଖାଏ, ବଲାଙ୍ଗୀରରୁ ୫, କେନ୍ଦ୍ରାପଡ଼ାରୁ ୩, କଳାହାଣ୍ଡି ଓ କନ୍ଧମାଳରୁ ୨ଜଣ ଲେଖାଏ, ରାୟଗଡ଼ା ଓ ସମ୍ବଲପୁରରୁ ଜଣେ ଲେଖାଏ ଆକ୍ରାନ୍ତ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଏମାନଙ୍କୁ ମିଶାଇ ମୋଟ ଆରୋଗ୍ୟ ସଂଖ୍ୟା ୧୦,୪୭୬କୁ ବୃଦ୍ଧି ପାଇଥିବାବେଳେ ଏବେ ୪,୩୨୧ଜଣ ସକ୍ରିୟ ଆକ୍ରାନ୍ତ ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡିଛି।

ଏପଟେ ରାଜ୍ୟର ୨୨ ଜିଲାରୁ ଚିହ୍ନଟ ହୋଇଥିବା ୬୧୮ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୪୧୧ଜଣ ରହିଥିବାବେଳେ ୨୦୭ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ସବୁଦିନ ପରି ଗଞ୍ଜାମ ଜିଲାରେ ସର୍ବାଧିକ ୨୮୬ ଜଣ ଚିହ୍ନଟ ହୋଇଥିଲେ ମଧ୍ୟ ଖୋର୍ଦ୍ଧା ଜିଲାରେ ଗୋଟିଏ ଦିନରେ ପ୍ରଥମଥର ପଜିଟିଭ୍ ସଂଖ୍ୟା ଶହେ ଟପିଛି। ଏହି ଜିଲାରୁ ୧୦୭ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ବାଲେଶ୍ୱରରୁ ୬୧, ଜଗତ୍‌ସିଂହପୁରରୁ ୨୬, ମୟୂରଭଞ୍ଜରୁ ୨୧, କଟକରୁ ୧୬, ନୟାଗଡ଼ରୁ ଓ ସୁନ୍ଦରଗଡ଼ରୁ ୧୫ଜଣ ଲେଖାଏ, ଅନୁଗୋଳରୁ ୧୪, ମାଲକାନଗିରିରୁ ୧୩, ସମ୍ବଲପୁରରୁ ୧୦, କେନ୍ଦ୍ରାପଡ଼ାରୁ ୯, ଯାଜପୁର, କେନ୍ଦୁଝର ଓ ପୁରୀରୁ ୫ଜଣ ଲେଖାଏ, ବଲାଙ୍ଗୀର, ବୌଦ୍ଧ ଓ ଢେଙ୍କାନାଳରୁ ୨ଜଣ ଲେଖାଏ ଏବଂ ଭଦ୍ରକ, ଝାରସୁଗୁଡ଼ା, କୋରାପୁଟ ଓ ରାୟଗଡ଼ାରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪,୮୯୮ରେ ପହଞ୍ଚିଛି।

ଅନ୍ୟପଟେ ରାଜ୍ୟରେ ଆଉ ୩ଜଣଙ୍କ ଜୀବନ ନେଇଛି କରୋନା। ମୃତକଙ୍କ ମଧ୍ୟରେ ଗଞ୍ଜାମ ଜିଲାର ଦୁଇଜଣ ପୁରୁଷ ହୋଇଥିବାବେଳେ ବୟସ ଯଥାକ୍ରମେ ୮୬ ଓ ୬୫ବର୍ଷ। ଉଭୟ ଅନ୍ୟ ରୋଗରେ ମଧ ପୀଡିତ ଥିଲେ। ସେହିଭଳି ଭୁବନେଶ୍ୱରର ଜଣେ ୭୨ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ୭୭କୁ ଛୁଇଁଛି। ଏହି ୩ଜଣଙ୍କ ବ୍ୟତୀତ ରାଜ୍ୟରେ ଆଉ ୨ଜଣ କରୋନା ଆକ୍ରାନ୍ତଙ୍କର ମଧ ମୃତ୍ୟୁ ହୋଇଛି। ଜଣଙ୍କ ଘର ଗଞ୍ଜାମ ଓ ଅନ୍ୟଜଣେ ମୃତକ ଖୋର୍ଦ୍ଧା ଜିଲାର ବୋଲି ଜଣାପଡିଛି। ଏମାନେ ଯଦିଓ କରୋନା ପଜିଟିଭ୍ ଥିଲେ, କିନ୍ତୁ ଏମାନଙ୍କର ମୃତ୍ୟୁ ଅନ୍ୟ ରୋଗରେ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

ତୁମ ଆଧାରର ଗୋଟିଏ ପାଖରେ ବା ଗୋଟାଏ ଅଂଶରେ ଯଦି ତୁମେ ସତ୍ୟ ଆଡକୁ ନିଜକୁ ଖୋଲିଧର – ଅନ୍ୟଦିଗରେ ସର୍ବଦା ହିଁ ବିରୋଧୀ ଶକ୍ତି (ସଇତାନୀ ଶକ୍ତି) ନିମିତ୍ତ ଦ୍ୱାର ଖୋଲା ରଖ– ତେବେ ଭଗବତୀ କରୁଣା ତୁମ ସହିତ ସ୍ଥାୟୀ ହୋଇ ରହିବ ବୋଲି ଆଶା କରିବା ବୃଥା । –ଶ୍ରୀଅରବିନ୍ଦ

# ପ୍ରକୃତ ପ୍ରାଣୀ କଲ୍ୟାଣ



ମାନେକା ଗାନ୍ଧୀ

ସବୁଠାରୁ ବାଜେ ଜିନିଷ ମଧ୍ୟରୁ ଗୋଟିଏ ହେଉଛି change.com ନାମକ ଏକ ଅନ୍ତର୍ଜାତୀୟ ୱେବ୍‌ସାଇଟ୍ । ଏହାର କାର୍ଯ୍ୟାଳୟ ଅନେକ ଦେଶରେ ଅଛି ଏବଂ ଏଥିରେ କୁହାଯାଉଛି ଯେ ଯାହାର କୌଣସି ଅଭିଯୋଗ ଅଛି ଏବଂ ସମାଧାନ ଚାହୁଁଛନ୍ତି, ସେ ଏକ ସମସ୍ୟା ପଞ୍ଜୀକୃତ କରି ସେଥିରେ ଦସ୍ତଖତ କରିପାରିବେ । ଅଭିଯୋଗଗୁଡିକ କ୍ଷମତାପନ୍ନ ଅଧିକାରୀ ବା ରାଜନେତାଙ୍କ ନିକଟକୁ ଇମେଲ ମାଧ୍ୟମରେ ପଠାଯିବ ।

କିଛିବର୍ଷ ପୂର୍ବେ ଯେତେବେଳେ change.com ଶିଖରରେ ପହଞ୍ଚିଲା, ସେତେବେଳେ ମୁଁ ଶହ ଶହ ଇମେଲ୍ ପାଇଲି– 'ଭାରତ ମହିଳାଙ୍କ ପ୍ରତି ହିଂସା କରିବା ଉଚିତ ନୁହେଁ'ରୁ ଆରମ୍ଭ କରି 'ସାନିଟାରୀ ନାପ୍‌କିନ ଟିକସମୁକ୍ତ ହେବା ଉଚିତ' ପର୍ଯ୍ୟନ୍ତ । ଅବଶ୍ୟ କିଛି ପ୍ରାଣୀଘଟିତ ସମସ୍ୟା ମଧ୍ୟ ଥାଏ । ପ୍ରତି ତିନି ଦିନରେ ପ୍ରସଙ୍ଗ ବଦଳିଯାଏ । ଅନେକ ସମୟରେ ଏମିତି ସାଧାରଣ ପ୍ରକୃତିର (ଜେନେରିକ୍) ଅଭିଯୋଗ ଥାଏ, ଯାହାର କେହି ସମାଧାନ କରିପାରିବେ ନାହିଁ । ଅନେକ ସମୟରେ ସେଗୁଡ଼ିକୁ ଭୁଲ୍ ଜାଗାକୁ ପଠାଯାଉଥିଲା । ଯେତେବେଳେ ମୁଁ ଅଫିସରେ ନୂଆକରି ଯୋଗ ଦେଇଥିଲି, ସେତେବେଳେ ଏହି ଅଭିଯାନଗୁଡିକ ମଧ୍ୟରୁ ଗୋଟିକୁ ଉତ୍ତର ଦେଇଥିଲି ଏବଂ ଏହାର ଫଳ ହେଲା ଏଇଆ ଯେ change.comର ମୁଖ୍ୟ ଭାରତର ସର୍ବୋତ୍ତମ ପରିବର୍ତ୍ତନକାରୀ ଭାବରେ ପୁରସ୍କାର ପାଇଲେ । କିନ୍ତୁ ସେ କିଛି ବି କରିନାହାନ୍ତି, କେବଳ ମୋ ପାଖରେ ଠିଆହୋଇ ଫଟୋ ଉଠାଇବା ଛଡ଼ା ।

କୌଣସି ପ୍ରସଙ୍ଗରେ କେବେ ବି ଗବେଷଣା କରାଯାଇ ନାହିଁ । କେବଳ ଗୋଟିଏ ଧାଡ଼ିର ଅଭିଯୋଗ ଯାହା କି କିଛିଦିନ ଭିତରେ ମଉଳିଯାଏ ଏବଂ ଆଉ ଗୋଟିଏ ନୂଆ ଅଭିଯୋଗ ତା'ର ସ୍ଥାନ ନିଏ । କିଛିଦିନ ପରେ ମୁଁ ମୋ ଇନ୍‌ବକ୍ସରେ ତାଙ୍କ ଇମେଲ ଦେଖିବା ମାତ୍ରେ ସେଗୁଡ଼ିକୁ ଡିଲିଟ କରିବାକୁ ଆରମ୍ଭ କଲି ଏବଂ ଏବେ ଆଉ ସେସବୁ ଇମେଲ ଗ୍ରହଣ କରୁନାହିଁ । ମୁଁ ଏକମାତ୍ର ମନ୍ତ୍ରୀ ଯିଏ କି change.comର ଇମେଲ୍ ପଢ଼ିଥିଲି । ସରକାରଙ୍କ ନୀତି ପରିବର୍ତ୍ତନ କିମ୍ବା କାର୍ଯ୍ୟାନୁଷ୍ଠାନ ଉପରେ ଉକ୍ତ ସାଇଟ୍‌ର କୌଣସି ପ୍ରଭାବ ପଡ଼ିନାହିଁ । କିନ୍ତୁ ସାଧାରଣ କମ୍ପ୍ୟୁଟର ବ୍ୟବହାରକାରୀଙ୍କ ଉପରେ ଏହାର ଖରାପ ପ୍ରଭାବ ପଡିଥିଲା, ଯେଉଁମାନେ ଏହି ପିଟିଶନରେ ଦସ୍ତଖତ କରିଥିଲେ । ପ୍ରାୟତଃ ସମାନ ବ୍ୟକ୍ତି କମ୍ପ୍ୟୁଟରରେ ପ୍ରତ୍ୟେକ ପିଟିଶନରେ ଦସ୍ତଖତ କରନ୍ତି । ପିଟିଶନରେ ଦସ୍ତଖତଟିଏ କରିଦେଇ ସେମାନେ ଅନୁଭବ କରନ୍ତି ଯେ ସେମାନେ ବିଶ୍ୱ ପାଇଁ ନିଜର କର୍ତ୍ତବ୍ୟ କରିଛନ୍ତି । ବାସ୍ତବରେ କିଛି ନ କରି କେବଳ ଏକ ଲିଙ୍କ ଉପରେ କ୍ଲିକ୍ କରି ନିଜର ଇଲେକ୍ଟ୍ରୋନିକ୍ ସ୍ୱାକ୍ଷର ପଠାଇଦେଲେ ସମାଜର କିଛି ବି ବଦଳିଯାଏ ନାହିଁ । କିନ୍ତୁ ମୁଁ ସମାଜ ପାଇଁ କର୍ତ୍ତବ୍ୟ କରୁଛି ବୋଲି ଭ୍ରମ ଧାରଣା ସୃଷ୍ଟି ହୋଇଥାଏ ।

ଦୁର୍ଭାଗ୍ୟବଶତଃ change.com ପ୍ରାଣୀ କଲ୍ୟାଣ ସାଇଟ୍‌ଗୁଡିକରେ ନାନା ଭାବରେ ଅନୁଷ୍ଠାନୀକୃତ ହୋଇଯାଇଛି । ସେମାନଙ୍କ ଇମେଲ ମେସେଜଗୁଡ଼ିକ ଥିଲା ଏହିପରି: ମାନେକା ! ଫାରୋ ଦ୍ୱୀପପୁଞ୍ଜରେ ଡଲଫିନ୍‌ମାନଙ୍କୁ ବଞ୍ଚାଇବା ପାଇଁ ଏଥିରେ ଦସ୍ତଖତ କର ; ସ୍କଟ୍‌ଲାଣ୍ଡରେ ବନ୍ୟଜନ୍ତୁମାନଙ୍କୁ ବଞ୍ଚାଇବା ପାଇଁ ଏଥିରେ ଦସ୍ତଖତ କର ; ମରିସସ୍‌ରୁ ମାଙ୍କଡ଼ ରପ୍ତାନି ବନ୍ଦ କରିବାକୁ ଏଥିରେ ଦସ୍ତଖତ କର ଇତ୍ୟାଦି । ମୁଁ ନିଶ୍ଚୟ ଏହିପରି ହଜାରେ ପିଟିଶନରେ ଦସ୍ତଖତ କରିଛି । କିନ୍ତୁ ଫଳ କ'ଣ ହେଲା ? ଏହି ଦସ୍ତଖତଗୁଡ଼ିକ କେଉଁଠାକୁ ଯାଏ କେହି ଜାଣନ୍ତି ନାହିଁ । ମୁଁ ପ୍ରାଣୀମାନଙ୍କୁ ବଞ୍ଚାଇବା ପାଇଁ ଅନେକ କାର୍ଯ୍ୟ କରେ ଏବଂ ମୁଁ ଦସ୍ତଖତ କରିବାର ଏକମାତ୍ର କାରଣ ହେଉଛି ପ୍ରାଣୀ କଲ୍ୟାଣ ସଂଗଠନର ଆତ୍ମାକୁ ବଜାୟ ରଖିବା ଏବଂ ସେମାନଙ୍କଠାରେ ବିଶ୍ୱାସ ଜନ୍ମାଇବା ଯେ କେହି ସେମାନଙ୍କ ସାଇଟ୍‌କୁ ଦେଖୁଛନ୍ତି !

ହାତୀ ନିର୍ଯାତନା ଓ ହତ୍ୟା ମାମଲାରେ କେରଳ ବୋଧହୁଏ ସବୁଠାରୁ ଖରାପ ରାଜ୍ୟ । ଏଠାରେ ଜଙ୍ଗଲ ବିଭାଗ କୌଣସି ଅଭିଯୋଗ ପ୍ରତି ସମ୍ପୂର୍ଣ୍ଣ ଉଦାସୀନ । କେରଳ ହାତୀ change.comରେ ଦସ୍ତଖତକାରୀଙ୍କ ଅଧିକ ଧ୍ୟାନ ଆକର୍ଷଣ କରିଥାଏ । ପ୍ରତ୍ୟେକ ଥର କେହି ଜଣେ ହାତୀ ନିର୍ଯାତନା ଉପରେ ଆଲୋକପାତ କରନ୍ତି । ତା'ପରେ ଡେସ୍କ ଜକିମାନଙ୍କ ପାଖରୁ ଶହ ଶହ ଇମେଲ ମୋ ପାଖକୁ ଆସେ । ସେମାନେ ବୋଧହୁଏ କେରଳ ଅଧିକାରୀମାନଙ୍କ ନିକଟକୁ ମେଲ ପଠାନ୍ତି କିନ୍ତୁ ମୋର ବିଶ୍ୱାସ ଆଜି ପର୍ଯ୍ୟନ୍ତ କୌଣସି ଅଧିକାରୀ ସେମାନଙ୍କ ମେଲ ପଢ଼ିନାହାନ୍ତି । କୌଣସି ରାଜନେତା ବି ପଢ଼ନ୍ତି ନାହିଁ ।

ଯେଉଁ ସଂଗଠନଗୁଡିକ ସେମାନଙ୍କ ସାଇଟ ମାଧ୍ୟମରେ ଏହି ପିଟିଶନଗୁଡ଼ିକର ଯୋଗାଡ଼ କରନ୍ତି, ସେମାନେ କେବଳ ନାମ କମେଇ ପାଣ୍ଠି ସଂଗ୍ରହ ପାଇଁ ଏହାକୁ ବ୍ୟବହାର କରୁଛନ୍ତି । ତେଣୁ ପ୍ରକୃତରେ ଏକ ପଶୁକୁ ବଞ୍ଚାଇବା ଏବଂ ପରିବର୍ତ୍ତନ ଆଣିବା ପାଇଁ ଆପଣ କ'ଣ କରିପାରିବେ ? ଆପଣ କିପରି ଜଣେ ପ୍ରକୃତ ଆନିମଲ ଆଡଭୋକେଟ ହୋଇପାରିବେ ଏବଂ ନିଷ୍ଠୁରତା, ଦୁର୍ନୀତି ଓ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କର ଅପାରଗତାକୁ ଲୋକଲୋଚନକୁ ଆଣିପାରିବେ ? ଆପଣ କିପରି ନିଜ ଅଞ୍ଚଳରେ ଏକ ପ୍ରାଣୀକୁ ବଞ୍ଚାଇବେ କିମ୍ବା ଅଭିନବ ରୂପରେ ଏକ ସରକାରୀ ନୀତିକୁ ବଦଳାଇଦେଇ ପାରିବେ ?

ସମସ୍ତ ସ୍ଥାନୀୟ ପ୍ରଶାସକ ଓ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ଯଥା– ଡିଏମ୍, ଏସ୍‌ଡିଏମ୍, ପୋଲିସ ମୁଖ୍ୟ, ସ୍ଥାନୀୟ ଥାନା, ସାଂସଦ, ବିଧାୟକ, କର୍ପୋରେଟର, ଜିଲା ପଞ୍ଚାୟତ ସଦସ୍ୟ, ସ୍ଥାନୀୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବନ କାର୍ଯ୍ୟାଳୟ ଏବଂ ତିନୋଟି ପ୍ରମୁଖ ଖବରଦାତାଙ୍କ ଫୋନ୍ ନମ୍ବର ଓ ବ୍ୟକ୍ତିଗତ ଇମେଲ ଖୋଜି ନିଜ ପାଖରେ ରଖନ୍ତୁ । ଯେତେବେଳେ ଦରକାର ପଡ଼ିବ ସିଧାସଳଖ କଲ୍ ବା ଇମେଲ୍ ମାଧ୍ୟମରେ ସେମାନଙ୍କ ସହ ଯୋଗାଯୋଗ କରିପାରିବେ ।

ପ୍ରାଣୀଙ୍କ ପ୍ରତି ସମ୍ବେଦନଶୀଳ ବ୍ୟକ୍ତିମାନଙ୍କର ଏକ ଗ୍ରୁପ୍ ତିଆରି କରନ୍ତୁ । ବିଦ୍ୟାଳୟ, କଲେଜ, ପଡ଼ୋଶୀ, ସ୍ଥାନୀୟ ଆଇନଜୀବୀ ଏବଂ ଶିକ୍ଷକମାନଙ୍କ ପାଖକୁ ଯାଆନ୍ତୁ । ଲୋକଙ୍କୁ ଆପଣଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରି ଛୋଟ ପ୍ରଚାରପତ୍ର ବାଣ୍ଟନ୍ତୁ । ସ୍ଥାନୀୟ ଅଧିକାରୀ ଓ ଗଣମାଧ୍ୟମ ସହ ନିୟମିତ ସମ୍ପର୍କ ରଖିବା ପାଇଁ ଗ୍ରୁପ୍‌ର ସଦସ୍ୟମାନଙ୍କୁ କୁହନ୍ତୁ । ଆପଣ ନିଜ ଜିଲାରେ ଏକ ଏସ୍‌ପିସିଏ ଏବଂ ପଶୁ ଆମ୍ବୁଲାନ୍ସ ଚାହୁଁଛନ୍ତି କି ? ତା'ହେଲେ ଏହାକୁ ପାଇବା ପର୍ଯ୍ୟନ୍ତ ସ୍ଥାନୀୟ ପ୍ରଶାସନ ପଛରେ ଲାଗିବା ଆବଶ୍ୟକ । ଏଥିପାଇଁ ମାସ ମାସ ସମୟ ଲାଗିପାରେ କିନ୍ତୁ ଫଳ ନିଶ୍ଚୟ ମିଳିବ । ଆପଣ ନିଜ ଅଞ୍ଚଳରେ ଥିବା ମନ୍ଦିରରେ ହାତୀ ବ୍ୟବହାର ବନ୍ଦ କରିବା ପାଇଁ ଚାହୁଁଛନ୍ତି କି ? ଫଟୋ ଓ ଲେଖା ସହିତ ମନ୍ଦିର ଓ ପ୍ରଶାସନ ନିକଟରେ ଅଭିଯୋଗ ଜାରି ରଖନ୍ତୁ । ଗଣମାଧ୍ୟମକୁ ବି ଜଣାନ୍ତୁ । ସାଂସଦ ଓ ବିଧାୟକଙ୍କ ଘର ଆଗରେ ଠିଆ ହୁଅନ୍ତୁ ଏବଂ ସେମାନେ ପ୍ରତିକ୍ରିୟା ନ ଦେବା ପର୍ଯ୍ୟନ୍ତ ଛାଡନ୍ତୁ ନାହିଁ । ଏକ ଛୋଟିଆ ଦୃଢ଼ମନା ଗୋଷ୍ଠୀ ପରିବର୍ତ୍ତନ ଆଣିପାରିବ ।

ପୋଲିସ ପ୍ରାଣୀମାନଙ୍କ ବିରୋଧରେ ଘଟୁଥିବା ଅପରାଧକୁ ହାଲୁକା ଭାବେ ଗ୍ରହଣ କରନ୍ତି ଏବଂ ଅଧିକାଂଶ ପୋଲିସ ଆଇନ ମଧ୍ୟ ଜାଣନ୍ତି ନାହିଁ । ଫଳରେ ଅପରାଧୀ, ଚୋରା ଚାଲାଣକାରୀ, ପେଟ୍‌ଶପ, ପ୍ରଜନନକାରୀ, ପ୍ରାଣୀମାନଙ୍କୁ ପିଟୁଥିବା ଲୋକେ ତାଙ୍କ କାର୍ଯ୍ୟ ଜାରି ରଖନ୍ତି, ବିଶେଷ କରି ପୋଲିସ ଯେହେତୁ ସେମାନଙ୍କଠାରୁ ଟଙ୍କା ଲୁଟିବା ପାଇଁ ଅଭିଯୋଗକୁ ବ୍ୟବହାର କରିଥାଏ । ଯଦି ଥାନା ଶୁଣୁନାହିଁ, ତେବେ ଏସ୍‌ପିଙ୍କ ପାଖକୁ ଯାଆନ୍ତୁ । ଯଦି ସେ ବି ନ ଶୁଣନ୍ତି, ତେବେ ସ୍ଥାନୀୟ କୋର୍ଟକୁ ଯାଆନ୍ତୁ ଏବଂ ପ୍ରାଣୀ ନିର୍ଯାତନା ବିରୋଧରେ ଏକ ଆଦେଶନାମା ବାହାର କରନ୍ତୁ । ତାହାକୁ ବି ଯଦି ଅପରାଧୀ ଓ ସ୍ଥାନୀୟ ପ୍ରଶାସନ ନ ଶୁଣେ, ତେବେ ପୁଣି କୋର୍ଟକୁ ଯାଆନ୍ତୁ ଏବଂ କୋର୍ଟ ଅବମାନନା କେସ୍ ଫାଇଲ୍ କରନ୍ତୁ । ଯଦି ଆପଣ ଦୁଇଟି ମାମଲାରେ ଘୋଘା କରି କମ୍ପେଇପାରିବେ, ତେବେ ଏଥିରେ ଆପଣଙ୍କର ଯେତେ ସମୟ ଯାଉନା କାହିଁକି, ତୃତୀୟଟିରେ ଆପଣଙ୍କ କଥା ନିଶ୍ଚୟ ଶୁଣାଯିବ । ଉଦାହରଣ ସ୍ୱରୂପ, ହତ୍ୟା ପାଇଁ କୁକୁଡ଼ାଙ୍କୁ ଖୋଖା (ରାସ୍ତାକଡ଼ ପିଞ୍ଜରା)ରେ ରଖିବା ପୌର ଆଇନ ଅନୁଯାୟୀ ବେଆଇନ । ସେଗୁଡିକୁ ଆପଣଙ୍କ ଅଞ୍ଚଳରୁ ହଟାନ୍ତୁ । ଆଇନ ଅନୁଯାୟୀ ଏକ ଏସ୍‌ପିସିଏ ଓ ପ୍ରାଣୀ ଚିକିତ୍ସାଳୟରେ ଆମ୍ବୁଲାନ୍ସ ରହିବା ବାଧ୍ୟତାମୂଳକ । ଆନ୍ଦୋଳନ କରି ତାହା ହାସଲ କରନ୍ତୁ । ସମସ୍ତ ପେଟ୍‌ଶପ୍ ବର୍ତ୍ତମାନ ବେଆଇନ, ଯଦି ସେଗୁଡିକ ପ୍ରାଣୀ କଲ୍ୟାଣ ବୋର୍ଡ ଦ୍ୱାରା ଲାଇସେନ୍ସପ୍ରାପ୍ତ ନୁହନ୍ତି । ସେଗୁଡ଼ିକୁ ବନ୍ଦ କରାନ୍ତୁ । ସମସ୍ତ ପକ୍ଷୀ ବଜାର ବେଆଇନ୍, ସେମାନେ ଯେଉଁ ପକ୍ଷୀ ବିକ୍ରୟ କରନ୍ତୁ ନା କାହିଁକି । ସେଗୁଡ଼ିକୁ ବନ୍ଦ କରାନ୍ତୁ । ଆମର ଜଣେ ଝିଅ ସ୍ୱାତୀ ଦୀକ୍ଷିତ ଭୋପାଳରେ ଏସବୁ କରିଆସୁଛନ୍ତି ଏବଂ ଦୁଇ ବର୍ଷ ମଧ୍ୟରେ ପକ୍ଷୀ ବଜାର ବହୁ ମାତ୍ରାରେ ହ୍ରାସ ପାଇଛି । ପୋଲିସ ବି ତାଙ୍କୁ ସାହାଯ୍ୟ କରୁଛି । ପଶ୍ଚିମବଙ୍ଗରୁ ପକ୍ଷୀମାନେ ବେଆଇନ ଭାବେ ଆସନ୍ତି– ବର୍ତ୍ତମାନ ଏହି କାରବାର ବନ୍ଦ କରିବାକୁ ରେଳ କର୍ତ୍ତୃପକ୍ଷ ପଦକ୍ଷେପ ନେଉଛନ୍ତି ।

ସବୁବେଳେ ସ୍ଥାନୀୟ ଲୋକଙ୍କ ଇମେଲ ସଂଗ୍ରହ କରୁଥାନ୍ତୁ । ଏହା ଆପଣଙ୍କର ସମ୍ପଦ । ଯଦି ଏକ ସ୍ଥାନୀୟ ବା ଜାତୀୟ କମ୍ପାନୀ କିଛି ନିଷ୍ଠୁର କାର୍ଯ୍ୟ କରୁଥିବା ଜାଣନ୍ତି, ତେବେ ଫେସ୍‌ବୁକ୍, ଟୁଇଟର, ଇନଷ୍ଟାଗ୍ରାମ୍ ଆଦିରେ ଲେଖା, ଫଟୋ ଓ ଭିଡିଓ ସହ ଉକ୍ତ ଖବରକୁ ଭାଇରାଲ କରନ୍ତୁ । ସାରା ବିଶ୍ୱ ତାଙ୍କୁ ନିନ୍ଦା କରୁ । ସ୍ଥାନୀୟ କୁକୁଡ଼ା ଫାର୍ମ, କଂସେଇଖାନା ଓ ସରକାରୀ ପ୍ରାଣୀ ଚିକିତ୍ସାଳୟର ଦୁରବସ୍ଥା ଉପରେ ଆକ୍ରମଣ କରନ୍ତୁ । ଗଣମାଧ୍ୟମ ସାହାଯ୍ୟରେ ସେମାନଙ୍କୁ ଲଜ୍ଜିତ କରିବା ଆରମ୍ଭ କରନ୍ତୁ । କିନ୍ତୁ କାହାକୁ ନିନ୍ଦିତ କରିବା ପାଇଁ କେବେହେଲେ ମନଗଢ଼ା କାହାଣୀ ତିଆରି କରନ୍ତୁ ନାହିଁ ।

ସବୁବେଳେ ଦାନ କରନ୍ତୁ । ଆପଣ ପୁରୁଣା ଖବରକାଗଜ ବିକି ପାଇଥିବା ଟଙ୍କା, ସିନେମା ନ ଯାଇ ବା ଜଳଖିଆ ନ ଖାଇ ସଞ୍ଚିଥିବା ଟଙ୍କା ଏବଂ ଆପଣଙ୍କ ଆୟର ଏକଦଶମାଂଶ ଦାନ କରିପାରିବେ । ଏହାକୁ ପ୍ରଥମେ ଆପଣଙ୍କ ଅଞ୍ଚଳର ସ୍ଥାନୀୟ ଲୋକଙ୍କୁ ଦିଅନ୍ତୁ, ଯେଉଁମାନେ ପ୍ରାଣୀମାନଙ୍କୁ ଖାଇବାକୁ ଦିଅନ୍ତି । ସେମାନଙ୍କୁ ଖାଦ୍ୟ ବି ଦେଇପାରିବେ: ପକ୍ଷୀମାନଙ୍କ ପାଇଁ ଶସ୍ୟ ଏବଂ କୁକୁର ଓ ଗାଈ ପାଇଁ ରୁଟି ।

Email: gandhim@nic.in

# ଗାଁ ହିଁ ସ୍ୱର୍ଗ



ପ୍ରଭଞ୍ଜନ ଦାଶ

ମୋ ଗାଁ, ଯେଉଁଠି ପ୍ରଥମେ ଶୁଭିଥିଲା ମୋ ପାଟିର ପ୍ରଥମ ସ୍ୱର କୁଆଁକୁଆଁ । ମୋ ଘରର ସେହି ଅନ୍ତୁଡ଼ିଶାଳ ଓ ଷଠିଘର ଆଜି ବି ମୋ ଜନ୍ମର ଚିର ସାକ୍ଷୀ ଏବଂ ଦାଣ୍ଡର ସେହି ଏରୁଣ୍ଡି ବନ୍ଧ କହିବ ମୁଁ କେତେଥର ଝୁଣ୍ଟିଛି ତାକୁ, ଆଜି ଯଦି ସେହି ଗାଁର ମଶାଣି ମୋ ଜୀବନର ଶେଷ ପରିଚୟ ସାଜିବ ତା' ହେଲେ ଅସୁବିଧା କ'ଣ ?

ଆଜିର ଦିନରେ ଆଧୁନିକ ସଭ୍ୟତାର ବ୍ୟୟବହୁଳ ଓ ବୈଷୟିକ ଜୀବନଧାରାରେ ଜୀବନ ଜିଉଥିବା ମଣିଷ ମସ୍ତିଷ୍କରେ ଅନେକ ଭ୍ରାନ୍ତ, ନକାରାତ୍ମକ ଓ କୁଚିନ୍ତା ବସା ବାନ୍ଧି ରହିଛି, ଯାହାର ବଶବର୍ତ୍ତୀ ହୋଇ ମଣିଷ ନିଜର ସାଧାରଣ, ସାମାଜିକ ଓ ନୈତିକ ଜ୍ଞାନ ମଧ୍ୟ ହରାଇ ବସିଛି । ଯୁଗଯୁଗରୁ ବେଦ, ଉପନିଷଦ୍ ଓ ଶାସ୍ତ୍ରରେ ଉଲ୍ଲେଖ ରହିଛି, 'ନିଜ ଗାଁ ମାଟିଠୁ ପବିତ୍ର ସ୍ଥାନ ଏ ଦୁନିଆରେ ନାହିଁ ।' ଯେଉଁ ଗାଁରେ ଆମର ଜନ୍ମ, ଯେଉଁ ମାଟିରେ ଆମେ ବଢ଼ିଛୁ, ସେ ଗାଁ ମଶାଣିରେ ଶବଦାହ ପାଇଁ ଏତେ କୁଣ୍ଠିତ କାହିଁକି ? ଗତ କିଛିଦିନ ତଳେ ପୁରୀ ପ୍ରଶାସନ କରୋନା ପ୍ରବାହ ଓ ସଂକ୍ରମଣର ଭୟାବହତାକୁ ଆଖିରେ ରଖି ବାହାର ଜିଲାର ଶବକୁ ସ୍ୱର୍ଗଦ୍ୱାରରେ ଦାହ କରିବା ନେଇ ପ୍ରତିବନ୍ଧକ ଲଗାଇବା ସହ ମହୋଦଧିରେ ଅସ୍ଥି ବିସର୍ଜନ ଲାଗି ମଧ୍ୟ ବାରଣ କରିଛି । ଏହି ନିୟମକୁ ନେଇ ବହୁ ଲୋକ ପ୍ରତିବାଦ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି । ମାତ୍ର ଏହା ଜାଣିରଖିବା ଦରକାର ଯେ ବାସ୍ତବରେ ସ୍ୱର୍ଗଦ୍ୱାରରେ ସ୍ୱର୍ଗପ୍ରାପ୍ତି ହୁଏନାହିଁ କି ମୋକ୍ଷ ମହୋଦଧିରେ ଅସ୍ଥି ବିସର୍ଜନରେ ମିଳେ ନାହିଁ, ଜୀବନର ପ୍ରକୃତ ସ୍ୱର୍ଗପ୍ରାପ୍ତି ଜୀବିତ ଅବସ୍ଥାରେ ହିଁ ହେବା ଦରକାର ।

ଏ ସମାଜରେ ବହୁ ଶିକ୍ଷିତ, ସମ୍ଭ୍ରାନ୍ତ ପରିବାରର ଲୋକ ସେମାନଙ୍କର ବୃଦ୍ଧ ପିତାମାତାଙ୍କ ପ୍ରତି ଦୁର୍ବ୍ୟବହାର ଓ ଘୃଣାଭାବ ପୋଷଣ କରୁଛନ୍ତି । ଏପରିକି ସେମାନଙ୍କୁ ଘରେ ନ ରଖି ବୃଦ୍ଧାଶ୍ରମରେ ଛାଡ଼ି ଦେଇ ବହୁ ହତାଦର କରୁଛନ୍ତି । କେଉଁଠି ବୃଦ୍ଧ ଲୋକମାନଙ୍କୁ ଠିକ୍ ଖାଦ୍ୟ ମିଳିପାରୁନାହିଁ ତ ଆଉ କେଉଁଠି କେହି ଔଷଧ ଓ ଚିକିତ୍ସାରୁ ବଞ୍ଚିତ । ଯନ୍ତ୍ରଣାରେ ସେମାନଙ୍କ ଦିନ ବିତୁଛି । ମାତ୍ର ସେମାନଙ୍କ ମୃତ୍ୟୁ ପରେ ସେହି ପିଲାମାନେ ସେମାନଙ୍କ ମୃତଦେହକୁ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ପାଇଁ ନେଇ ଲୋକଙ୍କଠାରୁ ବାଃବାଃ ପାଇବାକୁ ଚାହୁଁଛନ୍ତି । ଏହା କି ପ୍ରକାର ଚିନ୍ତାଧାରା ? କଥାରେ ଅଛି, 'ଦେଖିଲେ କଥା ନ କହି ନ ଦେଖିଲେ ଖୋଜୁଥାଇ' । ଅର୍ଥାତ୍ ବଞ୍ଚିଥିବା ବେଳେ ଯେଉଁମାନେ ପାଣି ଟୋପାଏ ଦେବାକୁ ଅକ୍ଷମ ଓ ଅଯୋଗ୍ୟ, ମଲା ପରେ ସେମାନେ ସ୍ୱର୍ଗଦ୍ୱାରଠାରେ ଶବଦାହ ସହିତ ଦଶାହରେ ଖିରି, ପୁରି ଦେବା ପାଇଁ ସମ୍ପୂର୍ଣ୍ଣ ସକ୍ଷମ ଓ ସୁଯୋଗ୍ୟ । ବୃଦ୍ଧ ମାତାପିତାଙ୍କର ଶଯ୍ୟାଶାୟୀ ଅବସ୍ଥାରେ ସେମାନଙ୍କର ଠିକ୍ ଚିକିତ୍ସା ନ କରିବା, ସେବାଶୁଶ୍ରୂଷାରେ ଘୃଣା ମନୋଭାବ ଆଣିବା ଓ ସେମାନଙ୍କୁ ଅବହେଳିତ ଅବସ୍ଥାରେ ଛାଡିଦେବା ଆଜିର ସମାଜର ପ୍ରାୟ ବହୁ କ୍ଷେତ୍ରରେ ପରିଲକ୍ଷିତ । ସେଥିପାଇଁ ବୃଦ୍ଧାଶ୍ରମ ସଂଖ୍ୟା ବଢ଼ିବାରେ ଲାଗିଛି । ମାତ୍ର ବିଶ୍ୱ ପିତୃ, ମାତୃ ଦିବସରେ ସମସ୍ତଙ୍କର ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ହ୍ୱାଟ୍ସଆପ୍ ଓ ଟୁଇଟରରେ ମା'ବାପାଙ୍କ ପ୍ରତି ପ୍ରେମ ଓ ସମ୍ମାନ ଉଚ୍ଛୁଳି ପଡୁଛି । ଏହା କ'ଣ ଏକ ମଣିଷର ମାନବିକତାର ପରିଚୟ ? ଏ ପ୍ରକାର ମାନସିକତାର ବଶବର୍ତ୍ତୀ ହୋଇ ଆମେ ଆମ ମାତାପିତାଙ୍କ ପ୍ରତି କେତେ ଯେ ଅବହେଳା କରୁଛେ ତାହାର ହିସାବ ନାହିଁ । ଏହି ମାନସିକତାର ପରିବର୍ତ୍ତନ ନିହାତି ଆବଶ୍ୟକ । ବଞ୍ଚିଥିବା ବେଳେ ପାଣି ଟୋପେ ନ ଦେଇ ମଲା ପରେ କ୍ଷୀର ଢାଳିଲେ ଲାଭ କ'ଣ ?

ଆମ ସମାଜ ପ୍ରତ୍ୟେକ ବର୍ଗର ଲୋକଙ୍କର ସୁବିଧା ସୁଯୋଗ ଲାଗି ସରକାର ସବୁ ଗ୍ରାମରେ ଶ୍ମଶାନର ପୁନରୁଦ୍ଧାର ଓ ଉନ୍ନତି କରିବା ସହିତ ହରିଶ୍ଚନ୍ଦ୍ର ଯୋଜନା ପ୍ରଣୟନ କରିଛନ୍ତି । ମାତ୍ର ଗ୍ରାମ ଶ୍ମଶାନ ଆଜି ଅବହେଳିତ ଓ ଅକାମୀ ହୋଇପଡ଼ିଛି । ଗ୍ରାମାଞ୍ଚଳର ଅଧିକାଂଶ ଲୋକ ଗାଁ ଶ୍ମଶାନ ଅପେକ୍ଷା ସ୍ୱର୍ଗଦ୍ୱାରରେ ଶବଦାହ ପାଇଁ ପସନ୍ଦ କରୁଛନ୍ତି । ଏହାର କାରଣ କ'ଣ ତାହା ଆଜି ପର୍ଯ୍ୟନ୍ତ ଜାଣିହେଉ ନାହିଁ । ଜାଣି ରଖିବା ଉଚିତ ଯେ, ବଞ୍ଚିଥିବାବେଳେ ଶାଗ, ପଖାଳରେ ଯେଉଁ ତୃପ୍ତି ମିଳେ ମଲା ପରେ ତା'ର ସ୍ୱାଦ ଦଶାହ ଖିରି, ପୁରିରେ ନ ଥାଏ । ଠିକ୍ ସେହିପରି ଜୀବନର ବାସ୍ତବ ସୁଖ, ଖୁସି ଓ ଶାନ୍ତି ଏ ସମାଜରେ ଜୀବିତ ଅବସ୍ଥାରେ ହିଁ ମିଳେ, ତାହା ସ୍ୱର୍ଗଦ୍ୱାରର ଜୁଇରେ ନ ଥାଏ । ଏଣୁ ସମସ୍ତେ ବୃଦ୍ଧ ମାତା, ପିତାଙ୍କର ସେବାଶୁଶ୍ରୂଷା କରିବା ସହିତ ସେମାନଙ୍କ ପ୍ରତି ଯତ୍ନବାନ୍ ହେବା ଆବଶ୍ୟକ । ସେମାନେ ହିଁ ଆମ ଜୀବନର ପ୍ରକୃତ ମୂଲ୍ୟବାନ୍ ସମ୍ପଦ । ତାହା ସହିତ ଗାଁ ଓ ଗାଁ ମଶାଣିକୁ ନିଜ ଜୀବନର ଶେଷ ପରିଚୟ ଭାବିବା ଉଚିତ । କାରଣ ଗାଁ ହିଁ ଆମ ପାଇଁ ସ୍ୱର୍ଗ ଓ ସିଏ ହିଁ ଆମ ଜୀବନ ସୃଷ୍ଟିର ପ୍ରଥମ ପରିଚୟ ଏବଂ ସେହିଠାରେ ହିଁ ଜୀବନର ଶେଷ ପରିଚୟ ହେବା ଦରକାର ।

ମେଘେଶ୍ୱର କଲୋନୀ, ଟଙ୍କପାଣି ରୋଡ୍, ଭୁବନେଶ୍ୱର, ମୋ: ୭୩୨୬୯୫୯୯୯୫

## ଏଇ ଭାରତରେ

ବାଉଁଶରେ ତିଆରି ଟିଫିନ୍ ବକ୍ସ କଥା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ । ମଣିପୁରର ଜିଙ୍ଗଖାଁପଉ ତିଆରି କରୁଛନ୍ତି ଏମିତିକା ଟିଫିନ ବକ୍ସ । ଶୁଖିଲା ଓ ରନ୍ଧା ଖାଦ୍ୟକୁ ଏଥିରେ ଗରମ କିମ୍ବା ଥଣ୍ଡା ରଖିବା ଲାଗି ବି ପୃଥକ୍ ବ୍ୟବସ୍ଥା ରହିଛି । ଦ୍ୱାଦଶ ପାସ୍ କରିବା ପରେ ଜିଙ୍ଗଖାଁପଉ ବାଉଁଶରେ ବିଭିନ୍ନ ସାମଗ୍ରୀ ତିଆରି କରିବା ଆରମ୍ଭ କରିଥିଲେ । କଲମ ଓ ପାଣି ବୋତଲ ପରେ ଏବେ ଟିଫିନ ବକ୍ସ ତିଆରି କରିବାରେ ସଫଳ ହୋଇଛନ୍ତି । ସେ ଚୌରାଚନ୍ଦ୍ରପୁର ଜିଲା ଲମ୍ଵକା ଟାଉନ୍‌ରେ 'ଜୁଗମ୍ ବାମ୍ବୋ ୱାର୍କ୍ସ' ଷ୍ଟାର୍ଟଅପ୍ ଆରମ୍ଭ କରି ଏହା ତିଆରି କରୁଛନ୍ତି । ପରେ ୨୦୧୭ରେ ତାଙ୍କର ଜଣେ ବନ୍ଧୁ ଗୋଲାନ ନୌଲକ୍ ତାଙ୍କ ସହ ଯୋଗ ଦେଇଥିଲେ । ଏବେ ସେ ଏହି କାର୍ଯ୍ୟରେ ୫ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି । ଟିଫିନ୍ ବକ୍ସରେ ପ୍ରାକୃତିକ ଉତ୍ପାଦ ବ୍ୟବହାର କରାଯାଉଛି ବୋଲି କହନ୍ତି ୨୭ ବର୍ଷୀୟ ଜିଙ୍ଗଖାଁପଉ । ଅନ୍‌ଲାଇନରେ ଏବେ ଅଧିକରୁ ଅଧିକ ଅର୍ଡର ପାଉଛନ୍ତି । ତିନିଥାକିଆ ଟିଫିନ ବକ୍ସର ପ୍ରତି ଥାକକୁ ବନ୍ଦ କରିବା ଲାଗି ଲକ୍ ସିଷ୍ଟମ ରହିଛି । ଏହାଦ୍ୱାରା ଏଥିରୁ ସହଜରେ ଖାଦ୍ୟ ଲିକ୍ ହେଉନି । ଦୁଇ ପ୍ରକାର ବକ୍ସ ତିଆରି ହେଉଛି । ଗୋଟିକରେ ରହୁଛି ଶୁଖିଲା ଖାଦ୍ୟ ଓ ଏହାର ମୂଲ୍ୟ ରହିଛି ୫୯୯ ଟଙ୍କା । ସେହିଭଳି ରନ୍ଧା ଖାଦ୍ୟ ରହୁଥିବା ଟିଫିନର ଦାମ୍ ୭୯୯ ଟଙ୍କା । ମଣିପୁରର ସେମିଲୁଙ୍ଗ ନାମକ ବ୍ୟକ୍ତି ପ୍ରଥମେ ଏହି ଟିଫିନ ବକ୍ସ କିଣିଛନ୍ତି । ଏହାର କାରିଗରି ଉପରେ ସେ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଜୁଲାଇ ୧୯୯୫

- ନିଷେଧ ଡ୍ରଗ୍ସ ସେବନ କରିଥିବା ଅଭିଯୋଗରେ ବିଶ୍ୱ ସୁପର–ୱେଲଟର ୱେଟ ଚାମ୍ପିୟନ ଗିଆନ ଫ୍ରାଙ୍କୋଙ୍କୁ ଇଟାଲିଆନ ବକ୍ସିଂ ଫେଡେରେଶନ ପକ୍ଷରୁ ଦୁଇ ବର୍ଷୀୟା କଟକଣା ଜାରି କରାଯାଇଛି ।
- ଓଡ଼ିଶାର ଶିକ୍ଷା ଇତିହାସରେ ଏକ ପ୍ରଥମ ଘଟଣା ଭାବେ ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦି ସମ୍ବଲପୁର ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ନିଯୁକ୍ତ ହୋଇଛନ୍ତି ।
- ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାରେ ମହାମାରୀ ଯୋଗୁ ୭୦ ଜଣଙ୍କ ମୃତ୍ୟୁ ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | A | | 9 | | 8 | | 3 | | 4 | D | 1 | |
| | | | | 5 | 8 | | | 0 | | | | | | A |
| 8 | | | | | 3 | | D | C | | E | | | | |
| | 7 | | 1 | | | | | | | | | | C | 4 |
| | 2 | | | | | | | B | | C | | 8 | | |
| A | 4 | | | | 1 | | | 7 | | 0 | | | D | |
| 0 | | | 9 | | | | | | C | | | | | 5 |
| 1 | | | 0 | 3 | | | | | B | | | E | | |
| 7 | | | | E | B | | 4 | | D | | 5 | | | 9 |
| | B | | | 4 | | | 9 | D | | | | C | 0 | |
| C | | 8 | 5 | | | 3 | | | 4 | | D | | 7 | |
| | | | E | | 6 | B | 5 | | A | | 0 | | 9 | |
| 2 | | 3 | D | | 0 | | | 6 | | | | | | 1 |
| D | | | | | | E | | | | 2 | 1 | 6 | B | |
| | | | | | A | | 0 | | 5 | | | | | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 2 | 8 | 9 | E | 4 | C | 0 | 5 | 1 | 7 | 6 | A | 3 | D |
| C | 4 | 5 | 3 | 8 | 7 | 2 | A | 9 | B | D | E | 0 | 1 | 6 |
| 3 | 1 | 9 | C | 2 | A | D | 6 | B | 0 | 4 | 8 | 5 | 7 | E |
| 6 | A | 7 | 5 | 0 | D | 8 | E | 1 | 2 | 3 | 9 | B | C | 4 |
| E | D | 0 | 6 | B | 1 | 3 | 4 | 7 | 5 | C | A | 9 | 8 | 2 |
| D | 3 | 4 | 8 | 6 | C | 7 | 5 | A | 9 | E | 0 | 1 | 2 | B |
| 8 | 0 | C | 1 | 3 | 5 | 6 | 9 | D | 4 | B | 2 | 7 | E | A |
| 5 | 7 | 1 | D | 9 | 2 | 4 | B | E | 6 | A | C | 8 | 0 | 3 |
| A | B | 6 | E | 7 | 0 | 1 | 3 | 2 | D | 8 | 5 | 4 | 9 | C |
| 9 | E | 2 | A | 4 | B | 0 | C | 8 | 7 | 1 | 3 | 6 | D | 5 |
| 7 | 9 | B | 2 | C | E | 5 | D | 4 | A | 0 | 1 | 3 | 6 | 8 |
| 4 | 8 | A | B | 1 | 6 | E | 7 | 0 | 3 | 2 | D | C | 5 | 9 |
| 2 | 5 | 3 | 4 | A | 8 | 9 | 1 | C | E | 6 | 7 | D | B | 0 |
| 1 | C | D | 0 | 5 | 3 | A | 2 | 6 | 8 | 9 | B | E | 4 | 7 |
| 0 | 6 | E | 7 | D | 9 | B | 8 | 3 | C | 5 | 4 | 2 | A | 1 |

ଗତକାଲିର ଉତ୍ତର

# ସମ୍ପ୍ରତି ଯୁବସମାଜର ଦାୟିତ୍ୱ



ଇଂ. ବିଦ୍ୟାଧର ପଣ୍ଡା

କରୋନା ଭୂତାଣୁରେ ଆକ୍ରାନ୍ତ ହୋଇ ବିଶ୍ୱରୁ ଲକ୍ଷ ଲକ୍ଷ ଲୋକ ଆରପାରିକୁ ଚାଲିଗଲେଣି । ଆମଦେଶରେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ୯ ଲକ୍ଷ ଟପିଗଲାଣି । ମୃତ୍ୟୁ ସଂଖ୍ୟା ୨୪ ହଜାର ଛୁଇଁଲାଣି । ସେମାନଙ୍କ ଭିତରୁ ଅନେକେ ତାଙ୍କ ପରିବାର ପାଇଁ ହୁଏତ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥାଇ ପାରନ୍ତି । ଟିକେ ଚିନ୍ତା କରି ଦେଖନ୍ତୁ ତ ! ଅତିକମ୍‌ରେ ବିଶ୍ୱର ୫ ଲକ୍ଷ ୭୮ ହଜାରରୁ ଊର୍ଦ୍ଧ୍ୱ ମୃତ ଲୋକଙ୍କ ଉପରେ ତା'ର ତିନି କି ଚାରି ଗୁଣ ଲୋକ ନିଶ୍ଚିତ ଭାବରେ ନିର୍ଭର କରୁଥିବେ । ସେମାନେ ସମସ୍ତେ ଏବେ ନିରାଶ୍ରୟ । ଏ ସବୁ ଆଲୋଚନା କରି ଆପଣଙ୍କୁ ଭୟଭୀତ କରେଇବା ଲକ୍ଷ୍ୟ ନୁହେଁ ବରଂ ସରକାରଙ୍କ ପ୍ରତିଟି ଜନହିତକାରୀ ପଦକ୍ଷେପ ପଛରେ ଦୃଢ଼ଭାବରେ ଛିଡାହୋଇ ସହଯୋଗ କରିବାକୁ ଅନୁରୋଧ । ଏ ସମୟରେ କରୋନା ସମ୍ପର୍କିତ ଆଇନ ଅମାନ୍ୟ ସମାଜ ପ୍ରତି ଘୋର ବିପଦ । ଏଥିରେ ବିଶେଷକରି ଛାତ୍ର ଓ ଯୁବସମାଜର ସମ୍ପୃକ୍ତି ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି ।

ଏବେ ଇଟାଲୀ, ସ୍ପେନ୍, ଆମେରିକା ଓ ଜର୍ମାନ ପରି ଉନ୍ନତ ଦେଶ କରୋନା ଆଗରେ ହାର୍ ମାନି ସାରିଛନ୍ତି । ଆମେ ଯଦିଓ ତାଙ୍କ ପରି ଶୋଚନୀୟ ଅବସ୍ଥାରେ ପହଞ୍ଚି ନାହେଁ, ତଥାପି ବିଶ୍ୱ ବାହାରେ କେମିତି ରହିବା ! ସରକାରଙ୍କର ଦୂରଦୃଷ୍ଟି ଯୋଗୁ ଏପର୍ଯ୍ୟନ୍ତ କରୋନା ଭୂତାଣୁ ନିୟନ୍ତ୍ରଣରେ ଥାଇ ମଧ୍ୟ ୨୪ ହଜାରୁ ଅଧିକ ଲୋକଙ୍କ ମୁଣ୍ଡ ନେଇସାରିଲାଣି । ଆଗକୁ ସଚେତନ ନ ହେଲେ ପରିସ୍ଥିତି ଅଣାୟତ୍ତ ହେବାର ଆଶଙ୍କାକୁ ଏଡାଇ ଦେଇହେବ ନାହିଁ । ଏପରି ଭୟଙ୍କର ସଙ୍କଟପୂର୍ଣ୍ଣ ସମୟରେ ଦେଶ ପାଇଁ ପ୍ରତ୍ୟେକ ଛାତ୍ର ଓ ଯୁବସମାଜର ନିଶ୍ଚିତ ଭାବରେ କିଛି ନା କିଛି ଦାୟିତ୍ୱ ଓ କର୍ତ୍ତବ୍ୟ ଅଛି, ଯାହା କି ସମ୍ପୂର୍ଣ୍ଣ ନିଷ୍ଠାର ସହ ସମସ୍ତେ ପାଳନ କରିବା ଅନିବାର୍ଯ୍ୟ ।

କରୋନା ଭୂତାଣୁ ପ୍ରଭାବରେ ଦେଶର ସମସ୍ତ ନାଗରିକ ଏବେ ଆତଙ୍କିତ । ତେଣୁ ଆଜିଦିନରେ ଛାତ୍ର ଓ ଯୁବସମାଜ ପାଇଁ ଏହା ଏକ ଜରୁରୀ ସମାଜସେବାର ସୁଯୋଗ ସୃଷ୍ଟି କରିଛି । ମୟୂରଭଞ୍ଜର ଏକ ବସ୍ତିରେ କିଛି ଲୋକଙ୍କୁ ଅଯଥା ବୁଲୁଥିବାର ଦେଖି ପଚାରିଲେ ସେମାନେ କୁହନ୍ତି, ''ଆମକୁ କରୋନା ହେବନି । କରୋନା ପରିକା କେତେ ଦେଖିଛୁ ।'' ଆଉ କିଛି ଲୋକ ନିଜକୁ ଭଗବତ୍‌ପ୍ରେମୀ ବୋଲି କହି କୁହନ୍ତି, ''ଯାହା ଈଶ୍ୱରଙ୍କ ବରାଦ ସେଇଆ ହେବ । ମୁହଁ ଘୋଡେଇ ଚାଲିଲେ କ'ଣ ତୁମେ ବଞ୍ଚିଯିବ । ଯାହାର ଆୟୁଷ ଯେତିକି, ସିଏ ସେତିକି ଦିନ ବଞ୍ଚିବ । ଦଣ୍ଡେ ନିମିଷେ ଥିଲେ ପ୍ରାଣ, ନେଇ ନ ପାରେ ଜନ୍ତୁରାଣ ।'' ଏମାନେ ହେଲେ ପାଠୁଆ ଧର୍ମାନ୍ଧ ଅଜ୍ଞାନ ବ୍ୟକ୍ତି । ସମାଜ ପାଇଁ ବେଶି ମାରାତ୍ମକ । ଏମାନଙ୍କୁ ସଚେତନ କରାଇବା ଦାୟିତ୍ୱ ହେଲା ଆଜିର ଛାତ୍ର ଏବଂ ଯୁବସମାଜର । ସରକାରଙ୍କ ହାତରେ କେଇଟା ପୋଲିସ୍ ଅଛନ୍ତି ଯେ ସେମାନେ ସମସ୍ତଙ୍କ ମୁହଁ ଉପରେ କନା ବନ୍ଧା ଅଛି କି ନାହିଁ ଦେଖି ଦଣ୍ଡିତ କରିବେ ! ଆମର ଲୋକସଂଖ୍ୟା କ'ଣ କମ୍ କି ! ଏ ସବୁ ସରକାର ଉପରେ ଛାଡିଲେ କିଛି ହେବନି । ଛାତ୍ର ଓ ଯୁବସମାଜ ଆଗକୁ ଆସି ନିଜ ମହଲା, ନିଜ ଗଳି ଓ ନିଜସାହିର ଦାୟିତ୍ୱ ନିଅନ୍ତୁ । ଏହି ସମସ୍ୟାକୁ ହେୟଜ୍ଞାନ କରୁଥିବା ତଥା ନିୟମ ନ ମାନି ଲୁଚି ରହୁଥିବା ଲୋକମାନଙ୍କ ସଂସ୍ପର୍ଶରେ ଆସୁଥିବା ପ୍ରତ୍ୟେକ ଲୋକଙ୍କ ଜୀବନ ପ୍ରତି ବିପଦ ରହିଛି । ଯେତେ ବୁଝେଇଲେ ତାଙ୍କ ମଗଜରେ ଏ କଥା ଢୁକୁନି । ସେମାନଙ୍କ ଆଖପାଖରେ ଯେମିତି ହେଲେ କିଏ ନା କିଏ ଛାତ୍ର କି ଯୁବକ ନିଶ୍ଚିତ ଥିବେ ! ସେମାନେ ଯଦି ରାଷ୍ଟ୍ର ପ୍ରତି ତାଙ୍କର କର୍ତ୍ତବ୍ୟବୋଧ ଦେଖାଇ ସେମାନଙ୍କୁ ସଚେତନ କରିପାରନ୍ତେ ଦେଶର ମଙ୍ଗଳ ହୁଅନ୍ତା । ସେମାନଙ୍କ ବିଷୟରେ ପ୍ରଶାସନକୁ ଖବର ଦେଲେ ବି ସମାଜ ପ୍ରତି ନିଜ ଦାୟିତ୍ୱ ନିର୍ବାହ ହୋଇପାରିବ ।

କିଛିଲୋକ ଅଛନ୍ତି ଜ୍ଞାନବିଜ୍ଞାନଠାରୁ କୋଶେ ଦୂରରେ । ଆଉ କିଛି ସବୁ ଜାଣିଶୁଣି ବି କିଛି ମାନୁନାହାନ୍ତି । ପରିବା ହାଟ, ଗ୍ରୋସରି ଆଦି ଦୋକାନରେ ଲୋକଙ୍କ ସାଙ୍ଗରେ ଲଗାଲଗି ହୋଇ ଛିଡା ହେଉଛନ୍ତି । ଏମିତିରେ ପୋଲିସ୍ ଆସି ଦୋକାନୀକୁ ଗାଡିରେ ଉଠେଇ, ଦୋକାନ ସିଲ୍‌କରି ଚାଲିଯାଉଛି । ଏତେ ଭିଡ ଭିତରେ ଦୋକାନୀ ସଉଦା ବିକିବ ନା ଗରାଖମାନେ ଛାଡି ଛାଡି ଛିଡା ହୋଇଛନ୍ତି କି ନା ଚେକ୍ କରିବ ? ଏଥିପାଇଁ ତା'ପାଖରେ ଲୋକ କାହିଁ ? ତେଣୁ ପୋଲିସ୍‌ଗାଡିରେ ଯାଇ ଭାଗ୍ୟକୁ ଆଦରି ଥାନାରେ ବସୁଛି । ଆଉ କିଛିଲୋକ ପୋଲିସ ସାଇରନ୍ ଶୁଣିଲେ ସାମାଜିକ ଦୂରତା ରକ୍ଷାକରି ନିର୍ଦ୍ଧାରିତ ଗୋଲେଇ ଜାଗାରେ ଫଟାଫଟ୍ ଛିଡା ହୋଇ ଯାଉଛନ୍ତି । ବେକରେ ଝୁଲୁଥିବା ମାସ୍କକୁ ଉପରକୁ ଉଠାଇ ଦେଉଛନ୍ତି । ପୋଲିସ୍ ଦଳ ଚାଲିଗଲେ ପୁଣି ଯାହାକୁ ସେଇଆ, ପାଖାପାଖି ଲାଗି ଯାଉଛନ୍ତି ଓ ମୁହଁରୁ ମାସ୍କ ବି ଖସିଯାଉଛି । ଏତଦ୍‌ବ୍ୟତୀତ ଗାଁଗହଳି ମଫସଲ ଅଞ୍ଚଳରେ ଗୁଣିଆ ଡାକ୍ତର ବହୁତ ଅଛନ୍ତି । ଜଣ୍ଡିସ୍, ହଇଜା, କଲେରା ଆଦି ରୋଗରେ ପଣାଦେଇ ଦେବଦେବୀ ପୂଜା କରନ୍ତି, ଝଡାଫୁଙ୍କାରେ ରୋଗ ଭଲ କରିଦିଅନ୍ତି ବୋଲି ବିଶ୍ୱାସ । ସେମାନଙ୍କ ଭିତରୁ ଏବେ ବି କିଛି ବାହାସ୍ଫୋଟ ମାରି କହୁଛନ୍ତି, ''ଆସୁ କରୋନା । ମନ୍ଦାରଫୁଲ ହାରଗୁନ୍ଥି ପଣା ମାଠିଆଏ କରି ବନଦୁର୍ଗାଙ୍କୁ ଡାକି ପୂଜା କଲେ କୁଆଡେ ଯିବ ବାଟ ପାଇବନି । ଏଠି ଆସି ମୁଣ୍ଡ ନେବ ? ଏତେ ସାହସ !'' ଏମାନଙ୍କୁ କରୋନାର ପ୍ରକୃତ ଜ୍ଞାନ ତାଙ୍କରି ଭାଷାରେ ବୁଝାଇ ସଚେତନ କରିବା ଦାୟିତ୍ୱ ସେହି ଜାଗାର ଛାତ୍ର ଓ ଯୁବସମାଜର । କୁସଂସ୍କାର ମୁଣ୍ଡରେ ପ୍ରଚଣ୍ଡ ପଦାଘାତ କରି ସମାଜରୁ ସମ୍ପୂର୍ଣ୍ଣରୂପେ ଧ୍ୱଂସ କରିବା ହେଲା ଛାତ୍ର ଓ ଯୁବସମାଜର କର୍ତ୍ତବ୍ୟ ।

ଏ ସମୟରେ ଛାତ୍ର ଓ ଯୁବସମାଜ ଦେଶ ଏବଂ ସମାଜକୁ ସାହାଯ୍ୟ କରିବା ପାଇଁ ସ୍ୱତଃପ୍ରବୃତ୍ତ ଭାବରେ ଅଣ୍ଟା ଭିଡିବା ଆବଶ୍ୟକ । ଅପେକ୍ଷା କାହାକୁ ! କିଏ ତୁମକୁ ଡାକିବ ? ବଜାରରେ, ପଞ୍ଚାୟତରେ ବଡଲୋକଟିଏ ଏହି ସମୟରେ ତା'ର ପୁଅ ବାହାଘର କରିବାକୁ ଯାଉଛି । ଥାନାଠାରୁ ଦୂର । ଛକରେ ତମ୍ଭୁତଳ ପୋଲିସଦଳକୁ ହାତ କରି ସାରିଲାଣି । କିନ୍ତୁ ଆପଣ କ'ଣ ତାକୁ ସାମାଜିକ ଦୂରତା ପରି ବିଷୟକୁ ଭ୍ରୂକ୍ଷେପ କରି ସେ ଆୟୋଜନ କରିବାକୁ ଦେବେ ? ଆପଣଙ୍କ ପାଖ ଦୋକାନରେ ସରଳ ଗରିବଲୋକଗୁଡାକୁ ଦୋକାନୀ ଠକି ବହୁତ ଅଧିକ ଦାମ୍ ନେଇ ବିକ୍ରୟ କରୁଛି । ଆପଣ ଏସବୁ ଦେଖି କ'ଣ ଚୁପ୍ ରହିବେ ? ଏହାଛଡା ବିଶ୍ୱରେ କରୋନା ମାତିଥିବା ବେଳେ ଆମ ଭାରତରେ ତାଣ୍ଡବ ରଚିବା ଆରମ୍ଭ କଲାଣି । ରୋଗୀ ସଂଖ୍ୟା ବଢିବା ସମୟରେ ଆମଦେଶର ରକ୍ତ ଭଣ୍ଡାର ପୂରାଥିବା ଦରକାର । ରେଡ୍‌କ୍ରସ୍ ସାଙ୍ଗରେ ମିଶି ରକ୍ତଦାନ ଶିବିର ଆଦିର ଆୟୋଜନ କରିବା ମଧ୍ୟ ଆଜିଦିନରେ ଛାତ୍ର ଓ ଯୁବସମାଜର ନୈତିକ ଦାୟିତ୍ୱ । ପରିଶେଷରେ ଆଜିଦିନରେ ଛାତ୍ର ଓ ଯୁବସମାଜ ମନେରଖିବା ଉଚିତ ଯେ, ମାନବ ସେବା ହିଁ ମାଧବ ସେବା । ସମାଜସେବା ପାଇଁ ଏପରି ସୁବର୍ଣ୍ଣ ସୁଯୋଗ ବାରମ୍ବାର ଜୀବନରେ ଆସି ନ ପାରେ, ତେଣୁ ଏହାର ଯଥାଯଥ ସଦୁପଯୋଗ କରିବାକୁ ଆଦୌ ଭୁଲନ୍ତୁ ନାହିଁ ।

ଡୁମୁଡୁମା, ଭୁବନେଶ୍ୱର, ମୋ–୯୪୩୯୧୨୮୦୫୦

## ପାଠକ ଶ୍ରେଷ୍ଠ ବିଚାରକ

### କର୍ତ୍ତବ୍ୟରେ ଅବହେଳା

ମହାଶୟ,

କରୋନା ମହାମାରୀ ଦାଉରେ ଏବେ ସାରା ବିଶ୍ୱବାସୀ କବଳିତ ଓ ଭୀତତ୍ରସ୍ତ । ଏହାର ପ୍ରତିରୋଧ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରୁଛନ୍ତି । ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ସ୍ୱେଚ୍ଛାସେବୀ ଓ ସାରା ପୋଲିସ ବାହିନୀ ଯୋଦ୍ଧା ସାଜି ଦିନରାତି ପ୍ରାଣମୂର୍ଚ୍ଛା କର୍ତ୍ତବ୍ୟ କରିଚାଲିଛନ୍ତି । ଏହି ଅବସରରେ ଗବେଷକ, ବିଶେଷଜ୍ଞ ଓ ରାଷ୍ଟ୍ରନାୟକମାନେ ବିବ୍ରତ ଓ ବ୍ୟଥିତ ହୋଇପଡ଼ିଲେଣି । ମାତ୍ର କିଛି ରାଜନେତାଙ୍କର ଏଥିପ୍ରତି ଆଦୌ ଧ୍ୟାନ ନାହିଁ । ଦେଶବାସୀଙ୍କ ଏପରି ବିପତ୍ତି କାଳରେ କରୋନାକୁ ରୋକିବାକୁ ପ୍ରୟାସ କରିବା ପରିବର୍ତ୍ତେ ରାଜନୈତିକ ଫାଇଦା ହାସଲରେ ତତ୍ପର ହୋଇଉଠିଛନ୍ତି । ପରିତାପର ବିଷୟ, ରାଜନେତାମାନେ ସୁନାଗରିକ ଓ ସଚେତନ ହେଲେ ହେଁ ଗାଇଡ୍‌ଲାଇନ୍‌କୁ ଆଦୌ ମାନୁ ନାହାନ୍ତି । ଆପତ୍‌କାଳରେ ସାହାଯ୍ୟ ସହଯୋଗ ପରିବର୍ତ୍ତେ ସରକାରଙ୍କ ତ୍ରୁଟିକୁ ବାଛିବାରେ ସମୟ ବିତାଉଛନ୍ତି । ଏପରି ସମୟରେ ନିଜର ରାଜନୈତିକ ସ୍ଥିତିକୁ ସୁଧାରିବା ପାଇଁ ଦଳୀୟ ସଙ୍ଗଠନ କାର୍ଯ୍ୟରେ ଲିପ୍ତ ରହିବା ଅତ୍ୟନ୍ତ ନିନ୍ଦନୀୟ ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

କଜଳ ନୟନା ସଜଳ ଚିକୁରେ ତୋର
ଲୁଚି ଲୁଚି ଖେଳେ ବରଷା–ପବନ–ଚୋର
ଦେଖି ସେ ସୁଷମା ନାଚି ଉଠେ ତରୁଲତା
ଆକାଶୁଁ ଲୋତକ ଝରିପଡ଼େ ଝର ଝର ।
(ରୂପର ମୋହ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ୧୦ ଜିଲ୍ଲାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୫।୭(ବ୍ୟୁରୋ):** ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଏହାର ଆଖପାଖ ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏଥିସହିତ ରାଜ୍ୟରେ ମୌସୁମୀ ବାୟୁ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି କୋରାପୁଟ, ଗଜପତି, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୁନ୍ଦରଗଡ଼, ସମ୍ବଲପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚାନ୍ଦବାଲିରେ ୧୯.୨ ମିଲିମିଟର ବର୍ଷା ହୋଇଥିବା ବେଳେ ପାରାଦୀପ ୧୩, ପୁରୀ ୩୧.୬, ସୁନ୍ଦରଗଡ଼ ୨୪, ଭବାନୀପାଟଣା ୩୦.୨, ବଲାଙ୍ଗୀର ୩୮.୬, ଟିଟିଲାଗଡ଼ ୬୪.୬, ଦାରିଙ୍ଗବାଡ଼ି ୧୩, ଛତ୍ରପୁର ୧୦, ପାରଳାଖେମୁଣ୍ଡି ୧୦.୮ ଏବଂ ରାୟଗଡ଼ା ଜିଲ୍ଲାରେ ୪୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଯୁବପିଢ଼ିଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ

### ୪ ସଂସ୍ଥା ସହ ରାଜ୍ୟ ସରକାରଙ୍କ ଏମ୍ଓୟୁ

**ଭୁବନେଶ୍ୱର,୧୫।୭(ବ୍ୟୁରୋ)**

ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ରାଜ୍ୟ ସରକାର ବିଭିନ୍ନ ସଂସ୍ଥା ସହ ୪ଟି ଏମ୍ଓୟୁ ସ୍ୱାକ୍ଷର କରିଛନ୍ତି। ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ବୁଧବାର ଭର୍ଚୁଆଲ ପ୍ଲାଟ୍‌ଫର୍ମରେ ଓଡ଼ିଶା ସ୍କିଲ୍ ଡେଭ୍‌ଲପମେଣ୍ଟ ଅଥରିଟି(ଓଏସ୍‌ଡିଏ) ଏବଂ ୟୁଏନ୍ ୱିମେନ ମଧ୍ୟରେ ପ୍ରଥମ ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିଲା। ଓଏସ୍‌ଡିଏର ନିର୍ଦ୍ଦେଶିକା ରଶ୍ମିତା ପଣ୍ଡା ଏବଂ ୟୁଏନ୍ ୱିମେନର ଡେପୁଟି କଣ୍ଟ୍ରି ରିପ୍ରେଜେଣ୍ଟେଟିଭ୍ ନିଷ୍ଠା ସତ୍ୟମ ଏହି ଏମ୍ଓୟୁ ସ୍ୱାକ୍ଷର କରିଥିଲେ। ୟୁଏନ୍ ୱିମେନ ସହ ସହଭାଗିତା ଦ୍ୱାରା ପ୍ରଚଳିତ ଥିବା ତଥା ନୂତନ ସ୍କିଲିଂ ପଦକ୍ଷେପଗୁଡ଼ିକର ପରିକଳ୍ପନା ଓ କାର୍ଯ୍ୟାନ୍ୱୟନକୁ ଲିଙ୍ଗଗତ ଦୃଷ୍ଟିକୋଣରୁ କରାଯିବ। ବିଶେଷକରି ଏହା ମହିଳା ସଶକ୍ତୀକରଣ ଓ ଲିଙ୍ଗଗତ ସମାନତାରେ ସହାୟକ ହେବ ବୋଲି କୁହାଯାଇଛି।

ସେହିଭଳି ଦ୍ୱିତୀୟ ଭର୍ଚୁଆଲ ଏମ୍ଓୟୁ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ଏବଂ ସାକ୍ ରୋବୋଟିକ୍ସ ମଧ୍ୟରେ ହୋଇଥିଲା। ସାକ୍ ରୋବୋଟିକ୍ସକୁ ଧୀରେ ଧୀରେ ରାଜ୍ୟର ସମସ୍ତ ଆଇଟିଆଇରେ ସାମିଲ କରାଯିବ। ଆଇଟିଆଇ ଛାତ୍ରୀଛାତ୍ରଙ୍କୁ ନିଜ ଟ୍ରେଡ୍ ସହ ରୋବୋଟିକ୍ସ ସ୍କିଲ୍‌ସରେ ମଧ୍ୟ ଏକ ନୂତନ ଅଭିଜ୍ଞତା ପ୍ରଦାନ କରିବ। ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରେଘୁ ଜୀ ଏବଂ ସାକ୍ ରୋବୋଟିକ୍ସର ପ୍ରତିଷ୍ଠାତା ଏହି ଏମ୍ଓୟୁ ସ୍ୱାକ୍ଷର କରିଥିଲେ। ଆଉଏକ ଏମ୍ଓୟୁ ଓଏସ୍‌ଡିଏ ଏବଂ କୋର୍ସେରା ମଧ୍ୟରେ ହୋଇଥିଲା। କୋଭିଡ୍-୧୯ ମହାମାରୀ ପରିସ୍ଥିତିରେ କୋର୍ସେରା ସହିତ ସହଭାଗିତା ଦ୍ୱାରା ଡାଟା ସାଇନ୍ସ, ଟେକ୍ନୋଲୋଜି ଭଳି ସଦ୍ୟତମ ପାଠ୍ୟକ୍ରମରେ ଓଡ଼ିଶାର ଯୁବପିଢ଼ିଙ୍କୁ ଅପ୍-ସ୍କିଲିଂ ଏବଂ ରି-ସ୍କିଲିଂ କରାଯାଇପାରିବ। ଓଏସ୍‌ଡିଏର ନିର୍ଦ୍ଦେଶିକା ରଶ୍ମିତା ପଣ୍ଡା ଏବଂ କୋର୍ସେରାର ସିଇଓ ଜେଫ୍ ମ୍ୟାଗ୍‌ନ୍‌କାଲଡା ଏହି ଏମ୍ଓୟୁ ସ୍ୱାକ୍ଷର କରିଥିଲେ। ୪ର୍ଥ ଏମ୍ଓୟୁ ଓଏସ୍‌ଡିଏ ଏବଂ ଏସ୍‌ଏପି-ଇଆର୍‌ପି ମଧ୍ୟରେ ହୋଇଥିଲା। ଏସ୍‌ଏପିର ସହଭାଗୀ ଟାଇମ୍ସ ପ୍ରୋର ସହଭାଗିତା ଦ୍ୱାରା ସରକାରୀ ଇଞ୍ଜିନିୟରିଂ ଏବଂ ବୃତ୍ତିଗତ ଅନୁଷ୍ଠାନର କୁଶଳୀ ଓଡ଼ିଆ ଯୁବପିଢ଼ି ଏସ୍‌ଏପି-ଇଆର୍‌ପି ପାଠ୍ୟକ୍ରମରେ ତାଲିମ୍ ନେଇପାରିବେ। ଏହା ସେମାନଙ୍କୁ ବିଶ୍ୱ ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସକ୍ଷମ କରିବ। ଦେଶ ଏବଂ ରାଜ୍ୟ ଆଇଟି ଇଣ୍ଡଷ୍ଟ୍ରି ନିମନ୍ତେ ମାନବସମ୍ବଳ ସୃଷ୍ଟି କରିବ। ଓଏସ୍‌ଡିଏ ନିର୍ଦ୍ଦେଶିକା ପଣ୍ଡା ଏବଂ ଟାଇମ୍ସ ପ୍ରଫେସନାଲ ଲର୍ନିଂର ସିଇଓ ଅନିଶ ଶ୍ରୀକ୍ରିଷ୍ଣା ଏବଂ ସାପ୍ ଡିଜିଟାଲ ସର୍ଭିସେସ୍‌ର ସିଓଓ ରାଜେଶ ମୁସାଲିୟଥ ଏମ୍ୟୁ ସ୍ୱାକ୍ଷର କରିଥିଲେ।

ଏମ୍ଓୟୁ ସ୍ୱାକ୍ଷର ହେବା ଅବସରରେ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ, କୋଭିଡ୍-୧୯ ଆଜି ସମସ୍ତଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଭଳି ସମୟରେ ଓଡ଼ିଶାର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ନୂତନ ଉଦ୍ଭାବନ କ୍ଷେତ୍ରରେ କ୍ରମାଗତଭାବେ ଆଗେଇ ଚାଲିଛି। ସମସ୍ତଙ୍କ ସହଯୋଗରେ ଆମ ଯୁବପିଢ଼ିଙ୍କ ପାଇଁ ଦକ୍ଷତା ବିକାଶ କ୍ଷେତ୍ରରେ ଅଧିକରୁ ଅଧିକ ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ସେ କହିଥିଲେ। ଓଏସ୍‌ଡିଏ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ, ଦକ୍ଷତା ବିକାଶ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ ଏହି ଡିଜିଟାଲ କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ବିଭାଗୀୟ ସଚିବ ସଞ୍ଜୟ କୁମାର ସିଂ ଏହି ମିଟ୍‌ର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସେହିଭଳି ବିଭିନ୍ନ ଆଇଟିଆଇ ଦ୍ୱାରା ଶିଳ୍ପ ସଂସ୍ଥାଗୁଡ଼ିକୁ ଦକ୍ଷତା ଇକୋସିଷ୍ଟମ ପ୍ରତି ଆକର୍ଷିତ କରିବା ସହ ରାଜ୍ୟରେ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲାଗି ଏକ ୱେବିନାରର ଆୟୋଜନ ମଧ୍ୟ କରାଯାଇଥିଲା।

# ମିସ୍ ଇଣ୍ଡିଆ-୨୦୨୦ରେ ଓଡ଼ିଆ ଝିଅଙ୍କୁ ସଫଳତା



ଦୀପ୍ତିରାଣୀ।

### ସେମିଫାଇନାଲରେ ଜୟପୁରର ଦୀପ୍ତିରାଣୀ

**ଜୟପୁର,୧୫।୭ (ନି.ପ୍ର.):** ଜାତୀୟ ସ୍ତରରେ ସୁନ୍ଦରୀ ପ୍ରତିଯୋଗିତାରେ ଚମକିଲେ ପୁଣି ଜଣେ ଓଡ଼ିଆ ଝିଅ। ଜିରୋନ ପ୍ରଡକ୍ସନ ହାଉସ୍ ପକ୍ଷରୁ ଆୟୋଜିତ ମିସ୍ ଇଣ୍ଡିଆ-୨୦୨୦ ସିଜନ-୨ରେ କୋରାପୁଟ ଜିଲ୍ଲାର ଜୟପୁରର ଦୀପ୍ତିରାଣୀ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ତାଙ୍କର ଏହି ସଫଳତା କୋରାପୁଟ ଜିଲ୍ଲା ତଥା ରାଜ୍ୟ ପାଇଁ ଆଣିଦେଇଛି ଗୌରବ। ମେଧାବୀ ଛାତ୍ରୀ ଦୀପ୍ତିରାଣୀ ଫ୍ୟାଶନ ଦୁନିଆ ପ୍ରତି ରୁଚି ରଖିଥିଲେ। କୋରାପୁଟର କଳା ସଂସ୍କୃତିକୁ ଉଚ୍ଚ ସୋପାନରେ ପହଞ୍ଚାଇବା ଲକ୍ଷ୍ୟ ରଖିଥିବା ଏହି ଝିଅ ମିସ୍ ଇଣ୍ଡିଆ ପ୍ରତିଯୋଗିତା ପାଇଁ ଅନ୍‌ଲାଇନରେ ପଞ୍ଜୀକରଣ କରିଥିଲେ। ପ୍ରତିଯୋଗିତା ଆରମ୍ଭ ହେବା ପରେ ସେ ଗୋଟିଏ ପରେ ଗୋଟିଏ ରାଉଣ୍ଡ ଅତିକ୍ରମ କରି ସେମିଫାଇନାଲରେ ପହଞ୍ଚିପାରିଛନ୍ତି। ଆଗକୁ ଫାଇନାଲରେ ପ୍ରବେଶ ପାଇଁ ସେ ଆଶା ରଖିଛନ୍ତି। ଏହି ପ୍ରତିଯୋଗିତାରେ ସେମିଫାଇନାଲ ପର୍ଯ୍ୟନ୍ତ ଆସିବା ତାଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ଥିଲା ବୋଲି ଦୀପ୍ତିରାଣୀ କହିଛନ୍ତି, ସେ ଜଣେ ମଡେଲ ହେବା ଲାଗି ପିଲାଦିନୁ ଇଚ୍ଛା ରଖିଥିଲେ। ସ୍କୁଲରୁ ଆରମ୍ଭ କରି କଲେଜ ପର୍ଯ୍ୟନ୍ତ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଅଭିନୟକରି ପୁରସ୍କୃତ ହୋଇଛନ୍ତି। ମୁଁ ବି ହିରୋଇନ ହେବି, ମିଠାମିଠା କଥା, ମୁଁ ହିରୋ ମୋ ଓଡ଼ିଶା,ଏକ ଭାରତ ଶ୍ରେଷ୍ଠ ଭାରତ ଆଦି ପ୍ରତିଯୋଗିତାରେ ନିଜକୁ ସାମିଲ କରି ସଫଳତା ପାଇଛନ୍ତି।

# ତାଲିମ୍‌ପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ଦିଆଯାଉ

### ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

**କଟକ ଅଫିସ,୧୫।୭:** ରାଜ୍ୟରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଚିକିତ୍ସା ବ୍ୟବସ୍ଥା ସଜାଡ଼ିବାକୁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏହି କ୍ରମରେ ତାଲିମ୍‌ପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ବିଭିନ୍ନ ପଦପଦବୀରେ ନିଯୁକ୍ତି ଦେବା ପାଇଁ ବୁଧବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ସାମାଜିକ କର୍ମୀ ତଥା ତାଲିମ୍‌ପ୍ରାପ୍ତ ବେରୋଜଗାର ଯୁବକ କଲ୍ୟାଣ ଟ୍ରଷ୍ଟର ସଭାପତି ପାର୍ଥସାରଥୀ ଜେନାଙ୍କ ତରଫରୁ ଏହି ମାମଲା ରୁଜୁ କରାଯାଇଛି। ଆଇନ୍‌ଜୀବୀ କ୍ଷୀରୋଦ ରାଉତ ଏହାକୁ ପରିଚାଳନା କରୁଛନ୍ତି। ଏଥିରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ପକ୍ଷଭୁକ୍ତ କରାଯାଇଛି।

ଆବେଦନରେ ଉଲ୍ଲେଖ ହୋଇଛି ଯେ, କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ପରେ ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ପୂର୍ବରୁ ନର୍ସ ଏବଂ ଅନ୍ୟାନ୍ୟ ପାରା ମେଡ଼ିକାଲ୍ କର୍ମଚାରୀଙ୍କୁ ଅସ୍ଥାୟୀ ଭାବେ ନିୟୋଜିତ କରିଛନ୍ତି। ସେମାନେ ଉତ୍ତମ ଚିକିତ୍ସା ସେବା ଯୋଗାଇବାରେ ପ୍ରମୁଖ ଭୂମିକା ନେଉଛନ୍ତି। ଏଣୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ସେମାନଙ୍କ ନିଯୁକ୍ତି ଅବଧିକୁ ବୃଦ୍ଧି କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ କୋଭିଡ୍ ହସ୍‌ପିଟାଲ୍ ଖୋଲାଯାଇଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭକରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସବୁଠି ସେବା ଯୋଗାଇବାକୁ ପଦକ୍ଷେପ ନିଆଯାଉଛି। ତେବେ କରୋନା ମୁକାବିଲାରେ କର୍ମଚାରୀଙ୍କ ଘୋର ଅଭାବ ଦେଖିବାକୁ ମିଳୁଛି। ରାଜ୍ୟରେ ୬୬୮୮ଟି ପାରା ମେଡିକାଲ୍ ପଦବୀ ଥିବାବେଳେ ପ୍ରାୟ ୧୫ଶହ ପଦବୀ ଖାଲି ପଡ଼ିଛି। ଏଥିଯୋଗୁ ଚିକିତ୍ସା ଠିକ୍ ଭାବେ ହୋଇପାରୁ ନାହିଁ। ରାଜ୍ୟରେ ଥିବା ପ୍ରାୟ ୧୭ହଜାର ତାଲିମ୍‌ପ୍ରାପ୍ତ ମହିଳା ଏନ୍ଏନ୍ଏମ୍ ଏବଂ ବହୁ ସଂଖ୍ୟକ ପାରା ମେଡ଼ିକାଲ୍ କର୍ମୀ ନିଯୁକ୍ତି ପାଇନାହାନ୍ତି। ଲକ୍‌ଡାଉନ୍ ଚାଲିଥିବାରୁ ନିକଟ ଭବିଷ୍ୟତରେ ସେମାନଙ୍କୁ ନିଯୁକ୍ତି ମିଳିବା ଆଶା ମଧ୍ୟ ମଉଳିବାରେ ଲାଗିଛି। ଏଣୁ ଉତ୍ତମ କରୋନା ଚିକିତ୍ସା ସେବା ଯୋଗାଇଦେବା ପାଇଁ ତାଲିମ୍‌ପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ବିଭିନ୍ନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମେଡିକାଲ୍ କଲେଜ, ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ଦିଆଯାଉ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେବା ପାଇଁ ଆବେଦନରେ ପ୍ରାର୍ଥନା କରାଯାଇଛି।

# ଛାତ୍ରୀଙ୍କ ଘରେ ପହଞ୍ଚି ଆଲୋଚନା କଲେ କୁଳପତି

### କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ହୋମ୍ ବେସ୍‌ଡ ପରୀକ୍ଷା

**କୋରାପୁଟ, ୧୫।୭ (ସ୍ୱ.ପ୍ର.):** କୋଭିଡ୍ -୧୯ ପରିପେକ୍ଷୀରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା ପକ୍ଷରୁ ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟ ହୋମ୍ ବେସ୍‌ଡ ପରୀକ୍ଷା ଚାଲିଛି। ଏନେଇ ଅନୁଧ୍ୟାନ କରିବାକୁ ବୁଧବାର କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମ କୋରାପୁଟ ସହରର କେତେଜଣ ଛାତ୍ରୀଙ୍କ ଘରେ ପହଞ୍ଚି ଆଲୋଚନା କରିଛନ୍ତି। କୁଳପତି ରାମବ୍ରହ୍ମମ ସହରର ଜଗନ୍ନାଥ ମନ୍ଦିର କଲୋନୀରେ ରହୁଥିବା ଅର୍ଥନୀତି ବିଭାଗର ଛାତ୍ରୀ ଦୁଲଗ୍ରାଙ୍ଗ ଶବରଙ୍କ ଘରକୁ ଯାଇ ସେ କିପରି ଭାବେ ହୋମ୍ ବେସ୍‌ଡ ପରୀକ୍ଷା ଦେଉଛନ୍ତି ପଚାରି ବୁଝିଥିଲେ। ପରେ ଅରବିନ୍ଦନଗରଠାରେ ରହୁଥିବା ଅର୍ଥନୀତି ବିଭାଗର ଛାତ୍ରୀ ଶ୍ୱେତା ଚୌଧୁରୀଙ୍କ ଘରକୁ ଯାଇ ପରୀକ୍ଷା ସମ୍ପର୍କରେ ଛାତ୍ରୀ ଓ ତାଙ୍କ ମାଆବାପାଙ୍କ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ପରୀକ୍ଷା ୧୪ରୁ ଆରମ୍ଭ ହୋଇଛି। ଏହା ୨୨ ଯାଏ ଚାଲିବ। ଏଥିରେ ୧୦୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି।

# ସବୁ ଆର୍‌ଟିଓରେ ହେବ ସ୍ୱତନ୍ତ୍ର ସିଙ୍ଗଲ୍ ୱିଣ୍ଡୋ କାଉଣ୍ଟର୍

### ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

**କଟକ ଅଫିସ,୧୫।୭:** ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ଗୁଡ଼ିକରେ ପ୍ରାୟତଃ ସବୁ ସମୟରେ ଭିଡ଼ ଜମୁଥିବାରୁ ଦିବ୍ୟାଙ୍ଗମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବିଶେଷକରି ଡ୍ରାଇଭିଂ ଲାଇସେନ୍ସ ଏବଂ ଅନ୍ୟାନ୍ୟ ପ୍ରମାଣପତ୍ର ଆବେଦନରେ ସମସ୍ୟା ଭୋଗୁଥିଲେ। ଏହାକୁ ଦୃଷ୍ଟିରେ ରଖି ସମସ୍ତ ଆର୍‌ଟିଓରେ ସ୍ୱତନ୍ତ୍ର ସିଙ୍ଗଲ୍ ୱିଣ୍ଡୋ କାଉଣ୍ଟର୍ ଖୋଲିବା ପାଇଁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ବୁଧବାର ବିଭାଗ ପକ୍ଷରୁ ପରିବହନ କମିଶନରଙ୍କୁ ଚିଠି ଲେଖାଯାଇଛି। ତୁରନ୍ତ ସମସ୍ତ ଆର୍‌ଟିଓରେ ଏହି ବ୍ୟବସ୍ଥା କରିବା ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, ଗତ ଡିସେମ୍ବର ୨୦ ତାରିଖରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ରାଜ୍ୟସ୍ତରୀୟ ଉପଦେଷ୍ଟା ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପରିବହନ କାର୍ଯ୍ୟାଳୟଗୁଡ଼ିକରେ ଦିବ୍ୟାଙ୍ଗମାନେ କିଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେନେଇ ଆଲୋଚନା କରାଯାଇଥିଲା। ସ୍ୱତନ୍ତ୍ର ସିଙ୍ଗଲ୍ ୱିଣ୍ଡୋ କାଉଣ୍ଟର୍ ଖୋଲିବା ପାଇଁ ପରିବହନ ବିଭାଗକୁ ଅନୁରୋଧ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏନେଇ ପରିବହନ ବିଭାଗକୁ ଚିଠି ଲେଖାଯାଇଥିଲା। ବିଭାଗ ସ୍ତରରେ ଏହି ପ୍ରସ୍ତାବ ଉପରେ ଆଲୋଚନା ପରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ଅନୁଯାୟୀ ବୁଧବାର ପରିବହନ କମିଶନରଙ୍କୁ ଚିଠି ଲେଖାଯାଇଛି।


**DHARITRI GRAM PANCHAYAT LEVEL FEDERATION, GUMMA**
**ODISHA LIVELIHOOD MISSION, GUMMA, GUMMA BLOCK**
**ADVERTISEMENT**

Applications are invited from the eligible candidates to fill up 1 No. of post of Programme Manager, 1 No. of post of Accountant & 1 No. of MIS Assistant in Dharitri GPLF of Gumma Block on contractual basis for Centre of Excellence (CoE) project under Odisha Livelihood Mission (OLM) of Panchayati Raj & Drinking Water Department of Odisha. For details regarding application form, eligible criteria, remuneration, selection procedure, document etc. are available in Gajapati district official website www.gagpati.nic.in from 10 July 2020. Application in prescribed format duly filled in along with all relevant documents (self attested) are to be submitted in a sealed cover superscribed "APPLICATION FOR THE POST OF PROGRAMME MANAGER / ACCOUNTANT/ MIS ASSISTANT" in the address of President, Dharitri GPLF, At/P.O.- Gumma, Block - Angul, Dist.- Gajapati, PIN-761207 through registered post / speed post (Indian Post) only and no other means latest by 25.07.2020 (5.00 P.M.), the application to be received by other means instead of registered post/speed post and beyond the deadline will not be taken into consideration for selection. Incomplete application, application without signature, non submission of required documents shall be rejected without any information. Further legal action will be initiated against the candidate who will submit false documents and information for the same. Those candidates already applied for the above post they need not apply again. GPLF Dharitri reserves the right to reject or accept any or applications without assigning any reason thereof.

Sd./- Secretary of Dharitri GPLF, Gumma Block, Gajapati District
Sd./- President of Dharitri GPLF, Gumma Block, Gajapati District

**OFFICE OF THE DFO-CUM-DMU CHIEF, OFSDP PHASE - II, JHARSUGUDA FOREST DIVISION**
At/P.O.- Badmal, Via- K.M. Road, Jharsuguda, PIN - 768202
E-mail: dmuchiefjsg@gmail.com, Ph.: 06645-277151

**CORRIGENDUM**

**FOR CONTRACTUAL ENGAGEMENT OF FMU COORDINATOR (TRAINING & PROCESS DOCUMENTATION) UNDER ODISHA FORESTRY SECTOR DEVELOPMENT PROJECT - II**

With reference to our advertisement published in Sambad & Dharitri Newspaper on dated 14th July, 2020 in all Odisha edition for engagement of one Post FMU Coordinator (Training & process Documentation) in Belpahar FMU of Jharsuguda DMU on contractual basis is hereby cancelled due to unavoidable reasons.

Sd./- DFO-cum-DMU Chief,
Jharsuguda Forest Division

**BHUBANESWAR DEVELOPMENT AUTHORITY**
Akash Shova Building, Sachivalaya Marg, Bhubaneswar-751001
visit us at: http://www.bda.gov.in/

RFP No. Eng-IV-VEH01/2014 (Part)/392 Date. 14/07/2020

**RFP FOR SELECTION OF AGENCY FOR SUPPLY OF VEHICLES WITH DRIVERS ON HIRED BASIS**

Bhubaneswar Development Authority invites **"RFP FOR SELECTION OF AGENCY FOR SUPPLY OF VEHICLES WITH DRIVERS ON HIRED BASIS TO BDA"** in double cover system. The RFP document will only be available in BDA website @ **www.bda.gov.in** from **16.07.2020 from 10.30 A.M. up to 31.07.2020 at 05.00 P.M.** The RFP documents can be downloaded from the BDA website **(http://www.bda.gov.in).** The last date of receipt of proposal through **Speed Post/ Registered Post** only is **up to 3.30 P.M. on 06.08.2020** and the RFP documents received will be opened at **4.30 P.M.** on the same day in the office of the Executive Engineer, Division No. IV, BDA, Bhubaneswar in the presence of the bidders or their authorised representatives. Please refer to the RFP documents available BDA website for further details. Any addendum/ corrigendum/ cancellation of tender can only be seen in the said BDA website.

Sd/-
Executive Engineer, Division No. IV, BDA

**The Odisha State Co-operative Milk Producers' Federation Limited**
omfed
D-2, Sahidnagar, Bhubaneswar - 751007
Ph. No.- 0674-2546030, 2540273, 2540417,
Fax No: 0674-2540974, Email ID : omfed@yahoo.com
www.omfed.com

**TENDER NOTICE FOR SUPPLY, INSTALLATION ,TESTING, COMMISSIONING AND TRIAL RUN OF DAIRY EQUIPMENT TO BE INSTALLED AT DIFFERENT DAIRIES OF OMFED.**

CAD-264:-

**Sealed Tenders invited for Supply, Installation ,Testing, Commissioning and Trial run of Dairy equipment to be installed at different dairies of OMFED.**

Interested bidders may visit our **website:www.omfed.com** from time to time for details/addendum/corrigendum If any, in the matter and downloading of Tender documents. The Management reserves its right to accept or reject any or all the Tenders at any stage without assigning any reasons thereof.

Managing Director
OIPR-06063/11/0022/2021

**OHPC**
**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST.: KALAHANDI - 766026, E-mail: sgmel_uihep@ohpcltd.com

**ODISHA HYDRO POWER CORPORATION LTD.**
(A GOVERNMENT OF ODISHA UNDERTAKING)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. UIHEP-15/2020-21 Date: 10.07.2020**

No. CAD-267: Sealed tenders are invited in two part i.e. (i) Techno Commercial Bid & (ii) Price bid in separate sealed envelopes from eligible bidders meeting eligibility criteria only for exectuion of the following work

| Description of Work | Cost of Tender Paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale/ download of tender document | Last date & Time of receipt of Tender | Date & Time of Opening of Techno Commercial Bid |
|---|---|---|---|---|---|
| Annual Mainenance of Control and Relay Panels of UIHEP, Mukhiguda for a period of 02 years. | 7,080/- (inclusive of GST) | 34,600/- | From Dt.20.07.2020 to Dt.04.08.2020 (Upto 12.00 Hrs.) | 04.08.2020 (Upto 13.00 Hrs.) | 04.08.2020 at 16.00 Hrs. |

For details of the tender documents, terms and conditions please visit our website **www.ohpcltd.com**.

Sd./- Unit Head, UIHEP, Mukhiguda
OIPR-32136/11/0015/2021

**GANGADHAR MEHER UNIVERSITY, SAMBALPUR**
No.3673/GMU Date 15.7.2020

**SECOND TIME QUOTATION CALL NOTICE**

Quotations in sealed cover from reputed travel agencies / Tour Operators/ Private Individuals are invited by the office of the undersigned for providing following vehicles for use on hire basis.

| Sl. No. | Category of Offices | Vehicle Details | Qty. |
|---|---|---|---|
| 1 | Hon'ble Vice Chancellor | Ciaz/Honda City (Petrol, BS-IV or Higher) | 1 |
| 2 | Registrar | Swift Dzire (Petrol, BS-IV or Higher) | 1 |

Quotations should reach the office of the undersigned latest by 27.07.2020 upto 03.00 P.M. Other details and quotations form are available on university website www.gmuniversity.ac.in. The firms who have applied earlier are not required to apply again.
The undersigned reserves the right to reject any / all quotations without assigning any reason thereof.

Sd./- REGISTRAR

**NESCO UTILITY**
**OFFICE OF THE SUPERITENDING ENGINEER (ELECT)**
**ELECTRICAL CIRCLE, BALASORE**
**NOTICE INVITING TENDER**

**Tender Notice No. 3090** **Dt: 13.07.2020**

For and on behalf of NESCO Utility Sealed tenders are invited in duplicate in two part bidding system from eligible bidders who comply with the terms & conditions and specification laid down in the tender documents for **'Shifting work of lines (HT & LT) and sub-stations / dismantle from the premises of School and Anganwadi Center on Turnkey Basis'** under Khaira/ Soro/ Markona Electrical Sub-Division in Balasore District of Odisha.
**Last date of submission of Bid:** Dt 28.07.2020 upto 2.00 PM, Date of opening of Bid : Dt. 28.07.2020 at 3.30 PM. For details please visit our website- **www.nescoodisha.com**.
Corrigendum if any will be published in the website only.

**Superintending Engineer (Elect.)**

**PARADIP PORT TRUST**
**e-TENDERING NOTICE**

Online tenders in three bid system i.e (1) EMD Bid (2) Technical Bid (3) Price Bid are invited from manufacturers/authorized dealers for supply of **Stable Bleaching Powder Gr-1.** The last date and time of submission of the tender is **17.15 Hours on Dt.05/08/2020.** For details, log on to website **https://eprocure.gov.in/eprocure/app**

Sr. Dy. Materials Manager
PPT/PR/122/20-21, Dt.14/07/2020

**OFFICE OF THE MUNICIPAL COUNCIL, KEONJHARGARH**
email: keonjharm.hud@rediffmail.com
**Invitation for Bids (IFB) 'e' Procurement NOTICE**
**Bid Identification No. KGM-05/2020-21**
**Letter No. 3936/KGM/Date 15.07.2020**

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online bid in single cover system through e-Procurement.
1. Nature of work - Civil Work. 2. No of work - 25 Nos. 3. Value of works- Rs.2,00,000/- to 19,96,300/-. 4. Date & time of availability of bid document in the portal: From 18.07.2020 at 11.00 A.M. upto 28.07.2020 at 5.00 P.M. 5. Date of opening of bid in portal: 31.07.2020 at 11.00 A.M. 6. Name & address of the officer inviting bid -EO, Keonjhargarh Municipality.
Further details can be seen from website : www.tendersorissa.gov.in.

Sd./- Executive Officer, Keonjhargarh Municipality

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**REQUEST FOR PROPOSAL FOR SELECTION OF MINE OPERATOR FOR PUTULPANI QUARRY OF GANDHAMARDAN BLOCK-B IRON ORE MINE IN THE DISTRICT OF KEONJHAR, ODISHA**
**(RfP No. 162/OMC/P&T/2020 dated 15.07.2020)**

CAD-271:- The Odisha Mining Corporation Limited (OMC) invites bids from experienced Mine Operators for hiring of plant and machineries for Excavation/ Raising from iron ore body by required drilling and blasting, transportation of ROM to crushing and/or screening plant to be installed by the Mine Operator, crushing and/or screening of ROM to obtain finished product of specific size of CLO and specific size of Fines, transport of finished product to specified yards after necessary weighment, cleaning of quarry faces, excavation after required drilling and blasting and disposal of subgrade, overburden/ incidental waste and associated rejects/ spoils/ spurious materials to the specified yards and supply of ROM to Jagar processing yard at Putulpani Quarry of Gandhamardan Block 'B' Iron Ore Mine.
Peak Rated Capacity: **10,00,000MT/Annum**
Period of Contract: 1 (one)+1 (one) year
Last Date of on-line Submission of Bid: Up to 4.00 PM on **dtd.07.08.2020.**
Last Date of Physical Submission of Original Documents related to Bid:- Upto 04.00PM on dtd.10.08.2020.
Bid Document Cost: INR 1,18,000/- (Rupees One Lakh Eighteen Thousand) only including GST @18%.
The executive summary of the Bidding Process as well as the Bidding Documents have been uploaded on the portal of MSTC Ltd. (www.mstcecommerce.com/eprochome/omc) and website of The Odisha Mining Corporation Limited (http://www.omcltd.in). The Bidding Documents can be downloaded from the above sites from **dtd.17.07.2020.**
Any further communications, corrigendum/ addendum etc. will be uploaded on the website of MSTC and OMC. OMC reserves the right to reject any or all bids/ proposals without assigning any reasons whatsoever.

**Nodal officer for this bidding process: Rajesh Mishra, General Manager(Mining), OMC, Email: rajeshmishra@odishamining.in, Phone: +91 674 2377437/+91 8763545981.**

General Manager(Mining), OMC
OIPR-30005/11/0041/2021

**GOVERNMENT OF ODISHA** No. A-175
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**EASTERN CIRCLE-I, CUTTACK**
e-mail : seeccuttack@gmail.com

**"e" Procurement Notice No. SEEC-I/02 (MND-I) of 2020-21**

| | | |
|---|---|---|
| 1 | Name of the works | Protection to scoured bank on Nuna right and Karandia left near village Ayitipur and Balisingha under NABARD Assistance RIDF-XXV. |
| 2 | Tender Cost (Approx.) | Rs.150.00 Lakhs |
| 3 | Total No. of Packages | One No. Package |
| 4 | Tender paper Cost | Rs.10,000.00 (On-line payment) (Non-refundable) |
| 5 | Bid Security | Rs.1,50,000.00 (On-line payment) |
| 6 | Class of Contractor | 'B' & 'A' Class contractor |
| 7 | Period of Completion | 10 (Ten) Calendar months. |

8. Other details are as follows:

| Procurement Officer | Name of Division | Bid Identification No. | Availability of Tender Online for Bidding From | Availability of Tender Online for Bidding To | Date & time of Opening of Technical Bid |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Superintending Engineer, Eastern Circle-I, Cuttack | E.E., Mahanadi North Division-I, Jagatpur | SEEC-I/02 (MND-I) of 2020-21 | 20.07.2020 at 10.00 A.M | 04.08.2020 up to 5.30 P.M | 05.08.2020 at 11.30 A.M in O/o the S.E., Eastern Circle-I, Cuttack |

Further details can be seen from the Govt. website **www.dowrorissa.gov.in**.

Sd./- Superintending Engineer, Eastern Circle-I, Cuttack
OIPR-32370/11/0002/2021

ଶିକ୍ଷା ଅଧିକାର
ସମଗ୍ର ଶିକ୍ଷା
ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ

**DISTRICT PROJECT OFFICE**
**SAMAGRA SHIKSHA**
**SHIKSHASADAN, KORAPUT - 764020**
Ph.: (06852) 252421 (Off.), E-mail: dpckoraputssa.opepa@nic.in

**TENDER CALL NOTICE No. 3201/CW/2020 Date: 06.07.2020**

No. n-10: Sealed tender in the prescribed form to be eventually drawn-up in PWD Form P-1 (Percentage Rate Bids) in conformity with Detailed Tender Call Notice are invited by the District Project Coordinator, RTE-SSA, Koraput, on behalf of Government of Odisha for tenders for construction of DILAPIDATED PS Buildings of Narayanpatna Block under Samagra Shiksha Plan.

| Sl. No. | Detail of Tender |
|---|---|
| 1. | Construction of Dilapilated PS Building at Upper Locha PS of Narayanpatna Block, EMD : Rs.10,600/- & Tender Cost: Rs.6,000/- (C & D Class Contractor) |
| 2. | Construction of Dilapilated PS Building at Mangalpur PS of Narayanpatna Block, EMD : Rs.10,600/- & Tender Cost: Rs.6,000/- (C & D Class Contractor) |
| 3. | Construction of Dilapilated PS Building at Turly PS of Narayanpatna Block, EMD : Rs.10,600/- & Tender Cost: Rs.6,000/- (C & D Class Contractor) |
| 4. | Construction of Dilapilated PS Building at Samana PS of Narayanpatna Block, EMD : Rs.10,600/- & Tender Cost: Rs.6,000/- (C & D Class Contractor) |
| 5. | Construction of Dilapilated PS Building at Podapadar (K) PS of Narayanpatna Block, EMD : Rs.10,600/- & Tender Cost: Rs.6,000/- (C & D Class Contractor) |
| 6. | Construction of Dilapilated PS Building at Upper Renga PS of Narayanpatna Block, EMD : Rs.10,600/- & Tender Cost: Rs.6,000/- (C & D Class Contractor) |

1. The tender documetns will be available in the District website i.e. **(www.koraput.nic.in)** from 06.07.2020 to 27.07.2020 upto 5.00 P.M. and can be downloaded from the website.
2. The tenders will be opened at 11.00 A.M. on 28.07.2020.
3. Other details can be seen in the District Website **www.koraput.nic.in**.

Sd./- District Project Coordinator
RTE-SS, Koraput
OIPR-27035/11/0007/2021

## ସୁସ୍ଥ ହୋଇ କାର୍ଯ୍ୟରେ ଯୋଗଦେଲେ ୮ କୋଭିଡ୍ ଯୋଦ୍ଧା

ଛତ୍ରପୁର,(ଡି.ଏନ୍.ଏ.)- କରୋନାରୁ ସୁସ୍ଥ ହୋଇ ୮ କୋଭିଡ୍ ଯୋଦ୍ଧା ମଙ୍ଗଳବାର ଗଞ୍ଜାମ ଜିଲାରେ ପୁଣି ନିଜ କାର୍ଯ୍ୟରେ ଯୋଗଦେଇଛନ୍ତି। ସେମାନଙ୍କ ମଧ୍ୟରେ ବିଡିଓ, ସହକାରୀ ଯନ୍ତ୍ରୀ, ମାର୍କେଟିଂ ଇନ୍ସପେକ୍ଟର, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ୪ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀ ଅଛନ୍ତି। ଅନ୍ୟପକ୍ଷରେ କୋଭିଡ୍ ଯୋଦ୍ଧା ସ୍ୱର୍ଗତ ଗୋଲକ ଚନ୍ଦ୍ର ନାୟକଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଶୋକସଭା ହୋଇଛି। ୪ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ କରୋନାକୁ ହରାଇ ପୁଣି ନିଜ କାର୍ଯ୍ୟରେ ଯୋଗ ଦେଇଥିବାରୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପ୍ରଶଂସା କରିଛନ୍ତି।

## ସଂକ୍ଷେପରେ

### ୨୬ ଦୋକାନ ସିଲ୍

ବ୍ରହ୍ମପୁର ଅଫିସ,୧୫।୭: କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ପ୍ରତିହତ କରିବା ନିମନ୍ତେ ସାମାଜିକ ଦୂରତ୍ୱ ରକ୍ଷା, ମାସ୍କ ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି। ଲୋକଙ୍କ ସୁବିଧା ପାଇଁ ଶଟଡାଉନ୍ କୋହଳ କରାଯାଇଛି। ତେବେ ପ୍ରଶାସନର ତାଗିଦ୍ ସତ୍ତ୍ୱେ ଅନେକ ଦୋକାନୀ ଓ ବ୍ୟବସାୟୀ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ କରୁଥିବା ଦେଖାଯାଉଛି। ବ୍ରହ୍ମପୁରର ବିଭିନ୍ନ ଅଞ୍ଚଳରେ ଏହି ନିୟମ ଉଲ୍ଲଂଘନ କରିଥିବା ୨୬ ଦୋକାନକୁ ଉପଖଣ୍ଡ ପ୍ରଶାସନ ବୁଧବାର ସିଲ କରିଥିବା ସୂଚନା ମିଳିଛି। ଏକ ଟିମ୍ ସହରର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ଦୋକାନ ସିଲ କରିଥିବା ବ୍ରହ୍ମପୁର ଉପଜିଲାପାଳ ଟୁଇଟ କରି ଜଣାଇଛନ୍ତି।

### ଭରୋତ୍ତୋଳନ ସଂଘ ଉପସଭାପତିଙ୍କ ପରଲୋକ



ବ୍ରହ୍ମପୁର ଅଫିସ,୧୫।୭: ଅଲ ଓଡିଶା ଭରୋତ୍ତୋଳନ ସଂଘ ଓ ଗଞ୍ଜାମ ଜିଲା ଭରୋତ୍ତୋଳନ ସଂଘର ଉପସଭାପତି ଲକ୍ଷ୍ମୀନାରାୟଣ ରାଉତ(୭୫)ଙ୍କ ବୁଧବାର ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି। ରାଉତ ୩୦ ବର୍ଷ ଧରି ଅଲ ଓଡିଶା ଭରୋତ୍ତୋଳନ ସଂଘ ଓ ଗଞ୍ଜାମ ଜିଲା ଭରୋତ୍ତୋଳନ ସଂଘର ଉପସଭାତି ଦାୟିତ୍ୱ ତୁଲାଇ ଆସିଥିଲେ। ସେ ମଧ୍ୟ ବ୍ରହ୍ମପୁରସ୍ଥିତ ଆର୍‌ଡିସିଙ୍କ କାର୍ଯ୍ୟାଳୟରେ ଡିଲିଙ୍ଗ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରି ୨୦୧୬ରେ ଅବସର ନେଇଥିଲେ।

### ବିରଳ ପ୍ରଜାତିର ଏଣ୍ଡୁଅ ଉଦ୍ଧାର



ପାରଳାଖେମୁଣ୍ଡି,୧୫।୭ (ସ୍ୱ.ପ୍ର.): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରୁ ଏକ ବିରଳ ପ୍ରଜାତିର ଏଣ୍ଡୁଅକୁ ବନ ବିଭାଗ ଉଦ୍ଧାର କରି ଜଙ୍ଗଲରେ ଛାଡିଛି। ସବୁଜ ଓ ହଳଦିଆ ରଙ୍ଗର ଏହି ଏଣ୍ଡୁଅଟି ପାରଳାଖେମୁଣ୍ଡି ନୂଆ ବସଷ୍ଟାଣ୍ଡଠାରେ ଥିବା ଏକ ଦୋକାନ ସମ୍ମୁଖରେ ଦେଖାଯାଇଥିଲା। ଏହାକୁ ଦେଖିବା ପାଇଁ ସେଠାରେ ଲୋକଙ୍କ ଭିଡ ଜମିଥିଲା। ଖବର ପାଇ ବନବିଭାଗ କର୍ମଚାରୀ ଶିବରାମ ସାବତ ଓ ସଞ୍ଜୟ ପାତ୍ର ପହଞ୍ଚି ଏଣ୍ଡୁଅଟିକୁ ଉଦ୍ଧାର କରିଥିଲେ। ପରେ ଏହାକୁ ପାରଳାଖେମୁଣ୍ଡି ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଥିଲେ।

### ବଜାର ବନ୍ଦ ଲାଗି ବଣିକ ସଂଘର ନିଷ୍ପତ୍ତି

ଆସିକା,୧୫।୭(ଡି.ଏନ୍.ଏ.): ଆସିକା ଏନ୍‌ଏସି ଇଲାକାରେ କରୋନା ସଂକ୍ରମଣ ପ୍ରତିହତ ପାଇଁ ସହରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନକୁ ଆସନ୍ତା ୩୧ ତାରିଖ ଯାଏ ବନ୍ଦ ରଖିବାକୁ ମଙ୍ଗଳବାର ବଣିକ ସଂଘ ପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି। ତେବେ ଦୋକାନ ବଜାର ବନ୍ଦ ବେଳେ ଲୋକଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଔଷଧ ହୋମ୍ ଡେଲିଭେରି ଲାଗି ବ୍ୟବସ୍ଥା କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି।

# କୋଭିଡ୍ ମନିଟରଙ୍କ ସହ ଜିଲାପାଳଙ୍କ ଆଲୋଚନା

ଭଞ୍ଜନଗର/ଆସିକା/ବୁଗୁଡା, ୧୫।୭(ଡି.ଏନ.ଏ)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଭଞ୍ଜନଗର, ଆସିକା ଓ ବୁଗୁଡା ଗସ୍ତକରି କୋଭିଡ୍ ମନିଟରଙ୍କ ସହ ଆଲୋଚନା କରିଛନ୍ତି। ଭଞ୍ଜନଗର ବ୍ଲକ ଓ ଏନ୍‌ଏସିରେ ୩୩ ନୂଆ ଆକ୍ରାନ୍ତ ମଙ୍ଗଳବାର ଚିହ୍ନଟ ହୋଇଛନ୍ତି। ସେଥିରେ ଭଞ୍ଜନଗର ଥାନାର କେତେଜଣ କର୍ମଚାରୀ ଅଛନ୍ତି। ୩୨ଜଣ କଣ୍ଟେନ୍‌ମେଣ୍ଟ ଜୋନ୍‌ରୁ ଚିହ୍ନଟ ହୋଇଥିବାବେଳେ ମୁଦୁଲିପଲ୍ଲୀର ଆକ୍ରାନ୍ତ କଣ୍ଟେନ୍‌ମେଣ୍ଟ ଜୋନ୍ ବାହାରୁ ରହିଛନ୍ତି। ଜିଲାପାଳ କୁଲାଙ୍ଗେ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଭଞ୍ଜନଗର କୋଭିଡ୍ କେୟାର ହୋମ୍ ମନିଟରମାନଙ୍କୁ ପରିସ୍ଥିତିର କିଭଳି ମୁକାବିଲା କରାଯିବ ସେନେଇ କହିଥିଲେ। ଭଞ୍ଜନଗର ସ୍ୱତନ୍ତ୍ର ଏଡିଏମ୍ ବିଶାଳ ସିଂ, ବିଡିଓ ଅନିଲ କୁମାର ସେଠୀ, ତହସିଲଦାର



ଆସିକା ଏନ୍‌ଏସି ଅଫିସ ପରିସରରେ ଜିଲାପାଳ ଆଲୋଚନା କରୁଛନ୍ତି।

ଆଲୋକ ପ୍ରଧାନ, ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ବୁଗୁଡା ପୂର୍ତ୍ତ ବିଭାଗ ଡ଼ାକ ବଙ୍ଗଳାରେ ଅନୁଷ୍ଠିତ ବୈଠକରେ ୱାର୍ଡମାନଙ୍କରେ କୋଭିଡ ନିୟମ ପାଳନ ହେଉଛି କି ନାହିଁ ଦେଖିବା ସହ ପ୍ରତ୍ୟେକ ସାହିରେ କୋଭିଡ୍ ନିୟମ ସମ୍ପର୍କରେ ମନିଟର ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ବୁଗୁଡ଼ା ବିଡିଓ ତନ୍ମୟ ପାତ୍ର, ତହସିଲଦାର ସଂଗ୍ରାମ କେଶରୀ ଜେନା ଓ ଏନ୍‌ଏସି ନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ଆସିକା ଏନ୍‌ଏସି ପରିସରରେ ସହରାଞ୍ଚଳର ବିଭିନ୍ନ ସଙ୍ଗଠନ ପ୍ରତିନିଧି, କୋଭିଡ୍ ମନିଟର୍ ଓ ବୁଦ୍ଧିଜୀବୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଜିଲାପାଳ ସଂକ୍ରମଣ ନିୟନ୍ତ୍ରଣକୁ ଆଣିବାକୁ ସହରବାସୀଙ୍କ ସହଯୋଗ ଜରୁରୀ ବୋଲି କହିଥିଲେ। ଆସିକା ସରକାରୀ ଡାକ୍ତରଖାନାରେ କୋଭିଡ୍ କେୟାର୍ ସେଣ୍ଟର ପ୍ରତିଷ୍ଠା ଲାଗି ହୋଇଥିବା ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପିଡି ସୁଦାମ ଚରଣ ମଣ୍ଡଳ, ବିଡିଓ ରୋଶନ୍ ଶତପଥୀ, ତହସିଲଦାର୍ ସଦାନନ୍ଦ ସେଠୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା, ସିଡିପିଓ ଭାରତୀ ମହାପାତ୍ର ପ୍ରମୁଖ ସାମିଲ୍ ଥିଲେ।

# ୩୧ଜଣ କୋଭିଡ୍ ହସ୍ପିଟାଲ ଗଲେ

ଛତ୍ରପୁର,୧୫।୭(ଡି.ଏନ୍.ଏ.)

**ସ୍ୱତନ୍ତ୍ର ଆମ୍ବୁଲାନ୍ସ ପାଇଁ ଆସିଥିଲା କଲ୍**

କରୋନା ଆକ୍ରାନ୍ତ କିମ୍ବା ସନ୍ଦିଗ୍ଧଙ୍କୁ ସେବା ଯୋଗାଇବା ପାଇଁ ସୋମବାରଠାରୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୦୪ଟି ଆମ୍ବୁଲାନ୍ସ ଏହି ସେବା ଯୋଗାଉଛି। ଛତ୍ରପୁରସ୍ଥିତ ଆର୍‌ଟିଓ ଅଫିସରେ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ମନିଟରିଂ ସେଲ୍ ରହିଛି। କରୋନା ଆକ୍ରାନ୍ତଙ୍କ ପାଇଁ ଆମ୍ବୁଲାନ୍ସ ଆବଶ୍ୟକ ବୋଲି ଗତ ମଙ୍ଗଳବାର ୩୧ଟି କଲ ହେଲ୍ପଲାଇନ ନମ୍ବରକୁ ଆସିଥିଲା। ଉକ୍ତ ୩୧ ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ କୋଭିଡ୍ ହସ୍ପିଟାଲକୁ ପଠାଯାଇଥିବା ନେଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସ୍ୱତନ୍ତ୍ର କୋଭିଡ ଆମ୍ବୁଲାନ୍ସ ବ୍ୟବସ୍ଥା ଓ ଏହାର ମନିଟରିଂ ସେଲ୍ କକ୍ଷକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ। କେବଳ କୋଭିଡ କାର୍ଯ୍ୟ ସକାଶେ ଫୋନ ନଂ.୦୬୮୧୧-୨୬୩୭୭୪କୁ କଲ୍ କରି ଜନସାଧାରଣ ଏହି ସେବା ପାଉଛନ୍ତି।

# କର୍ମଚାରୀଙ୍କୁ କରୋନା, ବ୍ୟାଙ୍କ ସିଲ୍

ଜି.ଉଦୟଗିରି,୧୫।୭(ଡି.ଏନ.ଏ.)

ଜି.ଉଦୟଗିରି ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାର ଜଣେ କର୍ମଚାରୀ ମଙ୍ଗଳବାର କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ବୁଧବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ଯାଏ ବ୍ୟାଙ୍କକୁ ସିଲ୍ କରାଯାଇଥିବା ବିଡିଓ ତଥା ଏନ୍‌ଏସି ପ୍ରଶାସକ ଶାନ୍ତନୁ କୁମାର ନାୟକ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର କହିଛନ୍ତି। ଅଗ୍ନିଶମ ବାହିନୀ ବ୍ୟାଙ୍କକୁ ସାନିଟାଇଜ୍ କରିଛି। ପଜିଟିଭଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ତାଲିକା ସଂଗ୍ରହ କରାଯାଇ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁଯାୟୀ କର୍ମଚାରୀ ଜଣଙ୍କ ୧୫ ଦିନ ପୂର୍ବରୁ ଭୁବନେଶ୍ୱରରୁ ଫେରିଥିଲେ। ଥଣ୍ଡା କାଶ ଲକ୍ଷଣ ଦେଖାଯିବରୁ ଜୁଲାଇ ୧୧ରେ ଭୁବନେଶ୍ୱର ଯାଇ ଏକ ଘରୋଇ ହସ୍ପିଟାଲରେ କୋଭିଡ୍ ପରୀକ୍ଷା କରାଇଥିଲେ। ମଙ୍ଗଳବାର ରିପୋର୍ଟ ପଜିଟିଭ ଆସିଥିଲା। ଜି.ଉଦୟଗିରି ପ୍ରଶାସନ ଖବର ପାଇଁ ଏପରି ପଦକ୍ଷେପ ନେଇଛି।

# ମାସ୍କ ନ ପିନ୍ଧି ୩୧୫ ଜଣ ଜରିମାନା ଦେଲେ

ବ୍ରହ୍ମପୁର ଅଫିସ,୧୫।୭

ବ୍ରହ୍ମପୁର ପୋଲିସ ଜିଲାରେ ଲକ୍‌ଡାଉନ୍ ଓ ଶଟ୍‌ଡାଉନ ନିୟମ ଉଲ୍ଲଂଘନ କରି ଅଯଥାରେ ଘୁରି ବୁଲୁଥିବା ଅମାନିଆଙ୍କୁ ଅଟକାଯାଇ ଜରିମାନା ଆଦାୟ ଜାରି ରହିଛି। ମାସ୍କ ନ ପିନ୍ଧି ବାହାରକୁ ଆସୁଥିବା ଲୋକେ ମଧ୍ୟ ଦଣ୍ଡ ଗଣୁଛନ୍ତି। ବିଭିନ୍ନ ସ୍ଥାନରେ ପୋଲିସ କଡାକଡି ଯାଞ୍ଚ କରୁଛି। ମଙ୍ଗଳବାର ସକାଳ ୬ଟାରୁ ବୁଧବାର ସକାଳ ୬ଟା ସୁଦ୍ଧା ବ୍ରହ୍ମପୁର ପୋଲିସ ଜିଲା ପକ୍ଷରୁ ବିଭିନ୍ନ ଛକରେ ଯାଞ୍ଚ କରାଯାଇ ମାସ୍କ ପିନ୍ଧି ନ ଥିବା ୩୧୫ ଜଣଙ୍କ ଠାରୁ ୬୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ୨୦୬ ଗାଡି ଚାଳକଙ୍କୁ ୧ ଲକ୍ଷ ୩ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ଅନ୍ୟପକ୍ଷରେ ନିୟମ ଉଲ୍ଲଂଘନ କରି ବେଆଇନ ଭାବେ ବୁଲୁଥିବା ବେଳେ ୧୨ଜଣ ଧରାପଡିଛନ୍ତି। ଏ ନେଇ ୨ ଗୋଟି ମାମଲା ରୁଜୁକରାଯାଇ ସେମାନଙ୍କୁ ଧାରା ୪୧ ସିଆରପିସି ଅନୁସାରେ ନୋଟିସ ଜାରି ହୋଇଛି। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ବୁଧବାର ଟୁଇଟ କରି ଏହି ସୂଚନା ଦେଇଛନ୍ତି।

# ଛତ୍ରପୁରରେ ମୋବାଇଲ ସ୍ୱାବ୍ ସଂଗ୍ରହ ଭ୍ୟାନ୍

ଛତ୍ରପୁର,୧୫।୭(ଡି.ଏନ୍.ଏ.)

ଛତ୍ରପୁର ଏନ୍‌ଏସିରେ କରୋନା କାୟା ବିସ୍ତାର କରିବାରେ ଲାଗିଛି। ଏନ୍‌ଏସିର ୬ ନଂ. ୱାର୍ଡ ଅଧୀନ ତିରୁପତି ରାଓ ପେଟା ସାହିରେ ପୂର୍ବରୁ ଜଣେ ପଜିଟିଭ ଚିହ୍ନଟ ହୋଇଥିଲେ। ଏବେ ଆଉ ୩ ପଜିଟିଭ ଚିହ୍ନଟ ପରେ ସାହିର ସମସ୍ତ ପ୍ରବେଶ ପଥକୁ ସିଲ୍ କରାଯାଇଛି। ଏଥିସହ ଏହି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା ହୋଇଛି। ବୁଧବାର ମୋବାଇଲ ସ୍ୱାବ ସଂଗ୍ରହ ଭ୍ୟାନ ଯାଇ କରୋନା ଲକ୍ଷଣ ଥିବା ଲୋକଙ୍କ ସ୍ୱାବ୍ ସଂଗ୍ରହ କରିଛି। ପରେ ଅନ୍ୟ ସାହିକୁ ମଧ୍ୟ ଏହି ଭ୍ୟାନ ଯାଇ ସ୍ୱାବ ସଂଗ୍ରହ କରିବ। ଛତ୍ରପୁର ସରକାରୀ ବିଜ୍ଞାନ କଲେଜରେ ମଧ୍ୟ ସ୍ୱାବ ସଂଗ୍ରହ କରାଯାଉଛି। ଅନ୍ୟପକ୍ଷରେ ୧୬ରୁ ୨୧ ପର୍ଯ୍ୟନ୍ତ ଏନଏସିକୁ ଶଟଡାଉନ କରାଯାଇଛି।




ସ୍ୱାବ ସଂଗ୍ରହ କରାଯାଉଛି।

# ପରିବା ବ୍ୟବସାୟୀଙ୍କ ପାଇଁ ହେଲା ବ୍ୟାରିକେଡ଼

ବ୍ରହ୍ମପୁର ଅଫିସ,୧୫।୭

କରୋନା ସଂକ୍ରମଣ ପ୍ରତିହତ କରିବା ପାଇଁ ପୂର୍ବରୁ ବ୍ରହ୍ମପୁର ସହରର ସମସ୍ତ ଭେଣ୍ଡିଂ ଜୋନ୍ ବନ୍ଦ କରାଯାଇଛି। ଏବେ ସହରର ବିଭିନ୍ନ ରାସ୍ତା ପାର୍ଶ୍ୱରେ ପରିବା ବିକ୍ରି ଚାଲିଛି। ସେସବୁ ସ୍ଥାନରେ ସାମାଜିକ ଦୂରତା ରକ୍ଷା ନିମନ୍ତେ ବିଏମ୍‌ସି ବ୍ୟାରିକେଡ୍ ନିର୍ମାଣ କରିଛି। ପୂର୍ତ୍ତବିଭାଗ କାର୍ଯ୍ୟାଳୟ ସମ୍ମୁଖ, ଏମ୍‌କେସିଜି ମେଡିକାଲ କଲେଜ ସମ୍ମୁଖ, ସାଉଥକୋ କଞ୍ଜୁମର କେୟାର ସମ୍ମୁଖ, ଆର୍‌ଡିସିଙ୍କ ବାସଭବନ ପାର୍ଶ୍ୱ, ଡିଆଇଜି କାର୍ଯ୍ୟାଳୟ ସମ୍ମୁଖ, ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖ, ଗଜପତି ନଗର ସମ୍ମୁଖରେ ଚାଲିଥିବା ପରିବା ବିକ୍ରି ସ୍ଥାନରେ ବ୍ୟାରିକେଡ୍ କରାଯାଇଛି।



ବିଏମ୍‌ସି ପକ୍ଷରୁ ବ୍ୟାରିକେଡ କରାଯାଉଛି।

# ଫୁଲବାଣୀ, ବାଲିଗୁଡ଼ାରେ ହେବ ସ୍ୱାସ୍ଥ୍ୟ ସର୍ଭେ

ଫୁଲବାଣୀ ଅଫିସ,୧୫।୭

**୪ ଦିନ ଶଟ୍‌ଡାଉନ୍**

କନ୍ଧମାଳ ଜିଲାରେ କରୋନା ପଜିଟିଭଙ୍କ ସଂଖ୍ୟା ବଢୁଛି। ଏହାକୁ ପ୍ରତିହତ କରିବା ପାଇଁ ଆସନ୍ତା ଶନିବାରଠାରୁ ୪ ଦିନ ପାଇଁ ଫୁଲବାଣୀ ପୌରାଞ୍ଚଳ ଓ ବାଲିଗୁଡା ଏନ୍‌ଏସିକୁ ଶଟ୍‌ଡାଉନ ଘୋଷଣା କରାଯାଇଛି। ଶଟଡାଉନରେ ସମସ୍ତ ଦୋକାନ, ବଜାର, ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। ଶଟ୍‌ଡାଉନ୍‌ରେ ୨ ସହରର ସମସ୍ତ ୨୬ଟି ୱାର୍ଡରେ ଘରକୁ ଘର ବୁଲି ସମସ୍ତ ସଦସ୍ୟଙ୍କ ସ୍ୱାସ୍ଥ୍ୟ ସର୍ଭେ କରାଯିବ। ଏଥିପାଇଁ ଟିମ୍ ଗଠନ ହୋଇଛି। ପ୍ରତି ୱାର୍ଡରେ ଦୁଇଟି ଲେଖାଏ ଟିମ୍ କାର୍ଯ୍ୟ କରିବେ। ଯଦି କାହାରି କୋଭିଡ୍ ଲକ୍ଷଣ ଥିବା ଜଣାପଡିଲେ ଆଣ୍ଟିଜେନ୍ ଟେଷ୍ଟ ହେବ। ସର୍ଭେରେ ସହଯୋଗ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ଟାଗିଦ୍ କରିବାରୁ ବିଡିଓଙ୍କୁ ଦୁର୍ବ୍ୟବହାର

ଆର.ଉଦୟଗିରି,୧୫।୭(ଡି.ଏନ.ଏ)

**ବ୍ୟାରିକେଡ୍ ଡେଉଁଛନ୍ତି ଅମାନିଆ**

ଗଜପତି ଜିଲା ଆର୍.ଉଦୟଗିରି ପଞ୍ଚାୟତର ଜଣେ ଆୟୁଷ ଡ଼ାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ହୋମ୍‌ଗାର୍ଡ କରୋନା ସଂକ୍ରମିତ ହେବାପରେ ସେମାନେ ରହୁଥିବା ପଞ୍ଚାୟତର ୩ ସାହିକୁ ୭ଦିନ ପାଇଁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଥିଲା ପ୍ରଶାସନ। ପ୍ରବେଶ ପଥରେର ବ୍ୟାରିକେଡ୍ କରି ସିଲ୍ କରାଯାଇଥିଲା। ମାତ୍ର ଅମାନିଆ ବ୍ୟାରିକେଡ୍ ଡେଇଁ ଅନ୍ୟସାହିକୁ ଯାତାୟାତ କଲେ। ଫଳରେ ସରପଞ୍ଚ ସଞ୍ଜୁକ୍ତା ପୂଜାରୀ ୧୪ ରୁ ୧୭ ତାରିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଶଟ୍‌ଡାଉନ ଘୋଷଣା କରିଥିଲେ। ତଥାପି ଅମାନିଆ ମାନୁ ନାହାନ୍ତି। ଜଣେ ଦୋକାନୀ ବାଡଡେଇଁ ବଜାରରୁ ସାମଗ୍ରୀ କିଣିଥିବା ଖବର ପାଇ ବିଡିଓ ପ୍ରଦୀପ କୁମାର ନାୟକ ବୁଧବାର ଷ୍ଟାଫ ସହ ସେଠାରେ ପହଞ୍ଚିଥିଲେ। ଏପରି ନ କରିବାକୁ ସମ୍ପୃକ୍ତ ବ୍ୟବସାୟୀଙ୍କୁ କହିବାରୁ ସେ ବିଡିଓଙ୍କ ସହ ଯୁକ୍ତିତର୍କ ସହ ଦୁର୍ବ୍ୟବହାର କରିଥିଲେ। ସମ୍ପୃକ୍ତ ୩ କରୋନା ଯୋଦ୍ଧା ବହୁ ଲୋକଙ୍କ ସଂସ୍ପର୍ଶରେ ଆସିଥିବାରୁ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ରହିଛି। ପ୍ରଶାସନ ତରଫରୁ ବୁଝାଇଲେ ଓଲଟା ଦୁର୍ବ୍ୟବ୍ୟବହାରର ଶିକାର ହେଉଛୁ ବୋଲି ବିଡିଓ କହିଛନ୍ତି। କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ପୋଲିସ ରହୁ ନ ଥିବାରୁ ଲୋକେ ବାଡ ଡେଇଁ କ୍ଷୀର ବିକିବାକୁ ଯିବା ସହ ନାଳରେ ଗାଧୋଉଛନ୍ତି। ଏନେଇ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। କେତେଜଣ ଅମାନିଆଙ୍କ ପାଇଁ ବିପଦ ମାଡିଆସିବ ବୋଲି ଲୋକେ କହିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ଜିଲାପାଳଙ୍କ କୋଭିଡ୍ ହସ୍ପିଟାଲ ପରିଦର୍ଶନ

ଫୁଲବାଣୀ ଅଫିସ,୧୫।୭

କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡି. ବୁଧବାର ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ହୋଇଥିବା କୋଭିଡ୍ ହସ୍ପିଟାଲ ପରିଦର୍ଶନରେ ଆସି ରୋଗୀ ସେବା କିପରି ଚାଲିଛି ଅନୁଧ୍ୟାନ କରିବା ସହ ଷ୍ଟାଫଙ୍କର ସମସ୍ୟା ପଚାରି ବୁଝିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ଚିହ୍ନଟ କରୋନା ସଂକ୍ରମିତ ଏଠାରୁ ସୁସ୍ଥ ହୋଇ ଘରକୁ ଫେରୁଛନ୍ତି। ନିକଟରେ କରୋନା ସଂକ୍ରମିତ ୮୧ ବର୍ଷିୟ ଜଣେ ବୃଦ୍ଧ ମଧ୍ୟ ସୁସ୍ଥ ହୋଇ ଘରକୁ ଫେରିଥିବାରୁ ଜିଲାପାଳ ସନ୍ତୋଷ ବ୍ୟକ୍ତ କରିବା ସହ ଡାକ୍ତର ଓ ଷ୍ଟାଫମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଆଗକୁ ସଂକ୍ରମଣ ବଢିବା ସମ୍ଭାବନା ଥିବାରୁ ଚିକିତ୍ସା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ଏ ପର୍ଯ୍ୟନ୍ତ ୧୯୯ ସଂକ୍ରମିତ ଏହି ହସ୍ପିଟାଲକୁ ଆସିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୮୯ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବର୍ତ୍ତମାନ ୧୦ ଜଣ ଚିକିତ୍ସିତ ହେଉଛନ୍ତି।

# ପୌରାଞ୍ଚଳରେ ୧୬ ଜ୍ୱର ପରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା

ପାରଳାଖେମୁଣ୍ଡି,୧୫।୭ (ସ୍ୱ.ପ୍ର.)

ପାରଳାଖେମୁଣ୍ଡି ପୌରାଞ୍ଚଳରେ କରୋନା ସ୍ଥିତି ସଙ୍ଗୀନ ହେବାରେ ଲାଗିଛି। ଏହାକୁ ମୁକାବିଲା କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସହରର ୧୬ ୱାର୍ଡରେ ଜ୍ୱର ପରୀକ୍ଷଣ କେନ୍ଦ୍ର ସ୍ଥାପନ କରାଯାଇଛି। ଏହି କେନ୍ଦ୍ରଗୁଡିକର ପରିଚାଳନା ପାଇଁ ତାଲିମପ୍ରାପ୍ତ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱଚ୍ଛ ସାଥୀ ଏବଂ ସମ୍ପୃକ୍ତ ୱାର୍ଡର ୱାର୍ଡ ଅଫିସର ଦାୟିତ୍ୱରେ ରହିଛନ୍ତି। ସ୍ୱତନ୍ତ୍ର ତାଲିମପ୍ରାପ୍ତ ମେଡିକାଲ ଅଫିସରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଛି। ଏତଦ୍‌ବ୍ୟତୀତ ଆପାତକାଳୀନ ସ୍ଥିତିର ମୁକାବିଲା ପାଇଁ ୪ଟି ଭ୍ରାମ୍ୟମାଣ ରାପିଡ ରେସପନ୍ସ ଟିମ୍ ଗଠନ ହୋଇଛି।

# ରେଲୱେ ଘରୋଇକରଣ ନିଷ୍ପତ୍ତିକୁ ବିରୋଧ

କାଶୀନଗର,୧୫।୭(ଡି.ଏନ୍.ଏ.)

**ଡିୱାଇଏଫ୍‌ଆଇ ପକ୍ଷରୁ ଦାବିପତ୍ର**

ବିଭିନ୍ନ ଦାବି ନେଇ ଡିୱାଇଏଫ୍‌ଆଇ (ଭାରତୀୟ ଗଣତାନ୍ତ୍ରିକ ଯୁବ ସଙ୍ଗଠନ) ପକ୍ଷରୁ ବୁଧବାର କାଶୀନଗର ରେଲ୍‌ୱେ ହଲ୍ଟଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୯ ଦଫା ଦାବି ସମ୍ବଳିତ ଦାବିପତ୍ର ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏବିଡିଓ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କୁ ପ୍ରଦାନ କରାଯାଇଛି। ସଙ୍ଗଠନର ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ରେଲ୍‌ୱେ ଘରୋଇକରଣ ନିଷ୍ପତ୍ତି ପ୍ରତ୍ୟାହାର, ବିଭାଗରେ ଖାଲି ପଡ଼ିଥିବା ପଦବୀ ପୂରଣ, ନିଯୁକ୍ତି ପ୍ରକ୍ରିୟା ଜାରି ରଖିବା, ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଚୁକ୍ତି ଭିତ୍ତିରେ ପୁନଃ ନିଯୁକ୍ତି ନ ଦେବା, ଚୁକ୍ତି ଭିତ୍ତିକ ନିଯୁକ୍ତି ପ୍ରକ୍ରିୟା ବନ୍ଦ କରି ସ୍ଥାୟୀ ନିଯୁକ୍ତି ପ୍ରଦାନ, ଅନୀଲ୍ କାକୋଦ୍‌କର କମିଟିର ସୁପାରିଶକୁ ତୁରନ୍ତ ଲାଗୁ କରିବା ପ୍ରଭୃତି ରହିଛି। ରେଲ୍‌ୱେର ବିକାଶ ପାଇଁ ଉକ୍ତ ଦାବିଗୁଡ଼ିକ ଉପରେ ଗୁରୁତ୍ୱ ଦେବାପାଇଁ ସଙ୍ଗଠନ ପକ୍ଷରୁ ନିବେଦନ କରାଯାଇଛି। ରେଲ୍‌ୱେ ଘରୋଇକରଣ ଦ୍ୱାରା ନିଯୁକ୍ତି ସୁଯୋଗ ବଢ଼ିବ ବୋଲି ସରକାର କହୁଛନ୍ତି। କିନ୍ତୁ ଏହା ସତ୍ୟ ନୁହେଁ। କରୋନା ପରିସ୍ଥିତିରେ ବେରୋଜଗାର ବଢୁଥିବାବେଳେ ରେଲ୍‌ୱେ ଘରୋଇକରଣ ନିଷ୍ପତ୍ତି ଲୋକଙ୍କୁ ବିଭ୍ରାନ୍ତି କରିବା ପାଇଁ ଉଦ୍ଦିଷ୍ଟ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।



କାଶୀନଗର ହଲ୍ଟଠାରେ ସଙ୍ଗଠନର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଆଅନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

PM ଜନଧନ ଯୋଜନା ଅଧୀନରେ Online Loan Apply କରନ୍ତୁ
ଲକ୍‌ଡାଉନ୍ ପରେ ଟଙ୍କାର ଆବଶ୍ୟକତାକୁ ନେଇ ଚିନ୍ତିତ ହୁଅନ୍ତୁ ନାହିଁ
MAHALAXMI FINANCE
Reg. No. MH31140D55
ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ଗ୍ରୁପ୍ ସବୁ ଋଣ ମାତ୍ର 24 ଘଣ୍ଟାରେ
50 ଲକ୍ଷ ପର୍ଯ୍ୟନ୍ତ ସହଜ କିସ୍ତିରେ ଋଣ ପରିଶୋଧ କରନ୍ତୁ
1% ସୁଧ, 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94670-03315
5/96, Paschim Vihar, Delhi.

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

MAHESWARI FINANCE
LOAN
IN 3 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ (2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact
9716825082
9911637672


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଟିନିକଲ ଯନ୍ତ୍ରାଂଶ ଚୋରି: ୨ଜେଲ ଗଲେ

ନୟାଗଡ଼ ଅଫିସ: ଟିନିକଲ ଯନ୍ତ୍ରାଂଶ ଚୋରି ଅଭିଯୋଗରେ ନୟାଗଡ ସଦର ଥାନା ପୋଲିସ ଅଟକ ଥିବା ଟାଟା ଏସିଇ ଡ୍ରାଇଭର ତଥା ମାଲିକ ଇଟମାଟି ଥାନା ହରିପୁର ଗାଁର ପ୍ରସନ୍ନ ସ୍ୱାଇଁ ଓ ଶରଧାପୁର ଗାଁର ସନ୍ତୋଷ ସ୍ୱାଇଁଙ୍କୁ ବୁଧବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ୨ ଅଭିଯୁକ୍ତଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି। ମଙ୍ଗଳବାର ଟିନିକଲ ଷ୍ଟୋର ରୁମ୍‌ରୁ ଚୋରି ଯନ୍ତ୍ରାଂଶ ଓ ଅଭିଯୁକ୍ତଙ୍କୁ ଧରି ଟିନିକଲ କର୍ମଚାରୀ ସଂଘ ଓ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ସଦର ଥାନା ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ୩ ଗାଡ଼ି ସହ ଟିନିକଲରୁ ଚୋରି ଯନ୍ତ୍ରାଂଶ ଜବତ କରିଥିଲା। ଥାନାରେ ୯୯/୨୦ରେ ମାମଲା ରୁଜୁ ହୋଇଥିଲା।



**ସଂକ୍ଷେପରେ**

### କରୋନା ଟେଷ୍ଟ ଦାବି କଲା ସୁଇପର ସଂଘ

**କେନ୍ଦ୍ରାପଡ଼ା ଅଫିସ, ୧୫।୭:** ଓଡିଶା ମ୍ୟୁନିସିପାଲ ଏମ୍ପ୍ଲଇଜ ଫେଡେରେଶନର କେନ୍ଦ୍ରାପଡା ମ୍ୟୁନିସିପାଲିଟି ସୁଇପର ଆସୋସିଏଶନ ପକ୍ଷରୁ କରୋନା ଟେଷ୍ଟ ଦାବି ହୋଇଛି। ଏନେଇ ଆସୋସିଏଶନ ପକ୍ଷରୁ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ବୁଧବାର ଦାବିପତ୍ର ଦିଆଯାଇଛି। ଆସୋସିଏଶନ ସଭାପତି ଦୁର୍ଯ୍ୟୋଧନ ସାହୁ କହିଛନ୍ତି, ରାଜ୍ୟର ସର୍ବପ୍ରଥମ ମ୍ୟୁନିସିପାଲିଟିରେ ସଫେଇ କର୍ମଚାରୀ ଅବହେଳିତ ହେଉଛନ୍ତି। ଏଠାରେ ପୂର୍ବ ପ୍ରଚଳିତ ପୋଷାକ ପ୍ରଦାନ ବଦଳରେ ଅର୍ଥ ଦିଆଯାଉଛି। ତେବେ ଏହି ଅର୍ଥ ପୋଷାକ କ୍ରୟ ପାଇଁ ଯଥେଷ୍ଟ ହେଉନାହିଁ। ମାର୍ଚ୍ଚରୁ କରୋନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଥିଲେ ମଧ୍ୟ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଆଯାଉନାହିଁ। କର୍ମଚାରୀ ଗ୍ଲୋଭସ ଅଭାବରେ କାର୍ଯ୍ୟ କରୁଥିବାରୁ କରୋନା ସଂକ୍ରମଣ ଆଶଙ୍କା ରହିଛି। ତୁରନ୍ତ ଭୂତାଣୁ ଚିହ୍ନଟ ପାଇଁ ସ୍ୱାବ୍ ଟେଷ୍ଟ କରିବାକୁ ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ କର୍ମକର୍ତ୍ତା ଦିଲୀପ ସାହୁ, ଶିବ ନାୟକ, ରଜ ନାଏକ, ମୁନା ନାଏକ, ବୀଣା ନାଏକ ଉପସ୍ଥିତ ଥିଲେ।

### ଅମାନିଆ ବ୍ୟବସାୟୀଙ୍କୁ ଲଗାମ

**ନୟାଗଡ଼ ଅଫିସ,୧୫।୭:** ଅମାନିଆ ବ୍ୟବସାୟୀଙ୍କୁ ଲଗାମ ଦେବା ପାଇଁ ନୟାଗଡ ପୋଲିସ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। କରୋନା କଟକଣା ଅଣଦେଖା କରୁଥିବା ବ୍ୟବସାୟୀଙ୍କୁ ୫ହଜାର ଟଙ୍କା ଆର୍ଥିକ ଦଣ୍ଡ ସହ ଦୋକାନ ୪ରୁ ୫ଦିନ ବନ୍ଦ କରାଯିବ। ଏପରି କି ମାମଲା ମଧ ରୁଜୁ ହେବ ବୋଲି ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତି ସୂଚନା ଦେଇଛନ୍ତି। ବୁଧବାର ପୋଲିସ ପକ୍ଷରୁ ସହରରେ ଚଢ଼ାଉ କରାଯାଇ ୪ଜଣ ଦୋକାନୀଙ୍କ ଦେକାନ ବନ୍ଦ କରି ଦିଆଯାଇଛି। ମାସ୍କ ପିନ୍ଧି ନ ଥିଲେ ଓ ସରକାରୀ ଭାବେ ଧାର୍ଯ୍ୟ ସମୟ ନିର୍ଘଣ୍ଟକୁ ଅଣଦେଖା କଲେ ଦଣ୍ଡିତ ହେବାକୁ ପଡିବ।

### ନୟାଗଡ଼ରେ ୧୫ ନୂଆ ଆକ୍ରାନ୍ତ

**ନୟାଗଡ଼ ଅଫିସ,୧୫।୭:** ନୟାଗଡ଼ ଜିଲାରେ ବୁଧବାର ୧୫ ନୂଆ ଆକ୍ରାନ୍ତ ଚିହ୍ନଟ ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୯୦ରେ ପହଞ୍ଚିଛି। ଚିହ୍ନଟ ପଜିଟିଭ୍ ମଧରୁ ରଣପୁର ବ୍ଲକର ୫, ନୂଆଗାଁର ୯ ଓ ଖଣ୍ଡପଡା ବ୍ଲକର ଜଣେ ଅଛନ୍ତି। ରଣପୁର ବ୍ଲକର ୪ଜଣ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ହୋଇଥିବା ବେଳେ ଭୁବନେଶ୍ୱରରେ ରହୁଥିବା ସ୍ଥାନୀୟ ଅଞ୍ଚଳର ଜଣେ ଲୋକ ଚିହ୍ନଟ ହୋଇଛନ୍ତି। ନୂଆଗାଁ ବ୍ଲକ ବାହାଡାଝୋଲାର ୮ଜଣ କରୋନା ପଜିଟିଭ୍ ବାହାରିଥିବା ବେଳେ ଜଣେ ଭୁବନେଶ୍ୱରରୁ ଚିହ୍ନଟ ହୋଇଛନ୍ତି। ସେହିପରି ଖଣ୍ଡପଡ଼ା ଏନ୍‌ଏସି ୧୧ନଂ. ୱାର୍ଡରୁ ଜଣେ ଚିହ୍ନଟ ହୋଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୋଦ ନାୟକ ସୂଚନା ଦେଇଛନ୍ତି।

### ଏମ୍‌ଓୟୁ ସ୍ୱାକ୍ଷର ପାଇଁ ଆଲୋଚନା

**ନୟାଗଡ଼ ଅଫିସ,୧୫।୭:** କରୋନା ଚିକିତ୍ସା ପାଇଁ ନୟାଗଡ ଜିଲାର ଚାନ୍ଦପୁର କୋଭିଡ୍ ହେଲ୍‌ଥ ସେଣ୍ଟର ଓ ସମ୍ ହସ୍ପିଟାଲ ମଧରେ ଏମ୍‌ଓୟୁ ସ୍ୱାକ୍ଷର ପାଇଁ ଆଲୋଚନା ହୋଇଛି। ସମ୍ ହସ୍ପିଟାଲ୍‌ର ଏକ ପ୍ରତିନିଧି ଦଳ ବୁଧବାର ଏଠାରେ ପହଞ୍ଚିଥିଲେ। ଡିଆରଡିଏ ସମ୍ମିଳନୀ କକ୍ଷରେ ଏହି ଦଳ ସହ ଜିଲାପାଳ ପୋମା ଟୁଡୁ, ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ସିଡିଏମ୍‌ଓ ରଞ୍ଜିତା ବିଶ୍ୱାଳ, ଉପଜିଲାପାଳ ଲଗ୍ନଜିତ ରାଉତ ପ୍ରମୁଖ ଆଲୋଚନା କରିଥିଲେ। ସମ୍ ହସ୍ପିଟାଲ୍ ପ୍ରତିନିଧି ଦଳରେ ଡା. ବସନ୍ତ କୁମାର ପତି, ଶଶାଙ୍କ ଶେଖର ମିଶ୍ର, ମନୋଜ କୁମାର ପ୍ରମୁଖ ଥିଲେ। ଖୁବ୍‌ଶୀଘ୍ର ଏମ୍‌ଓୟୁ ସ୍ୱାକ୍ଷର ହେବ ବୋଲି ଉପଜିଲାପାଳ କହିଛନ୍ତି।

### ଜିଲାପାଳଙ୍କ ବରୀ ଗସ୍ତ

**ବରୀ,୧୫।୭(ଡି.ଏନ୍.ଏ.):** ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ବୁଧବାର ବରୀ ଗସ୍ତରେ ଆସି କରୋନା କଟକଣା ତଦାରଖ କରିଥିଲେ। ନିୟମ ଉଲ୍ଲଂଘନ କ୍ଷେତ୍ରରେ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ପ୍ରଶାସନିକ କଟକଣା ସତ୍ତ୍ୱେ ବ୍ଲକରେ ନିୟମ ଉଲ୍ଲଂଘନ ହେଉଥିବା ନେଇ ବିଭିନ୍ନ ଗଣମାଧମରେ ପ୍ରକାଶ ପାଇଥିଲା। ସ୍ଥାନୀୟ ହାଟ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ସାମାଜିକ ଦୂରତ୍ୱ ପାଳନ କରାଯାଉ ନ ଥିବା ଅଭିଯୋଗ ହୋଇଥିଲା।

# ୫ କୋଟିର ରାସ୍ତା ୨ମାସରେ ଶୋଚନୀୟ

**ବାଲିଚନ୍ଦ୍ରପୁର-ଦେକୁଡ଼ି ରାସ୍ତା**

- ଆରମ୍ଭରୁ ନିମ୍ନମାନର କାର୍ଯ୍ୟ କରାଯାଉଥିବା ଅଭିଯୋଗ
- ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି

**ଚଣ୍ଡିଖୋଲ, ୧୫।୭ (ଡି.ଏନ୍.ଏ.)**

ଯାଜପୁର-୨ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ୫କୋଟି ବ୍ୟୟ କରାଯାଇ ବାଲିଚନ୍ଦ୍ରପୁର-ଦେକୁଡ଼ି ପର୍ଯ୍ୟନ୍ତ ନିର୍ମାଣ କରାଯାଇଥିବା ରାସ୍ତା ମାତ୍ର ୨ମାସ ପରେ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଦେଇ ଯା'ଆସ କରିବା ବେଳେ ଅନେକ ସମୟରେ ଲୋକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତା କାର୍ଯ୍ୟ ଆରମ୍ଭରୁ ହିଁ ନିମ୍ନମାନର ହେଉଥିବା ଅଞ୍ଚଳବାସୀ ବହୁବାର ଅଭିଯୋଗ କରିଥିଲେ ବି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଫଳରେ ମାତ୍ର ୨ ମାସ ପରେ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବାରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଚଣ୍ଡିଖୋଲ ସବ୍ ଡିଭିଜନ୍ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ବାଲିଚନ୍ଦ୍ରପୁର-ଦେକୁଡ଼ି ପର୍ଯ୍ୟନ୍ତ ୧୧ କି.ମି. ରାସ୍ତା ନିର୍ମାଣ କରାଯାଇଥିଲା। ଏଥିପାଇଁ ବିଭାଗ ପକ୍ଷରୁ ୪ କୋଟି ୮୦ ଲକ୍ଷ ୭୬ ହଜାର ବ୍ୟୟ ବରାଦ କରାଯାଇ ୨୦୧୮ ମେ ୨୬ରୁ ନିର୍ମାଣ ଆରମ୍ଭ ପାଇଁ ଠିକାସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଥିଲା। ୨୦୧୯ ଏପ୍ରିଲ ୨୫ରେ ରାସ୍ତା କାମ ଶେଷ ହେବାକୁ ସମୟ ଧାର୍ଯ୍ୟ ହୋଇଥିଲେ ବି ଠିକାସଂସ୍ଥା କାର୍ଯ୍ୟରେ ବିଳମ୍ବ କରିବାରୁ ୨୦୨୦ ମେ'ରେ କାମ ଶେଷ ହୋଇଥିଲା। ନିର୍ମାଣ ସରିବାର ୨ମାସ ନ ପୁରୁଣୁ ରାସ୍ତାର କେତେକ ସ୍ଥାନରେ ଖାଲଖମା ଭର୍ତ୍ତି ହୋଇଥିବା ଦେଖାଯାଇଛି, ଯାହାଫଳରେ ଏହି ରାସ୍ତାଦେଇ ଯା'ଆସ କରୁଥିବା ଗାଡ଼ିମୋଟର ଚାଳକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ଟୁଇଟ୍ କରି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି କୌଣସି ପଦକ୍ଷେପ ନିଆଯାଉନି। ଉକ୍ତ ରାସ୍ତା ଉପରେ ଆଖପାଖ ୧୨ଟି ଗ୍ରାମର ପ୍ରାୟ ୫୦ହଜାର ଲୋକ ନିର୍ଭର କରନ୍ତି। କିନ୍ତୁ ବିପୁଳ ଅର୍ଥ ବ୍ୟୟରେ ନିର୍ମିତ ରାସ୍ତା ୨ ମାସରେ ଶୋଚନୀୟ ହୋଇପଡ଼ିବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅଞ୍ଚଳବାସୀଙ୍କ କହିବା ଅନୁସାରେ, ଉକ୍ତ ରାସ୍ତା ନିର୍ମାଣ ଆରମ୍ଭରୁ ତ୍ରୁଟି ଦେଖାଦେଇଥିଲା। ୨୦୧୯ ସେପ୍ଟେମ୍ବରରେ ଠିକାସଂସ୍ଥା ପକ୍ଷରୁ ନିର୍ମାଣ କରାଯାଇଥିବା ୪ଶହ ମିଟର ଗାର୍ଡୱାଲ ମଧ୍ୟରୁ କଳାଶ୍ରୀ ନିକଟରେ ପ୍ରାୟ ୩ଶହ ମିଟର ଗାର୍ଡୱାଲ ଭୁଷୁଡ଼ି ପଡ଼ିଥିଲା। ମାତ୍ର ତରବରିଆ ଭାବେ ସେସବୁକୁ ମାଟି ପକାଇ ଘୋଡ଼ାଇ ଦିଆଯାଇଥିଲା। ଏ ଦିଗରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବା ପରିବର୍ତ୍ତେ ଠିକାସଂସ୍ଥାକୁ ଅଧିକ ୧ କି.ମି. ଗାର୍ଡୱାଲ ନିର୍ମାଣ କରିବାକୁ ଅନୁମତି ଦିଆଯାଇଥିଲା। ମାତ୍ର ଠିକ୍ ଭବେ କାର୍ଯ୍ୟ କରା ନ ଯିବାରୁ ସେପ୍ଟେମ୍ବର ଶେଷ ବେଳକୁ ପୁଣି ଶହେ ମିଟର ଗାର୍ଡୱାଲ ଭୁଷୁଡ଼ି ପଡ଼ିଥିଲା। ଏହାଛଡ଼ା ନିମ୍ନମାନର ମେଟାଲିଂ ଓ ପିଚୁ କାର୍ଯ୍ୟ କରାଯାଇଥିବାରୁ ୨ମାସ ନ ପୂରୁଣୁ ରାସ୍ତା ନଷ୍ଟ ହୋଇଗଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଳସୀ ପାତ୍ରଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ଅବଗତ ଅଛୁ। ପୁନର୍ବାର ରାସ୍ତା କାର୍ଯ୍ୟ କରା ନ ଯିବା ପର୍ଯ୍ୟନ୍ତ ବିଲ୍ ପୈଠ କରାଯିବ ନାହିଁ ବୋଲି କହିଛନ୍ତି।





ବାଲିଚନ୍ଦ୍ରପୁର-ଦେକୁଡ଼ି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି।

### ୩ ଯୁବକଙ୍କୁ ଲୁଟ୍ ଘଟଣା: ୧୨ଜଣଙ୍କ ନାମରେ ମାମଲା

**ଖଣ୍ଡପଡ଼ା,୧୫।୭(ସ୍ୱ.ପ୍ର.)**

ଖଣ୍ଡପଡ଼ା ଥାନା ସିଂଘାପଡା ପଞ୍ଚାୟତର ବେଡାଙ୍ଗୀ ଗ୍ରାମକୁ ମଙ୍ଗଳବାର ହନୁମାନ ପଇସା ନେବା ପାଇଁ କାର ଯୋଗେ ୩ ଯୁବକ ଆସିଥିଲେ। ଖଳିସାହି-ସିଂଘାପଡା ରାସ୍ତାର ଦହିଖାଇ ନିକଟରେ ଏହି ର୍ୟାକେଟରେ ସମ୍ପୃକ୍ତ ଥିବା ୮ରୁ ୧୦ଜଣ ବ୍ୟକ୍ତି ସେମାନଙ୍କୁ ମାରଣାସ୍ତ୍ର ଦେଖାଇ ୩ଟି ୪ଜି ମୋବାଇଲ, ଏକ ସୁନାମୁଦି ଓ ୫ହଜାର ଟଙ୍କା ଲୁଟିନେଇଥିଲେ। ଲୁଟ୍‌ର ଶିକାର ହୋଇଥିବା ଯୁବକମାନଙ୍କ ମଧ୍ୟରୁ ଯାଜପୁର ଟାଉନ ଥାନା ବରୁଆଁ ଗ୍ରାମର ସୁଶୀଲ ନାୟକ ଏ ସମ୍ପର୍କରେ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କିଆଝର, ସିଂଘାପଡା ଓ କୋସକା ପଞ୍ଚାୟତ ଅଞ୍ଚଳର ୧୨ଜଣଙ୍କ ନାମରେ ବିଭିନ୍ନ ଦଫାରେ ମାମଲା (ନଂ.୧୮୨/୨୦) ରୁଜୁ କରିଛି। ସମ୍ପୃକ୍ତ ଅଭିଯୁକ୍ତମାନେ ହନୁମାନ ପଇସା ର୍ୟାକେଟରେ ସମ୍ପୃକ୍ତ ଥିବା ପ୍ରାଥମିକ ତଦନ୍ତ ବେଳେ ପୋଲିସକୁ ସୂଚନା ମିଳିଛି ବୋଲି ଆଇଆଇସି ବିମଳ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି।

## ଖାଲଗାଁରେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା

**ଟିଏମ୍‌ସିରୁ ଘରକୁ ପଳାଇଥିଲେ ପ୍ରବାସୀ**

**ବାଲିକୁଦା,୧୫।୭(ସ୍ୱ.ପ୍ର.)**

ବାଲିକୁଦା ବ୍ଲକର ବିଭିନ୍ନ ଟିଏମସିରୁ ମଙ୍ଗଳବାର ୯ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ସମସ୍ତେ ବାହାର ରାଜ୍ୟରୁ ଆସିଥିବା ଜଣାପଡ଼ିଛି। ସେମାନେ ପଞ୍ଚାୟତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(ଟିଏମ୍‌ସି)ରେ ଥିଲେ। ମାତ୍ର ଖାଲଗାଁ କ୍ୱାରାଣ୍ଟାଇନ ସେଣ୍ଟରରେ ରହୁଥିବା ଜଣେ ପ୍ରବାସୀ ରାତିରେ ଘରକୁ ଚାଲି ଯାଇଥିଲେ। ଯାହାଙ୍କଠାରେ କରୋନା ପଜିଟିଭ ଚିହ୍ନଟ ହୋଇଛି। ଏହାକୁ ନେଇ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ଦେଖାଯାଇଛି। ପ୍ରବାସୀ ଚେନ୍ନାଇରୁ ଆସି ଟିଏମସିରେ ଥିଲେ। ମାତ୍ର ଅନ୍ୟ ପ୍ରବାସୀ ଘରକୁ ବିଦା ହୋଇଥିବାବେଳେ ଏହି ପ୍ରବାସୀ ଏକୁଟିଆ ରହିବାକୁ ରାଜି ହୋଇ ନ ଥିଲେ। ଫଳରେ ରାତି ୧୦ଟାରେ ସେ ଟିଏମସିରୁ ଘରକୁ ଚାଲି ଯାଇଥିଲେ। ପରଦିନ ବଜାରରେ ମଧ ବୁଲାବୁଲି କରିଥିଲେ। ପୁଣି ତାଙ୍କୁ ଟିଏମସିକୁ ଅଣାଯାଇ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ରିପୋର୍ଟପଜିଟିଭ ଆସିବାପରେ ଅଞ୍ଚଳରେ ତାଙ୍କୁ ନେଇ ଚିନ୍ତାବଢ଼ିଛି। ଅନ୍ୟପକ୍ଷରେ ସରପଞ୍ଚଙ୍କ ସହ ଝଗଡ଼ା କରି ସେ ଚାଲି ଯାଇଥିଲେ ବୋଲି ସରପଞ୍ଚ ଗୋବିନ୍ଦ ସେଠୀ କହିଛନ୍ତି। ଯଦି ପ୍ରବାସୀ ଘରକୁ ଯାଇଛନ୍ତି ତେବେ ପ୍ରଥମେ ତାଙ୍କ ପରିବାର ସଂକ୍ରମିତ ହେବା ଆଶଙ୍କା ଦେଖାଦେଇଛି। ବଜାରରେ ଯାହାଙ୍କ ସହିତ ମିଶିଥିବେ ସେମାନେ ମଧ ସଂକ୍ରମଣ ହେବା ଅଶଙ୍କାକୁ ଦୂରେଇ ଦିଆ ଯାଇ ନ ପାରେ ବୋଲି କୁହାଯାଉଛି। ଏ ସମ୍ପର୍କରେ ବ୍ଲକ ପ୍ରଶାସନର ପ୍ରତିକ୍ରିୟା ମିଳି ପାରିନାହିଁ।

## ଲୋକ ଅଦାଲତରେ ୨୫ ମାମଲା ଫଇସଲା

**କେନ୍ଦ୍ରାପଡ଼ା ଅଫିସ,୧୫।୭**

କେନ୍ଦ୍ରାପଡ଼ା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲାସ୍ତରୀୟ କ୍ଷୁଦ୍ର ଲୋକ ଅଦାଲତ କେନ୍ଦ୍ରାପଡ଼ା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛ। ଏଥିରେ ମୋଟରଯାନ ଦୁର୍ଘଟଣାଜନିତ କ୍ଷତିପୂରଣ ବାବଦ ମୋଟ ୨୫ଟି ମାମଲାର ଫଇସଲା ହୋଇଛି। ଆପୋସ ବୁଝାମଣା ଜରିଆରେ ମାମଲାର ସମାଧାନ ହୋଇ ମୋଟ ୨ଲକ୍ଷ ୯୩ ହଜାର ଟଙ୍କା କ୍ଷତିପୂରଣ ବାବଦ ଅର୍ଥ ପ୍ରଦାନ ପାଇଁ ନିର୍ଦ୍ଦେଶ ହୋଇଛି । ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଜଜ୍ ବାସୁଦେବ ପଣ୍ଡା, ଏଡିଜେ ମୋହନ ରାଓ ଦୋରା, ପ୍ରାଧିକରଣ ସଚିବ ମଳୟ କୁମାର ପ୍ରଧାନ ପ୍ରମୁଖ ମାମଲାଗୁଡିକର ବିଚାର କରିଥିଲେ। ଲୋକ ଅଦାଲତକୁ ପ୍ରାଧିକରଣର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

## ମେଗା ପାନୀୟଜଳ ପ୍ରକଳ୍ପକୁ ବିରୋଧ



ଗ୍ରାମବାସୀଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ଜେନାପୁର, ୧୫।୭ (ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ରାଇଛନ୍ଦା ପଞ୍ଚାୟତ ଅଧୀନ ବାଲିକୁଦିଆଠାରେ ବ୍ରାହ୍ମଣୀ ନଦୀ କୂଳରେ ହେବାକୁ ଥିବା ମେଗା ପାନୀୟଜଳ ପ୍ରକଳ୍ପକୁ ୪ ଓ ୫ ନଂ. ୱାର୍ଡବାସୀ ବିରୋଧ କରିଛନ୍ତି। ବୁଧବାରଠାରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବାକୁ ଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ବାଲିକୁଦିଆଠାରେ ଚିହ୍ନଟ ହୋଇଥିବା ସ୍ଥାନରେ ପହଞ୍ଚିଥିଲେ। ମାତ୍ର ସ୍ଥାନୀୟ ଲୋକେ ସେହିସ୍ଥାନରେ ବସିରହିବା ସହ ପ୍ରକଳ୍ପ କାର୍ଯ୍ୟକୁ ବିରୋଧ କରିଥିଲେ। ଗ୍ରାମବାସୀଙ୍କ କହିବା ଅନୁସାରେ, ଏହି ପ୍ରକଳ୍ପ ନିର୍ମାଣ ହେଲେ ନଦୀ ବନ୍ଧ ଦୁର୍ବଳ ହୋଇପଡ଼ିବ। ଫଳରେ ବନ୍ୟା ଜଳ ନଦୀରେ ପ୍ରବାହିତ ହେଲେ ଗ୍ରାମକୁ ପାଣି ପ୍ରବେଶ କରିବ। ଲୋକମାନେ ବହୁ ଅସୁବିଧା ଭୋଗିବେ। ତେଣୁ ସେହି ସ୍ଥାନରେ ପ୍ରକଳ୍ପ କରା ନ ଯିବାକୁ ଗ୍ରାମବାସୀ ଜିଦ୍ ଧରିଥିଲେ। ପ୍ରଶାସନିକ ଅଧିକାରୀମାନେ ଦୀର୍ଘ ୬ଘଣ୍ଟା କାଳ ଲୋକମାନଙ୍କୁ ବୁଝାଇବା ପରେ ବି କିଛି ନିଷ୍କର୍ସ ବାହାରି ପାରି ନ ଥିଲା। ଫଳରେ ପ୍ରଶାସନିକ ଅଧିକାରୀମାନେ ସେଠାରୁ ଫେରି ଯାଇଥିଲେ। ଏ ସଂକ୍ରାନ୍ତରେ ତହସିଲଦାର ସରୋଜ କୁମାର ପଣ୍ଡାଙ୍କୁ ପଚାରିବାରେ ଏ ନେଇ ଜିଲାପାଳଙ୍କୁ ଜଣାଇ ଦିଆଯିବ। ତାଙ୍କ ନିର୍ଦ୍ଦେଶକ୍ରମେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ସୂଚନାଥାଉ କି, ବାଲିକୁଦିଆଠାରେ ୫ ଏକର ବିଶିଷ୍ଟ ସରକାରୀ ଜମି ଉପରେ ୨.୧୪କୋଟି ବ୍ୟୟରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଜାଗା ଚିହ୍ନଟ କରାଯାଇଛି। ଏହି ପ୍ରକଳ୍ପରୁ ସ୍ଥାନୀୟ ୪୫ ପଞ୍ଚାୟତକୁ ପାଇପ ଯାଗେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯିବା ପାଇଁ ଯୋଜନା ରହିଛି। ମାତ୍ର ଉକ୍ତ ପ୍ରକଳ୍ପ ନିର୍ମାଣ ହେଲେ ନଦୀ ବନ୍ଧ ଦୁର୍ବଳ ହେବା ଭୟରେ ଗ୍ରାମବାସୀ ଏହାକୁ ବିରୋଧ କରୁଥିବା ଜଣାପଡ଼ିଛି।





ରାଜ୍ୟ ସରକାରଙ୍କ ଦୁଇ ବର୍ଷ ନିଯୁକ୍ତି ବନ୍ଦ ନିଷ୍ପତ୍ତିକୁ ବିରୋଧ କରି ବୁଧବାର ଜଗତ୍‌ସିଂହପୁର ଜିଲା ଯୁବ କଂଗ୍ରେସ ପକ୍ଷରୁ ଜଗତ୍‌ସିଂହପୁର ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ୨ ଆକ୍ରାନ୍ତଙ୍କୁ ନେଇ କୁଜଙ୍ଗବାସୀ ଆତଙ୍କିତ

**କୁଜଙ୍ଗ,୧୫।୭(ଡି.ଏନ.ଏ.)**

କୁଜଙ୍ଗ ବ୍ଲକ୍‌ସାଇଲୋ ପଞ୍ଚାୟତର ସାଇଲୋ ଗ୍ରାମରୁ ୧୨ ତାରିଖରେ ବାହାରିଥିବା ଦୁଇ କରୋନା ପଜିଟିଭ୍‌ଙ୍କୁ ନେଇ ବ୍ଲକ୍ ଅଞ୍ଚଳବାସୀ ଆତଙ୍କିତ ହୋଇ ପଡ଼ୁଛନ୍ତି। କାରଣ ଏମାନେ ଫେରିବା ପରେ ଘରେ ରହିଥିଲେ। ଏହାପରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ପଞ୍ଚାୟତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଯେହେତୁ ସେମାନେ ଘରେ ଥିଲେ ତେବେ ତାଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିଥିବା ସେମାନେ ଆକ୍ରାନ୍ତ ହୋଇଥିବା କୁହାଯାଉଛି। ଏହା ଗୋଷ୍ଠୀ ସଂକ୍ରମଣ ରୂପ ନେଇଥିବା ଚର୍ଚ୍ଚା ହେଉଛି।

ସୂଚନା ଅନୁସାରେ, ଏହି ପରିବାର ହାଇଦ୍ରାବାଦରୁ ଆସି ଜୁଲାଇ ୧ରେ ଘରେ ପହଞ୍ଚିଥିଲେ। ୬ତାରିଖରେ ସ୍ଥାନୀୟ ଲୋକେ ଏହା ଜାଣି ସରପଞ୍ଚଙ୍କୁ ଜଣାଇଥିଲେ। ସରପଞ୍ଚ ରୋଜାଲିନ ମହାପାତ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ ପହଞ୍ଚି ସମ୍ପୃକ୍ତ ପରିବାରକୁ ଟିଏମ୍‌ସିକୁ ଯିବାକୁ ବୁଝାଇଥିଲେ। ହେଲେ ସେମାନେ ରାଜି ହୋଇ ନ ଥିଲେ। ବରଂ ଗାଲିଗୁଲଜ କରିଥିଲେ। ଫଳରେ ସରପଞ୍ଚ ସେଠାରୁ ଫେରି ପ୍ରଶାସନ ଓ ପୋଲିସକୁ ଜଣାଇଥିଲେ। ୭ ତାରିଖରେ କୁଜଙ୍ଗ ବିଡିଓ ଅମୀୟ କୁମାର ପଣ୍ଡା, ତହସିଲଦାର ସ୍ମିତପ୍ରଜ୍ଞା ପ୍ରିୟଦର୍ଶିନୀ, ଡାକ୍ତରୀ ଟିମ୍ ଓ ପୋଲିସ୍ ପହଞ୍ଚି ସମ୍ପୃକ୍ତ ପରିବାରର ବାପା, ମା'ଓ ଝିଅଙ୍କୁ କୁଜଙ୍ଗସ୍ଥ ବିବି ହାଇସ୍କୁଲଠାରେ ଥିବା ଟିଏମ୍‌ସିକୁ ନେଇଥିଲେ। ୯ ତାରିଖରେ ସେମାନଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ୧୨ ତାରିଖରେ ସମ୍ପୃକ୍ତ ପରିବାରର ବାପଝିଅଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ପୋଲିସ୍ ଓ ଡାକ୍ତରୀ ଟିମ୍ ସେମାନଙ୍କୁ ଯେତେବେଳେ ଆଣିବାକୁ ପହଞ୍ଚିଲେ ସେତେବେଳେ ପଜିଟିଭ୍ ବାହାରିଥିବା ବ୍ୟକ୍ତି ଜଣଙ୍କ ସରପଞ୍ଚ ତାଙ୍କଠାରୁ ଟଙ୍କା ନେଇ ଘରେ ରହିବାକୁ କହିଥିବା ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ବ୍ୟକ୍ତିଜଣଙ୍କ ସରପଞ୍ଚଙ୍କ ଉପରେ ଯେଉଁ ଅଭିଯୋଗ ଆଣିଛନ୍ତି ତାହା ସମ୍ପୂର୍ଣ୍ଣ ମଥ୍ୟା ବୋଲି ସରପଞ୍ଚ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଡିଓ ପଣ୍ଡା କହିଛନ୍ତି, ଏହା ଏକ ଗୁରୁତର ପ୍ରସଙ୍ଗ। ଯଦିକେହି କୋଭି-୧୯ ନିୟମ ଉଲଂଘନ କରିଥାନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ।

## ଜଗତ୍‌ସିଂହପୁରରେ ପୁଣି ୨୬ ଚିହ୍ନଟ

**ଜଗତ୍‌ସିଂହପୁର ଅଫିସ, ୧୫।୭**

ଜଗତ୍‌ସିଂହପୁର ଜିଲାରେ ପୁଣି ୨୬ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ପଜିଟିଭ୍ ସଂଖ୍ୟା ୪୫୨ରେ ପହଞ୍ଚିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ନୂଆ ସଂକ୍ରମିତଙ୍କ ମଧ୍ୟରୁ ତିର୍ତ୍ତୋଲ ବ୍ଲକରୁ ୧୫, ରଘୁନାଥପୁର ୫, ବାଲିକୁଦା ୨, ଜଗତ୍‌ସିଂହପୁର ବ୍ଲକ ୧, ବିରିଡ଼ି ୧, ପାରାଦୀପ ୧ ଓ ଏରସମା ବ୍ଲକ ଅଞ୍ଚଳରୁ ଜଣେ ଚିହ୍ନଟ ହୋଇଛନ୍ତି। ତିର୍ତ୍ତୋଲର ୧୫ ଜଣଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶରୁ ୧, କର୍ନାଟକ ୩, ମହାରାଷ୍ଟ୍ର ୧, ତାମିଲନାଡୁ ୨, ଉତ୍ତରପ୍ରଦେଶ ୨, ପଶ୍ଚିମବଙ୍ଗ ୨ ଓ ଦୁବାଇରୁ ୪ ଫେରିଛନ୍ତି। ରଘୁନାଥପୁରର ୫ ଜଣଙ୍କ ମଧ୍ୟରେ କର୍ନାଟକ ୩, ତେଲଙ୍ଗାନା ୧, ପଶ୍ଚିମବଙ୍ଗରୁ ଜଣେ ଫେରିଥିଲେ। ବାଲିକୁଦାର ୨ଜଣଙ୍କ ମଧ୍ୟରେ ମହାରାଷ୍ଟ୍ରରୁ ୧ ଓ ତେଲଙ୍ଗାନାରୁ ଜଣେ ଫେରିଛନ୍ତି। ଜଗତ୍‌ସିଂହପୁର ବ୍ଲକର ଜଣକ ତେଲଙ୍ଗାନା ଫେରନ୍ତା ଓ ବିରିଡ଼ିର ଜଣକ କର୍ନାଟକ ଫେରନ୍ତା ବୋଲି ଜଣାଯାଇଛି। ପାରାଦୀପର ଜଣକ ସଂକ୍ରମିତଙ୍କ ସଂସ୍ପର୍ଷରେ ଆସି ଆକ୍ରାନ୍ତ ହୋଇଛନ୍ତି। ଏରସମାର ଜଣକ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

## ଘୋଷଣାରେ ସୀମିତ ଇଏସ୍‌ଆଇ ହସ୍ପିଟାଲ

**କଳିଙ୍ଗନଗର, ୧୫।୭ (ଡି.ଏନ.ଏ.)**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ୧୦୦ ଶଯ୍ୟା ବିଶିଷ୍ଟ ଇଏସ୍‌ଆଇ ହସ୍ପିଟାଲ ପ୍ରତିଷ୍ଠା ପାଇଁ ୨୦୦୮-୦୯ ମସିହାରୁ ମଞ୍ଜୁରୀ ମିଳିଛି। ହେଲେ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇସାରିଥିଲେ ବି ଏ କ୍ଷେତ୍ରରେ କିଛି ଅଗ୍ରଗତି ହୋଇପାରିନାହିଁ। କଳିଙ୍ଗନଗର ଶିଳ୍ପାଞ୍ଚଳରେ ପାଖାପାଖି ଏକ ଲକ୍ଷ ଲୋକ କାମ କରୁଛନ୍ତି। କର୍ମଚାରୀମାନେ ବାହାର ରାଜ୍ୟ ଓ ଜିଲାରୁ ଆସୁଥିବା ବେଳେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ହେଲେ କଳିଙ୍ଗନଗରଠାରେ ବହୁ ପୂର୍ବରୁ ପ୍ରତିଷ୍ଠା କରାଯାଇଥିବା ଇଏସ୍‌ଆଇ ହସ୍ପିଟାଲ ନାମକୁ ମାତ୍ର ଜଣେ ଡାକ୍ତର ଏବଂ ଜଣେ ଫାର୍ମାସିଷ୍ଟଙ୍କୁ ନେଇ ଚାଲୁଛି। ଯାହା କ୍ରମବର୍ଦ୍ଧିଷ୍ଣୁ ଶ୍ରମିକମାନଙ୍କୁ ଆବଶ୍ୟକ ସେବା ଯୋଗାଇ ଦେବାକୁ ସମର୍ଥ ହେଉନାହିଁ। କରୋନା ପରିପ୍ରେକ୍ଷୀରେ ଡାକ୍ତର ଓ ଫାର୍ମାସିଷ୍ଟମାନେ ମଧ ବହୁଦିନ ଧରି କାର୍ଯ୍ୟରେ ଅନୁପସ୍ଥିତ ରହୁଛନ୍ତି। ଜିଲା ପ୍ରଶାସନ ଇତିମଧ୍ୟରେ ଇଏସ୍‌ଆଇ ହସ୍ପିଟାଲ ପାଇଁ ଦାନଗଦୀ ତହସିଲ ଅନ୍ତର୍ଗତ ମାନତିରାଠାରେ ଆବଶ୍ୟକ ଜମି ଯୋଗାଇ ଦେଇଛନ୍ତି। ତେଣୁ ତୁରନ୍ତ ୧୦୦ ଶଯ୍ୟା ପରିବର୍ତ୍ତେ ୨୦୦ ଶଯ୍ୟା ବିଶିଷ୍ଟ ଇଏସଆଇ ହସ୍ପିଟାଲ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ କେନ୍ଦ୍ର ଶ୍ରମ ଏବଂ ନିୟୋଜନ ମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ସେହିପରି ୨୦୧୭-୧୮ ବର୍ଷରେ ଜିନ୍ଦଲ ପକ୍ଷରୁ ଏକ ମେଡିକାଲ ପ୍ରତିଷ୍ଠା କରିବାକୁ ଘୋଷଣା ହୋଇଛି। କିନ୍ତୁ କମ୍ପାନୀ ଏହାର ପ୍ରତିଷ୍ଠା ଦିଗରେ ଦିନ ଗଡ଼ାଇ ଚାଲିଛି। କାଳିଆପାଣି ନିକଟସ୍ଥ ଟାଟା ଖଣି କମ୍ପାନୀ ବନ୍ଦ ହୋଇଯିବା ପରେ ତା'ର ଯେଉଁ ହସ୍ପିଟାଲ ଆଗରୁ ଚାଲୁଥିଲା ତାହାର ଭିତ୍ତିଭୂମିକୁ ଟାଟା କମ୍ପାନୀ ଦେଇଦେବାକୁ ଚାହୁଁଛନ୍ତି। ତେଣୁ ସେହି ଭିତ୍ତିଭୂମିକୁ ବ୍ୟବହାର କରି ତୁରନ୍ତ ଏକ ହସ୍ପିଟାଲ ପରିଚାଳନା କରାଯାଇପାରିବ। ଏହିସବୁ ବିଷୟକୁ ଦୃଷ୍ଟିରେ ରଖି ଜିନ୍ଦଲ କମ୍ପାନୀର ମେଡିକାଲ ଏବଂ ଡିଏମ୍‌ଏଫ ଦ୍ୱାରା ପ୍ରସ୍ତାବିତ ଦୁଇଟି ହସ୍ପିଟାଲ ପ୍ରତିଷ୍ଠା ହେଲେ ସୁକିନ୍ଦା ଏବଂ କଳିଙ୍ଗନଗରବାସୀ ଉପକୃତ ହୋଇପାରିବେ ବୋଲି ଘଡେଇ ମତ ଦେଇଛନ୍ତି।

## ଶିଳ୍ପାନୁଷ୍ଠାନଗୁଡିକ କୋଭିଡ୍ କେୟାର ସେଣ୍ଟର କରିବାକୁ ପରାମର୍ଶ

**ଯାଜପୁର ଅଫିସ୍/କଳିଙ୍ଗନଗର, (ଡି.ଏନ.ଏ.) ୧୫।୭**



ବୈଠକରେ ଜିଲା ପ୍ରଶାସନିକ ଅଧିକାରୀ ଓ ଶିଳ୍ପାନୁଷ୍ଠାନର ଜିଲା ମୁଖ୍ୟମାନେ।

ଯାଜପୁର ଜିଲାରେ କୋଭିଡ୍-୧୯ ସଂକ୍ରମିତଙ୍କ ଚିକିତ୍ସା ପାଇଁ ଅଧିକ ଭିତ୍ତିଭୂମିର ଆବଶ୍ୟକତା ରହିଛି। ତେଣୁ କଳିଙ୍ଗନଗରରେ ଥିବା ଶିଳ୍ପାନୁଷ୍ଠାନଗୁଡ଼ିକ କୋଭିଡ୍ କେୟାର ସେଣ୍ଟର ବ୍ୟବସ୍ଥା କରନ୍ତୁ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ବୁଧବାର ଜିଲା କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ ଜିଲାରେ ଥିବା ବିଭିନ୍ନ ଶିଳ୍ପାନୁଷ୍ଠାନର ଜିଲା ମୁଖ୍ୟଙ୍କ ସହ ଜିଲାପାଳ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଆଲୋଚନା କରିଥିଲେ। ସମସ୍ତ ଶିଳ୍ପାନୁଷ୍ଠାନ ପାଖରେ ହଜାର ହଜାର ବ୍ୟକ୍ତି କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ସମ୍ପୃକ୍ତ ସଂସ୍ଥା ଦାୟିତ୍ୱ ନେବାକୁ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଅନ୍ୟପକ୍ଷେ ଶିଳ୍ପାନୁଷ୍ଠାନଗୁଡିକରେ କ୍ୱାରାଣ୍ଟାଇନ୍ ସେଣ୍ଟର ବ୍ୟବସ୍ଥା କରାଯାଉଛି ବୋଲି ଉପସ୍ଥିତ ଶିଳ୍ପାନୁଷ୍ଠାନର ଜିଲା ମୁଖ୍ୟମାନେ ସୂଚନା ଦେଇଥିଲେ। ତେବେ ବର୍ତ୍ତମାନଠାରୁ ସମସ୍ତ କର୍ମଚାରୀ ଏବଂ ଶ୍ରମିକମାନଙ୍କ ଥର୍ମାଲ ସ୍କାନିଂ ସହ ଅକ୍ସି ମିଟର ବ୍ୟବହାର କରି ରିପୋର୍ଟ ରଖିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସେହିପରି ପ୍ରତ୍ୟେକ ଶିଳ୍ପ ସଂସ୍ଥା ନିଜ ବ୍ୟୟରେ ନିଜ ଅଞ୍ଚଳରେ କୋଭିଡ କେୟାର ସେଣ୍ଟର ପ୍ରସ୍ତୁତ କରିବାକୁ ଜିଲାପାଳ ପରାମର୍ଶ ଦେବା ସହ କେହି କରୋନାରେ ଆକ୍ରାନ୍ତ ହେଲେ ସେଠାରେ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ କହିଥିଲେ। ଜିଲାର କଳିଙ୍ଗନଗର କୋଭିଡ୍ କେୟାର ହସ୍ପିଟାଲରେ ୧୫୦ ଓ ଏନ୍‌ସି କୋଭିଡ୍ କେୟାରରେ ୪୦୦ ଶଯ୍ୟା ରହିଛି। ଏହା ବ୍ୟତୀତ ବିଭିନ୍ନ ସ୍ଥାନରେ ଆହୁରି ଅଧିକ ଶଯ୍ୟାର ବ୍ୟବସ୍ଥା କରାଯିବାକୁ ସ୍ଥିର କରାଯାଇଥିବା ସୂଚନା ପ୍ରଦାନ କରାଯାଇଥିଲା। ଅପରପକ୍ଷରେ ସରକାର ପଞ୍ଚାୟତସ୍ତରରେ କୋଭିଡ୍ କେୟାର ହୋମ୍ ମାଧ୍ୟମରେ କରୋନା ଆକ୍ରାନ୍ତଙ୍କ ଚିହ୍ନଟ ଓ ଚିକିତ୍ସା ବ୍ୟବସ୍ଥା କରୁଥିବାରୁ ଏହାର ମଧ ଭିତ୍ତିଭୂମିକୁ ସୁଦୃଢ଼ କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଉପସ୍ଥିତ ଶିଳ୍ପସଂସ୍ଥା ପ୍ରତିନିଧିମାନେ ଶନିବାର ସୁଦ୍ଧା ମତାମତ ଦେବାକୁ ସମୟ ମାଗିଥିଲେ। ବୈଠକରେ ଆଇଏଏସ୍ ପ୍ରୋବେଶନର ସଚିନ ପାୱାର, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ଓ ମିହିର ପ୍ରସାଦ ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଏବଂ ବିଭିନ୍ନ ଶିଳ୍ପାନୁଷ୍ଠାନର ଜିଲା ମୁଖ୍ୟମାନେ ଯୋଗ ଦେଇଥିଲେ।

**ଗାନ୍ଧୀ ପବ୍ଲିକ୍ ସ୍କୁଲକୁ ସଫଳତା**

ଗୁଣପୁର,(ଡି.ଏନ.ଏ)–ରାୟଗଡା ଜିଲା ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଆନକୂଲ୍ୟରେ ପରିଚାଳିତ ଦଶମଶ୍ରେଣୀ ପରୀକ୍ଷାରେ ସଫଳତା ପାଇଛନ୍ତି। ଏଥିରେ ୯୭ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଛାତ୍ର ଶୁଭମ ମହାନ୍ତି ୯୭ପ୍ରତିଶତ ରଖି ପ୍ରଥମ ହୋଇଛନ୍ତି। କେ. ଅଞ୍ଜଳି ୯୫.୨ ପ୍ରତିଶତ ରଖି ଦ୍ୱିତୀୟ ଏବଂ ପି. ଦେବୀ ପ୍ରସାଦ ୯୫ ପ୍ରତିଶତ ରଖି ତୃତୀୟ ସ୍ଥାନ ପାଇଛନ୍ତି। କ୍ରମାଗତ ଭାବେ ବିଦ୍ୟାଳୟର ଦଶମଶ୍ରେଣୀ ପାସ୍‌ହାର ୧୦୦ ପ୍ରତିଶତ ରହୁଛି। ଏହି ଅବସରରେ ଜିଆଇଇଟି ବିଶ୍ୱ ବିଦ୍ୟାଳୟ ଅଧ୍ୟକ୍ଷ ଡ଼. ସତ୍ୟ ପ୍ରକାଶ ପଣ୍ଡା, ଉପାଧ୍ୟକ୍ଷ ଡ଼. ଚନ୍ଦ୍ରଧ୍ୱଜ ପଣ୍ଡା, ମହା ନିର୍ଦ୍ଦେଶକ ଡ଼. ଜଗଦିଶ ପଣ୍ଡା ଅଧ୍ୟକ୍ଷ, ଶିକ୍ଷୟିତ୍ରୀ,ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ବିରୋଧକରି ଗ୍ରାମବାସୀ ଦେଲେ ଦାବିପତ୍ର

ପଟ୍ଟାଙ୍ଗି,୧୫।୭(ଡି.ଏନ୍.ଏ.)




ପାହାଡ ଉପରେ ଶ୍ରେଣୀଗୃହ ତିଆରିକୁ ବିରୋଧ କରୁଥିବା ପଞ୍ଚାୟତବାସୀ।

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଗାଙ୍ଗରାଜପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ପଞ୍ଚାୟତର ଚିନ୍ତାଲଗୁଡା ଗ୍ରାମ ନିକଟସ୍ଥ ଏକ ପାହାଡ଼ ଉପରକୁ ସ୍ଥାନାନ୍ତର କରାଯାଉଛି। ଏହା ଜଣାପଡିବା ପରେ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ପଞ୍ଚାୟତବାସୀ ଜିଲା ଶିକ୍ଷା ଅଧିକାରୀ, ସର୍ବଶିକ୍ଷା ଅଭିଯାନର ଜିଲା ସଂଯୋଜକ, ତହସିଲଦାର ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଉକ୍ତ ବିଦ୍ୟାଳୟ ୧୯୫୯ରେ ସ୍ଥାପିତ ହୋଇ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଆରମ୍ଭ ହୋଇଥିଲା। ୨୦୦୪ରେ ଷଷ୍ଠ ଓ ସପ୍ତମ ଓ ୨୦୧୦ରେ ଅଷ୍ଟମ ଶ୍ରେଣୀ ଖୋଲିଥିଲା ପୁଣି ୨୦୦୬ରେ ଉକ୍ତ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ଖୋଲିଥିଲା। ସେବେଠାରୁ ଏହି ବିଦ୍ୟାଳୟ ଉଚ୍ଚ ବିଦ୍ୟାଳୟରେ ପରିଣତ ହୋଇଥିଲା। ପରବର୍ତ୍ତୀ ସମୟରେ ନବମ ଏବଂ ଦଶମ ଶ୍ରେଣୀ ଖୋଲିଥିଲା। ବର୍ତ୍ତମାନ ବିଦ୍ୟାଳୟରେ ୨୧୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ପରିଚାଳନା କମିଟି ସଭାପତି ଖରା ପଦୁ କହିଛନ୍ତି। ବିଦ୍ୟାଳୟର ନବମ ଓ ଦଶମ ଦୁଇଟି ଶ୍ରେଣୀ ପାଇଁ ଚିନ୍ତାଲଗୁଡା ଗ୍ରାମ ନିକଟରେ ଥିବା ପାହାଡ ଉପରେ ଶ୍ରେଣୀଗୃହ ନିର୍ମାଣ କରାଯାଉଛି। ଏନେଇ ସର୍ବଶିକ୍ଷା ଅଭିଯାନର ଯନ୍ତ୍ରୀ ନିଷ୍ପତ୍ତି ନେଇଥିଲେ। ତେବେ ଏ ସମ୍ପର୍କରେ ସେ ବିଦ୍ୟାଳୟ ପରିଚାଳନା କମିଟି କିମ୍ବା ପଞ୍ଚାୟତବାସୀଙ୍କୁ ଅବଗତ କରିନାହାନ୍ତି ବୋଲି ସରପଞ୍ଚ ପାଦି ବଲ୍ଲୁ, ଜଗବନ୍ଧୁ ବାଙ୍କା, ପୂର୍ବତନ ସରପଞ୍ଚ ପ୍ରଦୀପ ଜୟପୁରିଆ କହିଛନ୍ତି। ଏହାର ବିଚାର କରି ଗାଙ୍ଗରାଜପୁର ପଞ୍ଚାୟତକୁ ପ୍ରବେଶ ବେଳେ ପଡୁଥିବା ରାଣୀଚଟାଣ ନିକଟରେ ଥିବା ସରକାରୀ ଜମିରେ ବିଦ୍ୟାଳୟ ଗୃହ ନିର୍ମାଣ କରାଗଲେ ଆମର ଆପତ୍ତି ନାହିଁ ବୋଲି ପଞ୍ଚାୟତବାସୀ ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ, ଏହି ବିଦ୍ୟାଳୟରେ ବଡଚିକିଲାମାରି, ନିଲାମପାଡୁ, ଚିନ୍ତାଲଗୁଡା, ଗୁଡିଆମ୍ବଗୁଡା, ଆଲମାରିଗୁଡା, ଗାଙ୍ଗମାଗୁଡା ଓ ଗାଙ୍ଗରାଜପୁର ଆଦି ଗ୍ରାମର ପିଲାମାନେ ପାଠ ପଢୁଛନ୍ତି। ଏନେଇ ଜିଲା ଶିକ୍ଷା ଅଧିକାରୀ ତଥା ସର୍ବଶିକ୍ଷା ଅଭିଯାନର ସଂଯୋଜକ ରାମଚନ୍ଦ୍ର ନାହାକଙ୍କୁ ପଚାରିବାରୁ ସେ କହିଲେ ଯେ, ସେ ଏ ବିଷୟରେ କନିଷ୍ଠ ଯନ୍ତ୍ରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

**ପାହାଡ଼ ଉପରେ ଶ୍ରେଣୀଗୃହ ନିର୍ମାଣ**
- ୯ମ, ୧୦ମ ଛାତ୍ରୀଛାତ୍ରଙ୍କ ପାଇଁ ହେଉଛି ନିର୍ମାଣ
- ନିଷ୍ପତ୍ତି ସମ୍ପର୍କରେ କାହାକୁ ଜଣାଇନି ବିଭାଗ
- ଯନ୍ତ୍ରୀଙ୍କ ସହ ଆଲୋଚନା ପରେ ପଦକ୍ଷେପ

## ମାଲକାନଗିରିରେ ୧୩ ପଜିଟିଭ

ମାଲକାନଗିରି/କାଲିମେଳା,୧୫।୭ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ବୁଧବାର ପୁଣି ୧୩ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ସେଥିରୁ କାଲିମେଳା ବ୍ଲକର ୪ଜଣ ଥିବା ବେଳେ ମାଲକାନଗିରି ପୌରାଞ୍ଚଳର ୯ଜଣ ଚିହ୍ନଟ ହୋଇଥିବା ଜିଲାପାଳ ମନୀଷ ଅଗ୍ରଓ୍ୱାଲ କହିଛନ୍ତି। ଏମାନେ କେଉଁମାନଙ୍କ ସଂସ୍ପର୍ଶରେ ଆସିଛନ୍ତି ସେନେଇ ତଥ୍ୟ ସଂଗ୍ରହ କରାଯାଉଛି। କାଲିମେଳାରୁ ଚିହ୍ନଟ ୪ ଜଣଙ୍କ ମଧ୍ୟରୁ ଜଣେ କରୋନା ଯୋଦ୍ଧା ହୋଇଥିବା ବେଳେ ଅନ୍ୟ ଜଣେ ଆନ୍ଧ୍ର ପ୍ରଦେଶରୁ ଫେରି ସଙ୍ଗରୋଧ ଗୃହରେ ଥିଲେ। ଅନ୍ୟ ୨ ଜଣ ଆଇସୋଲେସନ ସେଣ୍ଟରରେ ଥିଲେ। କରୋନା ଲକ୍ଷଣ ଦେଖା ଦେବାରୁ ସେମାନଙ୍କଠାରୁ ନମୁନା ସଂଗ୍ରହ କରାଯାଇଥିଲା। ରିପୋର୍ଟ ପଜିଟିଭ ଆସିଛି। ଏହି ୪ ଜଣଙ୍କ ମଧ୍ୟରୁ ଜଣେ ୨ ଜଣ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡିଛି। ତେବେ ବୁଧବାର ଅଗ୍ନିଶମ ବିଭାଗ ପକ୍ଷରୁ ମେଡିକାଲକୁ ସାନିଟାଇଜ କରାଯାଇଛି। ମାତ୍ର ଆକ୍ରାନ୍ତଙ୍କୁ ଚିକିତ୍ସା କରିଥିବା ଡାକ୍ତର ଓ କର୍ମଚାରୀଙ୍କୁ କ୍ୱାରେଣ୍ଟାଇନରେ ରଖାଯାଇନାହିଁ । ସୂଚନାଯୋଗ୍ୟ ଯେ, ମାଲକାନଗିରି ସଦର ମେଡିକାଲରେ ଡାକ୍ତର ଜଣେ କରୋନା ଆକ୍ରାନ୍ତଙ୍କୁ ଚିକିତ୍ସା କରିବା ପରେ ମେଡିକାଲର ଡାକ୍ତରଙ୍କ ସମେତ ପ୍ରାୟ ୪୦ କର୍ମଚାରୀଙ୍କୁ କ୍ୱାରେନଟାଇନରେ ରଖାଯାଇଥିଲା। ଏଭଳି ନିୟମ କାଲିମେଳାରେ ଲାଗୁ ହେଉନାହିଁ। ଜିଲାରେ ବର୍ତ୍ତମାନ ପଜିଟିଭଙ୍କ ସଂଖ୍ୟା ୨୦୮ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୧୧୧ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୯୭ ଜଣ ଚିକିତ୍ସିତ ହେଉଛନ୍ତି।

## ନବରଙ୍ଗପୁରରେ ଆରମ୍ଭ ହେଲା ସ୍ୱାବ୍ ପରୀକ୍ଷା




ଜିଲାପାଳ କୋଭିଡ୍ ପରୀକ୍ଷାଗାର ଉଦ୍‌ଘାଟନ କରୁଛନ୍ତି।

ନବରଙ୍ଗପୁର,୧୫।୭(ବି.ପ୍ର.):

ଏଣିକି ନବରଙ୍ଗପୁରରେ ହେବ ସ୍ୱାବ୍ ପରୀକ୍ଷା। ଏଥିପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବୁଧବାର କୋଭିଡ୍ ପରୀକ୍ଷାଗାର ଉଦ୍‌ଘାଟିତ ହୋଇଛି। ଜିଲାପାଳ ଅଜିତ କୁମାର ମିଶ୍ର, ଏସ୍‌ପି ନୀତିନ କୁଶଳକର ଏବଂ ମେଡିକାଲ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ପରୀକ୍ଷାଗାର ଉଦ୍‌ଘାଟିତ ହୋଇଛି। ଜିଲାର ବିଭିନ୍ନ ଅଞ୍ଚଳର ସନ୍ଦିଗ୍ଧଙ୍କ ସ୍ୱାବ୍ ପରୀକ୍ଷା ପାଇଁ ଏଠାରେ ସମସ୍ତ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ଜିଲାକୁ ଅନେକ ପ୍ରବାସୀ ଶ୍ରମିକଙ୍କ ଆଗମନ ହୋଇଥିବାବେଳେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୫ରେ ପହଞ୍ଚିଛି। ତେବେ ସ୍ୱାବ୍ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଆର୍‌ଏମ୍‌ଆର୍‌ସି ଉପରେ ନିର୍ଭର କରିବାକୁ ପଡୁଥିବାରୁ ରିପୋର୍ଟ ଆସିବାରେ ବିଳମ୍ବ ଘଟୁଥିଲା। ତେଣୁ ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗର ପ୍ରଚେଷ୍ଟାରେ ଜିଲାରେ ପରୀକ୍ଷା ସୁବିଧା ହୋଇପାରିଛି। ବୁଧବାରଠାରୁ ଏଠାରେ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ଦିନକୁ ୩୦ରୁ ୪୦ ସ୍ୱାବ୍ ପରୀକ୍ଷା ହୋଇପାରିବ ବୋଲି ସିଡିଏମ୍‌ଓ ସନ୍ତୋଷ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନବରଙ୍ଗପୁର ଜିଲା ପାଇଁ ରାପିଡ୍ ଆଣ୍ଟିଜେନ୍ କିଟ୍ ପଠାଯାଇଛି। ଏହି କିଟ୍ ଗୁରୁବାର ନବରଙ୍ଗପୁର ଡାକ୍ତରଖାନାରେ ପହଞ୍ଚିବା ପରେ ମାତ୍ର ୩୦ ମିନିଟରେ ସ୍ୱାବ୍ ପରୀକ୍ଷା ହୋଇପାରିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### କଦଳୀ ବୋଝେଇ ଗାଡ଼ିରୁ ଗଞ୍ଜେଇ ଜବତ: ୨ ଗିରଫ

କୋରାପୁଟ,୧୫।୭(ସ୍ୱ.ପ୍ର.) କୋରାପୁଟ ଟାଉନଥାନା ପୋଲିସ ଏକ କଦଳୀ ବୋଝେଇ ଗାଡିରୁ ୩୧୨ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ମଧ୍ୟପ୍ରଦେଶ ଅଞ୍ଚଳର ଡ୍ରାଇଭର କୃଷ୍ଣକାନ୍ତ ଦ୍ୱିବେଦୀ ଏବଂ ଓସନିୱାଲା ସିଦ୍ଦିକ। ବୁଧବାର ସକାଳେ ବିଶାଖାପାଟଣାରୁ କୋରାପୁଟ ଆସୁଥିବା ଏକ କଦଳୀ ବୋଝେଇ ଗାଡିରେ ଗଞ୍ଜେଇ ଆସୁଥିବା ଖବର ପାଇ ଥାନା ଅଧିକାରୀ ପୀତବାସ ଧାରୁଆଙ୍କ ନେତୃତ୍ୱରେ ଏକ ଟିମ୍ ସରକାରୀ ମହାବିଦ୍ୟାଳୟ ନିକଟରେ ଜଗି ରହିଥିଲେ। କଦଳୀ ବୋଝେଇ ମିନିଟ୍ରକ୍ ଆସିବା ମାତ୍ରେ ପୋଲିସ ଗାଡିକୁ ଅଟକାଇ ତଲାସି କରିଥିଲା। ଏହି ସମୟରେ କଦଳୀ ତଳେ ୪ଟି ବସ୍ତାରେ ଗଞ୍ଜେଇ ରହିଥିବା ଦେଖିବାକୁ ମିଳିଥିଲା।

### ପଦକ୍ଷେପ ନେଉନି ପ୍ରଶାସନ

କାଲିମେଳା,୧୫।୭(ଡି.ଏନ.ଏ.)- ବର୍ତ୍ତମାନ ସୁଦ୍ଧା କାଲିମେଳା ବ୍ଲକରେ ପ୍ରାୟ ୧୫ ରୁ ଉର୍ଦ୍ଧ୍ୱ କରୋନା ଆକ୍ରାନ୍ତ ଚିହ୍ନଟ ହେଲେଣି । ପ୍ରତ୍ୟେକ ଦିନ ୩/୪ କରୋନା ଆକ୍ରାନ୍ତ ବାହାରୁଛନ୍ତି। ମାତ୍ର ପ୍ରଶାସନ ପକ୍ଷରୁ ଏଠାରେ ଶଟ୍‌ଡାଉନ କି ଲକ ଡାଉନ ଘୋଷଣା କରାଯାଉନାହିଁ । ଜନସାଧାରଣ ବଜାରରେ ଭିଡ ଜମାଉଛନ୍ତି। ଗ୍ରାମାଞ୍ଚଳରେ ମଧ କୋଭିଡ୍ ନିୟମ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି । ଫଳରେ ସଂକ୍ରମଣ ବୃଦ୍ଧି ପାଇବା ନେଇ ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଯେଉଁମାନେ ନିୟମ ମାନୁଛନ୍ତି ସେମାନଙ୍କ ପ୍ରତି ମଧ ବିପଦ ବଢୁଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

### ରାୟଗଡ଼ା ଜିଲାରୁ ଆଉ ଜଣେ କରୋନା ପଜିଟିଭ୍

ରାୟଗଡ଼ା ଅଫିସ,୧୫।୭: ରାୟଗଡ଼ା ଜିଲାରେ ଆଉ ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ମିଳିଛି। ଚିହ୍ନଟ ବ୍ୟକ୍ତିଙ୍କ ବୟସ ୨୫ ବର୍ଷ। ତାଙ୍କ ନିଜ ଘର ରାୟଗଡ଼ା ଜିଲାରେ ହୋଇଥିବାବେଳେ ୮ମାସ ହେଲା ସେ ଭୁବନେଶ୍ୱରରେ ରହୁଥିଲେ। ଥଣ୍ଡା ଲକ୍ଷଣ ଦେବାଦେବା ପରେ ଚିକିତ୍ସା ପାଇଁ ସେ ସମ୍ ହସ୍ପିଟାଲ କ୍ଲିନିକ୍‌କୁ ଯାଇଥିଲେ। ସେଠାରେ ତାଙ୍କର ସ୍ୱାବ୍ ସଂଗ୍ରହ କରାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିବା ପରେ ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ ସୂଚନା ଦେଇଛନ୍ତି।

### ସିବିଏସ୍‌ଇ ଦଶମ ପରୀକ୍ଷା: ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲର ଶତ ପ୍ରତିଶତ ସଫଳତା

ଟିକିରି,୧୫।୭:ସିବିଏସ୍‌ଇ ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ରାୟଗଡ଼ା ଜିଲା ଦୋରାଗୁଡ଼ାସ୍ଥିତ ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ ଶତ ପ୍ରତିଶତ ସଫଳତା ହାସଲ କରିଛି। ସ୍କୁଲର ୧୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ଆଶିଷ ସାହୁ ସର୍ବାଧିକ ୯୪.୨% ନମ୍ବର ରଖିଛନ୍ତି। ସେହିପରି ୧୦ଜଣ ଡିଷ୍ଟିଂସନ ହାସଲ କରିଥିବା ପ୍ରିନ୍ସିପାଲ ଏଲ୍.ଏନ୍. ଦାଶ ସୂଚନା ଦେଇଛନ୍ତି। ବିଦ୍ୟାଳୟରେ ବହୁ ଦୁର୍ଗମ ଅଞ୍ଚଳର ଏବଂ ଅଧିକାଂଶ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲା ଏଠାରେ ପାଠ ପଢୁଛନ୍ତି। ସେମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ସ୍କୁଲ ସଫଳ ହୋଇଛି ବୋଲି ସେ କହିଛନ୍ତି। ସଫଳତା ନେଇ ୟୁନିଟ୍ ମୁଖ୍ୟ ତଥା ସଭାପତି ଏନ୍. ନାଗେଶ ଛାତ୍ରୀଛାତ୍ର ଏବଂ ସ୍କୁଲ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି।

### କୋରାପୁଟ: ପୁଣି ଜଣେ ପଜିଟିଭ

କୋରାପୁଟ,୧୫।୭(ସ୍ୱ.ପ୍ର.)-କୋରାପୁଟ ଜିଲାରେ ବୁଧବାର ଦାମନଯୋଡ଼ିର ଭେଜାପୁଟ ଅଞ୍ଚଳରୁ ଜଣେ କୋରନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ କରୋନା ପଜିଟିଭଙ୍କ ସଂଖ୍ୟା ୧୮୭ରେ ପହଞ୍ଚିଛି। ୧୭ ଯାଏ ଭେଜାପୁଟ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଥିବା ଜିଲାପାଳ ମଧୁସୂଦନ ମିଶ୍ର କହିଛନ୍ତି। ଜିଲାରେ ଏଯାବତ୍ ୭୧ ସୁସ୍ଥ ହୋଇ ଫେରିଛନ୍ତି। ଜିଲାରେ ଦ୍ରୁତ ଗତିରେ ପଜିଟିଭ ସଂଖ୍ୟା ବୃଦ୍ଧି ପାଉଥିବାରୁ ଜିଲାରେ ପୁଣି ୨୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ସ୍ଥାପନ କରାଯିବ। ସେଥିରୁ କୋରାପୁଟ ସହରର ଗାନ୍ଧିନଗରଠାରେ ୧୩୦ ଶଯ୍ୟା ଓ ଜୟପୁର ଇରିଗେଶନ କଲୋନୀ ନିକଟରେ ଆୟକର ବିଭାଗର ଏକ ଗୃହରେ ୭୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ସ୍ଥାପନ କରାଯିବାକୁ ପ୍ରସ୍ତୁତି ଚାଲିଥିବା ଜିଲାପାଳ ମିଶ୍ର କହିଛନ୍ତି।

# ନିମ୍ନମାନର ବିହନ ଦେଇ ଚାଷୀଙ୍କ ୭ଲକ୍ଷ ଲୁଟ୍ ଅଭିଯୋଗ



ଅଭିଯୋଗ କରିବାକୁ ଆସିଥିବା ଚାଷୀମାନେ ।

ରାୟଗଡ଼ା ଅଫିସ,୧୫।୭:

କରୋନା ସମୟରେ ଚାଷୀମାନେ କିପରି ଉନ୍ନତ ବିହନ ଓ ଅନ୍ୟ ସୁବିଧା ପାଇବେ, ସେଥିପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତ। ତଥାପି ଚାଷୀ ଠକାମିର ଶିକାର ହେଉଛନ୍ତି। ରାୟଗଡ଼ା ଜିଲା କୋଲନରା ବ୍ଲକ୍ ଏବଂ ନିକଟବର୍ତ୍ତୀ ଅଞ୍ଚଳର ୩ଶହରୁ ଉର୍ଦ୍ଧ୍ୱ ଚାଷୀ ଲକ୍ଷାଧିକ ଟଙ୍କା ଠକେଇର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଉନ୍ନତମାନର କପା ବିହନ ଯୋଗାଇଦେବା ନାମରେ ଚାଷୀଙ୍କଠାରୁ ୭ଲକ୍ଷ ୨୦ହଜାର ଟଙ୍କା ଠକେଇ ହୋଇଥିବା ସେମାନେ ରାୟଗଡ଼ା ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, କୋଲନରା ବ୍ଲକ୍‌ର ଦୋରାଗୁଡ଼ା, ଭୁଜବଳ, କଲଟିଗୁଡ଼ା, ରାମପୁର, କୁଣ୍ଡୁବାଡ଼ି ଓ ଗୋବରପୁର ଅଞ୍ଚଳର ଚାଷୀ ଏକ ଘରୋଇ ସଂସ୍ଥାଠାରୁ କପା ବିହନ ପ୍ୟାକେଟ ପିଛା ୬୦୦ଟଙ୍କା ଦେଇ କିଣିଥିଲେ। ୩ଶହରୁ ଉର୍ଦ୍ଧ୍ୱ ଚାଷୀ ପ୍ରାୟ ୧୨ଶହ ପ୍ୟାକେଟ ବିହନ କିଣିଥିଲେ। ଏକ ଏକର ଜମିରେ ୭୦ପ୍ରତିଶତ କପା ଗଛ ଉଠିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଥିଲା। ଚାଷୀମାନେ ଏହି ବିହନ ୮ଶହ ଏକର ଜମିରେ ଲଗାଇଛନ୍ତି। ହେଲେ କ୍ଷେତରେ ଗଛ ନ ଉଠିବାରୁ ଚାଷୀମାନେ ସଂସ୍ଥା ନିକଟକୁ ଯାଇ ଟଙ୍କା ଫେରସ୍ତ ପାଇଁ ଦାବି କରିଥିଲେ। ସଂସ୍ଥା କିନ୍ତୁ ମନା କରିଦେଇଥିଲା। ଯାହା ଇଚ୍ଛା କର, ଟଙ୍କା ଦେବୁନାହିଁ ବୋଲି କହିଥିଲେ। ତେଣୁ ଅନ୍ୟ ବାଟ ନ ପାଇ ଚାଷୀମାନେ ରାୟଗଡ଼ା ଏସ୍‌ପି ଶର୍ବଣା ବିବେକ ଏମ୍‌ଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି। ତେବେ ଥାନାରେ ଏତଲା ଦେଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏସ୍‌ପି ସେମାନଙ୍କୁ କହିଛନ୍ତି। ଏ ନେଇ ଚାନ୍ଦିଲି ଥାନାରେ ମାମଲା ରୁଜୁହେବ ବୋଲି ଜଣାପଡ଼ିଛି।

**ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ୩ଶହରୁ ଉର୍ଦ୍ଧ୍ୱ ଚାଷୀ**

## ୫୯୭ କେଜି ଗଞ୍ଜେଇ ଜବତ

ପାପଡ଼ାହାଣ୍ଡି,୧୫।୭,(ଡି.ଏନ୍.ଏ):

ଚୋରାଚାଲାଣ ବେଳେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ପୋଲିସ ମଙ୍ଗଳବାର ସନ୍ଧ୍ୟାରେ ବିପୁଳ ପରିମାଣରେ ଗଞ୍ଜେଇ ଜବତ କରିଛି। ଜଟାବାଲ ନିକଟ ସରାଗୁଡ଼ା ଜଙ୍ଗଲରେ ଗଞ୍ଜେଇ ଚୋରାଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ସୂଚନା ପାଇ ଆଇଆଇସି ପ୍ରତ୍ୟୁଷ ମହାପାତ୍ର ଏବଂ ଟିମ୍ ଜଙ୍ଗଲରେ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ଗଞ୍ଜେଇ ବେପାରୀମାନେ ଛତ୍ରଭଙ୍ଗ ଦେଇଥିଲେ। ତେବେ ପୋଲିସ ସେଠାରୁ ୫୯୭.୮୦ କେଜି ଗଞ୍ଜେଇ ଜବତ କରିଥିବା ଜଣାପଡ଼ିଛି। ପୋଲିସ କାହାକୁ ଗିରଫ କରିପାରି ନ ଥିବାବେଳେ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ଏମ୍‌ଏନ୍‌ଆର୍‌ଇଜିଏସ୍‌ରେ ଏକମ୍ବା ପଛୁଆ, ଡଙ୍ଗରଛିଞ୍ଚି ଆଗୁଆ

ଜୟପୁର,୧୫।୭(ଡି.ଏନ.ଏ. )

କରୋନା ମହାମାରୀ ଯୋଗୁ ବିଭିନ୍ନ ରାଜ୍ୟରୁ ନିଜ ଗ୍ରାମକୁ ଫେରିଥିବା ପ୍ରବାସୀ ଶ୍ରମିକଙ୍କୁ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତ ଯୋଜନା (ଏମ୍‌ଏନ୍‌ଆରଇଜିଏସ୍)ରେ କାମ ଯୋଗାଇବା ଲକ୍ଷ୍ୟରେ ଗତ ଏପ୍ରିଲରୁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲାର ସମସ୍ତ ବ୍ଲକରେ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା । ଏଥିରେ କେତେକ ପଞ୍ଚାୟତରେ ପଛୁଆ ରହିଛନ୍ତି । କାର୍ଯ୍ୟ କରାଇବା ଦାୟିତ୍ୱରେ ଥିବା ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁ କେତେକ ପଞ୍ଚାୟତ ଏଥିରେ ପଛୁଆ ରହିଥିବା କୁହାଯାଉଛି। ଜୟପୁର ବ୍ଲକରେ ଏକମ୍ବା ପଞ୍ଚାୟତ ଚଳିତ ବର୍ଷ ଏମ୍‌ଏନ୍‌ଆରଇଜିଏସ୍ କାର୍ଯ୍ୟକାରୀ କରିବାରେ ଅନ୍ୟ ପଞ୍ଚାୟତ ଅପେକ୍ଷା ପଛୁଆ ରହିଛି। ଏଠାରେ ଗତ ୪ ମାସରେ ମାତ୍ର ୬ ଲକ୍ଷ ୬୮ ହଜାର ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟ ହୋଇଛି। ଏବାବଦରେ ୫ଲକ୍ଷ ୩୫ ହଜାର ଟଙ୍କା ଶ୍ରମିକ ମଜୁରି ରୂପେ ପ୍ରଦାନ କରାଯାଇଛି। ସେହିପରି ଆମ୍ବାଗୁଡା ପଞ୍ଚାୟତରେ ୭ଲକ୍ଷ ୯୮ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି । ତେବେ ଡଙ୍ଗରଛିଞ୍ଚି ପଞ୍ଚାୟତରେ ସର୍ବାଧିକ କାର୍ଯ୍ୟ ହୋଇ ୫୪ ଲକ୍ଷ ୮୮ହଜାର ଟଙ୍କା ଶ୍ରମିକ ମଜୁରି ବାବଦରେ ପ୍ରଦାନ କରାଯାଇଛି । ଅନ୍ୟପକ୍ଷରେ ସରକାରଙ୍କ ମଜୁରି ୬୦ ଏବଂ ସାମଗ୍ରୀ ବାବଦକୁ ୪୦ ପ୍ରତିଶତ ଅର୍ଥ ବିନିଯୋଗ ନେଇ ସରକାରଙ୍କ ନିର୍ଦ୍ଦେଶନାମାକୁ ଅଣଦେଖା କରାଯାଇଛି। ସାମଗ୍ରୀ ବାବଦକୁ ୪୦ ପ୍ରତିଶତରୁ ଅଧିକ ଟଙ୍କା ରଣପାଲକ୍ସ ପଞ୍ଚାୟତରେ ବିନିଯୋଗ ହୋଇଛି। ଏଠାରେ ମଜୁରି ବାବଦକୁ ୩୧ ଲକ୍ଷ ୬୦ ହଜାର ଏବଂ ସାମଗ୍ରୀ ବାବଦକୁ ୨୨ ଲକ୍ଷ ୧୪ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି । ସେହିପରି ଉମୁରି ପଞ୍ଚାୟତରେ ମଜୁରି ବାବଦକୁ ୧୦ ଲକ୍ଷ୨୫ ହଜାର ଏବଂ ସାମଗ୍ରୀ ବାବଦକୁ ୧୦ଲକ୍ଷ ୨୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି । ଟାଙ୍କୁଆରେ ୨୬ ଲକ୍ଷ ୮୮ ହଜାର, ବାଲିଆରେ ୧୯ଲକ୍ଷ ୫୫ ହଜାର, ଗଡପଦରରେ ୨୧ ଲକ୍ଷ ୩ ହଜାର, ଫାମ୍ପୁଣିରେ ୧୯ଲକ୍ଷ ୯୫ ହଜାର, କେବିଡିରେ ୩୦ ଲକ୍ଷ ୪୨ ହଜାର, ଅନ୍ତାରେ ୪୦ ଲକ୍ଷ ୯୧ ହଜାର, ବାରିଣିପୁଟରେ ୩୨ ଲକ୍ଷ ୯ ହଜାର, କୁମୁଲିପୁଟରେ ୧୬ଲକ୍ଷ ୬୦ ହଜାର, ବଡଜିଉନା ୪୦ ଲକ୍ଷ, ଧନପୁର ୧୨ ଲକ୍ଷ ୯୧ ହଜାର, ହାଡିଆ ୧୭ ଲକ୍ଷ ୮୫ହଜାର, ଜାମୁଣ୍ଡା ୨୬ ଲକ୍ଷ ୭୧ ହଜାର, ଜୟନ୍ତଗିରି ୨୯ଲକ୍ଷ ୭୬ ହଜାର, କାଳିଆଗାଁ ୧୪ ଲକ୍ଷ ୧୨ ହଜାର, କଙ୍ଗା, ୫୦ଲକ୍ଷ ୧୬ ହଜାର, ପୁଜାରିପୁଟ ୧୭ ଲକ୍ଷ୭୫ ହଜାର ଏବଂ ରାଣୀଗଡ ପଞ୍ଚାୟତରେ ୩୨ଲକ୍ଷ ୩ ହଜାର ଟଙ୍କାର କାର୍ଯ୍ୟ କରାଯାଇଛି । ଏନେଇ ଡିଆରଡିଏ ଏପିଡି ମହେଶ୍ୱର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଭୌଗଳିକସ୍ଥିତି, ଜନସଂଖ୍ୟା ଅନୁଯାୟୀ ପଞ୍ଚାୟତରେ ଏହି ଯୋଜନାରେ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି । ତେବେ କେତେକ ପଞ୍ଚାୟତରେ କେଉଁ କାରଣରୁ ବହୁମାତ୍ରାରେ ସ୍ୱଳ୍ପ କାର୍ଯ୍ୟ ହୋଇଛି ଏବଂ ୬୦ ଓ ୪୦ ଅନୁପାତକୁ ଅଣଦେଖା କରାଯାଇଛି ସେ ନେଇ ଯାଞ୍ଚ କରାଗଲେ ଜଣାପଡିବ ବୋଲି କହିଛନ୍ତି।

# ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଓପିଡି ସେବା ବନ୍ଦ

ଗୁଣପୁର,୧୫।୭(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ସାଧାରଣ ଓପଡି ସେବାକୁ ବୁଧବାରଠାରୁ ବନ୍ଦ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ୩ କରୋନା ଯୋଦ୍ଧା ପଜିଟିଭ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ସ୍ତ୍ରୀ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ଏବଂ ୨ ଜଣ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ରାୟଗଡା କେନ୍ଦ୍ରରେ ପଜିଟିଭ ବାହାରିଛି। ତେବେ ଏହାକୁ ପୁଣି ଯାଞ୍ଚ ପାଇଁ ଭୁବନେଶ୍ୱର ପଠାଯାଇଛି। ଜିଲାପାଳ ପ୍ରମୋଦ ବେହେରା, ଉପ ଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମବନ୍ଦର, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା.ରମେଶ ସାହୁ ପ୍ରମୁଖ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଓଟକୁ ସାନିଟାଇଜ କରାଯାଇ ସିଲ୍ କରାଯାଇଛି। ଲେବର ରୁମ୍‌କୁ ମଧ୍ୟ ସାନିଟାଇଜ କରାଯାଇଛି। ଜରୁରୀ ସେବା ପାଇଁ ଏହା କାର୍ଯ୍ୟ କରିବ । ଅନ୍ୟ ବ୍ଲକର ରୋଗୀଙ୍କୁ ରାୟଗଡା ନେବାକୁ କୁହାଯାଇଛି। କୋଭିଡ ଯୋଦ୍ଧାଙ୍କ ସଂସ୍ପର୍ଶରେ ଆସିଥିବା ୮ ଜଣଙ୍କୁ ହୋମ କ୍ୱାରାନଣ୍ଟାଇନରେ ରହିବାକୁ କୁହାଯାଇଛି।

# ମାଲକାନଗିରିରେ ଅଚ୍ୟୁତାନନ୍ଦ ଜିଲା ଟପ୍ପର

ମାଲକାନଗିରି/ଜୟପୁର, ୧୫।୭(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ମାଲକାନଗିରିସ୍ଥିତ ନବୋଦୟ ବିଦ୍ୟାଳୟ-୧ର ପରୀକ୍ଷା ଦେଇଥିବା ୭୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସମସ୍ତେ ପାସ୍ କରିଛନ୍ତି। ବିଦ୍ୟାଳୟର ଛାତ୍ର ଅଚ୍ୟୁତାନନ୍ଦ ବିଶ୍ୱାସ ୯୬ ପ୍ରତିଶତ ନମ୍ବର ରଖି ସମଗ୍ର ଜିଲାରେ ଟପ୍ପର ହୋଇଛନ୍ତି। ରଜତ କାୟଲ ଓ ଜ୍ୟୋତିରଞ୍ଜନ ବାରିକ ଯଥାକ୍ରମେ ୯୪ ପ୍ରତିଶତ ଓ ୦୯୩.୮ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି ।

ସେହିପରି ଜୟପୁରରେ ଛାତ୍ରମାନେ ଆଗରେ ଥିବା ଜଣାପଡିଛି। ଏଠାରେ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ପରୀକ୍ଷା ଦେଇଥିବା ସମସ୍ତ ୧୮ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେଥିରୁ ଅଂଶୁମାନ ସାହୁ ୯୬.୦୬ ପ୍ରତିଶତ ନମ୍ବର ରଖି ପ୍ରଥମ ହୋଇଛନ୍ତି । ବିଦ୍ୟାଳୟର ଏମ.ଡି. ଜି. ଶ୍ରୀନିବାସ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ପ୍ରକାଶ ବିଦ୍ୟାଳୟର ୮୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସମସ୍ତେ ପାସ୍ କରିଛନ୍ତି । ଛାତ୍ର ଆଶୁତୋଷ ମହାପାତ୍ର ୯୫ ପ୍ରତିଶତ ନମ୍ବର ରଖି ପ୍ରଥମ ହୋଇଛନ୍ତି। ସେହିପରି ମଟର୍ଣ୍ଣ ଇଂଲିଶ ବିଦ୍ୟାଳୟର ପରୀକ୍ଷା ଦେଇଥିବା ୧୪୫ ଛାତ୍ରୀଛାତ୍ର ସମସ୍ତେ ପାସ କରିଛନ୍ତି । ୯୬.୪ ପ୍ରତିଶତ ନମ୍ବର ରଖି ଅବିନାଶ ପଟ୍ଟନାୟକ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ନାରାୟଣୀ ବିଦ୍ୟାଳୟର ୯୭ ପ୍ରତିଶତ ଛାତ୍ରୀ ଛାତ୍ର ପାସ କରିଛନ୍ତି । ଛାତ୍ର ବିକାଶ ଜାନି ୯୪.୫ ପ୍ରତିଶତ ନମ୍ବର ରଖି ପ୍ରଥମ ହୋଇଛନ୍ତି ।

**ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାଫଳ**

# ଲଗାଣବର୍ଷାରେ ଧୋଇଗଲା ଅସ୍ଥାୟୀ ପୋଲ

ରାୟଗଡ଼ା ଅଫିସ,୧୫।୭:



ବର୍ଷାରେ ଧୋଇଯାଇଥିବା ଅସ୍ଥାୟୀ ପୋଲ।

ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ରାୟଗଡ଼ା ଜିଲା କଲ୍ୟାଣସିଂପୁରସ୍ଥିତ କଲ୍ୟାଣୀ ନଦୀ ଉପରେ ନିର୍ମାଣ ହୋଇଥିବା ଅସ୍ଥାୟୀ ପୋଲ ମଙ୍ଗଳବାର ରାତିରେ ଧୋଇଯାଇଛି। ଏଥିରେ କଲ୍ୟାଣସିଂପୁର ବ୍ଲକ୍‌ର ପୂଜାରିଗୁଡ଼ା, ସୁନାଖଣ୍ଡି, ପାର୍ସାଲି, ମାଝିଗୁଡ଼ା, କନ୍ଧକାଟିପାଡୁ ଏବଂ କଲ୍ୟାଣସିଂପୁର ପଞ୍ଚାୟତର ପ୍ରାୟ ୨୦ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିଲେ। ଦୀର୍ଘ ସମୟ ଧରି ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିବାବେଳେ ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ସୂଚନା ଦିଆଯାଇଥିଲା। ୫ ଘଣ୍ଟା ପରେ ବିଭାଗ ପକ୍ଷରୁ ପୋଲ ଉପରେ କେବଳ ମାଟିକାମ ସାରିଦେଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ପ୍ରତ୍ୟେକ ବର୍ଷ ବର୍ଷାଦିନରେ କଲ୍ୟାଣୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ ; ଯଦ୍ୱାରା ଲୋକେ ଦୀର୍ଘଦିନ ଧରି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ରହିବାକୁ ପଡ଼ିଥାଏ। ହେଲେ ବର୍ଷାଦିନରେ ଅସ୍ଥାୟୀ ପୋଲ ଉପରେ ମାଟି ପକାଇ କାମ ଚଳାଇ ଦିଆଯାଉଥିବାବେଳେ ପରେ ଭୁଲିଯାଇଥାନ୍ତି। ଏହାର ସ୍ଥାୟୀ ପ୍ରତିକାର କରାଯାଉ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦୧୭ରେ କଲ୍ୟାଣୀ ଓ ନାଗାବଳୀ ନଦୀରେ ବନ୍ୟା ଯୋଗୁ ଏଠାକାର ସ୍ଥାୟୀ ପୋଲଟି ଭୁଶୁଡ଼ି ପଡ଼ିଥିଲା। ଏହାପରେ ସେଠାରେ ଏକ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଥିଲା। ତେବେ ମଙ୍ଗଳବାର ରାତିରେ ଲଗାଣ ବର୍ଷାରେ ତାହା ଧୋଇଯାଇଥିଲା। ତେବେ ଆଗକୁ ଅଧିକ ବର୍ଷା ରହିଥିବାବେଳେ ଅଞ୍ଚଳବାସୀ ଏହାର ସ୍ଥାୟୀ ସମାଧାନ ପାଇଁ ଦାବି କରିଛନ୍ତି।

- ୫ ଘଣ୍ଟା ପରେ ମାଟି ପକାଇ ଛାଡ଼ିଦେଲା ବିଭାଗ
- ୨୦୧୭ରୁ ଭୁଶୁଡ଼ିଲାଣି ସ୍ଥାୟୀ ପୋଲ



# ଅନୁତାପ କରୁଛନ୍ତି କ୍ରିତି

କ୍ରିତି ସାନନ ଏବେ ଅନୁତାପ କରୁଛନ୍ତି। କାରଣ ନିକଟରେ ସେ ତିନୋଟି ସିନେମାକୁ ରେଡ୍ ସିଗ୍‌ନାଲ ଦେଖାଇଛନ୍ତି। ପୁଣି ତାହାର ଅସଲ କାରଣ ପାରିଶ୍ରମିକ ବୋଲି ଆଲୋଚନା ହେଉଛି। ଏକଥା ଯେତେବେଳେ କ୍ରିତିଙ୍କ କାନରେ ବାଜିଲା ସେତେବେଳେ ସେ ଏହାର କି ଉତ୍ତର ଦେବେ ଜାଣିପାରି ନ ଥିଲେ। ନିକଟରେ ଏ ନେଇ ସଫେଇ ଦେଇ ପରିଣିତି କହିଛନ୍ତି ଯେ, 'ମୁଁ ଏବେ ତିନୋଟି ସିନେମାରେ ଆକ୍ଟିଂ କରିବି ନାହିଁ ବୋଲି ମନା କରିବା ପଛରେ ପାରିଶ୍ରମିକ ମୁଖ୍ୟ କାରଣ ବୋଲି ଯାହା ଆଲୋଚନା ହେଉଛି ତାହା ମିଛ କଥା। ଅସଲ କଥା ହେଲା, ଏହି ଫିଲ୍ମ ତିନୋଟିର କାହାଣୀ ମୋତେ ପ୍ରଭାବିତ କରିପାରି ନ ଥିଲା। ତେଣୁ ମୁଁ ସେଥିରେ ଅଭିନୟ କରିବାକୁ ମନା କରିଦେଇଥିଲି।'

# ନବାଗତା ଅମ୍ରିତା



ଆଉ ଜଣେ ବଙ୍ଗୀୟ ସୁନ୍ଦରୀ ଓଡ଼ିଆ ସିନେମାରେ ନିଜ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ସେ ହେଲେ ଅମ୍ରିତା। ତାଙ୍କୁ ଏଭଳି ବ୍ରେକ୍ ଦେଇଛନ୍ତି ପ୍ରଯୋଜକ ସଚ୍ଚିକାନ୍ତ ଜେନା ଏବଂ ବିନି ପଟ୍ଟନାୟକ। ଖାସ୍ କଥା ହେଲା, ଓଡ଼ିଆ ସିନେମାରୁ ହିଁ ଅମ୍ରିତା ତାଙ୍କର ଅଭିନୟ ଜୀବନ ଆରମ୍ଭ କରିବାକୁ ଯାଉଛନ୍ତି। ଆଉ ଚଳଚ୍ଚିତ୍ରଟି ହେଲା 'ହୀରାଲାଲ୍ ମୋତିଲାଲ୍'। ମୁନ୍‌ଟିଭି ମୁଭିଜ୍ ବ୍ୟାନରରେ ଏହାର ଏକ୍‌ଜିକ୍ୟୁଟିଭ ପ୍ରଯୋଜନା ଦାୟିତ୍ୱ ସମ୍ଭାଳିଛନ୍ତି ପ୍ରଣୟ ଜେଠୀ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଅଶ୍ୱିନୀ ଗଡ଼ନାୟକ। ଖାଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ବୈଦ୍ୟନାଥ ଦାଶ। ବାଳକୃଷ୍ଣ, ଅମର, ଗୁଣ୍ଡୁ, କାଳିଆ, ସୁମନ, ବାବୁ ପ୍ରଧାନ, ବ୍ରଜ ସିଂ, ହାଡ୍ଡୁ, ଦେବୁ ବ୍ରହ୍ମା, ହରି ବାବୁ ପ୍ରଧାନ, ଜୀବନ ପଣ୍ଡା, ସଲିଲ ମିତ୍ର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଖାସ୍ କଥା ହେଲା ଏଥିରେ ଛଅ ଜଣ ନୂଆ ନାୟିକା–ଅମ୍ରିତା, ଦିଶା, ପ୍ରଜ୍ଞା ପ୍ରଧାନ, ରୋଜି, ପୁଷ୍ପା, ଲକ୍ଷ୍ମୀଙ୍କୁ ଦେଖିବାକୁ ମିଳିବ। ସମ୍ପୂର୍ଣ୍ଣ କମେଡିଭିତ୍ତିକ ଏହି ଫିଲ୍ମଟି ରିଲିଜ ଅପେକ୍ଷାରେ ରହିଛି।

# ପ୍ରଭାସ ଯାହା ଚାହୁଁଥିଲେ..



'ବାହୁବଲୀ' ଫେମ୍ ପ୍ରଭାସଙ୍କ ଖୁସି କହିଲେ ନ ସରେ। କାରଣ ସେ ଯାହା ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି। କଥା କ'ଣ କି ନିକଟରେ ଏକ ହିନ୍ଦୀ ସିନେମାର ଅଭିନୟ କରିବାକୁ ପ୍ରଭାସ ଗ୍ରୀନ୍ ସିଗ୍‌ନାଲ ଦେଖାଇଛନ୍ତି। ହେଲେ ତାଙ୍କର ଖୁସି ଏହି ସିନେମାରେ ହିଁ ରହିଛି। କାରଣ ଏଥିରେ ତାଙ୍କର ପ୍ରିୟ ଅଭିନେତା ହ୍ରିତିକ ରୋଶନ ମଧ୍ୟ ଅଭିନୟ କରିବେ। ଯେତେବେଳେ ସେ ଏ କଥା ଜାଣିଲେ ସେତେବେଳେ ସେ ଖୁସିରେ ନାଚି ଉଠିଥିଲେ। 'ହ୍ରିତିକଙ୍କ ଆକ୍ଟିଂ ଏବଂ ଡ୍ୟାନ୍ସର ମୁଁ ଜଣେ ଫ୍ୟାନ୍। ତାଙ୍କ ସହ କେବେ ଏକାଠି ଆକ୍ଟିଂ କରିବାର ସୁଯୋଗ ମିଳିବ ସେ ନେଇ ଆଶା ବାନ୍ଧି ବସିଥିଲି। ଏବେ ତାହା ପୂରଣ ହୋଇଛି ବୋଲି କହନ୍ତି ପ୍ରଭାସ।' ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ହାଇ ବଜେଟ୍ ତାମିଲ ରିମେକ୍ ସିନେମାର ନିର୍ଦ୍ଦେଶନା ଦେବେ ଓମ୍ ରାଓ୍ୱତ। ସୂଚନାଯୋଗ୍ୟ ପ୍ରଭାସଙ୍କ ଅଭିନୀତ ଶେଷ ଫିଲ୍ମ ଥିଲା 'ସାହୋ' ଏବଂ ହ୍ରିତିକଙ୍କ ଅଭିନୀତ ରିଲିଜ ହୋଇଥିବା ଲାଷ୍ଟ ଚଳଚ୍ଚିତ୍ରଟି ହେଉଛି 'ୱାର୍'।

# ରିଲିଜ ଅପେକ୍ଷାରେ ୧୦ ସିନେମା



ଲକ୍‌ଡାଉନ୍ ଅବସୋସ
ଡ. ରଜନୀ ରଞ୍ଜନ

ଓଲିଉଡ୍‌ର ଆଗଧାଡ଼ିର ସଂଳାପକାର ତଥା ଗୀତିକାର ଡ. ରଜନୀ ରଞ୍ଜନ। କରୋନା ପାଇଁ ହୋଇଥିବା ଲକ୍‌ଡାଉନ୍‌ରେ ତାଙ୍କର ଗୋଟିଏ କଥାକୁ ନେଇ ଅବସୋସ ରହିଯାଇଛି। କାରଣ ଏହାପୂର୍ବରୁ ତାଙ୍କର ସଂଳାପ ରଚନା ପୂରା ଦମ୍‌ରେ ଚାଲିଥିଲା। ହେଲେ ଏବେ ଘରେ ହିଁ ବସି ରହିବାକୁ ପଡୁଛି। ତେବେ ଏହି ସମୟରେ ନିଜ ମନର ଅବସୋସକୁ ନେଇ ରଜନୀ କହନ୍ତି, 'ସଂଳାପ ରଚନା ତ ଚାଲିଥିଲା, ଚାଲିବ। ହେଲେ ଚଳିତ ମାସ ମାର୍ଚ୍ଚରୁ ଏ ପର୍ଯ୍ୟନ୍ତ ମୋର ସବୁ ଆଶା ସତେଯେମିତି ବନ୍ଦୀ ହୋଇଯାଇଛି। କାରଣ ୧୦ଟି ସିନେମା– ତୁ ଲୈଲା ମୁଁ ମଜନୁ (ଶୁଟିଂ ଶେଷ), ମାଇଁ ଡାର୍ଲିଂ (ସେନସର), 'ତୁ ମୋ ଡ୍ରିମ୍ ଗାର୍ଲ' (ଶୁଟିଂ ଶେଷ), 'ଧଡ଼କନ୍‌ରେ ତୁ' (ଶୁଟିଂ ଶେଷ), 'ଟିକେ ଲଭ୍ ଟିକେ ଟ୍ୱିଷ୍ଟ' (ଶୁଟିଂ ଶେଷ), 'ଶହିଦ ରଘୁ ସର୍ଦ୍ଦାର'(ସେନସର), 'ତୁ ମୋର ନିହାତି ଦରକାର', 'ଅଙ୍ଗୁର ନ ମିଳିଲେ ଖଟା', 'ହେ ବନ୍ଧୁ ବିଦାୟ' ରିଲିଜ ଅପେକ୍ଷାରେ ରହିଛି। ଅବଶ୍ୟ ବର୍ତ୍ତମାନ ପରିସ୍ଥିତି ଏବଂ ସିନେମା ରିଲିଜକୁ ନେଇ ମନରେ ଅବସୋସ ରହିବା ସ୍ୱାଭାବିକ। ରଜନୀଙ୍କ ସଂଳାପ ରଚନା ଆରମ୍ଭ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ମୋ ଭାଇ ଜଗା'ରୁ। ସେ ଏ ପର୍ଯ୍ୟନ୍ତ ୭୦ଟି ସିନେମାର ସଂଳାପ ରଚନା କରିସାରିଛନ୍ତି।

# ନିଶିଙ୍କ ନେଉଟାଣି



ଅଭିନେତା–କମ୍–ନିର୍ଦ୍ଦେଶକ ନିଶି କର କିଛି ବର୍ଷ ଗ୍ୟାପ୍ ପରେ ପୁଣି ଥରେ ମଇଦାନକୁ କମ୍‌ବ୍ୟାକ କରୁଛନ୍ତି। ଏବେ ତାଙ୍କ ହାତରେ ରହିଛି ତିନୋଟି ଧାରାବାହିକ। ପୁଣି ଏଗୁଡ଼ିକରେ ମିଳିଛି ତାଙ୍କୁ ମନଲାଖି ଭୂମିକା। 'ଏ ପର୍ଯ୍ୟନ୍ତ ମୁଁ ପ୍ରାୟ ୫୦୦ରୁ ଅଧିକ ଆଲବମ୍‌ର ନିର୍ଦ୍ଦେଶନା ଦେଇସାରିଛି। କେବଳ ସେତିକି ନୁହେଁ, ଧାରାବାହିକ ଗାୟତ୍ରୀ, ଉତ୍ତରଦାୟୀ, ବଡ଼ ଘର ବଡ଼ ଗୁମର କଥା ଓଡ଼ିଆ ସିନେମା 'ଭଲ ପାଏ ବୋଲି', 'ଜ୍ୟୋସ୍ନା ଭିଜା ସେଇ ରାତି', 'ମନ ମୋର ଯାଯାବର', 'ଓମ୍ ସାଇ ରାମ୍'ରେ ମଧ୍ୟ ଅଭିନୟ କରସାରିଛି। ଦୁଇଟି ଚଳଚ୍ଚିତ୍ର 'ଆମ୍ବା କାନ୍ଦୁଛି' ଏବଂ 'ଦୁହେଁ ଦୁହିଁଙ୍କ ପାଇଁ'ର ନିର୍ଦ୍ଦେଶନା ମଧ୍ୟ ଦେଇଛି। ତେବେ ଅଭିନୟ ନିଶା ମୋ ମନରୁ ଦୂରେଇ ଯାଇନି। ଭୂମିକାଟି ଯେପରି ହେଉ ନା କାହିଁକି ତାହାକୁ ତୁଲାଇବାକୁ ମୁଁ ନିଜକୁ ସବୁବେଳେ ପ୍ରସ୍ତୁତ ରଖିଥାଏ ବୋଲି କହନ୍ତି ପୁରୀ ଜିଲା କାକଟପୁରସ୍ଥ କାହାଳରେ ଜନ୍ମିତ ମା' ଶାନ୍ତିଲତା କର ଏବଂ ବାପା ପରମାନନ୍ଦ କରଙ୍କ ପୁତ୍ର ନିଶି।

# ପୂରଣ ହେଲା ଆଶା

କିଛି ବର୍ଷ ପୂର୍ବରୁ ଏକ୍ସସେଲ ମୁଭିଜ ବ୍ୟାନରରେ ନିର୍ମିତ ହୋଇଥିଲା 'ଆଇନ୍ କାନୁନ୍'। ଏଥିରେ ଆନ୍ଧା ଭୂମିକାରେ ଅଭିନୟ କରିଥିବା ରଫି ବେଶ୍ ଚର୍ଚ୍ଚାକୁ ଆସିଥିଲେ। ସଂଯୋଗ ବଶତଃ ପୁଣି ଥରେ ଏହି ବ୍ୟାନରରେ ନିର୍ମାଣାଧୀନ ଓଡ଼ିଆ ସିନେମା 'କିଏ ହେବ ମୋ ହିରୋଇନ'ରେ ତାଙ୍କୁ ସେହି ଏକା ଭୂମିକାରେ ଦେଖିବାକୁ ମିଳିବ। ଫରକ୍ ଏତିକି ଯେ ସେଥିରେ ସେ ଗୋରା ଆନ୍ଧା ଭାବରେ ଦର୍ଶକଙ୍କ ସାମ୍ନାକୁ ଆସିଥିଲେ, ହେଲେ ଏବେ ତାଙ୍କର ଚରିତ୍ରଟି ହେଲା କଳା ଆନ୍ଧା। ଏ ସମ୍ପର୍କରେ ରଫି କହନ୍ତି, 'କଳା ଆନ୍ଧାକୁ ଗୋଟିଏ ଜିନିଷରୁ ମଜା ମିଳିଥାଏ। ତାହା ହେଲା ଆଣ୍ଟିସୋସିଆଲ କାମ। ତାହାର ଫଳ ଯାହା ହେଉନା କାହିଁକି ଏପରି କାମରେ ନିଜକୁ ନିୟୋଜିତ ରଖିବାକୁ ସେ ପଛଘୁଞ୍ଚା ଦେଇନି। ତେବେ ଏହି ଭୂମିକାରେ କ'ଣ ସ୍ପେଶାଲ ରହିଛି ତାହା ସିନେମା ଦେଖିଲେ ହିଁ ଜାଣିପାରିବେ।' ରବୀନ୍ଦ୍ର ପଣ୍ଡାଙ୍କ ପ୍ରଯୋଜିତ ଏବଂ ପ୍ରଶାନ୍ତ ଲେଙ୍କାଙ୍କ ନିର୍ଦ୍ଦେଶିତ 'କିଏ ହେବ ମୋ ହିରୋଇନ୍'ର କାହାଣୀ ରଚନା କରିଛନ୍ତି ବିଜୟଲକ୍ଷ୍ମୀ ପଣ୍ଡା, ଯାହାକୁ ଆଧାର କରି ସଂଳାପ ଲେଖିଛନ୍ତି ଓଲିଉଡ୍‌ର ଆଗଧାଡିର ଅନ୍ୟତମ ସଂଳାପକାର ଡ. ରଜନୀ ରଞ୍ଜନ। ଏହାର ମେଲ୍ ଲିଡ୍‌ରେ ଅସିତ ଅଭିନୟ କରୁଥିବା ବେଳେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ନବାଗତା ମହିମା। ଏମାନଙ୍କ ବ୍ୟତୀତ ଶ୍ରୀତମ୍ ଦାସ, କେ.କେ. ପୁନମଙ୍କୁ ମଧ୍ୟ ଏହି ଫିଲ୍ମରେ ଦେଖିବାକୁ ମିଳିବ। ତେବେ ଏଥର ଆନ୍ଧା ବଡ଼ ପରଦାରେ କି କମାଲ କରୁଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡ଼ିବ।



ସୋନାକ୍ଷୀ

# କଥା ଦୁଇ ବର୍ଷର

ସୋନାକ୍ଷୀ ସିହ୍ନାଙ୍କ ବଲିଉଡ୍ ଜର୍ନି ଆରମ୍ଭ ହୋଇଥିଲା 'ଦବଙ୍ଗ'ରୁ। ସଲମାନ୍ ଖାଁଙ୍କ ଅଭିନୀତ ଏହି ଫିଲ୍ମଟି ସୁପରହିଟ୍ ମଧ୍ୟ ହୋଇଥିଲା। ହେଲେ ଏହାର ଶୁଟିଂ ପୂର୍ବରୁ ସୋନାକ୍ଷୀଙ୍କୁ ବେଶ୍ କସରତ କରିବାକୁ ପଡ଼ିଥିଲା। କାରଣ ସେତେବେଳେ ତାଙ୍କର ଓଜନ ଥିଲା ୯୦ କିଗ୍ରା। ଏହି ଫିଲ୍ମ ପାଇଁ ତାଙ୍କୁ ଓଜନ କମାଇବାକୁ ପରାମର୍ଶ ଦିଆଯାଇଥିଲା। ଯେମିତି ହେଉ ନା କାହିଁକି ଶୁଟିଂ ଆରମ୍ଭ ହେବା ପୂର୍ବରୁ ଓଜନ ୬୦ କିଗ୍ରା କରିବାକୁ ପଡିବ। ତେଣୁ ସେ ଏଥିପାଇଁ ଦିନରାତି ଏକାଠି କରିଦେଇଥିଲେ। ହେଲେ ଏହି ମିଶନରେ ସକ୍‌ସେସ ହେବାକୁ ତାଙ୍କୁ ପାଖାପାଖି ଦୁଇ ବର୍ଷ ଲାଗିଥିଲା। ଗତ ୧୦ବର୍ଷର ଆକ୍ଟିଂ କ୍ୟାରିୟରରେ ସୋନାକ୍ଷୀ ନିଜକୁ ଜଣେ ଆଗଧାଡିର ଅଭିନେତ୍ରୀ ଭାବରେ ପରିଚିତ କରାଇପାରିଛନ୍ତି। ତାଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡ଼ିକ ହେଲା–'ରାଉଡି ରାଠୋର', 'ଜୋକର', 'ଓଁମାଇଁ ଗଡ୍', 'ସନ୍ ଅଫ ସର୍ଦ୍ଦାର', 'ଦବଙ୍ଗ–୨', 'ଲୁଟେରା', 'ନୁର୍', 'ଟୋଟାଲ ଧମାଲ', 'କଲଙ୍କ', 'ମିଶନ ମଙ୍ଗଲ' ଏବଂ 'ଦବଙ୍ଗ–୩'।

## ନୂଆ ସିନେମା

# ରକି

ବେଳେବେଳେ ମନ ଯାହା ଖୋଜୁଥାଏ ତାହା ହାତ ପାଆନ୍ତାରେ ମିଳିଯାଇଥାଏ। ଦେଖୁନାହାନ୍ତି, ନିଜର ମନଲାଖି ଭୂମିକାଟିଏ ପାଇବା ପରେ ନବାଗତ ବିଶ୍ୱରୂପ କେମିତି ଖୁସିରେ ଉଚ୍ଛୁଳୁଛନ୍ତି। କଥା କ'ଣ କି ନର୍ମିତ ହେବାକୁ ଯାଉଥିବା ନୂଆ ଓଡ଼ିଆ ସିନେମା 'ରକି–ଏ ଲଭର'ର ଟାଇଟଲ ଭୂମିକାରେ ସେ ଅଭିନୟ କରିବେ। ଏ.ବି. କ୍ରିଏସନରେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଉକ୍ତ ଚଳଚ୍ଚିତ୍ର ସମ୍ପର୍କରେ ସୂଚନା ଦେଇ ବିଶ୍ୱରୂପ କହନ୍ତି, 'ଜଣେ ମ୍ୟୁଜିକ ଲଭର ଜୀବନୀ ଉପରେ ଏହି ସିନେମାଟି ନିର୍ମିତ ହେବ। ସେ ସିନା ଗୀତ ଗାଇ ଅନ୍ୟମାନଙ୍କର ମନୋରଞ୍ଜନ କରେ, ହେଲେ ତା' ଜୀବନରେ ମଧ୍ୟ ଉତଥାନ ପତନ ରହିଛି। ଏପରି ଏକ ଚ୍ୟାଲେଞ୍ଜିଂ ଭୂମିକାରେ ଦର୍ଶକ ମୋତେ ଦେଖିବାକୁ ପାଇବେ। ଏହା ଏକ ଡ୍ୟାନ୍ସ–ବେସ୍‌ଡ ମୁଭି ହେବ। ମୋର ପ୍ରଥମ ସିନେମା 'ବିଶ୍ୱରୂପ–ବର୍ଣ୍ଣ ଟୁ ଫାଇଟ୍'ରେ ମୋତେ ଆକ୍ସନ ଭୂମିକା ମିଳିଥିଲା। ହେଲେ ଏଥର ରୋମାଣ୍ଟିକ ଚରିତ୍ରକୁ ତୁଲାଇବାକୁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲେଣି।' ଏହି ନୂଆ ସିନେମାର ପ୍ରଯୋଜନା କରୁଛନ୍ତି ବିଶ୍ୱଜିତ ମିଶ୍ର। ମମତା ମିଶ୍ରଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ପଞ୍ଚାନନ ନାୟକ। ଏଥିରେ ସଂଯୋଜିତ ୫ଟି ଗୀତିକୁ ସ୍ୱର ଦେଉଛନ୍ତି ମନୋଜ ରଥ–ଶାନ୍ତନୁ ନାୟକ। ଫିଲ୍ମଟିର ନିର୍ଦ୍ଦେଶନା ଦେବେ 'ତୁ କହିଦେ ଆଇ ଲଭ୍ ୟୁ'ର ନିର୍ଦ୍ଦେଶକ ସତ୍ୟ ନାୟକ (ସିପୁନ୍)। ଖାସ୍ କଥା ହେଲା 'ବିଶ୍ୱରୂପ–ବର୍ଣ୍ଣ ଟୁ ଫାଇଟ୍' ପରେ ଏହି ଫିଲ୍ମରେ ମଧ୍ୟ ବିଶ୍ୱରୂପଙ୍କ ନାୟିକା ସାଜୁଛନ୍ତି ତନୁଶ୍ରୀ।



ବିଶ୍ୱରୂପ

## ସଂକ୍ଷେପରେ

### ହସ୍ପିଟାଲରୁ ସଂକ୍ରମଣ ରୋକିବେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ

ଭୁବନେଶ୍ୱର,୧୫।୭(ବ୍ୟୁରୋ): କରୋନା ମୁକାବିଲାରେ ନେତୃତ୍ୱ ନେଉଥିବା ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ ଏବଂ କୋଭିଡ୍ ଯୋଦ୍ଧାମାନଙ୍କୁ ସଂକ୍ରମଣରୁ ରକ୍ଷା କରିବାକୁ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର। ନିକଟରେ ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ସଂକ୍ରମଣ ବୃଦ୍ଧି ପାଉଥିବାରୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଏବଂ ତାଲିମ ନିମନ୍ତେ ଗଠିତ କମିଟି କୋଭିଡ୍ ଯୋଦ୍ଧାମାନଙ୍କ ପାଇଁ ପୁଣିଥରେ ତାଲିମ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ଉଭୟ କୋଭିଡ୍ ଏବଂ ଅଣକୋଭିଡ୍ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସ୍ୱାସ୍ଥ୍ୟସେବା ସମ୍ପର୍କିତ ସଂକ୍ରମଣ ରୋକିବାକୁ ବିଶେଷ ଗୁରୁତ୍ୱ ଦିଆଯିବ। ବୁଧବାର କମିଟିର ସମୀକ୍ଷା ବୈଠକରେ ଏ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସ୍ୱାସ୍ଥ୍ୟସେବା ସମ୍ପର୍କିତ ସଂକ୍ରମଣ ପ୍ରତିରୋଧ ନିମନ୍ତେ ଆବଶ୍ୟକୀୟ ମାର୍ଗଦର୍ଶିକା ଏବଂ ଚେକ୍‌ଲିଷ୍ଟଗୁଡ଼ିକ ସମସ୍ତଙ୍କ ପାଖକୁ ପଠାଯାଇଛି। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୱେବ୍‌ସାଇଟ୍‌ରେ ମଧ୍ୟ ଏହା ଉପଲବ୍ଧ ହେଉଛି। ରାଜ୍ୟର ସମସ୍ତ ହସ୍ପିଟାଲ୍, କ୍ଲିନିକ୍, କର୍ପୋରେଟ୍/ରାଷ୍ଟ୍ରାୟତ୍ତ ଉଦ୍ୟୋଗ/ଇଏସ୍ଆଇ ହସ୍ପିଟାଲ୍/ରୋଗ ନିରୁପଣ ପରୀକ୍ଷାଗାର ସହ ଆୟୁଷ ସଂସ୍ଥାଗୁଡ଼ିକର ସମସ୍ତ ସ୍ୱାସ୍ଥ୍ୟସେବା ଅଧିକାରୀ ଓ କର୍ମଚାରୀଙ୍କୁ ତାଲିମ ପ୍ରଦାନ ପାଇଁ କ୍ରମାନ୍ୱୟରେ ୱେବିନାର୍ ଅନୁଷ୍ଠିତ ହେବ। ଏହି ୱେବିନାର୍‌ଗୁଡ଼ିକ ଜୁଲାଇ ୧୭, ୨୦ ଏବଂ ୨୨ରେ କରାଯିବ। ବିଭିନ୍ନ ଅଧିବେଶନରେ କଟକସ୍ଥିତ ଏସ୍‌ସିବି ମେଡିକାଲ୍ କଲେଜ୍‌ର ବିଶିଷ୍ଟ ପ୍ରଫେସରମାନେ ବିଭିନ୍ନ ବିଷୟରେ ତାଲିମ ପ୍ରଦାନ କରିବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଟୁଇଟର ଏବଂ ଫେସ୍‌ବୁକ୍ ପେଜ୍‌ରେ ୱେବିନାର ସମ୍ପର୍କିତ ସବିଶେଷ କାର୍ଯ୍ୟସୂଚୀ ଉପଲବ୍ଧ ହେବ। କୋଭିଡ୍-୧୯ ଚିକିତ୍ସା ସମୟରେ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ହସ୍ପିଟାଲ୍‌ଗୁଡ଼ିକରେ ସଂକ୍ରମଣ ପ୍ରତିରୋଧ ପାଇଁ ଆବଶ୍ୟକୀୟ ପ୍ରୋଟୋକଲ୍ ଏବଂ ମାନକ ଚିକିତ୍ସା ମାର୍ଗଦର୍ଶିକାର ଅନୁପାଳନ ନିମନ୍ତେ ଡାକ୍ତରମାନଙ୍କ ଅଭିମୁଖୀକରଣ ଏହି ୱେବିନାର ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି।

### ବଜ୍ରପାତରେ ଚାଷୀ ମୃତ

ନିମାପଡ଼ା,୧୫।୭(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ଅରିଷଣ ପଞ୍ଚାୟତର ବାମଦେଇପୁର ଗ୍ରାମରେ ବୁଧବାର ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଏହି ଗ୍ରାମର ଦେବେନ୍ଦ୍ର ବାରିକ(୫୧)। ଏ ନେଇ ପୋଲିସ ନଂ. ୧୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଦେବେନ୍ଦ୍ର ପୂର୍ବାହ୍ନରେ ବିଲକୁ ହଳ କାର୍ଯ୍ୟ କରୁଥିବାବେଳେ ବଜ୍ରପାତ ହେବାରୁ ଗୁରୁତର ପଡ଼ିଯାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ତାଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ଦେବେନ୍ଦ୍ରଙ୍କୁ ଉଦ୍ଧାର କରି ନିମାପଡ଼ା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରଛକ ମେଡିକାଲ ପଠାଇଛି। ପରେ ମୃତ ଚାଷୀଙ୍କ ସାନଭାଇ ପ୍ରଫୁଲ୍ଲ ଥାନାରେ ଏକ ଅଭିଯୋଗ କରିଛନ୍ତି। ଚାଷୀଙ୍କ ଅକାଳମୃତ୍ୟୁକୁ ନେଇ ଗଣଶିକ୍ଷା ମନ୍ତ୍ରୀ ତଥା ବିଧାୟକ ସମୀର ରଞ୍ଜନ ଦାଶ ଦୁଃଖପ୍ରକାଶ କରିବା ସହ ସମବେଦନା ଜଣାଇଛନ୍ତି। ଦେବେନ୍ଦ୍ର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରଙ୍କୁ ପ୍ରଶାସନ ପକ୍ଷରୁ ୧୦ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ସରପଞ୍ଚ ଜୟନ୍ତ କୁମାର ପାଟଶାଣୀ ପ୍ରମୁଖ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ଭୁବନେଶ୍ୱର: ହସ୍ପିଟାଲରେ କରୋନା ଦାଉ

ଭୁବନେଶ୍ୱର, ୧୫।୭ (ବ୍ୟୁରୋ)

**ସଂକ୍ରମଣ ଭୟ: ମିଳୁନି ଠିକ୍ ଚିକିତ୍ସା**

- ୧୧୦ରୁ ଊର୍ଦ୍ଧ୍ୱ ଡାକ୍ତର ଓ ହସ୍ପିଟାଲ କର୍ମଚାରୀ ସଂକ୍ରମିତ
- ହଟ୍‌ସ୍ପଟ୍ ଜିଲା ରୋଗୀଙ୍କ ପାଇଁ ବଢ଼ିଗଲା ସଂକ୍ରମଣ

ସଂକ୍ରମଣର ଅନ୍ୟତମ ପ୍ରମୁଖ କ୍ଷେତ୍ର ପାଲଟିଛି ଭୁବନେଶ୍ୱରର ବିଭିନ୍ନ ଘରୋଇ ତଥା ସରକାରୀ ହସ୍ପିଟାଲ। ପ୍ରତିଦିନ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ହସ୍ପିଟାଲ କର୍ମଚାରୀ ରହୁଛନ୍ତି। ଇତିମଧ୍ୟରେ ସହରର ବିଭିନ୍ନ ହସ୍ପିଟାଲରୁ ୧୧୦ରୁ ଊର୍ଦ୍ଧ୍ୱ ଡାକ୍ତର ଓ କର୍ମଚାରୀ ସଂକ୍ରମଣର ଶିକାର ହୋଇଛନ୍ତି। ବିଶେଷକରି ଘରୋଇ ହସ୍ପିଟାଲରେ ସଂକ୍ରମଣ ଅଧିକ ରହିଥିଲେ ମଧ୍ୟ କ୍ୟାପିଟାଲ ହସ୍ପିଟାଲ, ଏମ୍ସ, ଇଏସ୍ଆଇ ହସ୍ପିଟାଲ ଆଦି ସରକାରୀ ଡାକ୍ତରଖାନା ମଧ୍ୟ ବାଦ୍ ପଡ଼ିନି। କରୋନା ଆକ୍ରାନ୍ତ ହସ୍ପିଟାଲ କର୍ମଚାରୀଙ୍କ ସଂଖ୍ୟା ବଢ଼ିବା ପରେ ଏବେ ବହୁତ କଟକଣା ଲାଗୁ ହୋଇଛି। ହେଲେ ଏଥିଯୋଗୁ ଚିକିତ୍ସା ସେବା ଗୁରୁତର ପ୍ରଭାବିତ ହୋଇଥିବା ନଜରକୁ ଆସିଛି। କରୋନା ଭୟରେ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀମାନେ ରୋଗୀଙ୍କ ପାଖକୁ ଯିବାକୁ ଡରୁଥିବାବେଳେ ରୋଗୀ ଉଭୟ କରୋନା ଓ ଅନ୍ୟ ରୋଗକୁ ନେଇ ଦୁର୍ବିଷହ ଜୀବନ ବିତାଉଛନ୍ତି। ସାମାନ୍ୟ କିଛି ରୋଗ ହେଲେ ଲୋକେ ହସ୍ପିଟାଲକୁ ଯିବାକୁ ଡରୁଛନ୍ତି। ଗୋଟିଏପଟେ କରୋନା ଓ ଅନ୍ୟପଟେ ରୋଗ ଦାଉ ସାଧୁଛି।

ଦୈନିକ ହସ୍ପିଟାଲକୁ ଯାଉଥିବା ରୋଗୀ କରୋନା ଚିହ୍ନଟ ହେଉଥିବା ବିଏମ୍‌ସି ତଥ୍ୟ ଦେଉଛି। ଅନ୍ୟପକ୍ଷେ ହଟ୍‌ସ୍ପଟ୍ ଜିଲା ଫେରନ୍ତା ମଧ୍ୟ ରାଜଧାନୀ ପାଇଁ କଣ୍ଟା ହୋଇଛନ୍ତି। ହଟ୍‌ସ୍ପଟ୍ ଜିଲା ଫେରନ୍ତା ବିଭିନ୍ନ ବସ୍ତି ଏବଂ ଗଳିକନ୍ଦିରେ ରହୁଥିବାରୁ ରାଜଧାନୀରେ କରୋନା ସଂକ୍ରମଣ ହାର ଦ୍ରୁତଗତିରେ ବଢ଼ୁଛି। ଏମାନେ ହସ୍ପିଟାଲକୁ ଯାଇ ସଂକ୍ରମଣ ବଢ଼ାଉଥିବା ଜଣାପଡ଼ିଛି। କରୋନା ଆକ୍ରାନ୍ତ ଫେରନ୍ତା ଗୃହ ସଙ୍ଗରୋଧ ନିୟମ ଅନୁପାଳନ କରୁ ନ ଥିବାରୁ ତାଙ୍କ ସଂସ୍ପର୍ଶରେ ଆସି ବହୁସଂଖ୍ୟାରେ ଲୋକେ ସଂକ୍ରମିତ ହେଉଛନ୍ତି। ଜୁନ୍‌ରୁ ଏଯାଏ ୭୦ରୁ ଊର୍ଦ୍ଧ୍ୱ ହଟ୍‌ସ୍ପଟ୍ ଜିଲା ଫେରନ୍ତାଙ୍କୁ କୋଭିଡ୍ ପଜିଟିଭ୍ ହୋଇଥିବାବେଳେ ସେମାନଙ୍କ ସଂସ୍ପର୍ଶରେ ଶତାଧିକ ଆକ୍ରାନ୍ତ ହେଲେଣି। ବିଶେଷକରି ବସ୍ତି ଅଞ୍ଚଳରେ ଫେରନ୍ତାଙ୍କ ପାଇଁ ସଂକ୍ରମଣ ବଢ଼ୁଥିବା ଦେଖିବାକୁ ମିଳୁଛି। ଲକ୍ଷ୍ମୀବଜାର ବସ୍ତି, ସାଲିଆ ସାହିର ନିରଙ୍କାରୀ, ବିର୍ସାନଗର, ଶରଣାପାଲ୍ଲୀ, ଶବର ସାହି ଆଦି ୨୦ରୁ ଊର୍ଦ୍ଧ୍ୱ ବସ୍ତିରେ ବୃଦ୍ଧି ପାଉଥିବା ସଂକ୍ରମଣରୁ ଏହା ସ୍ପଷ୍ଟ ହୋଇଛି। ବିଏମ୍‌ସି ଗଞ୍ଜାମ, ଗଜପତି, କଟକ, ବାଲେଶ୍ୱର, ଯାଜପୁର ହଟ୍‌ସ୍ପଟ୍ ଜିଲାରୁ ଲୋକଙ୍କୁ ଭୁବନେଶ୍ୱର ବସ୍ତି ମନା ବୋଲି ନିର୍ଦ୍ଦେଶନାମା ଜାରି କରିଛି। ହେଲେ ଏହି ନିର୍ଦ୍ଦେଶନାମାର କାର୍ଯ୍ୟକାରିତାକୁ ନେଇ ବରିଷ୍ଠ ନାଗରିକମାନେ ପ୍ରଶ୍ନ ଉଠାଇଛନ୍ତି। ଏଥିସହିତ ହଟ୍‌ସ୍ପଟ୍ ଜିଲାର ଲୋକଙ୍କ ଭୁବନେଶ୍ୱର ଆଗମନରେ ଲଗାମ୍ ଲଗାଇବାରେ ଫଳପ୍ରଦ ପଦକ୍ଷେପ ନିଆଯାଇନାହିଁ ବୋଲି ଅଭିଯୋଗ କରିଛନ୍ତି। ସହରର ପ୍ରବେଶ ପଥଗୁଡ଼ିକରେ ବ୍ୟାପକ ଯାଞ୍ଚ ବ୍ୟବସ୍ଥା କରାଯିବାକୁ ସେମାନେ ଦାବି କରିଛନ୍ତି।



ଖୋର୍ଦ୍ଧା ଶିକ୍ଷା ଜିଲା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଚେକ୍ ପ୍ରଦାନ କରାଯାଉଛି।

## କରୋନା ପାଇଁ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦାନ

ଖୋର୍ଦ୍ଧା ଅଫିସ,୧୫।୭

କରୋନା ମୁକାବିଲା ଲାଗି ସରକାରୀ, ବେସରକାରୀ ଓ ବିଭିନ୍ନ ସଂସ୍ଥା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି (ସିଏମଆରଏଫ)କୁ ସହଯୋଗର ହାତ ବଢାଇଛନ୍ତି। ଏହି କ୍ରମରେ ବୁଧବାର ଖୋର୍ଦ୍ଧା ଜିଲା ଶିକ୍ଷା ଅଧୀନ ସମସ୍ତ ସେକେଣ୍ଡାରୀ ଓ ଏଲିମେଣ୍ଟାରୀ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମେତ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଓ ଜିଲା ସମଗ୍ର ଶିକ୍ଷା ପ୍ରକଳ୍ପ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ୧କୋଟି ୭ଲକ୍ଷ ୯୦ହଜାର ଟଙ୍କା ସିଏମଆରଏଫକୁ ପ୍ରଦାନ କରିଛନ୍ତି ବୋଲି ଜିଲାପାଳ ଶୀତାଂଶୁ କୁମାର ରାଉତ ଟୁଇଟ୍ କରି ଜଣାଇଛନ୍ତି। ଏହି ଚେକ ପ୍ରଦାନ ବେଳେ ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର ଏବଂ ସମସ୍ତ ଜିଲାସ୍ତରୀୟ ଅଫିସର ଉପସ୍ଥିତ ଥିଲେ।



ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ଧାରଣାରେ ବସିଥିବା ଗାଇଡ୍, ଫଟୋଗ୍ରାଫରମାନେ।

## ସୂର୍ଯ୍ୟମନ୍ଦିର ସମ୍ମୁଖରେ ଗାଇଡ୍, ଫଟୋଗ୍ରାଫରଙ୍କ ଧାରଣା

କୋଣାର୍କ,୧୫।୭(ଡି.ଏନ୍.ଏ.)

କରୋନା କଟକଣା ଯୋଗୁ କୋଣାର୍କ ସୂର୍ଯ୍ୟ ମନ୍ଦିର ସମ୍ପର୍କରେ ତଥ୍ୟ ପ୍ରଦାନ କରୁଥିବା ଗାଇଡ୍ ଓ ଫଟୋଗ୍ରାଫରମାନେ ଜୀବିକା ହରାଇ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ଫଟୋଗ୍ରାଫର, ଗାଇଡ୍, ଫଟୋମାଳୀ ମିଳିତ ମହାସଂଘ ପକ୍ଷରୁ ସରକାରୀ ସହାୟତା ପାଇଁ ଏକ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ଗତ ୩ ମାସ ଧରି କରୋନା କାୟାବିସ୍ତାର କରିଥିବାବେଳେ ସମସ୍ତ ମନ୍ଦିର ସମେତ ସୂର୍ଯ୍ୟ ମନ୍ଦିର ବନ୍ଦ ରହିଥିଲା। ଫଳରେ ହଜାରରୁ ଊର୍ଦ୍ଧ୍ୱ ଫଟୋଗ୍ରାଫର, ଗାଇଡ୍ ଏବଂ ଫଟୋ ମାଳୀ ବ୍ୟବସାୟୀମାନେ ଜୀବିକା ହରାଇଥିବା ବେଳେ ପରିବାର ଚଳାଇବା କଷ୍ଟମୟ ହୋଇପଡୁଛି। ଏ ନେଇ ମିଳିତ ମହାସଂଘ ପକ୍ଷରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଆର୍ଥିକ ସହାୟତା ପାଇଁ ଏନଏସି ନିର୍ବାହୀ ଅଧିକାରୀଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନାହିଁ। ବନ୍ଦ ନିଷ୍ପତ୍ତି ବୃଦ୍ଧି ପାଉଥିବାରୁ ସଂଘ ସଦସ୍ୟମାନେ ନାନା ଚିନ୍ତାରେ ରହୁଛନ୍ତି। ଏପରି କି ଖାଦ୍ୟ ଯୋଗାଡ଼ କରିବାରେ ଅସୁବିଧା ହେବାରୁ ବୁଧବାର ୪ଗୋଟି ସଂଘ ପକ୍ଷରୁ କୋଭିଡ ନିୟମ ମାନି ଧାରଣା ନିଷ୍ପତ୍ତି ନେଇଥିଲେ। କୋଣାର୍କ ଗାଇଡ ଆଣ୍ଡ ଫଟୋ ଗ୍ରାଫର୍ସ ଆସୋସିଏଶନର ସଭାପତି ହଟକିଶୋର ମହାରଣା, ସମ୍ପାଦକ ଲାଲ ବିହାରୀ ତାରେଣିଆ, ଏଏସଆଇ ଫଟୋ ଗ୍ରାଫର ସଂଘ ସଭାପତି ସନ୍ତୋଷ ପାତ୍ର, ଅକ୍ଷୟ ମଲ୍ଲିକ, ଭଗବତୀ ଫଟୋଗ୍ରାଫର ଆସୋସିଏସନ ସଭାପତି ସୌମ୍ୟ ରଞ୍ଜନ ସାହୁ ଏବଂ କୋଣାର୍କ ଫଟୋଗ୍ରାଫର ଆସୋସିଏସନ ସଭାପତି ଶ୍ରୀଧର ପଣ୍ଡାଙ୍କ ନେତୃତ୍ୱରେ ଏହି ଧାରଣା ଅନୁଷ୍ଠିତ ହୋଇଥିଲା। ଏ ଦିଗରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେଇ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ରାଜଧାନୀରେ ଏକାଥରକେ ୯୦ ପଜିଟିଭ୍

ଭୁବନେଶ୍ୱର, ୧୫।୭ (ବ୍ୟୁରୋ)

**ଭୟଙ୍କର ସ୍ଥିତିରେ ସଂକ୍ରମଣ**

- ୭ ବାହାର ହଟ୍‌ସ୍ପଟ୍ ଜିଲାର, ୬ ହସ୍ପିଟାଲ କର୍ମଚାରୀ
- ୫୬ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ
- ସୁସ୍ଥ ହେଲେ ଆଉ ୨୪ ଆକ୍ରାନ୍ତ

ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମଣ ଏବେ ଭୟଙ୍କର ସ୍ଥିତିରେ ପହଞ୍ଚିଛି। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସହରର ପ୍ରାୟ ସବୁ ଅଞ୍ଚଳକୁ ଏହି ଘାତକ ମହାମାରୀ ବ୍ୟାପିଯାଇଛି। ବସ୍ତିଠୁ ଆରମ୍ଭ କରି କଲୋନୀ, ବଜାର ଓ ଉପକଣ୍ଠ ଗାଁରୁ କୋଭିଡ୍ ପଜିଟିଭ୍ ଚିହ୍ନଟ ହେଉଛନ୍ତି। ରାଜ୍ୟର ପ୍ରଥମ କରୋନା ଆକ୍ରାନ୍ତ ଭୁବନେଶ୍ୱରରୁ ଚିହ୍ନଟ ହେବା ପରେ ଲୋକଙ୍କ ମନରେ ଭୟ ଓ ଆତଙ୍କ ଖେଳିଯାଇଥିଲା। ଏବେ ପ୍ରାୟ ପ୍ରତିଦିନ ୫୦ରୁ ଅଧିକ ପଜିଟିଭ୍ ବାହାରୁଛି। ତେବେ ଶେଷ ୨୪ ଘଣ୍ଟାର ରିପୋର୍ଟ ରେକର୍ଡ ଭାଙ୍ଗିଥିବାବେଳେ ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ଦିନକରେ ଏକାଥରକେ ୯୦ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସୂଚନା ଦେଇଛି। ୬୩ଜଣ କ୍ୱାରାଣ୍ଟାଇନ୍‌ରୁ ରହିଥିବାବେଳେ ୨୭ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏମାନଙ୍କୁ ମିଶାଇ ସହରରେ ଆକ୍ରାନ୍ତଙ୍କ ସଂଖ୍ୟା ୮୫୯ରେ ପହଞ୍ଚିଛି। ତେବେ ଏଥିମଧ୍ୟରୁ ପାଖାପାଖି ୫୦% ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। କହିବାକୁ ଗଲେ ରାଜଧାନୀରେ କରୋନା ଗୋଷ୍ଠୀ ସଂକ୍ରମଣର ରୂପ ନେଇଥିବାବେଳେ ଆଗକୁ ଆହୁରି ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ବିଏମ୍‌ସିର ତଥ୍ୟ ଅନୁସାରେ, ସ୍ଥାନୀୟ ଅଞ୍ଚଳରୁ ଚିହ୍ନଟ ହୋଇଥିବା ୨୭ଜଣଙ୍କ ମଧ୍ୟରୁ ବିଜେବି ନଗରରୁ ଜଣେ ୨୭ବର୍ଷୀୟ ଯୁବକ, ଜାଗମରାରୁ ୨୬ ବର୍ଷୀୟ ଯୁବକ, ଘାଟିକିଆରୁ ୫୦ବର୍ଷୀୟ ପୁରୁଷ, ଲକ୍ଷ୍ମୀସାଗରର ୬୨ବର୍ଷୀୟ ମହିଳା, ପୋଖରୀପୁଟରୁ ୬୧ ଓ ୮୪ବର୍ଷୀୟ ପୁରୁଷ, ଓଲ୍ଡ ଟାଉନରୁ ୪୮ବର୍ଷୀୟ ପୁରୁଷ, ଖଣ୍ଡଗିରିରୁ ୨୩ ବର୍ଷୀୟ ଯୁବକ, ଭରତପୁରରୁ ୫୨ ଓ ୩୦ ବର୍ଷୀୟ ପୁରୁଷ, ରସୁଲଗଡ଼ର ୩୬ବର୍ଷୀୟ ପୁରୁଷ, ଚନ୍ଦ୍ରଶେଖରପୁରରୁ ୩୧ ଓ ୫୭ ବର୍ଷୀୟ ପୁରୁଷ, ବିଶ୍ୱେଶ୍ୱର ବସ୍ତିରୁ ୪୦ବର୍ଷୀୟ ପୁରୁଷ, ନୟାପଲ୍ଲୀରୁ ୩୦ବର୍ଷୀୟ ଯୁବକ, ୟୁନିଟ-୪ରୁ ୨୭ ବର୍ଷୀୟ ଯୁବକ, ରସୁଲଗଡ଼ରୁ ଜଣେ ୧୬ ବର୍ଷୀୟ ବାଳକ ଓ ଅନ୍ୟଜଣେ ୫୦ବର୍ଷୀୟ ପୁରୁଷ, ଖଣ୍ଡଗିରିରୁ ୬୫ ବର୍ଷୀୟ ପୁରୁଷ ଓ ଅନ୍ୟଜଣେ ୭ବର୍ଷର ଶିଶୁକନ୍ୟା, ମହାବୀର ବସ୍ତିରୁ ୨୩ ବର୍ଷୀୟ ଯୁବକ, କୋଳଥିଆରୁ ୩୦ବର୍ଷୀୟ ମହିଳା, ପାତ୍ରପଡ଼ାରୁ ୩୮ବର୍ଷୀୟ ପୁରୁଷ, ଖଣ୍ଡଗିରିରୁ ୩୯ବର୍ଷୀୟ ପୁରୁଷ, ବରମୁଣ୍ଡାରୁ ୨୪ ଓ ୩୫ ବର୍ଷୀୟ ମହିଳା, ଘରୋଇ ହସ୍ପିଟାଲରୁ ଜଣେ ୩୦ ବର୍ଷୀୟ ମହିଳା କର୍ମଚାରୀ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୭ ଆକ୍ରାନ୍ତ ବାହାର ହଟ୍‌ସ୍ପଟ୍ ଜିଲାର ହୋଇଥିବାବେଳେ ୬ ଆକ୍ରାନ୍ତ ଘରୋଇ ମେଡିକାଲ କର୍ମଚାରୀ। ଅନ୍ୟ ୧୫ଜଣ ସ୍ଥାନୀୟ ଆକ୍ରାନ୍ତଙ୍କ ଦ୍ୱାରା ସଂକ୍ରମଣର ଶିକାର ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ୬୩ଜଣଙ୍କ ମଧ୍ୟରେ ୫୬ଜଣ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ଏହାବ୍ୟତୀତ ୨୪ ଘଣ୍ଟାରେ ଭୁବନେଶ୍ୱରରୁ ଆଉ ୨୪ଜଣ ସୁସ୍ଥ ହୋଇଛନ୍ତି। ଇତିମଧ୍ୟରେ ମୋଟ ୩୮୫ ସୁସ୍ଥ ହୋଇଥିବାବେଳେ କରୋନା ୧୧ ଜଣଙ୍କ ଜୀବନ ନେଇଛି। ୪୬୨ ସକ୍ରିୟ ସଂକ୍ରମିତ ଏବେ ବିଭିନ୍ନ କୋଭିଡ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି।

## ପୁଣି ସେବାୟତଙ୍କୁ ଦିଆଯିବ ହୋମିଓପାଥି

ପୁରୀ ଅଫିସ,୧୫।୭

**ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଲକ୍ଷ୍ୟ**

ଶ୍ରୀମନ୍ଦିର ସେବାୟତଙ୍କୁ କରୋନା ସଂକ୍ରମଣରୁ ଦୂରେଇ ରଖିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ଯୋଜନା କରିଛି। ତେଣୁ ସେବାୟତଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ସେମାନଙ୍କୁ ପୁଣି ଥରେ ହୋମିଓପାଥି ଔଷଧ ବଣ୍ଟନ କରାଯିବ। ଆସନ୍ତା ୧୭ ଓ ୧୮ ତାରିଖରେ ପର୍ଯ୍ୟାୟ କ୍ରମେ ବିଭିନ୍ନ ସେବାୟତ ନିଯୋଗ ଏବଂ ଶ୍ରୀମନ୍ଦିର କର୍ମଚାରୀଙ୍କୁ ହୋମିଓପାଥି ଔଷଧ ଦିଆଯିବ। ଏଥିଲାଗି ନୀଳାଦ୍ରି ଭକ୍ତନିବାସ ପରିସରରେ ସ୍ୱାସ୍ଥ୍ୟ ଶିବିର ହେବ। ଏଥିପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟର ଭାରପ୍ରାପ୍ତ ଅଧିକାରୀଙ୍କୁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି।

୧୭ତାରିଖରେ ସୁଆର ଓ ମହାସୁଆର, ପୁଷ୍ପାଳକ, ବିମାନବଡ଼ୁ, ଦଇତାପତି, ବଡୁ ସୁଆର, ଖୁଣ୍ଟିଆ, ପାଟରା ବିଶୋଇ, ଘଣ୍ଟୁଆ ଏବଂ ପାର୍ଶ୍ୱ ଦେବଦେବୀ ମନ୍ଦିର ସେବାୟତଙ୍କୁ ଏହି ହୋମିଓପାଥି ଦିଆଯିବ। ୧୮ ତାରିଖରେ ପ୍ରତିହାରୀ, ପୂଜାପଣ୍ଡା, ଗରାବଡୁ, ହଡ଼ପନାୟକ, ରୂପକାର, ଚିତ୍ରକର, ଭୋଇ, ମହାରଣା, କୋଠ ଭୋଗ ସେବକ, ଏବଂ ଅନ୍ୟାନ୍ୟ ନିଯୋଗ ତଥା ଶ୍ରୀମନ୍ଦିର କର୍ମଚାରୀଙ୍କୁ ଔଷଧ ବଣ୍ଟାଯିବ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ଏବଂ ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ଶିବିର ଖୋଲା ରହିବ। ପ୍ରତ୍ୟେକ ସେବାୟତ ପରିବାରର ଜଣେ ବ୍ୟକ୍ତି ଆସି ନିଜ ତଥା ପରିବାର ସଦସ୍ୟଙ୍କ ପାଇଁ ଔଷଧ ନେଇପାରିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଥାଉ କି, ରଥଯାତ୍ରା ପୂର୍ବରୁ ଅର୍ଥାତ୍ ଜୁନ୍ ୯ରୁ ୧୩ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ମଧ୍ୟ ସେବାୟତମାନଙ୍କୁ ହୋମିଓପାଥି ଔଷଧ ବଣ୍ଟନ କରାଯାଇଥିଲା।



ପୁରୀ ସହରରେ ବୁଧବାର ବର୍ଷା ବେଳେ ଜଣେ ବୃଦ୍ଧ ଛତା ଧରି ବଡ଼ଦାଣ୍ଡରେ ଯାଉଛନ୍ତି।

## ଶାମୁକା ପ୍ରକଳ୍ପ ପାଇଁ ନୂଆ ଆଶା

ଭୁବନେଶ୍ୱର,୧୫।୭(ବ୍ୟୁରୋ)



ଶାମୁକା ପ୍ରକଳ୍ପର ଏକ ମଡେଲ୍।

**ଏସ୍‌ଟିଡିସି ବୋର୍ଡରେ ବ୍ୟାପକ ପରିବର୍ତ୍ତନ**

- ପର୍ଯ୍ୟଟନ ସଚିବଙ୍କୁ ଏସ୍‌ଟିଡିସି ଅଧକ୍ଷ ନିଯୁକ୍ତି
- ନିର୍ଦ୍ଦେଶକ ଭାବେ ୧୨ ଅଧିକାରୀଙ୍କୁ ଦାୟିତ୍ୱ

ଓଡ଼ିଶାର ପର୍ଯ୍ୟଟନଶିଳ୍ପ ପାଇଁ ଗେମ୍‌ଚେଞ୍ଜର କୁହାଯାଉଥିବା ଶାମୁକା ବିଚ୍ ପ୍ରକଳ୍ପ ପାଇଁ ନୂଆ ଆଶା ସୃଷ୍ଟି ହୋଇଛି। ୨୦୧୫ରେ ଗଠିତ ଶାମୁକା ଟୁରିଜିମ୍ ଡେଭଲପ୍‌ମେଣ୍ଟ କର୍ପୋରେଶନ(ଏସ୍‌ଟିଡିସି) ବୋର୍ଡରେ ରାଜ୍ୟ ସରକାର ବ୍ୟାପକ ପରିବର୍ତ୍ତନ କରିଛନ୍ତି। ଏସ୍‌ଟିଡିସିର ଅଧ୍ୟକ୍ଷଭାବେ ରାଜ୍ୟ ପର୍ଯ୍ୟଟନ ବିଭାଗ ଶାସନ ସଚିବଙ୍କୁ ନିଯୁକ୍ତି ଦିଆଯାଇଛି। ସେହିଭଳି ନିର୍ଦ୍ଦେଶକଭାବେ ମୋଟ ୧୨ଜଣଙ୍କୁ ଦାୟିତ୍ୱ ମିଳିଛି। ନିର୍ଦ୍ଦେଶକଭାବେ ଇଡ୍‌କୋ ଅଧ୍ୟକ୍ଷ ତଥା ଏମ୍‌ଡି, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଏମ୍‌ଡି, ପୁରୀ ଜିଲାପାଳ, ପୁରୀ ଡିଏଫ୍‌ଓଙ୍କ ସହ ଅର୍ଥ ବିଭାଗ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ, ଜଙ୍ଗଲ ଓ ପରିବେଶ ବିଭାଗ, ଗୃହ ଏବଂ ନଗର ଉନ୍ନୟନ ବିଭାଗ, ଜଳ ସମ୍ପଦ ବିଭାଗ ଏବଂ ଶକ୍ତି ବିଭାଗର ଜଣେ ଲେଖାଏ ପ୍ରତିନିଧି ରହିବେ। ସେହିଭଳି ଏସ୍‌ଟିଡିସିର ସିଇଓ ମଧ୍ୟ ନିର୍ଦ୍ଦେଶକ ଦାୟିତ୍ୱରେ ରହିବେ। ତେବେ ଏସ୍‌ଟିଡିସି ସିଇଓଭାବେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦାୟିତ୍ୱ ନିର୍ବାହ କରିବେ ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ ସାନି ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

୨୦୦୮ରୁ ଝୁଲି ରହିଥିବା ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପ ପୁରୀ ସହରଠାରୁ ୧୦ କିମି ଦୂରରେ ରହିଛି। ପ୍ରକଳ୍ପକୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ମଞ୍ଜୁରୀ ମିଳିସାରିଥିବାବେଳେ ଏହାର ମାଷ୍ଟରପ୍ଲାନ୍ ଏକ ଅନ୍ତର୍ଜାତୀୟ ସଂସ୍ଥା ପ୍ରସ୍ତୁତ କରୁଛି। ପ୍ରାୟ ୪ ହଜାର କୋଟିର ପୁଞ୍ଜିନିବେଶରେ ହେବାକୁ ଥିବା ଏହି ପ୍ରକଳ୍ପରେ ପଞ୍ଚ ତାରକା ହୋଟେଲ, ବୁଟିକ୍ ହୋଟେଲ, ସ୍ପା, ୱେଲ୍‌ନେସ୍ ସେଣ୍ଟର, ଏଣ୍ଟରଟେନ୍‌ମେଣ୍ଟ ଜୋନ୍, କନ୍‌ଭେନଶନ୍ ସେଣ୍ଟର ଏବଂ ବିଭିନ୍ନ ପ୍ରକାର କ୍ରୀଡା ଉପଲବ୍ଧ ହେବ। ପର୍ଯ୍ୟଟନ ଗୁରୁତ୍ୱକୁ ଉପଲବ୍ଧି କରି ଶାମୁକାକୁ ରାଜ୍ୟ ସରକାର ଫାଷ୍ଟଟ୍ରାକ୍‌ରେ ରଖିବେ ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଛି।

## ଅଗଷ୍ଟ ୩୧ ଯାଏ ବଳବତ୍ତର ରହିବ ଅନ୍ତରୀଣ ରହିତାଦେଶ

କଟକ ଅଫିସ,୧୫।୭

**କରୋନା ପ୍ରକୋପ ଯୋଗୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ଏବଂ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଘୋଷଣା ହେଉଥିବାରୁ ବୁଧବାର ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ନିମ୍ନ ଅଦାଲତଠାରୁ ଆରମ୍ଭ କରି ହାଇକୋର୍ଟ ପର୍ଯ୍ୟନ୍ତ ସମସ୍ତ କୋର୍ଟ ପୂର୍ବରୁ ଯେଉଁ ରହିତାଦେଶ ତଥା ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି, ସେଗୁଡ଼ିକ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ବ୍ୟାଙ୍କ୍ କୌଣସି ଋଣ ଖିଲାପକାରୀଙ୍କ ସମ୍ପତ୍ତି ଜବତ୍ କରିପାରିବ ନାହିଁ କିମ୍ବା ସରକାରୀ ବିଭାଗ କୌଣସି ସ୍ଥାନରେ ଉଚ୍ଛେଦ କାର୍ଯ୍ୟ କରିପାରିବ ନାହିଁ ବୋଲି ନିର୍ଦ୍ଦେଶରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ଲକ୍‌ଡାଉନ୍ ଯୋଗୁ ମାମଲାଗୁଡ଼ିକର ପରିଚାଳନାରେ ଅସୁବିଧା ହେଉଥିଲା। ଆଇନ୍‌ଜୀବୀ ଏବଂ ଆବେଦନକାରୀମାନେ କୋର୍ଟ ପହଞ୍ଚିବାରେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏ ନେଇ ଆଇନ୍‌ଜୀବୀ ବିଜୟ କୁମାର ରଗଡ଼ଙ୍କ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିଲା। ମେ’ ୫ରେ ହାଇକୋର୍ଟ ଏହାର ଶୁଣାଣି କରି ବିଭିନ୍ନ ଅଦାଲତ ତରଫରୁ ଜାରି ହୋଇଥିବା ରହିତାଦେଶକୁ ଜୁନ୍ ୧୮ ପର୍ଯ୍ୟନ୍ତ ବଳବତ୍ତର ରଖିଥିଲେ। କିନ୍ତୁ ଏହା ପରେ ପୁଣି ଥରେ ଲକ୍‌ଡାଉନ୍ ବଢ଼ିଥିଲା। ଏଣୁ ଏହି ରହିତାଦେଶକୁ ଚଳିତ ମାସ ୧୫ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ତେବେ ବର୍ତ୍ତମାନ ସ୍ଥିତି ଜଟିଳ ଥିବାରୁ ରହିତାଦେଶକୁ ପୁଣି ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ଏବଂ ବିଚାରପତି ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ଯେଉଁ ମାମଲାଗୁଡ଼ିକରେ ଦଣ୍ଡ ବ୍ୟବସ୍ଥା ୭ବର୍ଷ କିମ୍ବା ତା’ଠାରୁ କମ୍ ରହିଥିବ, ସେ କ୍ଷେତ୍ରରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ତରବର ହେବ ନାହିଁ। ବରଂ ସିଆର୍‌ପିସିର ୪୧(ଏ) ଧାରାରେ ଥାନାରୁ ନୋଟିସ୍ ଦେଇ ଛାଡ଼ିଦିଆଯିବ। କିନ୍ତୁ ଯଦି ଆଇନଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ଗିରଫ କରିବା ଜରୁରୀ, ତେବେ ଗିରଫ କରାଯାଇପାରିବ। ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଏହି ଆଦେଶ ବଳବତ୍ତର ରହିବ। ସେହିଭଳି ଯଦି ହାଇକୋର୍ଟ କୌଣସି ମାମଲାରେ ଅଭିଯୁକ୍ତଙ୍କୁ ଜାମିନ୍ କିମ୍ବା ଆଗୁଆ ଜାମିନ୍ ପ୍ରଦାନ କରିଛନ୍ତି, ତେବେ ଜାମିନ୍ ଅବଧି ମଧ୍ୟ ଅଗଷ୍ଟ ୩୧ ପର୍ଯ୍ୟନ୍ତ ରହିବ। ଏହା ପାରୋଲ୍‌ରେ ଆସିଥିବା ଅଭିଯୁକ୍ତଙ୍କ କ୍ଷେତ୍ରରେ ମଧ୍ୟ ଲାଗୁ ହେବ। ସମସ୍ତ ନିମ୍ନ ଅଦାଲତ, ଟ୍ରିବ୍ୟୁନାଲ, ଜୁଡିସିଆଲ୍ ଏବଂ କ୍ୱାସି ଜୁଡିସିଆଲ୍ ସଂସ୍ଥା ଏହି ଆଦେଶ ଅନୁଯାୟୀ କାର୍ଯ୍ୟ କରିବେ ବୋଲି କୁହାଯାଇଛି।

## କବିତା

### ଭଲ ଝିଅ

କୃଷ୍ଣ କୁମାର ମହାନ୍ତି



ମାଗିଲ ବୋଲି ତ ଦେଲି।
ଟୋପାଏ ଲୁହ, ମନ
ଶେଷ ତାରାର ଗୁମର
ଆଉ
ମୋ' ବାଁ ଗାଲର ଭଉଁରୀ।
ନେଇ ନେଇ ତୁମେ କେତେ ବା ନେଲ!

ମାଟିହାଣ୍ଡିରୁ ମହୁ, ମିଠା ହସ
ଆଡ଼ ଚାହାଣି
ତଥାପି ସରିଲା ନାହିଁ !
ନେଲ ଯେ,
ନେଲାବେଳେ ଏଡ଼ିକି ବିଶ୍ୱାସ
ଦେଖିଲ ନାହିଁ କ'ଣ ଦେଲି,
ବିଷ
ନା ଅମୃତ!

କହି ବୁଲିଲ,
ଭଲ ଝିଅର ସବୁ ଭଲ:
ତା'ର ପାଦଚଲା ରାସ୍ତା, କଷଣ, ଦାନ
ଅଧରର କଳାଜାଇ।
ମାଗିଲ ବୋଲି ତ ଦେଲି
ଗହନ ଭଲପାଇବା, ଠାକୁର ଭୋଗ
ମୋର ପରମାୟୁ।
ବୁଝିଲ ନାହିଁ
କୋଉଠୁ ଆଣିଲି, କ'ଣ ଦେଲି
ଆଜି ପର୍ଯ୍ୟନ୍ତ।
ଦେଲି ନା ନେଲି ?

ମୋ: ୭୦୦୮୮୪୫୯୨୦

# ଶ୍ରୀରାଧା: ଏକ ଅସମାପ୍ତ କାହାଣୀ

**ଭାରତ-ଭାରତୀ**



ପ୍ର. ମାଳାଶ୍ରୀ ଲାଲ୍

**ବସନ୍ତ କୁମାର ଶତପଥୀ ଉତ୍ତର-ସ୍ୱାଧୀନ ଓଡ଼ିଆ କଥା-ସାହିତ୍ୟରେ ଏକ ଦେଦୀପ୍ୟମାନ ପ୍ରତିଭା। ଗଭୀର ଜୀବନବୋଧର ତଳେତଳେ ସୂକ୍ଷ୍ମ ହାସ୍ୟର ଏକ ରସଦୀପ୍ତ ପ୍ରବାହ ତାଙ୍କ ଗଳ୍ପକୁ ଭାରତୀୟ କଥା ସାହିତ୍ୟରେ ଯେଉଁ ଉଚ୍ଚତା ଆଣି ଦେଇଛି, ତା'ର ପଟାନ୍ତର ବିରଳ। ପ୍ରଫେସର ମାଳାଶ୍ରୀ ଲାଲ୍‌ଙ୍କ ଲିଖିତ ଏହି ନିବନ୍ଧଟି 'ବସନ୍ତ କୁମାର ଶତପଥୀ ସ୍ମାରକୀ ବକ୍ତୃତା' ଭାବେ ୨୬ ଜୁନ୍‌ରେ ଅନୁଷ୍ଠିତ ୱେବିନାରରେ ଉପସ୍ଥାପିତ, ଯାହାର ଚୟିତ ଅଂଶ ଏଠାରେ ପତ୍ରସ୍ଥ...**

ଅସଂଖ୍ୟ କାହାଣୀ ଭିତରେ ଯୁଗ ଯୁଗ ଧରି କୃଷ୍ଣଙ୍କର ଅନୈସର୍ଗିକ ସଖୀ ଥିବା ରାଧାଙ୍କର ପରିଚୟ କ'ଣ ?'' ସଂସ୍କୃତ କବି ବିଦ୍ୟାଙ୍କର ଏକ କବିତାରେ 'ରାଧା' ନାମର ପ୍ରଥମ ଉଲ୍ଲେଖ ଦେଖିବାକୁ ମିଳେ। 'ମହାଭାରତ' (ଖ୍ରୀ.ପୂ. ୩୦୦-ଖ୍ରୀ. ୩୦୦) ଓ 'ହରିବଂଶ' (ଖ୍ରୀ. ୪୦୦)ରେ କୃଷ୍ଣଙ୍କର ବହୁ ନାମହୀନ ଗୋପୀଙ୍କ ସହ ଲୀଳା ରଚନାର ସୂଚନା ଥିଲେ ମଧ୍ୟ 'ରାଧା'ଙ୍କ ସମ୍ପର୍କରେ କୌଣସି ସ୍ପଷ୍ଟ ଉଲ୍ଲେଖ ନାହିଁ। ଦ୍ୱାଦଶ ଶତାବ୍ଦୀରେ ରଚିତ ଜୟଦେବଙ୍କ ଦ୍ୱାଦଶ ସର୍ଗ ବିଶିଷ୍ଟ ଲାଳିତ୍ୟଭରା କାବ୍ୟ 'ଗୀତଗୋବିନ୍ଦ'ରେ ରାଧା ଏକ ମୁଖ୍ୟ ଚରିତ୍ର ଓ କୃଷ୍ଣଙ୍କ ସହ ତାଙ୍କ ରାସଲୀଳା ଏଥିରେ ବର୍ଣ୍ଣିତ। ଜଣେ ନାରୀବାଦୀ ଭାବେ ମୁଁ ଏକଥା କହିବାକୁ ଚାହେଁ ଯେ କେବଳ କୃଷ୍ଣଙ୍କ ସହ ସମ୍ପର୍କ ଥିବା ପର୍ଯ୍ୟାୟ ଭିତରେ ହିଁ ରାଧାଙ୍କର ଚିତ୍ରଣ ସୀମିତ। ଏହି ନୀଳବର୍ଣ୍ଣ ଈଶ୍ୱରଙ୍କ ସହ ସମ୍ପର୍କ ପୂର୍ବରୁ ବା ପରେ ତାଙ୍କର ଆଦୌ ସ୍ଥିତି ହିଁ ନାହିଁ। ରାଧାଙ୍କର ବାଲ୍ୟକାଳ ବା ବୃଦ୍ଧାବସ୍ଥା ବିଷୟରେ ହୁଏତ କିଛି ଅନାଲୋଚିତ ଅସମାପ୍ତ କାହାଣୀ ଥାଇପାରେ।

ଲକ୍ଷ୍ୟ କରାଯାଇପାରେଯେ ତାଙ୍କର ଜନ୍ମସ୍ଥାନ କୁହାଯାଉଥିବା ବରସାନା(ଉତ୍ତରପ୍ରଦେଶ)ର ପରିବର୍ତ୍ତିତ ଭୌଗୋଳିକ ପୃଷ୍ଠଭୂମିରେ ହିଁ ପ୍ରେମ ବିରହିଣୀ ରାଧା ତିଷ୍ଠି ରହିଛନ୍ତି। ଲୋକକଥା ଅନୁଯାୟୀ ଏଠାରେ ଥିବା ପାଞ୍ଚ ହଜାର ବର୍ଷ ତଳର ପୁରୁଣା ମୂଳ ମନ୍ଦିରଟି ଏବେ ବିଲୁପ୍ତ। ବର୍ତ୍ତମାନର 'ରାଧାରାଣୀ ମନ୍ଦିର' ଚୈତନ୍ୟ ମହାପ୍ରଭୁଙ୍କ ପଞ୍ଚଶିଷ୍ୟ ନାରାୟଣ ଭଟ୍ଟଙ୍କ ଦ୍ୱାରା ୧୫୪୫ ମସିହା ପାଖାପାଖି ସ୍ଥାପିତ।

କୃଷ୍ଣଙ୍କ ସହ ସମ୍ପର୍କକୁ ବାଦ୍‌ଦେଲେ ଯେମିତି ରାଧାଙ୍କ ବିଷୟରେ ପ୍ରାୟତଃ କିଛି ଜଣାଯାଏ ନାହିଁ, ସେମିତି 'ଗୀତଗୋବିନ୍ଦ'କୁ ବାଦ୍ ଦେଲେ ଜୟଦେବଙ୍କ ଅନ୍ୟ ରଚନା ବିଷୟରେ ମଧ୍ୟ ବିଶେଷ ତଥ୍ୟ ନାହିଁ। ଯାହା ବି ଅଛି ତା' ମଧ୍ୟ ସଂଶୟପୂର୍ଣ୍ଣ। ଓଡ଼ିଶାର କେନ୍ଦୁଲିଶାସନ ନା ପଶ୍ଚିମବଙ୍ଗର କେନ୍ଦୁଲି ଗ୍ରାମରେ ତାଙ୍କ ଜନ୍ମ- ଏହାକୁ ନେଇ ଦୁଇ ରାଜ୍ୟର ଲୋକଙ୍କ ଭିତରେ ବିବାଦ ଏବେ ବି ଅତୁଟ। ଅବଶ୍ୟ କାଳଜୟୀ କାବ୍ୟ 'ଗୀତଗୋବିନ୍ଦ'ରେ ଓଡ଼ିଶାର ନୃତ୍ୟ ଓ ସଂଗୀତ ପରମ୍ପରାର ସ୍ପଷ୍ଟ ପ୍ରତିଫଳନ ଥିବାରୁ ଜୟଦେବଙ୍କ ଜନ୍ମସ୍ଥାନ ଓଡ଼ିଶା ସପକ୍ଷରେ ଥିବା ଯୁକ୍ତି ସୁଦୃଢ଼ ମନେ ହୁଏ। ବିଶ୍ୱାସ କରାଯାଏଯେ ନିଜର ନୃତ୍ୟାଙ୍ଗନା ପତ୍ନୀ ପଦ୍ମାବତୀଙ୍କୁ କଳ୍ପନା କରି ଜୟଦେବ 'ଗୀତଗୋବିନ୍ଦ'ରେ ରାଧାକୃଷ୍ଣଙ୍କ ଶୃଙ୍ଗାର ରସର ଅବତାରଣା କରିଥିଲେ। ଲେଖନୀ ଛାଡ଼ିଦେଇ କବି ସ୍ନାନ କରି ଯାଇଥିବା ବେଳେ ଭଗବାନ ନିଜେ କିପରି ଆବିର୍ଭୂତ ହେଇ କାବ୍ୟର ପ୍ରସିଦ୍ଧ ପଂକ୍ତି 'ଦେହୀ ପଦପଲ୍ଲବମୁଦାରମ୍' ଲେଖିଦେଇଥିଲେ, ତାହାର ପୁନରାବୃତ୍ତି ଅନାବଶ୍ୟକ।

**ପ୍ରେମିକା ରାଧା:**

ସରସ୍ୱତୀ ଓ ଲକ୍ଷ୍ମୀଙ୍କ ଆବାହନରେ 'ଗୀତଗୋବିନ୍ଦ'ର ଆରମ୍ଭ ହୋଇ ରାଧା-କୃଷ୍ଣଙ୍କ ଆଦର୍ଶ ପ୍ରେମରେ ତାର ଯାତ୍ରା ଜାରି। ପ୍ରେମିକା ଭାବେ ରାଧା ଖୁବ୍ ଉଗ୍ର, ଯିଏ ପିତୃକୈନ୍ଦ୍ରିକ ଶୃଙ୍ଖଳାର ସବୁ ସୀମାରେଖା ଉଲ୍ଲଂଘନ କରିପାରନ୍ତି। ବିବାହ ନାମକ ଅନୁଷ୍ଠାନ ଓ ତତ୍‌ସଂଲଗ୍ନ ଅନେକ ବିଚାରଧାରାକୁ ବେଖାତିର କରନ୍ତି। କୃଷ୍ଣଙ୍କଠାରୁ ସେ ବୟସରେ ବଡ଼ ଏବଂ ତାଙ୍କର ସମ୍ପର୍କୀୟା। ସେ ସେତେବେଳକୁ ଅୟନର ପତ୍ନୀ। କିନ୍ତୁ ସ୍ୱାମୀ, ଶାଶୁ ତଥା ସମାଜର ଦୃଷ୍ଟି ଏଡ଼ି ଦେଇ ଘରଦ୍ୱାର ଛାଡ଼ି ରାଧା ବାରମ୍ବାର ତାଙ୍କ ପ୍ରେମିକ ଉଦ୍ଦେଶ୍ୟରେ ଅଭିସାର ରଚନ୍ତି। ଗୋଟେ ରୋମାଣ୍ଟିକ ପ୍ରେମର ସାମାଜିକ ଚିତ୍ରଣ ସହ ଦେହ ଓ ଆତ୍ମାର ଆଧ୍ୟାତ୍ମିକ ମିଳନକୁ ନେଇ କାହାଣୀଟି ଗତିଶୀଳ। 'ଶ୍ରୀରାଧା' କବିତାରେ କବି ରମାକାନ୍ତ ରଥ ପାରମ୍ପରିକ ସାହିତ୍ୟ ପ୍ରଦାନ କରି ଆସିଥିବା ଚିତ୍ରରୁ ରାଧାଙ୍କୁ ମୁକ୍ତିଦେଇ ନିଜର ପରିଚୟ ଖୋଜୁଥିବା ଜଣେ ନାରୀଭାବେ ଉପସ୍ଥାପନା କରିଛନ୍ତି।

**ଲିଙ୍ଗ ବିଚାର ଓ ରାଧା:**

ତେବେ ପୌରାଣିକ ଆଖ୍ୟାୟିକାକୁ ବିକୃତ ନ କରି ଆଧୁନିକ ପାଠ୍ୟାଲୋଚନା ରାଧାକୃଷ୍ଣ କାହାଣୀକୁ ନାରୀ ଓ ପୁରୁଷ ମଧ୍ୟରେ ଶକ୍ତି-ସନ୍ତୁଳନର ଏକ ଅମର ଉପାଖ୍ୟାନ ଭାବେ ଉପସ୍ଥାପିତ କରିପାରିବ କି ? କଳା-ଐତିହାସିକ ଅଳକା ପାଣ୍ଡେଙ୍କ ପ୍ରବନ୍ଧ 'ବିକମିଙ୍ଗ୍ ରାଧା' ହେଉଛି ଏହି ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ। କିମ୍ବଦନ୍ତୀ କହେ ଯେ କୃଷ୍ଣଙ୍କ ଦୁଷ୍ଟାମି ସହି ନପାରି ଗୋକୁଳର ନାରୀମାନେ ତାଙ୍କୁ ସ୍ତ୍ରୀ ବେଶରେ ସଜେଇ ପ୍ରତିଶୋଧ ନେବାକୁ ଚିନ୍ତା କଲେ। କୃଷ୍ଣଙ୍କ ହାତରେ ଅଳତା ଲଗେଇ ତାଙ୍କୁ ଘାଘରା-ଚୋଲି ପିନ୍ଧେଇଦେଲେ। ଗୋପୀମାନଙ୍କ ଉପରେ ରାଗିବା ପରିବର୍ତ୍ତେ ଏଥିରେ କିନ୍ତୁ କୃଷ୍ଣ ଖୁସି ହେଇ ନିଜକୁ ଗହଣା ପିନ୍ଧେଇ ଶୃଙ୍ଗାର କରିଦେବାକୁ ଗୋପୀମାନଙ୍କୁ ଉତ୍ସାହିତ କଲେ। ଅଳକା କହନ୍ତି- ''ଭାରତୀୟ ସାହିତ୍ୟରେ ଷୋହଳ ଶୃଙ୍ଗାର ଗୋଟେ ନାରୀର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହିତ ପ୍ରେମିକ ଉଦ୍ଦେଶ୍ୟରେ ତା'ର ସମର୍ପଣର ମଧ୍ୟ ସୂଚକ।''



ବସନ୍ତ କୁମାର ଶତପଥୀ

**ପରିବେଶବିତ୍ ରାଧା:**

ପରିବେଶବିତ୍ ରାଧାଙ୍କ ବିଷୟରେ କହିଲାବେଳେ ମୁଁ ମନେ ପକେଇଦେବାକୁ ଚାହେଁ ଯେ ବସନ୍ତ ଶତପଥୀଙ୍କର ଅନେକ ଗଳ୍ପରେ ସାଧାରଣ ମଣିଷ, ତା'ର ପରିବେଶ, ପଶୁ ଓ ପକ୍ଷୀଙ୍କ ସହ ସମ୍ପର୍କ ବିଷୟରେ ବହୁ ଉଲ୍ଲେଖ ରହିଛି। କରୋନା ସଙ୍କଟ ଜନିତ ଲକ୍‌ଡାଉନରେ ଥିବାବେଳେ ଆମେ ଆଜି ପାରିବେଶିକ ସଂହତିର ତାତ୍ପର୍ଯ୍ୟକୁ ପୁଣି ଥରେ ଆବିଷ୍କାର କରୁଛୁଁ।

'ଗୀତଗୋବିନ୍ଦ'ରେ ବର୍ଣ୍ଣିତ ରାଧା-କୃଷ୍ଣଙ୍କ ପ୍ରେମକାହାଣୀ ପ୍ରକୃତି କୋଳରେ ହିଁ ସଂଘଟିତ ହୋଇଛି। ରାଜସ୍ଥାନୀ କଳା-ସଂସ୍କୃତି ବିଷୟରେ ସୂଚନା ଦେଇ ଡ. କପିଳା ବାତ୍ସାୟନ କହନ୍ତିଯେ, ମୃଗ ନୟନା ରାଧା ଏବଂ ମୃଗ, କୋଇଲି, ଭ୍ରମର ଓ ମୟୂରର ଚିତ୍ର-ସଂକେତ ସବୁ ପ୍ରେମିକମାନଙ୍କର ଆବେଗ ପାଇଁ ମେଟାଫର୍ ଭାବେ ବ୍ୟବହୃତ। ମଧ୍ୟଯୁଗୀୟ କବି ନନ୍ଦ ଦାସଙ୍କ କବିତା 'ଭ୍ରମର ଗୀତ'ରେ ମଧ୍ୟ କୃଷ୍ଣଙ୍କର ସନ୍ଦେଶ ବାହକ ଉଦ୍ଧବଙ୍କୁ କ୍ଷୁବ୍ଧା ଗୋପୀମାନେ 'ଭ୍ରମର' ବୋଲି ଆକ୍ଷେପ କରିଛନ୍ତି। ରବୀନ୍ଦ୍ରନାଥ ଟାଗୋରଙ୍କ 'ଭାନୁ ସିଂହେର ପଦାବଳୀ'ରେ 'ସଜନୀ ସଜନୀ ରାଧିକା..' ଭଳି ସ୍ମରଣୀୟ ଗୀତ ରହିଛି। ଡ. ସୋନାଲ୍ ମାନସିଂହ ପ୍ରକୃତି ସହ ରାଧାଙ୍କ ସମ୍ପର୍କକୁ ନେଇ 'ଅଷ୍ଟପଦୀ' ମାଧ୍ୟମରେ ଅନେକ ସ୍ମରଣୀୟ ଅଭିନୟ କରିଛନ୍ତି। ସେ କହନ୍ତି ''ଆମର ପୁରାଣ ପୁରୁଷକୈନ୍ଦ୍ରିକ ହୋଇଥିବା ସତ୍ତ୍ୱେ ରାଧାଙ୍କ ପାଦପାଖରେ ବସି କୃଷ୍ଣ ପ୍ରେମଭିକ୍ଷା କରୁଥିବାର ଦୃଶ୍ୟ ଖୁବ୍ ଅଭିନବ।'' (ହିନ୍ଦୁସ୍ତାନ ଟାଇମ୍‌ସ, ୧୮ ମାର୍ଚ୍ଚ ୨୦୦୮)

**ରାଧାଙ୍କ ଅସମାପ୍ତ କାହାଣୀ:**

ନମିତା ଗୋଖଲେ ଓ ମୁଁ ଅନେକତ୍ର ଆଲୋଚନା କରିଛୁଁଯେ ଭାରତର ପୁରାଣମାନ ଅତ୍ୟନ୍ତ ଜୀବନ୍ତ, ଯେଉଁଠି ବିଭିନ୍ନ ପ୍ରକାରର ବ୍ୟାଖ୍ୟା, ଉଦ୍ଭାବନ ଓ ପରିବର୍ତ୍ତନ ଉତ୍ସାହିତ। ରାଧା ତହିଁର ଏକ ଉଦାହରଣ ମାତ୍ର। ବିଦ୍ୟା, ଜୟଦେବ, ସୁରଦାସ, ଚୈତନ୍ୟ, ବିଦ୍ୟାପତି, ବଳରାମ ଦାସ ଏବଂ ଆହୁରି ଅନେକଙ୍କଠାରୁ ଆରମ୍ଭ କରି ରମାକାନ୍ତ ରଥ ଓ ଧରମବୀର ଭାରତୀଙ୍କ ପର୍ଯ୍ୟନ୍ତ ରାଧା ସବୁବେଳେ ପ୍ରାସଙ୍ଗିକ ଥିଲେ, ଅଛନ୍ତି ଓ ରହିଥିବେ ମଧ୍ୟ।

ମୂଳ ଇଂଲିଶ୍‌ର ଓଡ଼ିଆ ରୂପାନ୍ତର: ହରେକୃଷ୍ଣ ଦାସ
ମୋ:୯୮୬୧୩୪୫୬୭୫୮

## କାଳ କାଳକୁ



''ବହି ଓ ସବୁ ପ୍ରକାରର ଲେଖା ସେଇମାନଙ୍କ ପାଇଁ ଆତଙ୍କ, ଯେଉଁମାନେ ସତ୍ୟକୁ ଦବେଇ ଦେବାକୁ ଚାହାନ୍ତି।''
-ୱଲେ ସୋୟିଙ୍କା

ୱଲେ ସୋୟିଙ୍କାଙ୍କ ଜନ୍ମ ୧୩ ଜୁଲାଇ ୧୯୩୪ରେ ନାଇଜେରିଆର ଆବିଓକୁଟାରେ। ନାଇଜେରୀୟ ନାଟ୍ୟକାର, କବି ଓ ନିବନ୍ଧକାର ସୋୟିଙ୍କାଙ୍କ ପ୍ରସିଦ୍ଧ ନାଟକ ମଧ୍ୟରୁ କେତୋଟି ହେଲା: ''ଦ' ଲାୟନ୍ ଆଣ୍ଡ୍ ଦ' ଜୁଏଲ୍'' (୧୯୬୨), ''ମ୍ୟାଡ୍‌ମ୍ୟାନ୍ ଆଣ୍ଡ ସ୍ପେଶିଆଲିଷ୍ଟ୍‌ସ୍'' (୧୯୭୧), ''ଡେଥ୍ ଆଣ୍ଡ୍ ଦ' କିଙ୍ଗ୍‌ସ'' (୧୯୭୫) ଓ ''ଏ ପ୍ଲେ ଅଫ୍ ଜାଏଣ୍ଟସ'' (୧୯୮୪)। ୧୯୮୬ରେ 'ନୋବେଲ୍ ପୁରସ୍କାର' ଦ୍ୱାରା ଏହି ଲେଖକ ସମ୍ମାନିତ।

## କଞ୍ଜୁସ୍

ଗଳ୍ପ

ସତ୍ୟ ରଞ୍ଜନ ମିଶ୍ର



ଗଲାବର୍ଷ ବାପାଙ୍କୁ କହିଲି, ''ଝାଳ ଲାଗି ଲାଗି ମାଟିଆ ହେଇଯାଇଥିବା ତମ ସାର୍ଟ କୋଲାରଟା ଧୀରେ ଧୀରେ ଛିଡ଼ିବାକୁ ଲାଗିଲାଣି। ନୂଆଟେ ଆଣୁନ ?''

ବାପା କହିଲେ, ''ଅଛି ତ, ପୂରାପୂରି ଛିଡ଼ିକି ତ ବାହାରି ଯାଇନି। ଏତେ ଚିନ୍ତା କାହିଁକି ? ପଇସାପତ୍ର ନାହିଁ, ପରେ ଆଣିବା।''

ମୁଁ ଭାବିଲି, ଏମିତି କଞ୍ଜୁସ ଲୋକ, ସାର୍ଟ ଖଣ୍ଡେ କିଣିବାକୁ ପଇସା ନାହିଁ...!

ଦିନେ ପୁଣି ଥରେ କହିଲି, ''ବାପା, ତୁମ ସ୍ଲିପର ଚପଲର ବୁଢ଼ାଆଙ୍ଗୁଠି ତଳଟା ଘୋରି ହେଇ ହେଇ ସେଠି ଏକାଦଶୀ ଚାନ୍ଦ ପରି ଗୋଟେ କଣା ହେଇଗଲାଣି। ନୂଆ ଚପଲ ହଳେ ଆଣୁନ ?''

ବାପା କହିଲେ, ''ସିଏ ତ ପାଦ ତଳେ ରହିଲା। କିଏ ଦେଖୁଛି ତାକୁ। ପଇସା ନାହିଁ, ପରେ ଆଣିବା...।''

ମୁଁ ପୁଣି ଭାବିଲି, ଚପଲହଳେ ପାଇଁ ବି ପଇସା ନାହିଁ ?... ଏତେ କଞ୍ଜୁସୀ!

ଶେଷରେ ଦିନେ ହତାଶ ସ୍ୱରରେ କହିଲି, ''ବାପା, ବେଲଣାରେ ବେଲି ସାରିଥିଲି... ଆଉ ଗଲାଥର ମଝିରୁ କାଟିକି ଲଗେଇଥିଲ ଯେ ସେଭିଙ୍ଗ୍‌କ୍ରିମ୍ ପ୍ୟାକେଟ୍‌ର ଅଗଟା ଶୁଖିକି ପଥର ପାଲଟିଯାଇଛି। ନୂଆ କ୍ରିମ୍ ଆଣିବନି ?''

ବାପା ବିରକ୍ତ ହେଇ କହିଲେ, ''ଓହୋ, ତୁ କାହିଁ ବ୍ୟସ୍ତ ହଉଛୁ ? କ୍ରିମ୍ ସରୁ, କ'ଣ ହେଇଗଲା ? ଘରେ ସାବୁନ ପରା ଅଛି।''

ମୁଁ ମନେମନେ ରାଗିକି ଭାବୁଥାଏ, କ'ଣ କ୍ରିମ୍‌ଟାଏ ପାଇଁ ପଚାଶଟଙ୍କା ବି ବାପାଙ୍କ ପାଖରେ ନାହିଁ ?...ପକା କଞ୍ଜୁସ ଇଏ ଆଉ !!

ଏ ବର୍ଷ ଫେବୃୟାରୀରେ ବାପାଙ୍କୁ କହିଲି, ''ବାପା, ସିନିୟରଙ୍କୁ ଫେୟାରୱେଲ ଦେବାପାଇଁ ସାଙ୍ଗମାନେ ପାଞ୍ଚଶହ ଟଙ୍କା ମାଗୁଛନ୍ତି।''

ବାପା ସଙ୍ଗେ ସଙ୍ଗେ ହସିଦେଇ କହିଲେ, ''ପାଞ୍ଚଶହ ତ, ହଉ, କାଲି କଲେଜ ଗଲାବେଳେ ନେଇଯିବୁ।''

ମୁଁ ଆଶ୍ଚର୍ଯ୍ୟ ହେଇ ଭାବିଲି, ଆରେ... ଏ ସେଇ କଞ୍ଜୁସ୍ ଲୋକ ତ ? ଯାହାଙ୍କ ପାଖରେ ଗୋଟେ ସେଭିଙ୍ଗକ୍ରିମ୍ କିଣିବାକୁ ପଚାଶ ଟଙ୍କା ନ ଥିଲା...!

କିଛି ଦିନପରେ ନରମ ସ୍ୱରରେ ବାପାଙ୍କୁ କହିଲି, ''ବାପା, କଲେଜରେ ରିଆଡ଼ମିଶନ ପାଇଁ ଦେଢ଼ହଜାର ଟଙ୍କା ଦରକାର ହବ ?''

ଆଶ୍ୱାସନା ଦେଇ କହିଲେ, ''ଦେଢ଼ହଜାରଟି ? ହଁ ବା, ହବନି କାହିଁକି! ଯୋଉ ତାରିଖରେ ଦରକାର ନେଇଯିବୁ।''

ମୁଁ ବିଶ୍ୱାସ କରିପାରୁ ନ ଥାଏ, ମୋ' ଆଗରେ ଏ ସେଇ କଞ୍ଜୁସ ଲୋକଟି ଯାହାଙ୍କ ପାଖରେ ହଳେ ଚପଲ କିଣିବାକୁ ଦେଢ଼ଶହ ଟଙ୍କା ନଥିଲା...

ଆଡ଼ମିଶନ ସରିଲା ପରେ ପୁଣି ଛକିଛକି ହେଇ ବାପାଙ୍କୁ କହିଲି, ''ବାପା, ନୂଆ ସେମିଷ୍ଟର ପାଇଁ ବହିଖାତା କିଣିବାକୁ, ଆଉ ଗତ ସେମିଷ୍ଟରର ଟ୍ୟୁସନ ପଇସା ଦେବାକୁ ପାଞ୍ଚ ହଜାର ଟଙ୍କା ଦରକାର। ଟଙ୍କା ଦେବ ?

ବାପା ଟିକେ ଗମ୍ଭୀର ହେଇଯାଇ ପୁଣି ମୋ' ପିଠିରେ ହାତ ରଖି କହିଲେ, ''ପାଞ୍ଚ ହଜାର ? ହଉ, ବ୍ୟସ୍ତ ହଅନା ମୁଁ ବ୍ୟବସ୍ଥା କରିଦେବି। ସୋମବାର ନେଇଯିବୁ, ହେଲା।''

ମୁଁ ନିଜ ହାତକୁ ଚିମୁଟି ଭାବୁଥାଏ, ''ମୁଁ ଆଉ ସ୍ୱପ୍ନ ଦେଖୁନି ତ... ଏ କଞ୍ଜୁସ୍ ଲୋକଙ୍କ ପାଖରେ ତ ଖଣ୍ଡେ ସାର୍ଟ କିଣିବାକୁ ପାଞ୍ଚଶହ ଟଙ୍କା ନ ଥିଲା, ଆଉ ଏବେ ପାଞ୍ଚ ହଜାର ?''

ଭାବିଲି, ଏକା ମୋ' ବାପା ନା ସବୁ ବାପାମାନେ ବି ଠିକ୍ ଏମିତି!!

ମୋ: ୮୭୫୮୪୧୨୭୮୩

## ପୁସ୍ତକ ପରିଚୟ

### ଅଦ୍ୱିତୀୟ ଶ୍ରୀ ଜଗନ୍ନାଥ



ସଂ. ପୀତବାସ ରାଉତରାୟ
ପ୍ରକାଶକ: ମହାବୀର ପ୍ରକାଶନ, ଭୁବନେଶ୍ୱର-୯
ପ୍ରଥମ ପ୍ରକାଶ: ୨୦୨୦,
ମୂଲ୍ୟ: ଟ. ୩୦୦/-

ଆଲୋଚ୍ୟ ଗ୍ରନ୍ଥର ସମ୍ପାଦକୀୟ ସମ୍ଭାଷଣରେ ସଂପାଦକ ଲେଖିଛନ୍ତି ଶ୍ରୀଜଗନ୍ନାଥଙ୍କୁ ନେଇ ଜାତୀୟ ବିଶ୍ୱାସର ଅନେକ କାହାଣୀ- ଯେପରି ଶ୍ରୀମନ୍ଦିରର କଳ୍ପବଟ, ଯାହା ଆମ ଅଖଣ୍ଡ ବିଶ୍ୱାସର ପ୍ରତୀକ, ତାହାର ଡାଳ କିପରି ଫନୀ ମହାବାତ୍ୟାରେ ଭାଙ୍ଗିଯାଇ ପୁଣି ସ୍ୱଳ୍ପ ସମୟ ବ୍ୟବଧାନରେ କଅଁଳି ଉଠିଛି। କେମିତି ଜୟ-ବିଜୟ ମୂର୍ତ୍ତି ଭାଙ୍ଗିଯାଇ ପୁଣି ପୁନଃ ପ୍ରତିଷ୍ଠିତ ହୋଇଛି। 'ଅଚିନ୍ତନୀୟ ଶ୍ରୀଜଗନ୍ନାଥ'ର ପ୍ରକାଶନ ପରେ ପ୍ରକାଶ ପାଇଛି 'ଅଦ୍ୱିତୀୟ ଶ୍ରୀଜଗନ୍ନାଥ'। ଏଥିରେ ଅନନ୍ୟ ଭକ୍ତ ଦୀନକୃଷ୍ଣ, ବିଶର ମହାନ୍ତି ଓ ନୀଳାମ୍ବରଙ୍କ ସମ୍ପର୍କରେ ସୁଚିନ୍ତିତ ଲେଖା ଅଛି। ଅଛି କନ୍ଧଭାଷାରେ ଶ୍ରୀଜଗନ୍ନାଥ ଜଣାଣ, ଶ୍ରୀ ଅଭେଦ୍ୟ ବଜ୍ର କବଚ ଉଚ୍ଚାରଣ, ମଠ ପରମ୍ପରାର ସ୍ୱତନ୍ତ୍ର ଉପସ୍ଥାପନ, ଦୁଇ ମଠ ପରିଚାଳକ ସଚ୍ଚିଦାନନ୍ଦ ଦାସ ମହାରାଜ ଓ ଚୈତନ୍ୟ ଚରଣ ଦାସ ମହାରାଜଙ୍କ ସ୍ମୃତିଚାରଣ ଆଦି ବହୁ ତଥ୍ୟ।

### ସତୀର୍ଥ ସମୟ



କବି: ଡ. ଦୁର୍ଯ୍ୟୋଧନ ଦାସ
ପ୍ରକାଶକ: ଓଡ଼ିଶା ବୁକ୍ ଏମ୍ପୋରିୟମ, କଟକ-୨
ପ୍ରଥମ ପ୍ରକାଶ: ୨୦୧୮,
ମୂଲ୍ୟ: ଟ. ୧୦୦/-

'ସତୀର୍ଥ ସମୟ' ପୁସ୍ତକର ଆରମ୍ଭରେ ଥିବା ଗଦ୍ୟ ଲେଖାଟି କବିଙ୍କ ଦାର୍ଶନିକ ଦୃଷ୍ଟିର ଯେଉଁ ପରିଚୟ ଦିଏ, ତାହା ଗ୍ରନ୍ଥସ୍ଥ କବିତାଗୁଡ଼ିକ ଭିତରକୁ ପଶିବା ପାଇଁ ପାଠକଙ୍କୁ ଆବେଗତାଡ଼ିତ କରେ। ସମୟ ତାଙ୍କର ସତୀର୍ଥ ଓ ସେଇ ସମୟର ନାନା ସ୍ପନ୍ଦନକୁ ସେ ତାଙ୍କ ନିଷ୍କପଟ ଅଭିବ୍ୟକ୍ତିରେ ବହି ତମାମ୍ ରୂପ ଦେଇଛନ୍ତି। 'ସତୀର୍ଥ ସମୟ' ଶୀର୍ଷକ କବିତାର ପଙ୍‌କ୍ତିଟିଏ ଏହିପରି- ''ମୋ' ପାଇଁ ସେ ଯୋଗୀ ବେଶେ/ ଦ୍ୱାରେ ଦ୍ୱାରେ ପ୍ରୀତି ଭିକ୍ଷା କରେ/ ଚୁମାଦିଏ ବାଘୁଣୀ ଅଧରେ:/ରାଜି କରେ ତାପସୀଙ୍କୁ/ ଭଜିବାକୁ ରତି ମନ୍ତ୍ର/ବିହ୍ୱଳ ବନ୍ଧରେ।'' (ପୃ-୩୦) ଅନୁଭବ ଓ ଅନ୍ତର୍ଦୃଷ୍ଟି ଗ୍ରନ୍ଥରେ ସ୍ଥାନିତ କବିତାଗୁଡ଼ିକୁ ଉତ୍ତରଣମୁଖୀ କରାଇଛି। ମୃତ୍ୟୁ ଓ ଜୀବନର ଅଭେଦ ତତ୍ତ୍ୱ କବିତାରେ ବିଜ୍ଞାନ ଓ ପରାବିଜ୍ଞାନକୁ ସମନ୍ୱିତ କରିଛି।

# କବିତା ଥାଇ ନ ଥିବାର ଏକ ଶାବ୍ଦିକ ଖେଳ...

**ସୃଜନ-ସ୍ମୃତି**



ପ୍ରବାସିନୀ ମହାକୁଡ଼

**ପ୍ରବାସିନୀ ମହାକୁଡ଼ ଉତ୍ତର-ଅଶୀ ଓଡ଼ିଆ କବିତାରେ ଏକ ପରିଚିତ ନାମ। ତାଙ୍କର ବହୁ କବିତାରେ ପ୍ରସଙ୍ଗ ହୋଇଥାଏ ତାଙ୍କ ନିଜର ସୁଖଦୁଃଖ। ଓଡ଼ିଆ କବିତାର ପରମ୍ପରାରେ ସେ କିପରି ଯୋଡ଼ିଛନ୍ତି ତାଙ୍କ ନିଜସ୍ୱ ନୂତନତା, ଆଉ କିଏ କାହିଁକି- କହିଲେ କହି ପାରିବ ସେ ଲେଖିଥିବା କବିତା...**

ବେଳେବେଳେ ମନେହୁଏନିକି କବିତା ଲେଖିବା ଜମ୍ମାରୁ କଷ୍ଟକର ନୁହେଁ ବା କବିତା ଲେଖିବା ଖୁବ୍ ସହଜ! କଷ୍ଟକର ଓ ସହଜ ଏ ଉଭୟର ଊର୍ଦ୍ଧ୍ୱରେ ଆଉ ଗୋଟେ କଥା ଥାଏ-ଆବେଗଜନିତ ମାନସିକତା। ଏ ଆବେଗର ଶୁଦ୍ଧତା ପ୍ରତି ମୁଁ ସନ୍ଦିହାନ କେବେ ବି ନ ଥିଲି। କବିତା ଲେଖିଲାବେଳେ ମୁଁ ମୋ' ଭିତରେ ନ ଥାଏ। ମୋ' ନିଜ ଆଖପାଖରେ ବି ନ ଥାଏ। ଥାଇ ନ ଥିବାର ଏକ ଶାବ୍ଦିକ ଖେଳ ଭିତରେ ମୁଁ ମାତିଥାଏ- କାଗଜ, କଲମ, ପରିବେଶ, ଜୀବନ ଓ କବିତା ସହ ସମ୍ପର୍କ ଥିବା ଆହୁରି ଅନେକ କିଛି ସହ। ମୋ' ଅନୁଭବ, ମୋ' ଅନୁଭୂତି, ମୋ' ଜୀବନ ବଞ୍ଚିବାର ଶୈଳୀ ମୋତେ ଅନ୍ୟ ସହ ଆକର୍ଷଣଠୁଁ ଅଲଗା କରିଦିଏ। କେବେ କବିତା ଜଡ଼ିତ ମୋର ପିଲାଦିନ, ନିରୀହ କୈଶୋର ତ ଆଉ କେବେ ଅନୁଭୂତିରେ ଜଡ଼ିତ ଜୀବନର ଡାଏରୀ, କେଉଁ ପୃଷ୍ଠା ଲୁହର କେଉଁ ପୃଷ୍ଠା ଲହୁର, କେଉଁ ପୃଷ୍ଠା ବୁନ୍ଦାଏ ଶୋଷରେ ଜଳିଯାଇଥିବା ଅବଶେଷର। ହଁ ମୋ' ଅନୁଭବକୁ ନେଇ ମୁଁ ବେଶ୍ ବିଶ୍ୱସ୍ତ କବିତାର ଜୀବନରେ। ଏଠି କବିତା ଶୁଦ୍ଧ ହେବାକୁ ବୋଧେ ବାଧ୍ୟ, କାରଣ ମୋ' ଅନୁଭୂତିର ଅର୍କରୁ ହିଁ ଏଇ କବିତାମାନେ ଆସନ୍ତି।

ମୁଁ ସେଇ କବିସତ୍ତା ଯିଏ ଏ ଯାଏ କେବଳ ଖୋଜିଆସିଛି ସୂର୍ଯ୍ୟରୁ ଆଲୋକ, ଫୁଲରୁ ସୁଗନ୍ଧ, ଜହ୍ନରୁ ସ୍ନିଗ୍ଧତା, ଜୀବନରୁ ଦୁଃଖ, ଓଠରୁ ଶୋଷ, ଆଖିରୁ ଲୁହ ଆଉ ଏ ସବୁ ଉପରେ ଜୀବନରୁ ମୃତ୍ୟୁକୁ। ମୋ' ପାଇଁ କବିତା କହିଲେ- ଭଲ କବିତାଟିଏ କେଉଁଦିନ ଯଦି ଲେଖିପାରେ ସେ ଦିନଟି ହେବ ମୋ' ପାଇଁ ସଫଳତାର ଦିନ। ଯେଉଁଦିନ ଭଲ କବିତାଟିଏ ଲେଖିପାରେନି, ମୋ' ପାଇଁ ସେ ଦିନଟି ବିଫଳତାର ଦିନ। ଆମେ ଜାଣୁ ପ୍ରତ୍ୟେକ ସଫଳତା ପଛରେ ବିଫଳତା ପ୍ରାୟ ଥାଏ (ଅବଶ୍ୟ ରହିବା ନିହାତି ଜରୁରୀ ନୁହେଁ) ମୁଁ ବହୁତ କମ୍ ଲେଖେ, ପଢ଼େ ବେଶି। ଅଶ୍ରୁ ଓ ନିଆଁର ଖେଳରେ କିଛି ଗୋଟେ ଖୋଜିଲାବେଳେ ବାରମ୍ବାର କୁହେ ''ଖୋଜୁଥିବାଟା ଜୀବନ, ପାଇଯିବା ମରିଯିବା ପରି।''

ମୁଁ ଲେଖେ, କାରଣ କବିତା ଲେଖିବା ଓ କବିତାରେ ବଞ୍ଚିବା ବ୍ୟତୀତ ଆଉ କିଛି କରିପାରେନି। ମୋତେ କଷ୍ଟ ଦେଉଥିବା ମାନସିକ ଆବେଗମାନଙ୍କ ପାଖରୁ ମୁକ୍ତି ପାଇବାର ମାଧ୍ୟମ ହେଉଛି କବିତା।

ମୋ: ୭୦୦୮୩୧୦୨୬୮



ବିଗ୍ ବି'ଙ୍କଠାରେ କରୋନା ଲକ୍ଷଣ ପ୍ରକାଶ ପାଇବା ପରେ ସେ ଚିକିତ୍ସିତ ହେଉଛନ୍ତି। ତାଙ୍କ ପୁତ୍ର ଅଭିଷେକ ବଚ୍ଚନ, ପୁତ୍ରବଧୂ ଐଶ୍ବର୍ଯ୍ୟା ରାୟ ବଚ୍ଚନ ଏବଂ ନାତୁଣୀ ଆରାଧ୍ୟାଙ୍କଠାରେ ମଧ୍ୟ କରୋନା ଲକ୍ଷଣ ପ୍ରକାଶ ପାଇଛି। ବଚ୍ଚନ ପରିବାର ସଦସ୍ୟଙ୍କ ଆରୋଗ୍ୟ କାମନା କରି ମୁମ୍ବାଇର ରାଜରାସ୍ତାରେ ଜଣେ ପେଣ୍ଟର ପେଣ୍ଟିଂ କରି ନିଆରା ଢ଼ଙ୍ଗରେ ସେମାନଙ୍କର ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ଏବେ ଏହି ପେଣ୍ଟିଂ ଗୁଡ଼ିକ ସୋସିଆଲ୍ ମିଡ଼ିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।

# ପୋଲିଓରୁ ଡିପ୍‌ଥେରିଆ ଯାଏ...

ରୋଗ ଏବଂ ମାନବସଭ୍ୟତା ସମାନ୍ତରାଳ ଭାବେ ଆଗକୁ ବଢ଼ିଚାଲିଛି। ପ୍ରତି ଶତାବ୍ଦୀରେ କୌଣସି ନା କୌଣସି ଭୟଙ୍କର ସଂକ୍ରାମକ ରୋଗ ପ୍ରାଦୁର୍ଭାବରେ ଥରହର ହୋଇଛି ପୃଥିବୀ ଏବଂ ଏଥିରୁ ମୁକୁଳିବା ଲାଗି ଉଦ୍ୟମ କରିଆସିଛି ମଣିଷ। ଏଭଳି ଛକାପଞ୍ଝା ଭିତରେ କେତେବେଳେ ରୋଗ ଜିତିଛି ତ ଆଉ କେବେ ବାଜିମାତ୍ କରିଛି ମଣିଷ। ଚିକିତ୍ସା ବିଜ୍ଞାନର ଚମତ୍କାରିତା ଯୋଗୁ ଏକଦା ମୃତ୍ୟୁର ତାଣ୍ଡବ ସୃଷ୍ଟି କରିଥିବା ଅନେକ ସଂକ୍ରାମକ ରୋଗର ଭୟ ଦୂରେଇ ଯାଇଛି।



## ରୋଗ ଉପରେ ବିଜୟ

**ନୂଆଦିଲ୍ଲୀ:** ଏକ ଅଦୃଶ୍ୟ ଭୂତାଣୁ ପ୍ରକୋପରେ ଥରହର ହେଉଛି ପୃଥିବୀ। କରୋନା ଭ୍ୟାକ୍ସିନ ବାହାର କରିବା ଲାଗି ସବୁ ଦେଶ ଉଦ୍ୟମ ଜାରି ରଖିଥିବାବେଳେ ଏଯାଏ କାହାରିକୁ ଶତ ପ୍ରତିଶତ ସଫଳତା ମିଳିନାହିଁ। ଏପରି ସଂକ୍ରାମକ ରୋଗର ପ୍ରତିଷେଧକ ବାହାର କରିବା ସହଜ କଥା ନୁହେଁ, ଏଥିପାଇଁ ଅନେକ ବର୍ଷ ବି ଲାଗିଯାଇପାରେ। 'ଇବୋଲା'ର ଭ୍ୟାକ୍ସିନ ବାହାର କରିବାକୁ ପାଖାପାଖି ୧୪ ବର୍ଷ ଲାଗି ଯାଇଥିଲା। ଥରେ ପ୍ରତିଷେଧକ ବାହାରିଯିବା ପରେ ରୋଗ ଆପେ ଆପେ ନିୟନ୍ତ୍ରଣକୁ ଆସିଯାଏ ଏବଂ ଏହି ରୋଗର ଭୟାବହତା ଧୀରେ ଧୀରେ ମାନସପଟରୁ ଗାଏବ ହୋଇଯାଏ।

**ପୋଲିଓ:** ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଆମେରିକାରେ ପରମାଣୁ ବୋମାଠାରୁ ଅଧିକ ଭୟ ସୃଷ୍ଟି କରିଥିଲା 'ପୋଲିଓ'। ୧୯୫୦ ବେଳକୁ ପୋଲିଓ ପ୍ରାଦୁର୍ଭାବରେ ଥରହର ହେଉଥିଲେ ଆମେରିକୀୟ। ଫିଲାଡେଲ୍‌ଫିଆର ଭ୍ୟାକ୍ସିନ ସେଣ୍ଟରର ବୈଜ୍ଞାନିକ ପଲ୍ ଏ. ଓଫିଟ୍ ନିଜ ପୁସ୍ତକ 'ଦି କଲ୍‌ଚର ଇନ୍‌ସିଡେଣ୍ଟ'ରେ ଏ ସମ୍ପର୍କରେ ବିଷଦ ଭାବେ ବର୍ଣ୍ଣନା କରିଛନ୍ତି। ୧୯୫୨ରେ ପିଟର୍ସବର୍ଗର ବୈଜ୍ଞାନିକ 'ଜୋନାସ ସାଲ୍କ'ଙ୍କ ଦ୍ୱାରା ପୋଲିଓ ଟିକାର ଉଦ୍ଭାବନ କରାଯାଇଥିଲା। ଏହାପରେ ଆମେରିକା ଧୀରେ ଧୀରେ ପୋଲିଓ ମୁକ୍ତ ହୋଇଥିଲା। ତେବେ ପଡ଼ୋଶୀ ପାକିସ୍ତାନରେ ଏବେ ବି ପୋଲିଓ ଭୟ ଲାଗି ରହିଛି, ଯାହାକୁ ନେଇ ଚିନ୍ତାପ୍ରକଟ କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)।

**ଟିଟାନସ୍:** ଦୁର୍ଘଟଣାରେ କ୍ଷତ ସୃଷ୍ଟି ହେଲେ ବା ଆଘାତ ଲାଗିଲେ ୨୪ ଘଣ୍ଟା ମଧ୍ୟରେ ଟିଟାନସ ଇଞ୍ଜେକ୍ସନ ନେବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି। ବିଶେଷଜ୍ଞମାନଙ୍କ କହିବା କଥା, କ୍ଷତ ହେଉ କି ନ ହେଉ ପ୍ରତି ୧୦ ବର୍ଷରେ ଜଣକୁ ଏହି ପ୍ରତିଷେଧକ ନେବା ନିହାତି ଆବଶ୍ୟକ। ପ୍ରତିଷେଧକ ବାହାରିବା ଆଗରୁ ଟିଟାନସ୍ ଏକ ପ୍ରାଣଘାତୀ ରୋଗ ଭାବେ ବିବେଚିତ ହେଉଥିଲା। ଏବେ ଶିଶୁ ଜନ୍ମ ହେବା ପରେ ଟିଟାନସ୍ ଟିକା ଦିଆଯାଉଛି। ଯେଉଁଥିରେ ଡିପ୍‌ଥେରିଆ ଏବଂ ସଂକ୍ରମଣଜନିତ କାଶ ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁଛି।

**ଚିକେନପକ୍ସ:** ଊନବିଂଶ ଶତାବ୍ଦୀ ଶେଷ ଆଡ଼କୁ ଚିକେନପକ୍ସକୁ ସବୁଠାରୁ ଭୟାନକ ସଂକ୍ରାମକ ରୋଗ ବୋଲି ବିଚାର କରାଯାଉଥିଲା। ବର୍ତ୍ତମାନ ସମୟରେ ମଧ୍ୟ ଏଥିରେ ଅନେକେ ଆକ୍ରାନ୍ତ ହେଉଛନ୍ତି, ହେଲେ ଏହା ରୋଗର ଦୁର୍ବଳ ରୂପ। ଏଥିରେ ସଂକ୍ରମିତ ହେଉଥିବା ରୋଗୀଙ୍କ ମଧ୍ୟରୁ ହାରାହାରି ୩୦% ମୃତ୍ୟୁମୁଖରେ ପଡୁଥିଲେ। ୧୯୭୬ରେ ଇଂଲିଶ ଚିକିତ୍ସକ ଏଡ୍‌ବର୍ଡ ଜେନର ଏହି ମାରାତ୍ମକ ବ୍ୟାଧିର ଟିକା ଆବିଷ୍କାର କରିଥିଲେ। ଏହାପରେ ଏହି ସଂକ୍ରାମକ ରୋଗ ଉପରେ ଅଙ୍କୁଶ ଲାଗିପାରିଛି। ତେବେ ଏହାପୂର୍ବରୁ ଦୀର୍ଘ ୨୦୦ ବର୍ଷ ଧରି ଚିକେନପକ୍ସ ଲକ୍ଷାଧିକ ମୁଣ୍ଡ ନେଇସାରିଥିଲା।

**ଏନ୍‌ଫ୍ଲୁଏଞ୍ଜା:** ଶ୍ୱଶନତନ୍ତ୍ର ସହିତ ଜଡ଼ିତ ଏକ ଭୟଙ୍କର ରୋଗ ହେଉଛି ଏନ୍‌ଫ୍ଲୁଏଞ୍ଜା। ଏହାକୁ ସ୍ୱାନିଶ ଫ୍ଲୁ ମଧ୍ୟ କୁହାଯାଏ। ୧୯୧୮ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଏହି ରୋଗରେ ପଡ଼ି କୋଟିକୋଟି ସୈନିକଙ୍କ ମୃତ୍ୟୁ ଘଟିଥିଲା। ତେବେ ପ୍ରଥମ ବିଶ୍ୱଯୁଦ୍ଧର ଦୀର୍ଘ ବର୍ଷ ପରେ ଏହାର ଟିକା ବାହାରିଥିଲା। ଏବେ ବି ଫ୍ଲୁ ପୃଥିବୀରୁ ସମ୍ପୂର୍ଣ୍ଣ ବିଲୋପ ହୋଇନାହିଁ। ହେଲେ ଟିକା ଯୋଗୁ ରୋଗର ମାରକ କ୍ଷମତା ଯଥେଷ୍ଟ କମିଯାଇଛି।

**ହେପାଟାଇଟସ୍:** ପ୍ରତିଷେଧକ ବାହାରିବା ପୂର୍ବରୁ ପ୍ରତିବର୍ଷ ହେପାଟାଇଟସ୍-ବିରେ ଆକ୍ରାନ୍ତ ହୋଇ ବାର୍ଷିକ ୭ ଲକ୍ଷ ୮୦ ହଜାର ଲୋକଙ୍କ ମୃତ୍ୟୁ ଘଟୁଥିଲା। ବିଶେଷ କରି ନବଜାତକ ଏବଂ ପ୍ରସୂତିଙ୍କ ନିକଟରେ ଏଥିରେ ଆକ୍ରାନ୍ତ ହେବା ଆଶଙ୍କା ବେଶି। ତେଣୁ ଶିଶୁ ଜନ୍ମ ହେବା ପରେ ପରେ ଏହି ଟିକା ଦିଆଯାଇଥାଏ। ସେହିପରି ୨୦୧୪ରେ ପଶ୍ଚିମ ଆଫ୍ରିକାରେ ଆତଙ୍କ ସୃଷ୍ଟି କରିଥିବା ଇବୋଲା ୧୧ହଜାରରୁ ଊର୍ଦ୍ଧ୍ୱ ଜୀବନ ନେଇଥିଲା। ଏହାକୁ ମଧ୍ୟ ଟିକା ମାଧ୍ୟମରେ ହିଁ ରୋକାଯାଇପାରିଥିଲା।

**ଡିପ୍‌ଥେରିଆ:** 'କୋରାଇନ୍ ବ୍ୟାକ୍ଟିରିୟମ ଡିପ୍‌ଥିରି' ନାମକ ବ୍ୟାକ୍ଟେରିଆ 'ଡିପ୍‌ଥେରିଆ' ପାଇଁ ଦାୟୀ। ୨ରୁ ୧୦ ବର୍ଷର ଶିଶୁଙ୍କ ପାଇଁ ଏହି ରୋଗ ଘାତକ ହୋଇପାରେ। ଏହି ରୋଗରେ ପୀଡ଼ିତ ରୋଗୀଙ୍କ ଗଳା ଓ ନାକ ଆଭ୍ୟନ୍ତରରେ ଏକ ସୂକ୍ଷ୍ମ ଝିଲ୍ଲି ତିଆରି ହୋଇଯାଏ। ଏହାଦ୍ୱାରା ଶ୍ୱାସକ୍ରିୟାରେ ସମସ୍ୟା ଉପୁଜେ। ରୋଗ ବଢ଼ିବା ସହ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଅକାମି ହୋଇଯାଏ। ଏଥିରୁ ସୁରକ୍ଷା ଲାଗି ପିଲାମାନଙ୍କୁ 'ଟିପିଟି' ଟିକା ଦିଆଯାଇଥାଏ।

# ହ୍ୱାଟ୍ସଆପ୍‌ରେ ଅଶାଳୀନ ମେସେଜ୍ ଦେଲେ ଜେଲ

**ଫରିଦାବାଦ:** ଆଜିକାଲି ସୋସିଆଲ ମିଡିଆରେ ଯିଏ ଯାହା ପାରୁଛି ପୋଷ୍ଟ କରୁଛି। ସତେ ଯେମିତି ଏଥିପ୍ରତି କଟକଣା ନାହିଁ। ବିଶେଷକରି ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ମିଥ୍ୟା ଖବର, ଘୃଣା, ଜାତି, ଧର୍ମ, ବର୍ଣ୍ଣର ଭେଦଭାବ ସମ୍ବନ୍ଧୀୟ ଖବର ସମ୍ପର୍କରେ ଜାଣିବାକୁ ମିଳୁଛି। ତେଣୁ ଏଥିରେ ରୋକ୍ ଲଗାଇଛି ଫରିଦାବାଦ ପୋଲିସ। ପୋଲିସ ଆୟୁକ୍ତ ଓପି ସିଂହ ଏଥିରୁ ନିବୃତ୍ତ ରହିବାକୁ ହ୍ୱାଟ୍ସଆପ୍ ବ୍ୟବହାରକାରୀଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି।

ସେ କହିଛନ୍ତି, ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ମିଥ୍ୟା ଖବର ପ୍ରଚାରିତ ହେଉଛି। ଫଳରେ ଶାନ୍ତି ଭଙ୍ଗ ହେଉଛି। ଏପରି ଖବର ଆଇନ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରୁଛି। ଫରିଦାବାଦ ପୋଲିସ ପକ୍ଷରୁ କଡ଼ା ନିୟମ କରାଯାଇଛି କି ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଅଶାଳୀନ ଭାଷା ପ୍ରୟୋଗ ନ କରିବା କିମ୍ବା କାହା ସହ ଏପରି ଭାଷା ଶେୟାର ନ କରିବା, ମିଥ୍ୟା ଖବର ପ୍ରଚାର ନ କରିବା, ଘୃଣା କିମ୍ବା ଅନ୍ୟ ଭୁଲ ପରି ପୋଷ୍ଟ ଗ୍ରୁପ୍‌ରେ ଶେୟାର ନ କରିବା, କୌଣସି ଆପତ୍ତିଜନକ ପୋଷ୍ଟ ନ କରିବା, ଯଦିଓ ଆପଣଙ୍କ ନିକଟକୁ ଏପରି କିଛି ଫଟୋ ଆସୁଛି ତାହାକୁ ତୁରନ୍ତ ଡିଲିଟ୍ କରିବା, ହିଂସାତ୍ମକ ଭିଡିଓ ଶେୟାର ନ କରିବା, ଅଶ୍ଳୀଳ ଭିଡିଓ ଶେୟାର ନ କରିବା, କୌଣସି ଜାତି ଧର୍ମକୁ ନେଇ ଆକ୍ଷେପମୂଳକ କଥା ନ କହିବା ଆଦି ପ୍ରତି କଟକଣା ଜାରି କରାଯାଇଛି। ଏତଦ୍‌ବ୍ୟତୀତ ଗ୍ରୁପ୍ ଆଡ୍‌ମିନ୍ ଗ୍ରୁପ୍‌ରେ ନିୟମିତ ଭାବେ ସକ୍ରିୟ ରହିବା ଏବଂ ଗ୍ରୁପ୍‌ରେ ଥିବା ଅନ୍ୟ ସଦସ୍ୟମାନେ ଯେପରି ଏସବୁ ଦିଗରୁ ନିବୃତ୍ତ ରହିବେ ସେଥିପ୍ରତି ଧ୍ୟାନ ଦେବା ଜରୁରୀ। ପୋଲିସ ପକ୍ଷରୁ କୁହାଯାଇଛି, ଏପରି ଅଭିଯୋଗ ଯାହା ବିରୋଧରେ ଆସିବ ତାକୁ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ।


## କୃତୀତ୍ୱ



ANISHATRIPATHY

ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବ୍ଲକ ଅଗଲାପଲି ଗ୍ରାମର ବାପା ପ୍ରମୋଦ କୁମାର ତ୍ରିପାଠୀ, ମା ପିଙ୍କିଙ୍କ ସୁପୁତ୍ରୀ ଅନିଶା ଚଳିତବର୍ଷ ଝାରମୁଣ୍ଡା ଓଏଭିରୁ ୯୬ ପ୍ରତିଶତ ମାର୍କରଖି କୃତକାର୍ଯ୍ୟ ହୋଇଥିବାରୁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଗୁରୁଜନଙ୍କୁ ଅଭିଭାବକ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଧ-୬୨୮୦୪


# 'ସ୍ୱପ୍ନ ପୂରଣ ହେଲେ ଖୁସି ଲାଗେ'



ଧ୍ୱନୀ ଭାନୁଶାଲୀ

**ମୁମ୍ବାଇ:** ବଲିଉଡ୍ ସିଙ୍ଗର ତଥା ଅଭିନେତ୍ରୀ ଧ୍ୱନୀ ଭାନୁଶାଲୀଙ୍କର ଏବେ ଖୁସି କହିଲେ ନ ସରେ। ଧ୍ୱନୀ ବଲିଉଡ୍ ଇଣ୍ଡଷ୍ଟ୍ରିକୁ ବହୁତ ଗୁଡ଼ିଏ ହିଟ୍ ଗୀତ ଦେଇଛନ୍ତି। ଦେଖିବାକୁ ଯେମିତି ସୁନ୍ଦର ତାଙ୍କ ଭଏସ୍ ମଧ୍ୟ ସେତିକି ମିଠା। ଖାଲି ସେତିକି ନୁହେଁ, ସେ ଗୀତ ଗାଇବା ସହ ଡ୍ୟାନ୍ସ ମଧ୍ୟ କରିଥାନ୍ତି। ତାଙ୍କର ସବୁ ସଙ୍ଗକୁ ଫ୍ୟାନ୍‌ମାନେ ବେଶ୍ ପସନ୍ଦ ମଧ୍ୟ କରିଥାନ୍ତି। ତେବେ 'ବାସ୍ତେ' ସଙ୍ଗକୁ ୟୁଟ୍ୟୁବ୍‌ରେ ୮୮କୋଟିରୁ ଅଧିକ ଲୋକ ଦେଖିଛନ୍ତି। ଏହାକୁ ଧ୍ୱନୀ ଦେଖି ଭାବବିହ୍ୱଳ ହୋଇ ପଡ଼ିଛନ୍ତି। ସେ ନିଜ ଇନ୍‌ଷ୍ଟାଗ୍ରାମରେ ଲେଖିଛନ୍ତି ଯେ, ମଣିଷ ବହୁତ ସ୍ୱପ୍ନ ଦେଖିଥାଏ କିନ୍ତୁ ସ୍ୱପ୍ନଗୁଡ଼ିକ ପୂରଣ ହୋଇଗଲେ ଅତ୍ୟନ୍ତ ଖୁସି ମିଳିଥାଏ। ଏପରି ଖୁସି ଯାହାକୁ ଶବ୍ଦରେ ମଧ୍ୟ କୁହାଯାଇପାରିବନି। ଆଜି ମୋ ସ୍ୱପ୍ନ ପୂରା ହୋଇଛି। ଧ୍ୱନୀ ଆଉ ମଧ୍ୟ କହିଛନ୍ତି, ଭାରତରେ ବେଷ୍ଟ ସନ୍‌ସନି ସିଙ୍ଗର୍ ହେବାର ସ୍ୱପ୍ନ ଦେଖିଥିଲି। ମୋତେ ଏତେ ଲୋକ ଭଲ ପାଉଛନ୍ତି। ମୋର ଏତେ ଫ୍ୟାନ୍ ଫଲୋଇଙ୍ଗ ବୋଲି ମୁଁ ବିଶ୍ୱାସ କରିପାରୁନି। ଏହା ମୋ ପାଇଁ ଏକ ସ୍ପେଶିଆଲ ମୋମେଣ୍ଟ। ସେ ଏଥିପାଇଁ ତାଙ୍କ ଫ୍ୟାନ୍‌ମାନଙ୍କୁ ଧନ୍ୟବାଦ ଜଣାଇବା ସହ ଏମିତି ଭଲ ପାଇବା ଜାରି ରଖିବାକୁ କହିଛନ୍ତି। 'ବାସ୍ତେ'କୁ ନେଇ ସମସ୍ତେ ଭଲ ପ୍ରତିକ୍ରିୟା ଦେଇଛନ୍ତି। ମୁଁ ଯେଉଁଠିକି ଗଲେ ମୋ ଫ୍ୟାନ୍‌ମାନେ ଏହି ଗୀତକୁ ବେଶ୍ ପ୍ରଶଂସା କରିବା ସହିତ ଗୀତଟିକୁ ଗାଇବାକୁ ରିକ୍ୱେଷ୍ଟ କରିଥାନ୍ତି। ମୋତେ ବହୁତ ଭଲ ଲାଗେ। ୨୦୧୯ର ଟପ୍ ସଙ୍ଗ୍ ମଧ୍ୟରେ 'ବାସ୍ତେ' ସଙ୍ଗକୁ ନାମିତ କରାଯାଇଥିଲା। କହିରଖୁଛୁ ଯେ, ବଲିଉଡ୍‌ରେ ଧ୍ୱନୀ ବହୁ ହିଟ୍ ଗୀତ ଗାଇ ସାରିଛନ୍ତି।

# ପାଠପଢ଼ା ପାଇଁ ପାହାଡ଼ ଚଢ଼ା

**ଜୟପୁର:** କରୋନା ମହାମାରୀ ସଂକ୍ରମଣ ଯୋଗୁ ଦେଶରେ ଲକ୍‌ଡାଉନ୍ ଜାରି ହୋଇଛି। ଫଳରେ ସମସ୍ତ ସ୍କୁଲ କଲେଜ ବନ୍ଦ ହୋଇଯାଇଥିବାରୁ ଛାତ୍ରୀଛାତ୍ର ଅନ୍‌ଲାଇନ୍ କ୍ଲାସ୍ କରୁଛନ୍ତି। ତେବେ ଏଥିରେ ନେଟଓ୍ୱାର୍କ ସମସ୍ୟା ବାଧା ସୃଷ୍ଟି କରୁଛି। ରାଜସ୍ଥାନରେ ଛାତ୍ରୀଛାତ୍ର ନେଟ୍‌ଓ୍ୱାର୍କ ସମସ୍ୟା ଯୋଗୁ ଅନ୍‌ଲାଇନ୍ କ୍ଲାସ୍ ପାଇଁ ପ୍ରତିଦିନ ପାହାଡ଼ ଚଢୁଛନ୍ତି। ସ୍ଥାନୀୟ ବାଡମେର୍ ଅଞ୍ଚଳରେ ମୋବାଇଲ୍ ନେଟ୍‌ଓ୍ୱାର୍କରେ ସବୁବେଳେ ଅସୁବିଧା ଲାଗି ରହିଥାଏ। ସ୍ଥାନୀୟ ଭୀଲ୍ ବସ୍ତିରେ ବାସକରୁଥିବା ଛାତ୍ରୀଛାତ୍ର ଅନ୍‌ଲାଇନ୍ କ୍ଲାସ୍‌ରେ ଯୋଗଦେବା ପାଇଁ ପାହାଡ଼ ଚଢ଼ି ପାଠ ପଢୁଛନ୍ତି। ପାହାଡ଼ ଉପରେ ମଧ୍ୟ ବହୁ ସମୟରେ ନେଟ୍‌ଓ୍ୱାର୍କ ଆସି ନ ଥାଏ। ବାଧ ହୋଇ ଛାତ୍ରୀଛାତ୍ର ନେଟ୍‌ଓ୍ୱାର୍କ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିଥାନ୍ତି। ଏଠାରେ ଛାତ୍ରୀଛାତ୍ର ପ୍ରତିଦିନ ସକାଳ ୮ଟାରେ ପାହାଡ଼ ଚଢ଼ିବା ଆରମ୍ଭ କରିଥାନ୍ତି। ପାହାଡ଼ ଉପରେ ଖରାରେ ଦିନ ୨ଟା ପର୍ଯ୍ୟନ୍ତ ଦୀର୍ଘ ୬ ଘଣ୍ଟା ଅନ୍‌ଲାଇନ୍ କ୍ଲାସ୍ କରି ତଳକୁ ଓହ୍ଲାଇ ଆସନ୍ତି। ଲଗାତାର ଦେଢ଼ମାସ ଧରି ଛାତ୍ରୀଛାତ୍ର ଏଭଳି କରୁଥିବା କୁହାଯାଉଛି।







# ଏଣିକି ପେପରରେ ମିଳିବ ମଦ

**ନୂଆଦିଲ୍ଲୀ:** କରୋନା ମହମାରୀ ସମୟରେ ଅନେକ ନୂତନ ଉଦ୍ଭାବନ କରାଯାଉଛି। ଆପଣମାନଙ୍କ ମଧ୍ୟରୁ ବି ଲକ୍‌ଡାଉନରେ ଅନେକ ନୂଆ ନୂଆ ଉଦ୍ଭାବନ କରିଥିବେ। ଆଉ ଏଥିରୁ ବହୁତ କିଛି ଶିଖିଥିବେ ମଧ୍ୟ। କେଉଁଠି ନଡ଼ିଆ ପତ୍ର ସହିତ ନଡ଼ାରେ ପାଇପ୍ ତିଆରି କରାଯାଉଛି ତ ଆଉ କେଉଁଠି ଗ୍ୟାଜେଟ୍‌ଗୁଡିକୁ ଯୋଗାଯୋଗ ବିହୀନ କରାଯାଉଛି। ସେହିପରି ଲକ୍‌ଡାଉନ୍ ସମୟରେ ମଦ ବିକ୍ରି ଉପରେ ଅନେକ ହଟଚମଟ ସୃଷ୍ଟି ହୋଇଥିଲା। ବର୍ତ୍ତମାନ ଏକ ଅନ୍ତର୍ଜାତୀୟ ମଦ କମ୍ପାନୀ ଏକ ନିଆରା ଉଦ୍ଭାବନ କରିଛି। ଏହି କମ୍ପାନୀ ମଦ ପ୍ୟାକ୍ ପାଇଁ କାଚ ବଦଳରେ କାଗଜ ବୋତଲ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛି।

ବାସ୍ତବରେ, ବିଶ୍ୱର ବୃହତ୍ତମ ମଦ କମ୍ପାନୀଗୁଡ଼ିକ ମଧ୍ୟରୁ ଡାଏଗୋ ମଦକୁ କାଚ ବୋତଲ ବଦଳରେ ପେପରରେ ପ୍ୟାକ୍ କରିବ। ପରିବେଶକୁ ଦୃଷ୍ଟିରେ ରଖି କମ୍ପାନୀ ଆସନ୍ତା ବର୍ଷଠାରୁ ଏହି ନୂତନ ପ୍ୟାକେଜିଂର ପରୀକ୍ଷା ଆରମ୍ଭ କରିବ। ପ୍ଲାଷ୍ଟିକର ବ୍ୟବହାର ହ୍ରାସ କରିବାକୁ କମ୍ପାନୀ ଏପରି ପଦକ୍ଷେପ ନେଇଛି। କାଗଜ ବୋତଲ ତିଆରି କରିବାକୁ କମ୍ପାନୀ ପାଲପେକ୍ସ ନାମକ ଅନ୍ୟ ଏକ ଫାର୍ମ କମ୍ପାନୀ କରିବାକୁ ଯାଉଛି, ଯାହା ୟୁନିଲିଭର ଏବଂ ପେପ୍‌ସିକୋ ଭଳି ବ୍ରାଣ୍ଡ ପାଇଁ ମଧ୍ୟ କାଗଜ ବୋତଲ ଉତ୍ପାଦନ କରିବ। କମ୍ପାନୀ ପକ୍ଷରୁ କୁହାଯାଇଛି, ଏହି କାଗଜ ବୋତଲ କାଠରୁ ତିଆରି ହେବ। ୨୦୨୧ରେ ଏହାର ପରୀକ୍ଷା କରାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ବୋତଲଗୁଡ଼ିକ ସହଜରେ ପୁନଃ ବ୍ୟବହାର କରାଯାଇପାରିବ।

# ଖାଦ୍ୟ ଲାଳସାକୁ ନିୟନ୍ତ୍ରଣକରେ ମସ୍ତିଷ୍କ କୋଷିକା

**ଲୋଓ୍ୱା:** ମିଠା ଏବଂ ସ୍ୱାଦଯୁକ୍ତ ଖାଦ୍ୟପ୍ରତି କେତେକଙ୍କର ଅଧିକ ଲାଳସା ରହିଥାଏ। ତେବେ ଏଭଳି ଲାଳସାକୁ ମସ୍ତିଷ୍କର ଏକ ପ୍ରକାର କୋଷିକା ନିୟନ୍ତ୍ରିତ କରିଥାଏ। ଏସମ୍ପର୍କରେ ଆମେରିକାର ଲୋଓ୍ୱା ବିଶ୍ୱବିଦ୍ୟାଳୟର କାର୍ଭର ମେଡ଼ିସିନ୍ କଲେଜରେ ହୋଇଥିବା ଏକ ଗବେଷଣାରୁ ଜଣାଯାଇଛି। ମଣିଷ କେତେ ଚିନି ଖାଏ ଏବଂ ମିଠା ସ୍ୱାଦଯୁକ୍ତ ଖାଦ୍ୟ ପ୍ରତି କିଭଳି ଲାଳସା ରହିଥାଏ ସେସବୁ ମସ୍ତିଷ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। କେତେକ ବ୍ୟକ୍ତି ବାରମ୍ବାର ମିଠା ଖାଇବାକୁ ପସନ୍ଦ କରନ୍ତି। ମାତ୍ର ଅତ୍ୟଧିକ ମିଠା ଖାଇବା ଦ୍ୱାରା ମେଦବହୁଳତା ଏବଂ ଟାଇପ-୨ ଡାଇବେଟିସ୍ ପରି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଥାଏ ବୋଲି କାର୍ଭର ମେଡ଼ିସିନ୍ କଲେଜର ସ୍ନାୟୁ ବିଜ୍ଞାନ ଏବଂ ଫାର୍ମାକୋଲୋଜିର ସହଯୋଗୀ ପ୍ରଫେସର ମାଥ୍ୟୁ ପୋଥଫ୍ କହିଛନ୍ତି। ଏ ସମ୍ପର୍କରେ ହୋଇଥିବା ଗବେଷଣାରେ ଫାଇବ୍ରୋବ୍ଲାଷ୍ଟ ଗ୍ରୋଥ୍ ଫ୍ୟାକ୍ଟର-୨୧(ଏଫ୍‌ଜିଏଫ୍-୨୧) ହରମୋନ୍‌ର କାର୍ଯ୍ୟ ପ୍ରଣାଳୀ ଉପରେ ବିସ୍ତୃତ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ଏହି ହରମୋନ୍ ଶରୀରର ଶକ୍ତି ସନ୍ତୁଳନ, ଓଜନ ନିୟନ୍ତ୍ରଣ ଏବଂ ଇନସୁଲିନ କ୍ଷରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ହରମୋନ ମସ୍ତିଷ୍କରେ କାର୍ଯ୍ୟ କରିଥାଏ। ଏହା ମିଠା ଏବଂ ସ୍ୱାଦଯୁକ୍ତ ଖାଦ୍ୟ ଖାଇବାର ଇଚ୍ଛାକୁ ନିୟନ୍ତ୍ରିତ କରେ ବୋଲି ଡେନମାର୍କର କୋପେନହେଗେନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ମାଥ୍ୟୁ ଗିଲମ୍ ସୂଚନା ଦେଇଛନ୍ତି। ପୂର୍ବରୁ ପୋଥଫ ଏବଂ ତାଙ୍କ ସହକର୍ମୀମାନେ ଗବେଷଣା କରି ଜାଣିପାରିଥିଲେ ଯେ, ମିଠା ଖାଦ୍ୟର ମାତ୍ରା ବୃଦ୍ଧି ଯୋଗୁ ଲିଭରରେ ଏଫ୍‌ଜିଏଫ୍-୨୧ ତିଆରି ହୋଇଥାଏ। ଏସମ୍ପର୍କରେ ସେଲ ମେଟାବୋଲିଜିମ ପତ୍ରିକାରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଏଫ୍‌ଜିଏଫ୍-୨୧ ମସ୍ତିଷ୍କରେ ଗ୍ଲୁଟାମାଟେରଜିକ ନ୍ୟୁରନଗୁଡ଼ିକର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଭାବ ପକାଇଥାଏ। ଏହାଦ୍ୱାରା ମଣିଷ ମନରେ ମିଠା ଓ ସ୍ୱାଦଯୁକ୍ତ ଖାଦ୍ୟର ଲାଳସା କମ୍ ଅବା ବେଶୀ ହୋଇଥାଏ। ସେହିପରି ଭେଣ୍ଟ୍ରୋମେଡିଆଲ ହାଇପୋଥାଲାମସରେ ଏହି ନିର୍ଦ୍ଦିଷ୍ଟ ନ୍ୟୁରନକୁ ଏଫ୍‌ଜିଏଫ୍-୨୧ ପ୍ରଭାବିତ କରିଥାଏ। ଫଳରେ ମିଠାରେ ଥିବା ଗ୍ଲୁକୋଜ ପ୍ରତି ନ୍ୟୁରନ ଗୁଡ଼ିକର ସମ୍ବେଦନଶୀଳତା ନିୟନ୍ତ୍ରିତ ହୋଇଥାଏ ବୋଲି ଗବେଷକ କହିଛନ୍ତି।




## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



ଂ ଶରତ କୁମାର ମିଶ୍ର

ଆବିର୍ଭାବ: ୧୯୩୬ | ତିରୋଧାନ: ୨୦୦୬
(ଶ୍ରାବଣ କୃଷ୍ଣପକ୍ଷ ଏକାଦଶୀ ତିଥି)

ଚାହିଁ ଚାହିଁ ୧୫ ପୂରି ୧୬ ବର୍ଷ ଅତିବାହିତ ହେଲା। ଆପଣଙ୍କୁ ଭୁଲିବା/ଦୁଇପଦ ଧାଡ଼ିରେ କଷ୍ଟକର। ଆପଣଙ୍କ ଆଦର୍ଶ, ଶ୍ରଦ୍ଧା, ସ୍ନେହ, ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା, ପରୋପକାରୀ, ସମସ୍ତଙ୍କୁ ଆପଣାଇବା ଚିନ୍ତାଧାରା ଆମମାନଙ୍କ ହୃଦୟରେ ସର୍ବଦା ସ୍ମୃତି ହୋଇ ରହିବ। ଆପଣଙ୍କ ଅମରଆତ୍ମାର ସଦ୍‌ଗତି ନିମନ୍ତେ "ମା ଦୁର୍ଗା"ଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାର : ଶ୍ରୀନିବାସ (ସିନ୍ଟୁ), ସରିତା (ପିଙ୍କି), ଶ୍ରୀକୁମାର, କାର୍ତ୍ତିକ (ବାବୁ)

ଧ-୧୭୭୪୬

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ଂକୈଳାସ ଚନ୍ଦ୍ର ରାଉତରାୟ
ପୋଖରୀପୁଟ ଗ୍ରାମ
ତିରୋଧାନ : ୨୭.୦୭.୨୦୧୯

ଆପଣଙ୍କ ସ୍ନେହ ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ହୃଦୟରେ ସର୍ବଦା ସ୍ମୃତି ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ : ଧର୍ମପତ୍ନୀ, ପୁଅ-ସନ୍ତୋଷ, ରମେଶ, ପ୍ରକାଶ, ସୁରେଶ, ପୁତ୍ରବଧୂ, ଝିଅ, ଝିଅଜ୍ୱାଇଁ, ନାତି, ନାତୁଣୀମାନେ, ବନ୍ଧୁ ଓ ପରିବାରବର୍ଗ।

ଧ-୧୭୭୬୨

### ୧୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ଇଂ କୀର୍ତ୍ତନ ସାହୁ
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ତିରୋଧାନ: ୦୧।୦୮।୨୦୦୫

ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ଆଶୀର୍ବାଦ ଆମ ପାଇଁ ପଥପ୍ରଦର୍ଶକ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀମାନେ, ବନ୍ଧୁ ଓ ପରିବାରବର୍ଗ

ଧ-୧୭୭୫୮

### ୨୬ତମ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ମାୟାଧର ପଟ୍ଟନାୟକ
ଗୁଣ୍ଡିଚା ବିହାର, ସର୍ବୋଦୟନଗର, ପୁରୀ-୨
ତିରୋଧାନ: ୦୩।୦୮।୯୪
ଶ୍ରାବଣମାସ କୃଷ୍ଣପକ୍ଷ ଏକାଦଶୀ ତିଥି

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ ସ୍ୱାଭିମାନ ତଥା ସେବା ମନୋବୃତ୍ତି ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ। ଯେଉଁଠାରେ ଥାଆନ୍ତୁ ଆପଣଙ୍କ ଆଶୀର୍ବାଦ ସଦାସର୍ବଦା ଆମ ଉପରେ ଥାଉ।

ଶୋକସନ୍ତପ୍ତ:
ପତ୍ନୀ, ପୁତ୍ର, ବୋହୂ, ଝିଅ, ଜ୍ୱାଇଁ, ନାତି- ନାତୁଣୀ ବୋହୂ, ନାତି, ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ।

ଧ-୧୭୭୫୫

## ସଂକ୍ଷେପରେ

### ଅଶୋକ ଲାଭାସା ହେଲେ ଏଡିବି ଉପସଭାପତି

**ନୂଆଦିଲ୍ଲୀ,୧୫।୭:** ଏସିଆନ୍ ଡେଭଲପମେଣ୍ଟ ବ୍ୟାଙ୍କ (ଏଡିବି) ନିର୍ବାଚନ ଆୟୁକ୍ତ ଅଶୋକ ଲାଭାସାଙ୍କୁ ଏହାର ଉପସଭାପତି ଭାବେ ନିଯୁକ୍ତ କରିଛି। ଘରୋଇ କ୍ଷେତ୍ର ପରିଚାଳନା ଏବଂ ଘରୋଇ କ୍ଷେତ୍ର ସହଭାଗିତା ଭଳି ବିଭାଗରେ ଲାଭାସା ଦାୟିତ୍ୱ ସମ୍ଭାଳିବେ। ଲାଭାସା ବର୍ତ୍ତମାନ ଭାରତର ନିର୍ବାଚନ ଆୟୁକ୍ତ ଭାବେ କାର୍ଯ୍ୟ କରୁଛନ୍ତି। ଏହା ପୂର୍ବରୁ ସେ କେନ୍ଦ୍ର ଅର୍ଥ ସଚିବ, ଜଙ୍ଗଲ ଏବଂ ପରିବେଶ ବିଭାଗର ସଚିବ ଏବଂ ବେସାମରିକ ବିମାନ ଚଳାଚଳ ବିଭାଗ ସଚିବ ଭାବେ କାର୍ଯ୍ୟ କରିଛନ୍ତି। ସେ ଦିବାକର ଗୁପ୍ତାଙ୍କ ପରେ ଦାୟିତ୍ୱ ଗ୍ରହଣ କରିବେ। ଅଗଷ୍ଟ ୩୧ରେ ଗୁପ୍ତାଙ୍କ କାର୍ଯ୍ୟକାଳ ଶେଷ ହେଉଥିବା ଜଣାପଡ଼ିଛି। ୨୦୧୮ରେ ଲାଭାସାଙ୍କୁ ନିର୍ବାଚନ ଆୟୁକ୍ତ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଲାଭାସା ଅଷ୍ଟ୍ରେଲିଆର ସଦର୍ନ କ୍ରସ୍ ୟୁନିଭର୍ସିଟିରୁ ଏମ୍‌ବିଏ ଡିଗ୍ରୀ ହାସଲ କରିଥିବା ବେଳେ ମାଡ୍ରାସ ୟୁନିଭର୍ସିଟିରୁ ଡିଫେନ୍ସ ଆଣ୍ଡ ଷ୍ଟ୍ରାଟେଜିକ ଷ୍ଟଡିଜରେ ଏମ୍.ଫିଲ୍ ଡିଗ୍ରୀ ହାସଲ କରିଛନ୍ତି। ଦିଲ୍ଲୀ ୟୁନିଭର୍ସିଟିରୁ ଇଂରାଜୀ ସାହିତ୍ୟରେ ସେ ମାଷ୍ଟର ଡିଗ୍ରୀ ମଧ୍ୟ ହାସଲ କରିଛନ୍ତି।

### ମନରେଗାରେ ୪.୭ କୋଟି ପରିବାରଙ୍କୁ କାମ

**ନୂଆଦିଲ୍ଲୀ,୧୫।୭:** ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଜୁଲାଇ ୧୩ ସୁଦ୍ଧା ୫୫.୫ ନିୟୁତ ପରିବାର କାମ ଲୋଡ଼ିଥିବା ଜଣାପଡିଛି। ଏହି ସମୟ ଅବଧିରେ ୪୭.୮ ନିୟୁତ ହିତାଧିକାରୀଙ୍କୁ ଯୋଜନାର ଲାଭ ମିଳିଛି। ୨୦୧୯-୨୦ ବର୍ଷରେ ଉକ୍ତ ଯୋଜନାରେ ମୋଟ୍ ୫୭.୪ ନିୟୁତ ଲୋକ କାର୍ଯ୍ୟ ଆବଶ୍ୟକ କରିଥିବା ଜଣାପଡିଛି। ଏହି ଯୋଜନାରେ ସରକାର ହିତାଧିକାରୀଙ୍କୁ ୧୦୦ ଦିନର ନିଶ୍ଚିତ କର୍ମ ନିଯୁକ୍ତି ଯୋଗାଇ ଦେଉଛନ୍ତି।

# ବଜାରରେ ୫ମ ପିଢ଼ିର ହୋଣ୍ଡା ସିଟି



ଯାନଟିକୁ ବଜାର ପ୍ରବେଶ କରାଉଛନ୍ତି ସିଇଓ ଗାକୁ ନାକାନିସି (ବାମ) ଏବଂ ନିର୍ଦ୍ଦେଶକ ରାଜେଶ ଗୋଏଲ।

**ପ୍ରମୁଖ ଫିଚର୍**
- ସେଗ୍‌ମେଣ୍ଟରେ ବୃହତ୍ତମ ଏବଂ ଦୀର୍ଘତମ ସେଡାନ
- ୫ ଷ୍ଟାର ଏନ୍ କ୍ୟାପ୍ ରେଟିଂ
- ଭାରତର ପ୍ରଥମ କନେକ୍ଟେଡ କାର, ଆଲେକ୍ସା ରିମୋଟ୍ କ୍ଷମତା
- ପରବର୍ତ୍ତୀ ପିଢ଼ି ହୋଣ୍ଡା କନେକ୍ଟ ସହ ଟେଲିମାଟିକ୍ସ କଣ୍ଟ୍ରୋଲ ୟୁନିଟ
- ଫୁଲ୍ ଏଲ୍ଇଡି ହେଡ୍‌ଲ୍ୟାମ୍ପ
- ଲେନ୍ ୱାଚ୍ କ୍ୟାମେରା

**ନୂଆଦିଲ୍ଲୀ,ଭୁବନେଶ୍ୱର,୧୫।୭**

ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଏହାର ଅନ୍ୟତମ ଲୋକପ୍ରିୟ ମଡେଲ ହୋଣ୍ଡା ସିଟିର ପଞ୍ଚମ ପିଢ଼ିକୁ ଭାରତ ବଜାରରେ ଶୁଭାରମ୍ଭ କରାଯାଇଛି। ହୋଣ୍ଡା କାର୍ସ ଇଣ୍ଡିଆର ସିଇଓ ତଥା ସଭାପତି ଗାକୁ ନାକାନିସି ଏବଂ ସେଲ୍ସ ଓ ମାର୍କେଟିଂ ବିଭାଗ ବରିଷ୍ଠ ଉପସଭାପତି ତଥା ନିର୍ଦ୍ଦେଶକ ରାଜେଶ ଗୋଏଲ ଏହାକୁ ବଜାର ପ୍ରବେଶ କରାଇଥିଲେ। ମଧ୍ୟମ ବର୍ଗ ସେଡାନ ସେଗ୍‌ମେଣ୍ଟରେ ଗ୍ରାହକଙ୍କୁ ନୂତନ ଭାଲ୍ୟୁ ପ୍ରଦାନ ଦିଗରେ ନୂଆ ଯାନଟି ବିଶେଷ ସହାୟକ ହେବ ବୋଲି ସିଇଓ ନାକାନିସି କହିଛନ୍ତି। ନୂଆ ମଡେଲଟି ଗ୍ରାହକଙ୍କ ବିଶ୍ୱାସ ଜିତିବାରେ ସକ୍ଷମ ହେବା ନେଇ ଆଶାବାଦୀ ବୋଲି ଗୋଏଲ କହିଛନ୍ତି। ଭୁବନେଶ୍ୱରସ୍ଥିତ ହାଇୱେ ହୋଣ୍ଡା ଶୋ'ରୁମ୍‌ରେ ଆଦିତ୍ୟ ଗ୍ରୁପ୍ ଏମ୍‌ଡି ଆଦିତ୍ୟ ପାତ୍ର ଏବଂ ହାଇୱେ ହୋଣ୍ଡା ସିଇଓ ରାଜୀବ ପଣ୍ଡା ନୂଆ ଯାନଟିକୁ ଶୁଭାରମ୍ଭ କରିଥିଲେ। ସେହିଭଳି ଯାନଟିକୁ ସ୍ଥାନୀୟ ସେଣ୍ଟ୍ରାଲ ହୋଣ୍ଡା ଶୋ'ରୁମରେ ଏହାର ଏମ୍‌ଡି. ବିଶାଲ ଧାୱନ ମଡେଲଟିକୁ ଉନ୍ମୋଚନ କରିଥିଲେ। ଗ୍ରାହକମାନେ ଏଥିରେ ଆଲେକ୍ସା କନେକ୍ଟିଭିଟି ସୁବିଧା ପାଇପାରିବେ। ଏହା ଦେଶର ପ୍ରଥମ କନେକ୍ଟେଡ କାର୍ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ହୋଣ୍ଡା କନେକ୍ଟ ସହ ଟେଲିମାଟିକ୍ସ କଣ୍ଟ୍ରୋଲ, ବିଏସ୍-୬ ଇଞ୍ଜିନ, ୧.୫ ଲିଟର କ୍ଷମତା ବିଶିଷ୍ଟ ଉଭୟ ପେଟ୍ରୋଲ ଏବଂ ଡିଜେଲ ଇଞ୍ଜିନ, ସମ୍ପୂର୍ଣ୍ଣ ଏଲ୍ଇଡି ହେଡ୍ ଲ୍ୟାମ୍ପ, ଜି ସେପ୍ ଏଲ୍ଇଡି ଟ୍ରେଲ ଲ୍ୟାମ୍ପ ଏଥିରେ ରହିଛି। ସେହିଭଳି ୧୭.୭ ସେମି ଏଚ୍‌ଡି ଫୁଲ୍ କଲର ଟିଏଫ୍‌ଟି ମିଟର ୱିଥ୍ ଜି ମିଟର, ଲେନ୍ ୱାଚ୍ କ୍ୟାମେରା, ଭେଇକିଲ ଷ୍ଟାବିଲିଟି ଆସିଷ୍ଟ, ଏଜାଇଲ ହ୍ୟାଣ୍ଡଲିଂ ଆସିଷ୍ଟ, ୫ କଲର ବିକଳ୍ପକୁ ଗ୍ରାହକ ଚୟନ କରିପାରିବେ। ଯାନଟିର ପେଟ୍ରୋଲ ଭାରିଆଣ୍ଟକୁ ହୋଣ୍ଡା ଡିଲରଶିପଗୁଡ଼ିକରେ ଡେଲିଭରି ଆରମ୍ଭ କରାଯାଇଛି। ଡିଜେଲ ଭାରିଆଣ୍ଟର ଡେଲିଭରି ଅଗଷ୍ଟରୁ ଆରମ୍ଭ ହେବ। ଏହି ଯାନଟିକୁ ଗ୍ରାହକ ଡିଲରଶିପ ସମେତ କମ୍ପାନୀର ଅନଲାଇନ ପ୍ଲାଟଫର୍ମ 'ହୋଣ୍ଡା ଫ୍ରମ ହୋମ'ରୁ ଗ୍ରାହକ ବୁକିଂ କରିବାକୁ ସକ୍ଷମ ହେବେ। ଯାନଟିକର ଏକ୍ସ ଶୋ'ରୁମ ବଜାର ଦର ୧୦.୮୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।



ହାଇୱେ ହୋଣ୍ଡା ଶୋ'ରୁମ୍‌ରେ ନୂଆ ମଡେଲ ସହ ଆଦିତ୍ୟ ଗ୍ରୁପ୍ ଏମ୍‌ଡି ଆଦିତ୍ୟ ପାତ୍ର (ଡାହାଣ) ଏବଂ ହାଇୱେ ହୋଣ୍ଡା ସିଇଓ ରାଜୀବ ପଣ୍ଡା।



ସେଣ୍ଟ୍ରାଲ ହୋଣ୍ଡା ଶୋ'ରୁମ୍‌ରେ ନୂଆ ଯାନ ଉନ୍ମୋଚନ କରୁଛନ୍ତି ଏମ୍‌ଡି ବିଶାଲ ଧାୱନ (ଡାହାଣ)।

### ସାମଗ୍ରୀ ଉତ୍ପତ୍ତିସ୍ଥଳ ଦର୍ଶାଇବା ବାଧ୍ୟତାମୂଳକ କଲା ଆମାଜନ

**ବାଙ୍ଗାଲୋର, ୧୫।୭:** ଆସନ୍ତା ସପ୍ତାହରୁ ଆମାଜନ ପ୍ଲାଟ୍‌ଫର୍ମରେ ସାମଗ୍ରୀର ଉତ୍ପତ୍ତିସ୍ଥଳ କେଉଁଠି ତାହା ଗ୍ରାହକମାନେ ଜାଣିପାରିବେ। ଅର୍ଥାତ୍ ପ୍ଲାଟ୍‌ଫର୍ମରେ ଲିଷ୍ଟିଂ ହୋଇଥିବା ସାମଗ୍ରୀ କେଉଁଠାରେ ପ୍ରସ୍ତୁତ ହୋଇଛି ତାହା ଆଉ ସେଲରମାନେ ଗ୍ରାହକଙ୍କୁ ଲୁଚାଇ ପାରିବେ ନାହିଁ। ସେଲରଙ୍କ ଲାଗି ଏହି ନିୟମକୁ ଆମାଜନ କଡ଼ାକଡ଼ି କରିଛି। ନୂଆ ପ୍ରଡକ୍ଟ ଏବଂ ଉପଲବ୍ଧ ପ୍ରଡକ୍ଟ ଥିବା ଏହି ନିୟମ କାର୍ଯ୍ୟକାରୀ ହେବ। ଏଥି ସଂକ୍ରାନ୍ତ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟକ୍ରମ ଶେଷ କରିବା ଲାଗି ସେଲରଙ୍କ ପାଇଁ ଶେଷ ସମୟସୀମା ଅଗଷ୍ଟ ମାସ ୧୦ ତାରିଖ ରହିଛି। ଜୁଲାଇ ୨୧ଠାରୁ ନୂଆ ନିୟମ ଆରମ୍ଭ କରିବାକୁ କମ୍ପାନୀ ଧାର୍ଯ୍ୟ କରିଛି। ଆମାଜନ ଏବଂ ବିଗ୍ ବାସ୍କେଟ ଭଳି କମ୍ପାନୀ ଏ ଦିଗରେ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସେଲର ଏବଂ ପ୍ରଡକ୍ଟ ଚୟନ କରାଯିବା ସହ ନିୟମକୁ କାର୍ଯ୍ୟକାରୀ କରାଇବା ଲାଗି କାର୍ଯ୍ୟପନ୍ଥା ହାତକୁ ନିଆଯାଇଛି। ଚାଇନା ସେନାର ଆକ୍ରମଣରେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ ଦେଶରେ ଚାଇନା ସାମଗ୍ରୀ ବର୍ଜନ କରିବା ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ଚାଇନାକୁ ବିକଳ୍ପ ଉପାୟରେ ଚେକ୍ ଦେବା ଲାଗି ସରକାର ଯୋଜନା ରଖିଛନ୍ତି। ଚାଇନାରୁ ଆମଦାନୀ କମାଇବାକୁ ମଧ୍ୟ ଯୋଜନା ରଖାଯାଇଛି। ଇ-କମର୍ସରେ ଉପଲବ୍ଧ ହେଉଥିବା ସାମଗ୍ରୀ ଚାଇନାରେ ପ୍ରସ୍ତୁତ ହେଉଥିଲେ ମଧ୍ୟ ଏହାକୁ ସେଲରମାନେ ଗ୍ରାହକଙ୍କୁ ଅଗୋଚର ରଖୁଛନ୍ତି।

# ଓଡ଼ିଶାରେ ପିଏନ୍‌ବିର ପ୍ରଥମ ଆଞ୍ଚଳିକ କାର୍ଯ୍ୟାଳୟ

**ଭୁବନେଶ୍ୱର, ୧୫।୭:** ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ସହ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସର ମିଶ୍ରଣ ପରେ ନୂତନ ଭାବେ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ଗଠିତ ହୋଇଛି। ଏହି ଅଞ୍ଚଳ ଅଧୀନରେ ରାଜ୍ୟର ୫ଟି ମଣ୍ଡଳ କାର୍ଯ୍ୟାଳୟ ସହ ୩୭୧ଟି ଶାଖା ଅନ୍ତର୍ଭୁକ୍ତ ରହିଛି। ନୂଆ ଅଞ୍ଚଳ କାର୍ଯ୍ୟାଳୟର ପ୍ରଥମ ଆଞ୍ଚଳିକ ପ୍ରବନ୍ଧକ ଭାବେ ଅଶ୍ୱିନୀ କୁମାର ନିଯୁକ୍ତ ହୋଇଛନ୍ତି। କୁମାର ଏହା ପୂର୍ବରୁ ଏହି ବ୍ୟାଙ୍କରେ ସିଏଫ୍‌ଓ ପଦବୀରେ ଅବସ୍ଥାପିତ ଥିଲେ। ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସିଏଚ୍.ଏସ୍.ଏସ୍.ମଲ୍ଲିକାର୍ଜୁନ ରାଓଙ୍କ ନେତୃତ୍ୱରେ ପିଏନ୍‌ବି ଦେଶର ୨ୟ ବୃହତ୍ତମ ବ୍ୟାଙ୍କ ଭାବରେ ମାନ୍ୟତା ହାସଲ କରିଛି ବୋଲି କୁମାର ସୂଚନା ଦେଇଛନ୍ତି। ଏହା ପୂର୍ବରୁ ଓଡ଼ିଶା ରାଜ୍ୟ ଆଞ୍ଚଳିକ କାର୍ଯ୍ୟାଳୟ କୋଲକାତା ଦ୍ୱାରା ପରିଚାଳିତ ହେଉଥିଲା। ଭୁବନେଶ୍ୱରରେ ନୂଆ ଆଞ୍ଚଳିକ କାର୍ଯ୍ୟାଳୟ ସହ କଟକ, ବାଲେଶ୍ୱର ଓ ବ୍ରହ୍ମପୁରଠାରେ ୩ଟି ନୂତନ ମଣ୍ଡଳ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଛି।




### କରୋନା ପାଇଁ ରକ୍ଷାକବଚ ବୀମା ପଲିସି

**ନୂଆଦିଲ୍ଲୀ, ୧୫।୭:** ବର୍ତ୍ତମାନ କରୋନା ମହାମାରୀ ଯୋଗୁ ସାରା ବିଶ୍ୱ ଏକ ସଙ୍କଟ ସ୍ଥିତି ଦେଇ ଗତି କରୁଛି। ଏହାକୁ ଧ୍ୟାନରେ ରଖି ଭାରତୀୟ ବୀମା ନିୟାମକ ଏବଂ ଉନ୍ନତୀକରଣ ପ୍ରାଧୀକରଣ ଜେନେରାଲ ଏବଂ ଲାଇଫ ଇନସ୍ୟୁରାନ୍ସ କମ୍ପାନୀଗୁଡିକୁ ସ୍ୱଳ୍ପ ମିଆଦୀ ବିଶିଷ୍ଟ ବୀମା ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। କରୋନା କବଚ ହେଲଥ ପଲିସି ଲଞ୍ଚ କରିବା ଲାଗି କମ୍ପାନୀଗୁଡିକ ସବୁଜ ସଙ୍କେତ ମିଳି ସାରିଛି। ଚଳିତ ମାସ ୧୦ ତାରିଖ ମଧ୍ୟରେ ଏ ସଂକ୍ରାନ୍ତ ସବୁ କାମ ସାରିବାକୁ କମ୍ପାନୀଗୁଡ଼ିକୁ କୁହାଯାଇଥିଲା। ଏହି ପଲିସିଗୁଡିକ ସାଢେ ୩ ମାସ, ସାଢେ ୬ ମାସ ଏବଂ ସାଢେ ୯ ମାସ ବିଶିଷ୍ଟ ହେବ। ଏହା ଅଧୀନରେ ବୀମା କରିଥିବା ଲୋକଙ୍କୁ ୫୦ ହଜାର ଟଙ୍କାରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ସୁବିଧା ଉପଲବ୍ଧ ହେବ।

## ଖେଳ ଖବର

### ୫ ବଦଳ ଖେଳାଳି ନିୟମ ବର୍ଷେ ଘୁଞ୍ଚିଲା

**ଜୁରିଚ,୧୫।୭(ଏପି):** ମ୍ୟାଚ୍ ପିଛା ଫୁଟବଲ ଦଳଗୁଡିକୁ ୫ଟି ସବ୍‌ଷ୍ଟିଚ୍ୟୁଟ୍ ବା ବଦଳ ଖେଳାଳି ବ୍ୟବହାର ନେଇ ଥିବା ମଧ୍ୟବର୍ତ୍ତୀକାଳୀନ ନିୟମକୁ ଆଉ ଗୋଟିଏ ବର୍ଷ ଘୁଞ୍ଚାଇ ଦିଆଯାଇଛି। ଫୁଟବଲ ଲ-ମେକିଂ ପ୍ୟାନେଲ ଭାବେ ଜଣାଶୁଣା ଥିବା ଆଇଏଫ୍‌ଏବି ବୁଧବାର ଏ ନେଇ ସୂଚନା ଦେଇଛି। ଦୁଇଟି ଅତିରିକ୍ତ ବଦଳ ଖେଳାଳି ନିୟମ ୨୦୨୦-୨୧ ସେସନ ପର୍ଯ୍ୟନ୍ତ ଚାଲୁ ରହିବ। ଟୋକିଓ ଅଲିମ୍ପିକ୍ସ ଟୁର୍ନାମେଣ୍ଟ ଶେଷ ହେବା ପର୍ଯ୍ୟନ୍ତ ଏହା ଲାଗୁ ରହିବ। ଫିଫା ମଧ୍ୟ ଗତ ଏପ୍ରିଲ୍‌ରେ ଏହି ନିୟମକୁ ନ୍ୟାଶନାଲ ଟିମ୍ ଗେମ୍ସ ଓ କ୍ୟାଲେଣ୍ଡର-ଇୟର ଡୋମେଷ୍ଟିକ୍ ଲିଗ୍ସରେ ୨୦୨୧ ପର୍ଯ୍ୟନ୍ତ ଲାଗୁ କରିବାକୁ ଚାହୁଁଥିଲା। ଇଞ୍ଜୁରି କମାଇବା ଓ ଖେଳାଳିଙ୍କ ଉପରେ ଅତିରିକ୍ତ ଚାପ ଏଡାଇବା ହେଉଛି ଏହାର ଲକ୍ଷ୍ୟ ବୋଲି କୁହାଯାଇଛି। ଭିନ୍ନ ଭିନ୍ନ ପାଗ ଓ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତରେ ଖେଳାଳିମାନଙ୍କ ଉପରେ ଅତ୍ୟଧିକ ଚାପ ରହିଥାଏ। ଖେଳାଳିଙ୍କ ହିତକୁ ଦୃଷ୍ଟିରେ ରଖି ଏହି ନିୟମକୁ ଆଗକୁ ବଢାଇବାର ଆବଶ୍ୟକତା ରହିଛି ବୋଲି ଆଇଏଫ୍‌ଏବି କହିଛି। ଉଲ୍ଲେଖଥାଉ କି, ୯୦ ମିନିଟ୍ ମଧ୍ୟରେ ୩ ଜଣ ବଦଳରେ ୫ଜଣଙ୍କୁ ବଦଳ ଖେଳାଳି ଭାବେ ବ୍ୟବହାର କରିହେବ। ପୁଣି ନକ୍‌ଆଉଟ୍ ଗେମ୍‌ରେ ଯଦି ଅତିରିକ୍ତ ସମୟକୁ ମ୍ୟାଚ୍ ଯାଏ ତା'ହେଲେ ଷଷ୍ଠ ଖେଳାଳିଙ୍କୁ ମଧ୍ୟ ବଦଳ ଖେଳାଳିଭାବେ ବ୍ୟବହାର କରିହେବ।

# ସିରିଜ ବିଜୟ ଆଶାରେ ୱେଷ୍ଟଇଣ୍ଡିଜ

**ମାଞ୍ଚେଷ୍ଟର, ୧୫।୭**

ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ ଟେଷ୍ଟ ଗୁରୁବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ସାଉଥାମ୍ପଟନଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ୪ ଉଇକେଟରେ ଜିତି ୱେଷ୍ଟଇଣ୍ଡିଜ ସିରିଜ ଅଗ୍ରଣୀ ଲାଭ କରିଛି। ତେଣୁ ଦ୍ୱିତୀୟ ଟେଷ୍ଟରେ ସେହି ପ୍ରଦର୍ଶନ ଦୋହରାଇ ଭ୍ରମଣକାରୀ ଦଳ ସିରିଜ ଜିତିବା ଆଶାରେ ରହିଛି। ଅନ୍ୟ ପକ୍ଷରେ ଇଂଲଣ୍ଡ ଦଳକୁ ଅଧିନାୟକ ଜୋ ରୁଟ୍ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପ୍ରଥମ ଟେଷ୍ଟରୁ ବାଦ୍ ପଡ଼ିଥିବା ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡ୍ ମଧ୍ୟ ଦଳକୁ ଫେରିବା ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଏହି ଦଳ ଘରୋଇ ପରିବେଶରେ ନିଜ ଦ୍ରୁତ ବୋଲରଙ୍କ ମାଧ୍ୟମରେ ସିରିଜ ବଞ୍ଚାଇବା ଲକ୍ଷ୍ୟରେ ରହିଛି।

ମାଞ୍ଚେଷ୍ଟରରେ ୱେଷ୍ଟଇଣ୍ଡିଜ ୩୨ ବର୍ଷ ପୂର୍ବରୁ ଟେଷ୍ଟ ମ୍ୟାଚ ଜିତିଥିଲା। କର୍ଟନି ୱାଲ୍ସ, କର୍ଟଲି ଆମ୍ବ୍ରୋସ ଓ ମାଲକମ୍ ମାର୍ଶାଲଙ୍କୁ ନେଇ ଗଠିତ ୱେଷ୍ଟଇଣ୍ଡିଜର ଶାଣିତ ପେସ୍ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଇଂଲଣ୍ଡ ଟର୍ନିଂ ପିଚ୍ ପ୍ରସ୍ତୁତ କରିଥିଲା। ଦଳରେ ଅଫ୍ ସ୍ପିନର ଜନ୍ ଏମ୍ବୁରି ଓ ବାମହାତୀ ସ୍ପିନର ଜନ୍ ଚିଲ୍ଟନ୍‌ଙ୍କୁ ସାମିଲ କରାଯାଇଥିଲା। ଏମ୍ବୁରିଙ୍କ ମାଧ୍ୟମରେ ଇଂଲଣ୍ଡ ବୋଲିଂ ଆରମ୍ଭ କରିଥିଲା। ମାତ୍ର ରଣନୀତି ସମ୍ପୂର୍ଣ୍ଣ ଫେଲ୍ ମାରିଥିଲା। ୱେଷ୍ଟଇଣ୍ଡିଜ ଏହି ଟେଷ୍ଟକୁ ଏକ ଇନିଂସ ୧୫୬ ରନରେ ଜିତିଥିଲା। ଇଂଲଣ୍ଡ ଦୁଇ ଇନିଂସରେ ଯଥାକ୍ରମେ ୧୩୫ ଓ ୯୩ ରନ କରିବାକୁ ସକ୍ଷମ ହୋଇଥିଲା। ଦ୍ୱିତୀୟ ଇନିଂସରେ ମାର୍ଶାଲ ୭ ଉଇକେଟ ନେଇଥିଲେ। ବର୍ତ୍ତମାନ ୱେଷ୍ଟଇଣ୍ଡିଜ ଦଳରେ ୱାଲ୍ସ, ଆମ୍ବ୍ରୋସ ଓ ମାର୍ଶାଲଙ୍କ ପରି ବୋଲର ନାହାନ୍ତି ସତ ମାତ୍ର ସାଉଥାମ୍ପଟନ ଟେଷ୍ଟରେ ନିଜ ପ୍ରଦର୍ଶନ ମାଧ୍ୟମରେ ସେମାନେ ସାମ୍ପ୍ରତିକ ସମୟର ଶ୍ରେଷ୍ଠ ଫାଷ୍ଟ ବୋଲିଂ ଲାଇନ୍‌ଅପ୍ ବୋଲି ପ୍ରମାଣ କଲେ। ତେଣୁ ୪ ପେସର ଜାସନ ହୋଲ୍ଡର, ଶାନନ ଗାବ୍ରିଏଲ, କେମର ରୋଚ୍ ଓ ଆଲଜାରି ଜୋସେଫଙ୍କୁ ନେବା ରଣନୀତିରେ ଦଳ ଅପରିବର୍ତ୍ତିତ ରହିବ କିମ୍ବା ଓଲ୍ଡ ଟ୍ରାଫୋର୍ଡ ପିଚ୍‌କୁ ଅନୁଧ୍ୟାନ କରି ସ୍ପିନର ରାକିମ କର୍ନୱାଲଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରୁଛି ତାହା ଦେଖିବାକୁ ରହିଛି।

**ଦ୍ୱିତୀୟ ଟେଷ୍ଟ ଆଜିଠାରୁ**

ଅନ୍ୟପକ୍ଷରେ ସିରିଜର ପ୍ରଥମ ମ୍ୟାଚରେ ହାରିବା ସତ୍ତ୍ୱେ ଇଂଲଣ୍ଡ ସଫଳ ପ୍ରତ୍ୟାବର୍ତ୍ତନ କରିବାର ଦକ୍ଷତା ରଖିଛି। ଗତ ଶୀତ ଋତୁରେ ଦକ୍ଷିଣ ଆଫ୍ରିକା ଗସ୍ତରେ ଦଳ ପ୍ରଥମ ଟେଷ୍ଟ ହାରିଥିଲେ ହେଁ ପରବର୍ତ୍ତୀ ୩ ଟେଷ୍ଟ ଜିତି ସିରିଜ ବିଜୟୀ ହୋଇଥିଲା। ତେଣୁ ସାଉଥାମ୍ପଟନରେ ପରାଜୟ ପରେ ବେନ୍ ଷ୍ଟୋକ୍ସ ଏବଂ କୋଚ୍ କ୍ରିସ୍ ସିଲଭରଉଡ୍ ସେହି କଥା ନିଶ୍ଚିତ ଡ୍ରେସିଂ ରୁମ୍‌ରେ ଖେଳାଳିମାନଙ୍କୁ ମନେ ପକାଇ ଦେଇଥିବେ। ପ୍ରଥମ ଟେଷ୍ଟରେ କରିଥିବା ତ୍ରୁଟିକୁ ସୁଧାରି ଇଂଲଣ୍ଡ ଗୁରୁବାର ପଡ଼ିଆକୁ ଓହ୍ଲାଇବ ନିଶ୍ଚିତ। ରୁଟ୍‌ଙ୍କ ପ୍ରତ୍ୟାବର୍ତ୍ତନରେ ଇଂଲଣ୍ଡ ଟପ୍ ଅର୍ଡର ଦୃଢ଼ ହୋଇଛି। ଦଳରୁ ଜୋ ଡେନ୍‌ଲି ବାଦ୍ ପଡ଼ିଛନ୍ତି।

ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ୱେଷ୍ଟଇଣ୍ଡିଜ ୩ ସପ୍ତାହରୁ ଊର୍ଦ୍ଧ୍ୱ କଟାଇଛି। ଏଠାରେ ୨ଟି ୱାର୍ମଅପ୍ ମ୍ୟାଚ ମଧ୍ୟ ଖେଳିଛି। ତେଣୁ ପରିବେଶ ଏବଂ ପିଚ୍ କଣ୍ଡିଶନ ସହିତ ଏହି ଦଳ ନିଶ୍ଚିତ ପରିଚିତ ଥିବ। ବିନା ଦର୍ଶକରେ ମ୍ୟାଚ ହେଉଥିବାରୁ ଏହାର ଫାଇଦା ମଧ୍ୟ ଇଂଲଣ୍ଡକୁ ମିଳିବାର ନାହିଁ। ପ୍ରଥମ ୩ ଦିନ ପାଗ ମେଘୁଆ ଓ ଥଣ୍ଡା ରହିବ ବୋଲି ପୂର୍ବାନୁମାନ କରାଯାଇଛି। ତୃତୀୟ ଦିବସ ବେଳକୁ ବର୍ଷା ହେବା ମଧ୍ୟ ସମ୍ଭାବନା ରହିଛି।

**ସମ୍ଭାବ୍ୟ ଇଂଲଣ୍ଡ ଏକାଦଶ:** ଜୋ ରୁଟ୍(ଅଧିନାୟକ), ରୋରି ବର୍ନ୍ସ, ଡମ୍ ସିବ୍‌ଲେ, ଜ୍ୟାକ କ୍ରାଓଲେ, ବେନ୍ ଷ୍ଟୋକ୍ସ, ଓଲି ପୋପ୍, ଜୋସ ବଟଲର, ଡମ୍ ବେସ୍, ଜୋଫ୍ରା ଆର୍ଚର, ଷ୍ଟୁଆର୍ଟ ବ୍ରଡ୍, ଜେମ୍ସ ଆଣ୍ଡରସନ।

**ସମ୍ଭାବ୍ୟ ୱେଷ୍ଟଇଣ୍ଡିଜ ଦଳ:** ଜାସନ ହୋଲ୍ଡର(ଅଧିନାୟକ), ଜନ୍‌କ୍ୟାମ୍ପବେଲ, କ୍ରେଗ୍ ବ୍ରାଥୱେଟ, ଶାଇ ହୋପ୍, ଶାମରା ବ୍ରୁକ୍ସ, ରଷ୍ଟନ ଚେଜ୍, ଜର୍ମେନ ବ୍ଲାକ୍‌ଉଡ୍, ଶେନ ଡୋରିଚ୍, ରାକିମ କର୍ନୱାଲ, କେମର ରୋଚ୍, ଶାନନ ଗାବ୍ରିଏଲ।



ଜୋ ରୁଟ୍


କୋଚ୍ ଫିଲ୍ ସିମନ୍ସଙ୍କ ସହ ଜର୍ମେନ୍ ବ୍ଲାକ୍‌ଉଡ୍।

### କୋଭିଡ୍-୧୯ରୁ ସୁସ୍ଥ ହେଲେ ମୋର୍ତ୍ତାଜା

**ଢାକା, ୧୫।୭ (ପି.ଟି.):** ବାଂଲାଦେଶ ପୂର୍ବତନ ଅଧିନାୟକ ମଶ୍ରାଫି ମୋର୍ତ୍ତାଜା କରୋନା ଭାଇରସ୍ ସଂକ୍ରମଣରୁ ମୁକ୍ତ ହୋଇଛନ୍ତି। ଜୁନ୍ ୨୦ ତାରିଖରୁ ସେ ଘରେ ରହି ଚିକିତ୍ସିତ ହୋଇ ଆସୁଥିଲେ। କୋଭିଡ୍-୧୯ ପରୀକ୍ଷାରେ ନେଗେଟିଭ୍ ବୋଲି ମୋର୍ତ୍ତାଜା ମଙ୍ଗଳବାର ନିଜ ଫେସ୍‌ବୁକ୍ ପେଜ୍‌ରେ ଉଲ୍ଲେଖ କରିଛନ୍ତି। ଭଗବାନଙ୍କ ଦୟାରୁ ଓ ସମସ୍ତଙ୍କ ଆଶୀର୍ବାଦରୁ ଏହି ଭାଇରସ୍ ସଂକ୍ରମଣରୁ ମୁକ୍ତ ହୋଇଛି ବୋଲି ସେ କହିଛନ୍ତି। ପୂର୍ବରୁ କରୋନ ଭାଇରସ୍ ପରୀକ୍ଷାରେ ମୁଁ ପଜିଟିଭ୍ ବୋଲି ଜଣାପଡିଥିଲା। ଘରେ ଚିକିତ୍ସିତ ହୋଇ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛି। ତେଣୁ ଯେଉଁମାନେ ସଂକ୍ରମିତ ହୋଇଛନ୍ତି ସେମାନେ ନିରାଶ ନ ହୋଇ ସକାରାତ୍ମକ ମନୋଭାବ ପୋଷଣ କରିବା ଦରକାର। ଏକାଠି ହୋଇ ଲଢ଼ିଲେ ଆମେ ଏହି ଭାଇରସ୍‌କୁ ହରାଇପାରିବା ବୋଲି ୩୬ ବର୍ଷୀୟ ଏହି ଦ୍ରୁତ ବୋଲର କହିଛନ୍ତି। ମୋର୍ତ୍ତାଜାଙ୍କ ସ୍ତ୍ରୀ ସୁମୋନା ହକ୍ ମଧ୍ୟ ଏହି ଭାଇରସ ଦ୍ୱାରା ସଂକ୍ରମିତ ହୋଇଥିଲେ। ସେ ଏପର୍ଯ୍ୟନ୍ତ ସୁସ୍ଥ ହୋଇପାରିନାହାନ୍ତି। ଦୁଇ ସପ୍ତାହ ଚିକିତ୍ସିତ ହେବା ପରେ ମଧ୍ୟ ସୁମୋନା ତଥାପି ପଜିଟିଭ୍ ଅଛନ୍ତି। ତେବେ ସେ ଭଲ ଅଛନ୍ତି ବୋଲି ମୋର୍ତ୍ତାଜା କହିଛନ୍ତି। ବାଂଲାଦେଶ ପାର୍ଲାମେଣ୍ଟ ସଦସ୍ୟ ଥିବା ମୋର୍ତ୍ତାଜା ଶାସକ ଆୱାମୀ ଲିଗ୍ ତରଫରୁ ପ୍ରତିନିଧିତ୍ୱ କରୁଛନ୍ତି। ଗତ ୨୦ ତାରିଖରେ ସେ ପଜିଟିଭ୍ ବୋଲି ଜଣାପଡିଥିଲା।

# କ୍ରୀଡ଼ା କାର୍ଯ୍ୟକଳାପ ଆରମ୍ଭରେ ବିଳମ୍ବ: ରିଜିଜୁ

**ନୂଆଦିଲ୍ଲୀ,୧୫।୭(ପି.ଟି.):** କୋଭିଡ୍-୧୯ ମହାମାରୀର ପ୍ରକୋପ ବଢ଼ିବାରେ ଲାଗିଛି। ଏପରିସ୍ଥଳେ ତରବର ହୋଇ କ୍ରୀଡ଼ା କାର୍ଯ୍ୟକଳାପ ଆରମ୍ଭ ନ କରିବାକୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ରାଜ୍ୟଗୁଡିକୁ ପରାମର୍ଶ ଦେଇଛନ୍ତି। ଆଗାମୀ ୨-୩ ମାସ ମଧ୍ୟରେ କୌଣସି କ୍ରୀଡ଼ା କାର୍ଯ୍ୟକଳାପ ଆରମ୍ଭ ନ କରିବାକୁ ସେ କହିଛନ୍ତି। ରାଜ୍ୟଗୁଡିକ ସ୍ୱାଧୀନ ଭାବେ କ୍ରୀଡ଼ା ଆରମ୍ଭ କରିପାରିବେ। କିନ୍ତୁ ପରିସ୍ଥିତକୁ ଦୃଷ୍ଟିରେ ରଖି ୨ରୁ ୩ ମାସ ପରେ କ୍ରୀଡ଼ା ଆରମ୍ଭ କରିବାକୁ ନିବେଦନ କରୁଛି ବୋଲି ରିଜିଜୁ କହିଛନ୍ତି।



ଦୁଇ ଦିନଧରି ସବୁ ରାଜ୍ୟ କେନ୍ଦ୍ରଶାସିତ କ୍ରୀଡ଼ାମନ୍ତ୍ରୀମାନଙ୍କ ସହ ଭର୍ଚୁଆଲ ମିଟିଂ ଶେଷ ହେବା ପରେ ସେ ଏହି କଥା କହିଛନ୍ତି। ପରିସ୍ଥିତି ସୁଧୁରିଲେ ନନ୍ କଣ୍ଟାକ୍ଟ ସ୍ପୋର୍ଟ୍ସ ବା ଶାରୀରିକ ସମ୍ପର୍କରେ ଆସୁ ନ ଥିବା କ୍ରୀଡ଼ା ଆରମ୍ଭ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ନନ୍ କଣ୍ଟାକ୍ଟ ସ୍ପୋର୍ଟ୍ସଗୁଡିକୁ ସୀମିତ ଭାବେ ଆରମ୍ଭ କରିବାରେ କୌଣସି ଅସୁବିଧା ନାହିଁ। କେତେକ ରାଜ୍ୟରେ ସ୍ପୋର୍ଟ୍ସ ଟ୍ରେନିଂ ମଧ୍ୟ ଆରମ୍ଭ ହେଲାଣି। ଯଦି ସ୍ଥିତିରେ ଆହୁରି ସୁଧାର ଆସେ ତା'ହେଲେ ଅନ୍ ଫିଲ୍ଡ ସ୍ପୋର୍ଟ୍ସର ପ୍ରତ୍ୟାବର୍ତ୍ତନ ପାଇଁ ପ୍ରୟାସ କରିବୁ ବୋଲି ସେ କହିଛନ୍ତି।

**୨୦୨୨ ଫିଫା ବିଶ୍ୱକପ**

# ଗ୍ରୁପ୍ ପର୍ଯ୍ୟାୟରେ ପ୍ରତିଦିନ ୪ ମ୍ୟାଚ

**ଲଣ୍ଡନ, ୧୫।୭ (ଏପି):** କାତାରରେ ହେବାକୁଥିବା ୨୦୨୨ ଫିଫା ବିଶ୍ୱକପର ଗ୍ରୁପ ପର୍ଯ୍ୟାୟରେ ପ୍ରତିଦିନ ୪ଟି ଲେଖାଏ ମ୍ୟାଚ ଖେଳାଯିବ। ଗ୍ରୁପ ମ୍ୟାଚଗୁଡ଼ିକ ୧୨ଦିନଧରି ଚାଲିବ। ପରବର୍ତ୍ତୀ ପର୍ଯ୍ୟାୟରେ ଯେଉଁ ମ୍ୟାଚ ଅତିରିକ୍ତ ସମୟକୁ ଯିବ ତାହା ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ନଭେମ୍ବର-ଡିସେମ୍ବରରେ ହେବାକୁଥିବା ଏହି ବିଶ୍ୱକପ ପାଇଁ ଫିଫା ପକ୍ଷରୁ କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ମ୍ୟାଚଗୁଡ଼ିକ ସ୍ଥାନୀୟ ସମୟ ଅପରାହ୍ନ ୧ଟା, ୪ଟା, ରାତି ୭ଟା ଓ ୧୦ଟାରେ ଅନୁଷ୍ଠିତ ହେବ। ମଧ୍ୟପ୍ରାଚ୍ୟରେ ହେବାକୁ ଯାଉଥିବା ପ୍ରଥମ ବିଶ୍ୱକପର ଉଦ୍‌ଘାଟନୀ ସମାରୋହ ୬୦,୦୦୦ ଦର୍ଶକ କ୍ଷମତାବିଶିଷ୍ଟ ଅଲ୍ ବାୟତ ଷ୍ଟାଡିୟମରେ ନଭେମ୍ବର ୨୧ରେ ଅପରାହ୍ନ ୧ଟାରେ ଅନୁଷ୍ଠିତ ହେବ। ସେହିପରି ପ୍ରତିଯୋଗିତାର ଫାଇନାଲ ଡିସେମ୍ବର ୧୮ରେ ୮୦,୦୦୦ ଦର୍ଶକ କ୍ଷମତା ବିଶିଷ୍ଟ ଲୁସାଲି ଷ୍ଟାଡିୟମରେ ସନ୍ଧ୍ୟା ୬ଟାରେ ଆରମ୍ଭ ହେବ। ରୁଷିଆରେ ଗତ ବିଶ୍ୱକପ ୩୨ଦିନ ବିଶିଷ୍ଟ ହୋଇଥିଲା। ମାତ୍ର ଆଗାମୀ ବିଶ୍ୱକପ ୨୮ ଦିନ ବିଶିଷ୍ଟ ହେବ। ୮ଟି ଭେନ୍ୟୁରେ ମ୍ୟାଚ ଗୁଡ଼ିକ ଖେଳାଯିବ। ଷ୍ଟାଡିୟମଗୁଡ଼ିକ ୩୦ ମାଇଲ ପରିଧି ମଧ୍ୟରେ ଥିବାରୁ ଦଳ ଏବଂ ଦର୍ଶକମାନଙ୍କୁ ପୂରା କାତାର ଭ୍ରମଣ କରିବାକୁ ପଡ଼ିବ ନାହିଁ। ଉଭୟ ସେମିଫାଇନାଲ ରାତି ୧୦ଟାରେ ଖେଳାଯିବ। ଯଦି ମ୍ୟାଚ ଅତିରିକ୍ତ ସମୟ, ଆହତ ସମସ୍ୟା ଯୋଗୁ ଦୀର୍ଘସମୟ ବାଧାପ୍ରାପ୍ତ ହେବା କିମ୍ବା ଭିଏଆର(ଭିଡିଓ ଆନାଲିଷ୍ଟ ରେଫରି) ଯୋଗୁ ବିଳମ୍ବ ହୁଏ ତେବେ ପରବର୍ତ୍ତୀ ଦିନ ଅନୁଷ୍ଠିତ ହେବ।



ଧରିତ୍ରୀ
DHARITRI



# ପ୍ରଦୀପ ଡୋପ୍ ଟେଷ୍ଟରେ ବିଫଳ

ନୂଆଦିଲ୍ଲୀ,୧୫।୭(ପି.ଟି.)

ଭାରୋତ୍ତୋଳକ ପ୍ରଦୀପ ସିଂ ଡୋପ୍ ଟେଷ୍ଟରେ ବିଫଳ ହୋଇ ସାମୟିକ ଭାବେ ବାସନ୍ଦ ହୋଇଛନ୍ତି। ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକ ବିଜେତା ପ୍ରଦୀପଙ୍କ ରକ୍ତ ନମୁନାରେ ହ୍ୟୁମାନ ଗ୍ରୋଥ ହରମୋନ୍ (ଏଚ୍‌ଜିଏଚ୍) ଥିବା ଜଣାପଡିଥିଲା। ନିଷିଦ୍ଧ ଏଚ୍‌ଜିଏଚ୍ ପାଇଁ ପ୍ରଦୀପ୍ ବାସନ୍ଦ ହେବା ପ୍ରଥମ ଘଟଣା ବୋଲି କୁହାଯାଉଛି। ଯଦିଓ ୨୦୧୮ରେ ସମକାରଣ ପାଇଁ ଭାରୋତ୍ତୋଳିକା ଯଶବୀର କୌର ବାସନ୍ଦ ହୋଇଥିଲେ।

ବିଶ୍ୱ ନିଶା ନିବାରଣ ସଂସ୍ଥା (ୱାଡା) ନିୟମ ଅନୁସାରେ ଏଚ୍‌ଜିଏଚ୍‌କୁ ନିଷିଦ୍ଧ କରାଯାଇଛି। ପଟିଆଲସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ (ନିସ୍)ରେ ଗତ ଡିସେମ୍ବରରେ ଚାଲିଥିବା ଏକ ପ୍ରଶିକ୍ଷଣ ଶିବିରରେ ସରପ୍ରାଇଜ୍ ଆଉଟ୍- ଅଫ୍- କମ୍ପିଟିଶନ ଟେଷ୍ଟରେ ପ୍ରଦୀପଙ୍କ ରକ୍ତ ନମୁନା ସଂଗୃହୀତ ହୋଇଥିଲା। ପରେ ଦୋହାସ୍ଥିତ ୱାଡା ମାନ୍ୟତାପ୍ରାପ୍ତ ଲାବେରେଟୋରିରେ ଏହି ନମୁନାର ଟେଷ୍ଟ କରାଯାଇଥିଲା। ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ଡୋପ୍ ଟେଷ୍ଟ ଲାବେରେଟୋରିକୁ ବାସନ୍ଦ କରାଯାଇଥିବା କାରଣରୁ ଦୋହାରେ ଏହାର ଟେଷ୍ଟ କରାଯାଇଥିଲା। ମାର୍ଚ୍ଚରେ ଏ ନମୁନାର ଫଳ ପଜିଟିଭ୍ ଆସିଥିଲା। ଏହାକୁ ମଙ୍ଗଳବାର ସାର୍ବଜନୀନ କରାଯାଇଥିଲା। ତେବେ ଲକ୍‌ଡାଉନ୍ କାରଣରୁ ଏପର୍ଯ୍ୟନ୍ତ ବି ସାମ୍ପଲର ଟେଷ୍ଟ ଏପର୍ଯ୍ୟନ୍ତ ହୋଇନାହିଁ। ଟେଷ୍ଟ ଆରମ୍ଭ କରିବା ପରେ କୌଣସି ରକ୍ତ ନମୁନାରେ ପ୍ରଥମଥର ପାଇଁ ଏଚ୍‌ଜିଏଚ୍ ଦେଖିବାକୁ ମିଳିଛି ବୋଲି ଜାତୀୟ ନିଶା ନିବାରଣ ସଂସ୍ଥା (ନାଡା)ର ଡାଇରେକ୍ଟର ଜେନେରାଲ ନବୀନ ଅଗ୍ରୱାଲ କହିଛନ୍ତି। ପୂର୍ବରୁ ଏହି ଡ୍ରଗ୍ କେହି ବ୍ୟବହାର କରୁ ନ ଥିଲେ। ତେବେ ବର୍ତ୍ତମାନ ଭାରତରେ ଏହା ବହୁତ ବ୍ୟବହାର ହେଉଛି ବୋଲି ବିଭିନ୍ନ ରିପୋର୍ଟରେ କୁହାଯାଇଛି। ପ୍ରଦୀପଙ୍କୁ ସାମୟିକ ଭାବେ ୪ ବର୍ଷ ବାସନ୍ଦ କରାଯାଇଛି ବୋଲି ନବୀନ ସ୍ପଷ୍ଟ କରିଛନ୍ତି।

ପ୍ରଦୀପ ପୂର୍ବରୁ ୨୦୧୮ ଗୋଲ୍ଡ କୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପୁରୁଷ ୧୦୫ କେ.ଜି ବର୍ଗରେ ରୌପ୍ୟ ପଦକ ହାସଲ କରିଥିଲେ। ତାଙ୍କର ମୋଟ୍ ଲିଫ୍ଟ ଥିଲା ୩୫୨ କେ.ଜି.। ଗତ ଫେବୃୟାରୀରେ ସେ ୧୦୨ କେ.ଜି.ରେ ଜାତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଥିରେ ତାଙ୍କର ଟୋଟାଲ ଲିଫ୍ଟ ଥିଲା ୩୪୬ କେ.ଜି.। ଏଚ୍‌ଜିଏଚ୍ ବ୍ୟବହାର ଦ୍ୱାରା ଶରୀରରେ ଚର୍ବି କମାଇବା ସହ ମାଂସପେଶୀ ଓ ଶକ୍ତିରେ ବୃଦ୍ଧି ଘଟିଥାଏ ବୋଲି ୱାଡ଼ା ତରଫରୁ କୁହାଯାଇଛି।



ପ୍ରଦୀପ ସିଂ

# ପୂର୍ବତନ ଫୁଟବଲର ହାକିମ୍ କରୋନା ପଜିଟିଭ୍

ନୂଆଦିଲ୍ଲୀ,୧୫।୭(ପି.ଟି.)

ଧ୍ୟାନଚାନ୍ଦ ପୁରସ୍କାରପ୍ରାପ୍ତ ପୂର୍ବତନ ଫୁଟବଲର ସୟଦ ସହିଦ୍ ହାକିମ୍ କରୋନ ପଜିଟିଭ୍ ବୋଲି ଟେଷ୍ଟରୁ ଜଣା ପଡିଛି। ଏବେ ସେ ହାଇଦ୍ରାବାଦ୍ ସ୍ଥିତ ଏକ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଚିକିତ୍ସିତ ହେଉଛନ୍ତି। ୧୯୬୦ ରୋମ ଅଲିମ୍ପିକ୍ସ ଭାରତୀୟ ଦଳର ସଦସ୍ୟ ଥିବା ୮୧ ବର୍ଷୀୟ ହାକିମ୍ ବୁଧବାର ଏ ନେଇ ସୂଚନା ଦେଇଛନ୍ତି। ୬ ଦିନ ତଳେ କୋଭିଡ୍-୧୯ ଟେଷ୍ଟରେ ପଜିଟିଭ୍ ବୋଲି ଜାଣିବାକୁ ପାଇଥିଲି। ଏବେ ହାଇଦ୍ରାବାଦ୍‌ର ଏକ ହୋଟେଲରେ ରହୁଛି। ଏହି ହୋଟେଲକୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରାଜ୍ୟ ସରକାର ରୂପାନ୍ତର କରିଛନ୍ତି ହାକିମ୍ କହିଛନ୍ତି। ଗତ ଦୁଇଦିନ ହେବ ସ୍ୱାସ୍ଥ୍ୟରେ ଉନ୍ନତି ହେଉଛି ବୋଲି ଅନୁଭବ କରୁଛି। ଖୁବ୍‌ଶୀଘ୍ର ଟେଷ୍ଟରେ ମୋ ରିପୋର୍ଟ ନେଗେଟିଭ୍ ବାହରିବ ଓ ସୁସ୍ଥ ହୋଇ ଘରକୁ ଫେରିବି ବୋଲି ସେ କହିଛନ୍ତି।

କର୍ଣ୍ଣାଟକର ଗୁଲବର୍ଗା ଯାତ୍ରା କରିବା ପରେ ଅସୁସ୍ଥ ହୋଇପଡିଥିଲି। ପରୀକ୍ଷାରେ ମୋତେ ନିମୁନିଆ ହୋଇଥିଲା ବୋଲି ଜଣା ପଡିଥିଲା। ଏହାପରେ କୋଭିଡ୍-୧୯ ଟେଷ୍ଟ କରିବାକୁ ମୋତେ ପରାମର୍ଶ ଦିଆଯାଇଥିଲା ଓ ଏହାର ଫଳ ପଜିଟିଭ୍ ବାହାରିଥିଲା। ୨୦୧୭ରେ ହାକିମ୍‌ଙ୍କୁ ଜୀବନ ବ୍ୟାପୀ ସାଧାନ ପାଇଁ ଧ୍ୟାନଚାନ୍ଦ ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବରୁ ୨୦୧୧ରେ ଅନ୍ୟତମ ଭାରତୀୟ ଖେଳାଳି ଶବୀର ଅଲି ମଧ୍ୟ ଏହି ପୁରସ୍କାର ହାସଲ କରିଥିଲେ। ଅବସର ନେବା ପରେ ସେ ରେଫରି ଦାୟିତ୍ୱ ତୁଲାଇବା ସହ ୧୯୮୯ ପର୍ଯ୍ୟନ୍ତ ବିଭିନ୍ନ ଅନ୍ତର୍ଜାତୀୟ ମ୍ୟାଚ୍ ପରିଚାଳନା କରିଥିଲେ। ଏଥିରେ କାତାରରେ ଅନୁଷ୍ଠିତ ହୋଇଥିବା ୧୯୮୮ ଏଏଫ୍‌ସି ଏସିଆନ କପ୍ ସାମିଲ ରହିଥିଲା। ଏହାପରେ ସେ ନିଜ ପିତା ସୟଦ ଅବଦୁଲ ରହିମ୍‌ଙ୍କ ପଦାନୁସରଣ କରି କୋଚିଂରେ ମନବଳାଇଥିଲେ। ହାକିମ ମଧ୍ୟ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ରେ ଚିଫ୍ ପ୍ରୋଜେକ୍ଟ ଡାଇରେକ୍ଟର ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି।


ସୟଦ ସହିଦ୍ ହାକିମ୍।

# ଇଂଲଣ୍ଡ ବିପକ୍ଷ ଘରୋଇ ସୀମିତ ଓଭର କ୍ରିକେଟ୍ ସିରିଜ ବାତିଲ ହେବ

ନୂଆଦିଲ୍ଲୀ,୧୫।୭(ପି.ଟି.)

ଇଂଲଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ୬ ମ୍ୟାଚ୍ ବିଶିଷ୍ଟ ଘରୋଇ ସୀମିତ ଓଭର କ୍ରିକେଟ୍ ସିରିଜ ବାତିଲ ହେବା ନିଶ୍ଚିତ ହୋଇଛି। କୋଭିଡ୍-୧୯ ମହାମାରୀ କାରଣରୁ ସେପ୍ଟେମ୍ବରରେ ଆୟୋଜନ ହେବାକୁ ଥିବା ଏହି ସିରିଜ ବାତିଲ ହେବ ଏକପ୍ରକାର ସ୍ପଷ୍ଟ ହୋଇଛି। ସେହିପରି ଆସନ୍ତାମାସରେ ଭାରତ ଆସିବାକୁ ଥିବା ନ୍ୟୁଜିଲାଣ୍ଡ ଏ' ଦଳର ଗସ୍ତ ମଧ୍ୟ ବାତିଲ ହେବ। ତେବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏ ନେଇ ଆନୁଷ୍ଠାନିକ ଘୋଷଣା କରିନାହିଁ। କିନ୍ତୁ ଏହି ସିରିଜ ଗୁଡିକ ବାତିଲ ହେବା ଆଶା କରାଯାଉଛି।

ସେପ୍ଟେମ୍ବରରେ ଭାରତ ଗସ୍ତରେ ଆସିବାକୁ ଥିବା ଇଂଲଣ୍ଡ ୩ଟି ଲେଖାଏ ଦିନିକିଆ ଓ ଟି୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ବର୍ତ୍ତମାନର ପରିସ୍ଥିତିରେ ଇଂଲଣ୍ଡ ଭାରତ ଗସ୍ତ କରିବାକୁ ଚାହିଁବନି ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ସ୍ପଷ୍ଟ କରିଛନ୍ତି। ଶୁକ୍ରବାର ବସିବାକୁ ଥିବା ବୋର୍ଡ ଆପେକ୍ସ କାଉନ୍‌ସିଲ ବୈଠକରେ ଭାରତର ଫ୍ୟୁଚର ଟୁର୍ସ ଆଣ୍ଡ୍ ପ୍ରୋଗ୍ରାମ ନେଇ ଆଲୋଚନା ହେବ। ଆଲୋଚନା ହେବା ପରେ ଏ ନେଇ ଏକ ଔପଚାରିକ ଘୋଷଣା କରାଯିବ। ଅଗଷ୍ଟରେ ଭାରତ ଗସ୍ତରେ ଆସିବାକୁଥିବା ନ୍ୟୁଜିଲାଣ୍ଡ ଏ' ଗସ୍ତ ମଧ୍ୟ ବାତିଲ ହେବାର ସମ୍ଭାବନା ରହିଛି ବୋଲି ଅଧିକାରୀ ଜଣକ କହିଛନ୍ତି। ବ୍ରିଟେନର ଗଣମାଧ୍ୟମଗୁଡିକ ମଧ୍ୟ ଏ ନେଇ ଖବର ପ୍ରକାଶ କରିଛନ୍ତି। ଭାରତରେ ଏପର୍ଯ୍ୟନ୍ତ ୯ ଲକ୍ଷ ସଂକ୍ରମିତ ହୋଇଛନ୍ତି ଓ ପାଖାପାଖି ୨୫,୦୦୦ ମୃତ୍ୟୁବରଣ କରିଛନ୍ତି। ଯଦି ସେପ୍ଟେମ୍ବରରେ ପରସ୍ଥିତିରେ ସୁଧାର ଆସେ ତା'ହେଲେ ଇଂଲଣ୍ଡ ଭାରତ ଆସିବାର ସମ୍ଭାବନା ସୃଷ୍ଟି ହେବ। ଏଭଳି ପରସ୍ଥିତିରେ ମ୍ୟାଚ୍ ଆୟୋଜନ ହେବାର ସମ୍ଭାବନା କମ୍ ରହିଛି। ପୁଣି ଅଷ୍ଟ୍ରେଲିଆରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ମଧ୍ୟ ବାତିଲ ହେବା ନିଶ୍ଚିତ ମନେହେଉଛି। ଏପରିସ୍ଥଳେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆୟୋଜନ ହେବାର ସୁଯୋଗ ସୃଷ୍ଟି ହୋଇଛି। ଗତ ମାର୍ଚ୍ଚରେ ଭାରତ ଶେଷଥର ପାଇଁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସିରିଜ ଖେଳିଥିଲା। ତେବେ କରୋନା ଭାଇରସ୍ କାରଣରୁ ଏହାକୁ ଅଧାରୁ ବାତିଲ କରାଯାଇଥିଲା।

# ଶିକାଗୋ ମାରାଥନ ବାତିଲ

ଶିକାଗୋ, ୧୫।୭ (ଏପି)

କରୋନାଭାଇରସ୍ ଯୋଗୁ ଧାବକ, ଦର୍ଶକ, ଭଲେଣ୍ଟିଅର ଏବଂ ଅନ୍ୟମାନଙ୍କର ସ୍ୱାସ୍ଥ୍ୟ ସଂକଟ ଯୋଗୁ ଦି ବ୍ୟାଙ୍କ୍ ଅଫ୍ ଆମେରିକା ଶିକାଗୋ ମାରାଥନକୁ ଏହାର ଆୟୋଜକମାନେ ବାତିଲ କରିଦେଇଛନ୍ତି। କୋଭିଡ୍-୧୯ ଯୋଗୁ ଅକ୍ଟୋବର ୧୧ରେ ଏହି ଇଭେଣ୍ଟର ଆୟୋଜନ କରିବା ଏକ ଚ୍ୟାଲେଞ୍ଜ ବୋଲି ମାରାଥନ ଆୟୋଜକ ଓ ସିଟି ଅଫିସିଆଲମାନେ ଦର୍ଶାଇଛନ୍ତି। ଶିକାଗୋ ଇଭେଣ୍ଟରେ ପ୍ରାୟ ୪୫,୦୦୦ ଧାବକ ଓ ହ୍ୱିଲଚେୟାର ଆଥଲେଟ ଭାଗ ନେଇଥାନ୍ତି।




# ହକି କ୍ୟାମ୍ପ ୧୯ରେ ଆରମ୍ଭ ହେବନାହିଁ



ନୂଆଦିଲ୍ଲୀ, ୧୫।୭(ପି.ଟି.)

ଭାରତୀୟ ମହିଳା ଓ ପୁରୁଷ ହକି ଦଳର କ୍ୟାମ୍ପ ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟରରେ ଚଳିତମାସ ୧୯ ତାରିଖରୁ ଆରମ୍ଭ ହେବାର ଥିଲା। ମାତ୍ର କରୋନା ଭାଇରସ ସଂକ୍ରମଣ ବୃଦ୍ଧି ପାଇଥିବାରୁ ସହରକୁ ୭ ଦିନ ପାଇଁ ସମ୍ପୂର୍ଣ୍ଣ ଲକ୍‌ଡାଉନ କରାଯାଇଛି। ତେଣୁ ଧାର୍ଯ୍ୟ ଦିବସରେ ଜାତୀୟ କ୍ୟାମ୍ପ ଆରମ୍ଭ ହେବନାହିଁ। ଏହି ମହାନଗରୀରେ ଗମ୍ଭୀର ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଯୋଜନାରେ ପରିବର୍ତ୍ତନ କରିବାକୁ ବାଧ ହୋଇଛି। ଲକ୍‌ଡାଉନ୍ ଯୋଗୁ ସାଇ ସେଣ୍ଟରରେ ୨ ମାସ ବନ୍ଦ ହୋଇ ରହିଥିବା ଖେଳାଳିମାନେ ଏବେ ନିଜ ନିଜ ଘରେ ସମୟ କାଟୁଛନ୍ତି। ଚଳିତ ମାସ ୧୯ ତାରିଖ ସୁଦ୍ଧା ସେମାନେ ସାଇ ସେଣ୍ଟରକୁ ଫେରିବା କାର୍ଯ୍ୟକ୍ରମ ରହିଛି। ବର୍ତ୍ତମାନ ପରିସ୍ଥିତିରେ ପୂର୍ବ ନିର୍ଦ୍ଧାରିତ ତାରିଖରେ କ୍ୟାମ୍ପ ଆରମ୍ଭ ହେବା ସମ୍ଭବ ନୁହେଁ ବୋଲି ସାଇର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। "ଜୁଲାଇ ୧୮ରେ କ୍ୟାମ୍ପ ଆରମ୍ଭ କରିବାକୁ ଆମକୁ ବର୍ତ୍ତମାନସୁଦ୍ଧା କୁହା ଯାଇନାହିଁ। ଆମକୁ କେବଳ ଖେଳାଳିଙ୍କୁ ଘରକୁ ଛାଡ଼ିବାକୁ ନିର୍ଦ୍ଦେଶ ଦିଆ ଯାଇଥିଲା। ମାତ୍ର କ୍ୟାମ୍ପ ଆରମ୍ଭ ସମ୍ପର୍କରେ କିଛି ସୂଚନା ନାହିଁ। ଜୁଲାଇ ୨୨ ପର୍ଯ୍ୟନ୍ତ ବେଙ୍ଗାଲୁରୁ ସହର ଲକ୍‌ଡାଉନ୍ ରହିଛି। ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ଚଳିତ ମାସ ଶେଷ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ସମ୍ଭାବନା ରହିଛି। ତେଣୁ ବେଙ୍ଗାଲୁରୁରେ ସମ୍ପ୍ରତି କ୍ୟାମ୍ପ ଆରମ୍ଭ ସମ୍ଭବ ନୁହେଁ" ବୋଲି ସେ କହିଛନ୍ତି। ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅନ୍ୟ ୫୩ ଜାତୀୟ ସ୍ପୋର୍ଟ୍ସ ଫେଡେରେଶନ ସହିତ ହକି ଇଣ୍ଡିଆ ଉପରୁ ସ୍ୱୀକୃତି ପ୍ରତ୍ୟାହାର ହୋଇଛି। ଏହା ଏକ ଜଟିଳ ପରିସ୍ଥିତି ସୃଷ୍ଟି କରିଥିବାରୁ ସାଇ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ କ୍ୟାମ୍ପକୁ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ପାରିନାହିଁ। ଖେଳାଳିମାନଙ୍କୁ କିଛି ନିର୍ଦ୍ଦେଶ ମିଳି ନ ଥିବାରୁ କେବଳ ପୁରୁଷ ଦଳର ମୁଖ୍ୟ କୋଚ୍ ଗ୍ରାହାମ ରିଡ୍, ବୈଜ୍ଞାନିକ ପରାମର୍ଶଦାତା ରବିନ ଆର୍କେଲ ଓ ୱେନ ଲୋମ୍ବାର୍ଡ ସାଇ ସେଣ୍ଟରରେ ରହିଛନ୍ତି। ଗତ ମାସରେ ଘରକୁ ନେଦରଲାଣ୍ଡ୍ସ ଯାଇଥିବା ମହିଳା ଦଳର କୋଚ୍ ଜୋର୍ଡ ମାରିଜନେ ଏବଂ ବିଶ୍ଳେଷଣାତ୍ମକ କୋଚ୍ ଜାନେକ ସ୍କୁପମ୍ୟାନ ଆସନ୍ତା ମାସରେ ପ୍ରତ୍ୟାବର୍ତ୍ତନ କରିବା ସମ୍ଭାବନା ରହିଛି। ପୁରୁଷ ଦଳର ବିଶ୍ଳେଷଣାତ୍ମକ କୋଚ୍ କ୍ରିସ୍ ସିରିଏଲୋ ମଧ୍ୟ ନିଜ ଘର ଅଷ୍ଟ୍ରେଲିଆରେ ଅଛନ୍ତି।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ